୬୪ତମ ବର୍ଷ ୨୧ ଫେବ୍ରୁଆରୀ ୨୦୨୧ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

The mind, the life and the body must become and live what the soul knows and is.

21-2-59

୬୪ତମ ବର୍ଷ ୨୧ ଫେବ୍ରୁଆରୀ ୨୦୨୧ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ
ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

## ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୨୧]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ମାତୃବାଣୀ | ··· | ··· | ··· | ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ··· | ··· | ··· | ୬ |
| ଈଶ୍ୱରୀ ଶକ୍ତି | ··· | ଶ୍ରୀଅରବିନ୍ଦ | ··· | ୯ |
| ଭଗବାନ୍ ନିଜକୁ ଦେଇ ଦିଅନ୍ତି | ··· | ଶ୍ରୀମା | ··· | ୧୦ |
| ମା'ଙ୍କ ଶକ୍ତିର କ୍ରିୟା | ··· | ଶ୍ରୀଅରବିନ୍ଦ | ··· | ୧୧ |
| ରୋଗ ଆକ୍ରମଣର ପୂର୍ବଜ୍ଞାନ ଓ ପ୍ରତ୍ୟାଖ୍ୟାନ | ··· | ଶ୍ରୀମା | ··· | ୧୩ |
| ବିଶ୍ୱାସ, ମାନସିକ ପ୍ରଚେଷ୍ଟା ଓ ଶରୀର | ··· | ··· | ··· | ୧୫ |
| ଅଧ୍ୟାତ୍ମ ଆରୋଗ୍ୟୀକରଣ | ··· | ··· | ··· | ୧୭ |
| ଚିନ୍ତାଗଠନ ଓ ଅନ୍ୟମାନଙ୍କ ଲାଗି ପ୍ରାର୍ଥନା | ··· | ··· | ··· | ୧୯ |
| ''ମୋ ସାନ୍ନିଧ୍ୟରେ ରହିବା ପାଇଁ'' | ··· | ଶ୍ରୀମା | ··· | ୨୨ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ··· | ଶ୍ରୀଅରବିନ୍ଦ | ··· | ୨୩ |
| ସଂଗଚ୍ଛଧ୍ୱମ୍ (ଏକାଠି ମିଳିତ ହୁଅ, ଏକାଠି ଆଗେଇ ଚାଲ) | ··· | ଶ୍ରୀ ନଳିନୀକାନ୍ତ ଗୁପ୍ତ | ··· | ୨୮ |
| ଈଶ୍ୱର ଜନନୀ (କବିତା) | ··· | ଶ୍ରୀଅରବିନ୍ଦ | ··· | ୩୩ |
| ସୋମ, ଆନନ୍ଦ ଓ ଅମୃତତ୍ୱର ଅଧିଷ୍ଠିତ ଦେବ (ଋଗ୍‌ବେଦ : ମଣ୍ଡଳ - ୯, ସୂକ୍ତ : ୮୩ : ଋଷି : ପବିତ୍ର ଆଙ୍ଗିରସଃ) | ··· | ଶ୍ରୀଅରବିନ୍ଦ | ··· | ୩୪ |
| ଶ୍ରୀମା'ଙ୍କର ଶକ୍ତି ଓ କ୍ରିୟାର ଏକ ଧାରା | ··· | ଶ୍ରୀ ମାଧବ ପଣ୍ଡିତ | ··· | ୩୮ |
| ଅବକ୍ଷୟମୁଖୀ ସମାଜ ଓ ମାନବିକ ସମ୍ବେଦନ ସମ୍ପର୍କରେ | ··· | ଶ୍ରୀ ମନୋଜ ଦାସ | ··· | ୪୧ |
| ନୂତନ ସମାଜର ଦିଗ୍‌ଦର୍ଶନ | ··· | ଶ୍ରୀ ପ୍ରପତ୍ତି | ··· | ୪୪ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଅଶ୍ୱଘୋଷଙ୍କ ବୁଦ୍ଧଚରିତ (୬) | ··· | ··· | ··· | ୪୭ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଏକ ସୂକ୍ଷ୍ମଦର୍ଶନ | ··· | ଶ୍ରୀମା | ··· | ୫୨ |

**ଶେଷ ପୃଷ୍ଠା**

| | | | | |
|---|---|---|---|---|
| ଆମ ଗଭୀର ଅନ୍ତରର ସତ୍ୟ | ··· | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ··· | ୫୬ |


❖

# ମାତୃବାଣୀ

The mind, the life and the body
must become and live what
the Soul knows and is.

(21. 02. 1959) – The Mother

ଆତ୍ମା ସ୍ୱୟଂ ଯାହା ଏବଂ ସେ ଯାହା ଜାଣେ; ମନ, ପ୍ରାଣ, ଶରୀରକୁ
ତାହା ହିଁ ହେବାକୁ ହେବ ଏବଂ ସେଥିରେ
ବାସ କରିବାକୁ ହେବ ।

(୨୧. ୦୨. ୧୯୫୯) – ଶ୍ରୀମା

[ଉପରୋକ୍ତ ବାଣୀଟି 'ନବଜ୍ୟୋତି' ପତ୍ରିକାର ଦ୍ୱିତୀୟ ବର୍ଷ, ପ୍ରଥମ ସଂଖ୍ୟା ପାଇଁ ଶ୍ରୀମାଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲା । ଦିବ୍ୟ ଜନନୀଙ୍କ ସ୍ୱହସ୍ତ ଲିଖିତ ଏହି ବାଣୀ ପତ୍ରିକାର ମଲାଟର ଭିତର ପଟେ ସ୍ଥାନିତ ହୋଇଛି ।]



# ଶ୍ରୀଅରବିନ୍ଦଙ୍କ ବାଣୀ

Live always as if you were under the very eye of the Supreme and of the Divine Mother. Do nothing, try to think and feel nothing that would be unworthy of the Divine Presence.

– Sri Aurobindo

ନିରନ୍ତର ଏପରି ଜୀବନଯାପନ କର ଯେପରି ସ୍ୱୟଂ ପରମ ପ୍ରଭୁ ଓ ଦିବ୍ୟଜନନୀ ତୁମକୁ ଚାହିଁ ରହିଛନ୍ତି । ଏପରି କିଛି କରନା ଓ ଚିନ୍ତା ତଥା ଅନୁଭୂତିରେ ସ୍ଥାନ ଦେବାକୁ ଚେଷ୍ଟା କରନା ଯାହା ଏହି ଦିବ୍ୟ-ଉପସ୍ଥିତିର ଅଯୋଗ୍ୟ ।

– ଶ୍ରୀଅରବିନ୍ଦ



# ଈଶ୍ୱରୀ ଶକ୍ତି

## ଶ୍ରୀଅରବିନ୍ଦ

ଈଶ୍ୱରୀ ଶକ୍ତି ହେଉଛନ୍ତି ଦିବ୍ୟ ଚିତ୍-ଶକ୍ତି ଓ ବିଶ୍ୱଜନନୀ । ପରମ ଶାଶ୍ୱତ 'ଏକ' ଓ ଅଭିବ୍ୟକ୍ତ ଦିବ୍ୟ 'ବହୁ' ଭିତରେ ସେ ମଧ୍ୟସ୍ଥତାର କାର୍ଯ୍ୟ ନିର୍ବାହ କରି ଥାଆନ୍ତି । ଗୋଟିଏ ପକ୍ଷରେ ପରମଙ୍କଠାରୁ ଆଣିଥିବା ଶକ୍ତିରାଜିର ଖେଳ ଦ୍ୱାରା ବିଶ୍ୱରେ ସେ ଦିବ୍ୟ ବହୁଙ୍କୁ ଅଭିବ୍ୟକ୍ତ କରନ୍ତି, ନିଜର ପ୍ରକାଶଧର୍ମୀ ଉପାଦାନ ଭିତରୁ ଏହାର ଅନନ୍ତ ରୂପରାଜିକୁ ନିବର୍ତ୍ତିତ ଓ ବିବର୍ତ୍ତିତ କରନ୍ତି ଏବଂ ଅନ୍ୟପକ୍ଷରେ ସେହି ସମାନ ଶକ୍ତିର ପୁନରୁର୍ଦ୍ଧ୍ୱାରୋହଣ ସ୍ରୋତ ଦ୍ୱାରା ସେ ସବୁକିଛିକୁ ଯେଉଁଠାରୁ ସେମାନେ ଉତ୍ସାରିତ ହୋଇଥିଲେ, ପୁଣି ସେହି ପରମ ତତ୍ ଦିଗରେ ଫେରାଇ ନେଇ ଚାଲନ୍ତି । ଏହାର ଉଦ୍ଦେଶ୍ୟ ହେଉଛି ଆତ୍ମା ଯେପରି ନିଜର ବିବର୍ତ୍ତନଗତ ପ୍ରକାଶ ଓ ଅଭିବ୍ୟକ୍ତିରେ ଅଧିକରୁ ଅଧିକ ସେଠାରେ ଥିବା ଦିବ୍ୟ ଭାଗବତ ସତ୍ୟ ଦିଗରେ ପ୍ରତ୍ୟାବର୍ତ୍ତନ କରିବ କିଂବା ଏଠାରେ ସେହି ଦିବ୍ୟ ସ୍ୱଭାବ ଓ ଗୁଣଗୁଡ଼ିକୁ ଧାରଣ କରିବ ।

ସେହି ପରମା ଶକ୍ତି ଯଦିଓ ଏକ ବିଶ୍ୱଯନ୍ତ୍ରର ନିର୍ମାଣ କରିଛନ୍ତି, କିନ୍ତୁ ତାଙ୍କ ଭିତରେ କୌଣସି ନିଶ୍ଚେତନ ଯାନ୍ତ୍ରିକ କାର୍ଯ୍ୟନିର୍ବାହିକା ଶକ୍ତିର ଗୁଣ ଓ ସ୍ୱଭାବ ନାହିଁ । ତାହା କେବଳ ଦେଖିବାକୁ ମିଳେ ବିଶ୍ୱପ୍ରକୃତିର ପ୍ରାଥମିକ ଅଙ୍ଗ ବା ଆକୃତି ଗଠନର କ୍ଷେତ୍ରରେ । ପରମା ଶକ୍ତିଙ୍କ ଭିତରେ ମଧ୍ୟ ସେପରି  କୌଣସି ଅବାସ୍ତବ, ଅଳୀକ ଭ୍ରାନ୍ତି ବା ମାୟାର ଭାବ ନାହିଁ, ବା ସେହି ଭ୍ରମ ଓ ଅର୍ଦ୍ଧଭ୍ରମ ସୃଷ୍ଟିର ଭାବ ନାହିଁ ଯାହାକି ମାୟା ସମ୍ପର୍କରେ ଆମର ପ୍ରଥମ ଦୃଷ୍ଟିକୋଣ ସହ ଯୋଡ଼ା ଯାଇଥାଏ । ଅନୁଭବୀ ଆତ୍ମା ପାଖରେ ଏହା ସଙ୍ଗେ ସଙ୍ଗେ ପରିଷ୍କାର ହୋଇଯାଏ ଯେ ଏକ ଦିବ୍ୟ ଚିତ୍ଶକ୍ତି ଏଠାରେ ବିରାଜିତା ରହିଛନ୍ତି, ଏବଂ ତାହାଙ୍କର ଉପାଦାନ ଓ ପ୍ରକୃତି, ସେ ଯେଉଁ ପରମଙ୍କଠାରୁ ଆସିଛନ୍ତି, ସେହି ପରମଙ୍କ ଉପାଦାନ ଓ ପ୍ରକୃତି ସଙ୍ଗେ ସର୍ବତୋଭାବେ ଏକ ଓ ଅଭିନ୍ନ । ଯଦି ଏପରି ମନେହୁଏ ଯେ ଆମେ ବ୍ୟାଖ୍ୟା କରି ପାରୁ ନ ଥିବା ଏକ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଯାଇ ସେ ଆମକୁ ଅଜ୍ଞାନ ଓ ନିଶ୍ଚେତନା ଭିତରେ ବୁଡ଼ାଇ ଦେଇଛନ୍ତି ଏବଂ ତାଙ୍କରି ଶକ୍ତି ହିଁ ଏହି ସମସ୍ତ ଅନିର୍ଦ୍ଦିଷ୍ଟ ବିଶ୍ୱଶକ୍ତି ସମୂହ ରୂପେ କ୍ରିୟାଶୀଳ, ତଥାପି ଅଳ୍ପ ସମୟ ଭିତରେ ଆମ ଆଗରେ ଏହା ସ୍ପଷ୍ଟ ହୋଇଯିବ ଯେ ଆମ ଭିତରେ ଦିବ୍ୟ ଚେତନାର ବିକାଶ ପାଇଁ ହିଁ ସେ କ୍ରିୟା କରୁଛନ୍ତି ଓ ଏସବୁର ଉର୍ଦ୍ଧ୍ୱରେ ରହି ସେ ଆମକୁ ଆକର୍ଷଣ କରୁଛନ୍ତି ତାଙ୍କ ନିଜର ଉଚ୍ଚତର ଦିବ୍ୟ ସ୍ୱରୂପ ଆଡ଼କୁ ଏବଂ ସେ ଆମ ଆଗରେ ଦିବ୍ୟଜ୍ଞାନ, ଦିବ୍ୟସଂକଳ୍ପ ଓ ଦିବ୍ୟ-ଆନନ୍ଦର ମୂଳ ସତ୍ୟ ଓ ସାରମର୍ମକୁ ଅଧିକରୁ ଅଧିକ ପ୍ରକାଶିତ କରୁଛନ୍ତି । ଏପରିକି ଅଜ୍ଞାନର ଗତିବୃତ୍ତି ମଧ୍ୟରେ ସାଧକର ଆତ୍ମା ଜାଣିପାରେ ଯେ ସେହି ପରମା ଶକ୍ତିଙ୍କର ସଚେତ ଚାଳନା ଓ ପଥ-ନିର୍ଦ୍ଦେଶ ହିଁ ତା'ର ପଦକ୍ଷେପସବୁକୁ ମନ୍ଥରେ ବା ଦ୍ରୁତ ଗତିରେ, ସିଧାସଳଖ ବା ଅଙ୍କାବଙ୍କା ବୁଲାଣି ପଥରେ ଆଗେଇ ନେଉଛି ଅନ୍ଧକାର ଭିତରୁ ଏକ ବୃହତ୍ତର ଚେତନାର ଆଲୋକ ଦିଗରେ, ମରଣଶୀଳତାରୁ ଅମରତ୍ୱ ଦିଗରେ, ଅମଙ୍ଗଳ ଓ ଦୁଃଖ, ଶୋକ, ଯାତନା ଭିତରୁ ସର୍ବୋତ୍ତମ ଶୁଭ ଓ ଆନନ୍ଦ ଦିଗରେ, ଯାହା ସମ୍ପର୍କରେ ଏଯାଏ ତା'ର ମାନୁଷୀ ମନ କେବଳ ଏକ ଝାପ୍ସା ଛବି ମାତ୍ର ହିଁ ଧାରଣା କରିପାରେ ।

ଏହିପରି ଭାବରେ ସେହି ପରମାଙ୍କ ଶକ୍ତି ଏକ ସଙ୍ଗରେ ମୁକ୍ତିପ୍ରଦାୟିନୀ, ସକ୍ରିୟ ଭାବେ ଗତିଶାଳିନୀ, ସୃଷ୍ଟିଶୀଳା ଓ ଫଳପ୍ରସବିନୀ । ଏହା ସବୁକିଛିକୁ ସୃଷ୍ଟି କରିଚାଲେ କେବଳ ସେମାନଙ୍କ ବର୍ତ୍ତମାନର ସ୍ୱରୂପରେ ନୁହେଁ, ସେମାନେ ଦିନେ ଯାହା ହୋଇ ଉଠିବେ ସେହି ଭବିଷ୍ୟତର ସ୍ୱରୂପରେ ମଧ୍ୟ; କାରଣ ଅଜ୍ଞାନର ଉପାଦାନରେ ଗଠିତ ମନୁଷ୍ୟର ନିମ୍ନତର ଚେତନାର ଗୋଳିଆମିଶା, ବକ୍ର ଓ କୁଟିଳ ଗତିବୃତ୍ତିକୁ ଲୋପ କରି ସେ ଏହାର ପୁନଃନିର୍ମାଣ କରନ୍ତି ଓ ତା'ର ଆତ୍ମା ଓ ପ୍ରକୃତିକୁ ଉଚ୍ଚତର ଦିବ୍ୟପ୍ରକୃତିର ଶକ୍ତି ଓ ଉପାଦାନ ରୂପେ ନୂଆ ରୂପ ଦେଇ ନୂଆ କରି ଗଢ଼ି ତୋଳନ୍ତି ।

(SABCL, Vol. 20, pp. 116-17)

# ଭଗବାନ୍ ନିଜକୁ ଦେଇ ଦିଅନ୍ତି

## ଶ୍ରୀମା

*ଶିଷ୍ୟ : ମା, ''ଭଗବାନ୍ ନିଜକୁ ଦେଇ ଦିଅନ୍ତି''ର ଅର୍ଥ କ'ଣ ?*

**ଶ୍ରୀମା :** ଏହାର ଅର୍ଥ ଠିକ୍ ଏହା ହିଁ, ତୁମେ ନିଜକୁ ଯେତେ ଅଧିକ ଦେଇ ଦେବ, ସେତେ ଅଧିକ ତୁମର ଏହି ଅନୁଭୂତି ଆସିବ – ଏହା କେବଳ ଅନୁଭବ, ଧାରଣା ବା ସଂବେଦନ ନୁହେଁ । ଏହା ଏକ ସାମଗ୍ରିକ ଅନୁଭୂତି – ତୁମେ ନିଜକୁ ଭଗବାନଙ୍କ ପାଖରେ ଯେତିକି ଦେଇ ଦେବ ସେ ସେତେ ଅଧିକ ତୁମ ସଙ୍ଗରେ ରହିବେ; ସାମଗ୍ରିକ ଭାବରେ, ସଦାସର୍ବଦା, ପ୍ରତ୍ୟେକ ମୁହୂର୍ତ୍ତରେ, ତୁମର ସମସ୍ତ ଚିନ୍ତାରେ, ତୁମର ସମସ୍ତ ଆବଶ୍ୟକତାରେ ଏବଂ ସେତେବେଳେ ଏପରି କିଛି ଅଭୀପ୍ସା ନଥାଏ ଯାହାକି ତତ୍କ୍ଷଣାତ୍ ଏକ ଉତ୍ତର ପାଏନି ଏବଂ ତୁମର ପୂର୍ଣ୍ଣ ଓ ନିରନ୍ତର ଏକ ଅନ୍ତରଙ୍ଗତାର, ଏକ ସାମଗ୍ରିକ ସାନ୍ନିଧ୍ୟର ବୋଧ ଆସେ । ଯେପରି କି ତୁମେ ବହନ କରିଚାଲିଛ... ଯେପରି କି ସବୁ ସମୟରେ ଭଗବାନ୍ ତୁମ ସଙ୍ଗେ ସଙ୍ଗେ ରହିଛନ୍ତି, ତୁମେ ଚାଲ, ସେ ତୁମ ସଙ୍ଗେ ଚାଲନ୍ତି, ତୁମେ ନିଦ୍ରା ଯାଅ, ସେ ତୁମ ସଙ୍ଗେ ନିଦ୍ରା ଯାଆନ୍ତି, ତୁମେ ଆହାର ଗ୍ରହଣ କର ଓ ସେ ତୁମ ସଙ୍ଗେ ଆହାର ଗ୍ରହଣ କରନ୍ତି; ତୁମେ ଚିନ୍ତା କର ଏବଂ ସେ ତୁମ ସଙ୍ଗେ ଚିନ୍ତା କରନ୍ତି, ତୁମେ ପ୍ରେମ କର ଏବଂ ସେ ହିଁ ହୋଇ ଉଠନ୍ତି ତୁମର ପ୍ରେମ । କିନ୍ତୁ ଏଥିପାଇଁ ତୁମ ନିଜକୁ ଦେଇ ଦେବାକୁ ହେବ ପୂର୍ଣ୍ଣ ଭାବରେ, ସମଗ୍ର ଭାବରେ, ଅନନ୍ୟ ଭାବରେ, କିଛି ବି ସଂରକ୍ଷିତ ରଖିବ ନାହିଁ, ତାଙ୍କଠାରୁ କିଛି ରଖିବ ନାହିଁ, କିଛି ବି ରଖିବ ନାହିଁ, ଆଉ ମଧ୍ୟ କିଛି ବି ଏଣେ ତେଣେ ଫୋପାଡ଼ି ଦେବ ନାହିଁ । ଭଗବାନଙ୍କୁ ନ ଦେଇ ତୁମ ସତ୍ତାରେ ଅଲଗା ସାମାନ୍ୟ ଟିକେ ରହିଲେ ହିଁ ତାହା ଏକ ଅପଚୟ, ତାହା ତୁମ ଆନନ୍ଦର ଅପବ୍ୟୟ, ଯାହା ସେହି ଅନୁପାତରେ ତୁମ ଆନନ୍ଦକୁ କମାଇ ଦେବ, ଏବଂ ଯାହା ତୁମେ ଭଗବାନଙ୍କୁ ଦେବ ନାହିଁ, ତାହା ଯେପରି କି ଭଗବାନ୍ ତାଙ୍କ ନିଜକୁ ତୁମକୁ ଦେଇ ଦେବାର ସମ୍ଭାବନା ପଥରେ ଏକ ବାଧା ସ୍ୱରୂପ କରି ରଖୁଛ । ତୁମେ ତାଙ୍କୁ ନିଜର ଘନିଷ୍ଠ ବୋଲି ଭାବ ନାହିଁ । ସେ ତୁମ ସଙ୍ଗେ ନିରନ୍ତର ଅଛନ୍ତି ବୋଲି ଭାବ ନାହିଁ, କାରଣ ତୁମେ ତାଙ୍କର ହୋଇ ରହି ନାହଁ, କାରଣ ତୁମେ ଶହ ଶହ ଅନ୍ୟାନ୍ୟ ଜିନିଷର ଓ ଲୋକମାନଙ୍କର ହୋଇ ରହିଛ । ତୁମ ଚିନ୍ତାରେ, ତୁମ କର୍ମରେ, ତୁମ ଅନୁଭବରେ, ପ୍ରବୃତ୍ତିରେ ଲକ୍ଷ ଲକ୍ଷ ଜିନିଷ ରହିଛି, ଯାହା ତୁମେ ତାଙ୍କୁ ଦେଇ ନାହଁ ଏବଂ ସେଇଥିପାଇଁ ସେ ତୁମ ସଙ୍ଗରେ ସଦାସର୍ବଦା ରହିଥିବାର ଅନୁଭବ କର ନାହିଁ । ଏହି ସମସ୍ତ ଜିନିଷ ତୁମ ଭିତରେ ଓ ତାଙ୍କ ଭିତରେ ଏକ କାନ୍ଥବାଡ଼ ପରି, ଏକ ପରଦା ପରି ହୋଇଥାଏ । କିନ୍ତୁ ଯଦି ତୁମେ ସବୁ କିଛି ଦେଇ ଦିଅ, ଯଦି ବି ନିଜ ପାଇଁ କିଛି ବି ନ ରଖ, ତା'ହେଲେ ସେ ତୁମ ସଙ୍ଗେ ସଦାସର୍ବଦା ରହିବେ, ସଦାସର୍ବଦା ଓ ସମଗ୍ର ଭାବରେ, ତୁମେ ଯାହା ବି କର, ଯାହା ବି ଭାବ, ଯାହା ବି ଅନୁଭବ କର, ସେ ସବୁଥିରେ ପ୍ରତ୍ୟେକ ମୁହୂର୍ତ୍ତରେ ତୁମ ସଙ୍ଗରେ ରହିବେ । କିନ୍ତୁ ଏଥିପାଇଁ ତୁମକୁ ପୂର୍ଣ୍ଣ ଓ ଅଖଣ୍ଡ ଭାବରେ ତାଙ୍କ ପାଖରେ ନିଜକୁ ଦେଇ ଦେବାକୁ ହେବ । ପ୍ରତ୍ୟେକଟି ଛୋଟ ଛୋଟ ଜିନିଷ ଯାହା ତୁମେ ନିଜ ପାଇଁ ରଖ ତାହା ହେଉଛି ଗୋଟିଏ ଗୋଟିଏ ପ୍ରସ୍ତର ଖଣ୍ଡ ଯାହାକି ଭଗବାନଙ୍କ ଭିତରେ ଓ ତୁମ ଭିତରେ ବ୍ୟବଧାନର ଏକ କାନ୍ଥ ନିର୍ମାଣ ପାଇଁ ତୁମେ ରଖି ଦେଇଛ । ଏବଂ ପରେ ତୁମେ ଅଭିଯୋଗ କର, ''ଓଃ, ମୁଁ ତାଙ୍କୁ ଅନୁଭବ କରୁ ନାହିଁ'' । ପ୍ରକୃତରେ ଆଶ୍ଚର୍ଯ୍ୟର କଥା ହେଉଛି, ତୁମେ ତାଙ୍କୁ ଅନୁଭବ କରି ପାରି ଥାଆନ୍ତ ।

ବାସ୍ ।

(CWM, Vol. 7, pp. 247 - 248)

# ମା'ଙ୍କ ଶକ୍ତିର କ୍ରିୟା

## ଶ୍ରୀଅରବିନ୍ଦ

### (୧)

ଗୋଟିଏ ଶକ୍ତି ଅଛି ଯାହା ନୂତନ ଚେତନାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ବୃଦ୍ଧିପାଏ ଏବଂ ସେହି ଚେତନାର ଆବିର୍ଭାବ ଓ ତାହାର ପରିଣତିକୁ ସାହାଯ୍ୟ କରେ । ଏହାର ନାମ ହେଲା ଯୋଗଶକ୍ତି । ଆମ୍ଭମାନଙ୍କର ଆନ୍ତର କେନ୍ଦ୍ର ବା ଚକ୍ରଗୁଡ଼ିକରେ ଏହି ଶକ୍ତି କୁଣ୍ଡଳୀକୃତ ହୋଇ ନିଦ୍ରିତ ଅଛି । ମୂଳାଧାରର ସୁପ୍ତ ଶକ୍ତିକୁ ତନ୍ତ୍ରଶାସ୍ତ୍ର ନାମ ଦେଇଛି କୁଣ୍ଡଳିନୀ ଶକ୍ତି । କିନ୍ତୁ ଏହି ଯୋଗଶକ୍ତି ଆମ୍ଭମାନଙ୍କ ମସ୍ତକ ଉର୍ଦ୍ଧ୍ୱରେ ଦିବ୍ୟଶକ୍ତି ରୂପେ ବି ରହିଛି – କିନ୍ତୁ ସେଠାରେ କୁଣ୍ଡଳୀକୃତ, ନିଦ୍ରିତ, ଜଡ଼ିତ ଅବସ୍ଥା ନାହିଁ; ବରଂ ରହିଛି ଜାଗ୍ରତ୍, ସଚେତନ, ସମର୍ଥ, ପ୍ରସାରିତ, ବିଶାଳ ରୂପେ; ଏହା ଅଭିବ୍ୟକ୍ତି ସକାଶେ ଅପେକ୍ଷା କରୁଛି; ଏହି ଦିବ୍ୟଶକ୍ତି ଆଡ଼କୁ ଅର୍ଥାତ୍ ମାତୃଶକ୍ତି ଆଡ଼କୁ ଆମ୍ଭମାନଙ୍କୁ ଉନ୍ମୁକ୍ତ ହେବାକୁ ହେବ । ଏହା ମନ ମଧ୍ୟରେ ବ୍ୟକ୍ତ ହୁଏ ଦିବ୍ୟ ବା ସାର୍ବଭୌମ ମନଃଶକ୍ତି ରୂପେ; ବ୍ୟକ୍ତିଗତ ମାନସ ଯାହା କରି ନ ପାରେ, ଏହା ସେସବୁ କରିପାରେ – ଏହାହିଁ ଯୌଗିକ ମନଃଶକ୍ତି । ସେହିପରି ଯେବେ ପ୍ରାଣରେ ବା ଦେହରେ ଏହି ଶକ୍ତି ଅଭିବ୍ୟକ୍ତ ଓ କ୍ରିୟାଶୀଳ ହୁଏ, ତେବେ ତାହାକୁ ଯୌଗିକ ପ୍ରାଣଶକ୍ତି ବା ଯୌଗିକ ଦେହଶକ୍ତି ରୂପରେ ଆମେ ଦେଖୁ । ଏହି ସକଳ ରୂପ ମଧ୍ୟରେ ସେ ଜାଗ୍ରତ୍ ହୋଇପାରେ, ଉର୍ଦ୍ଧ୍ୱକୁ ଓ ବାହାରକୁ ଉଛୁଳି ପଡ଼ିପାରେ, ନିମ୍ନରୁ ବ୍ୟାପ୍ତି ମଧ୍ୟକୁ ନିଜକୁ ପ୍ରସାରିତ କରିପାରେ ଅଥବା ନିମ୍ନକୁ ଉତରି ଯାଇପାରେ ଏବଂ ସେଠାରେ ଏକ ବିଶିଷ୍ଟ କାର୍ଯ୍ୟକାରୀ ଶକ୍ତିର ରୂପ ଧରିପାରେ; ଅଥବା ଉର୍ଦ୍ଧ୍ୱରୁ ଉତରି ଚତୁର୍ଦ୍ଦିଗରେ ପ୍ରସାରିତ ହୋଇ, କ୍ରିୟାରତ ହୋଇ ଏବଂ ନିଜର ପ୍ରଭାବ ସ୍ଥାପିତ କରି ନିଜକୁ ଦେହ ମଧ୍ୟରେ ଢାଳି ଦେଇପାରେ ଏବଂ ଆମ୍ଭମାନଙ୍କ ମଧ୍ୟରେ ଥିବା ନିମ୍ନତମ ଶକ୍ତି ସହିତ ଉଚ୍ଚତମ ଶକ୍ତିର ସଂଯୋଗ ସ୍ଥାପନ କରିପାରେ, ବ୍ୟକ୍ତିକୁ ସାର୍ବଭୌମ ବିଶ୍ୱଗତ ବା ସର୍ବାତୀତ ପରାପ୍ରର ତତ୍ତ୍ୱରେ ମୁକ୍ତ କରିପାରେ ।

### (୨)

ଯେତେବେଳେ ଆଧାରରେ ଶାନ୍ତି ପ୍ରତିଷ୍ଠିତ ହୋଇଯାଏ ଏହି ଉଚ୍ଚତର ଶକ୍ତି ବା ଦିବ୍ୟ ଶକ୍ତି ଉର୍ଦ୍ଧ୍ୱରୁ ଅବତରଣ କରି ଆମ ଭିତରେ କ୍ରିୟା କରିପାରେ । ସାଧାରଣତଃ ପ୍ରଥମେ ଏହା ଅବତରଣ କରେ ମସ୍ତକ ମଧ୍ୟରେ ଏବଂ ସେଠାରେ ଆନ୍ତର୍ମନର କେନ୍ଦ୍ରକୁ ମୁକ୍ତ କରେ; ତା'ପରେ ହୃଦ୍-କେନ୍ଦ୍ରରେ ଅବତରଣ କରି ଚୈତ୍ୟ ଓ ଭାବମୟ ସତ୍ତାକୁ ସମ୍ପୂର୍ଣ୍ଣରୂପେ ମୁକ୍ତ କରେ; ତା'ପରେ ନାଭିକେନ୍ଦ୍ର ଓ ଅନ୍ୟାନ୍ୟ ପ୍ରାଣକେନ୍ଦ୍ର ସମୂହରେ ଅବତରଣ କରି ସେଠାରେ ଆନ୍ତର ପ୍ରାଣକୁ ମୁକ୍ତ କରେ; ପରିଶେଷରେ ମୂଳାଧାର ଓ ତା'ର ନିମ୍ନକୁ ଅବତରଣ କରି ଆନ୍ତର ଶରୀର ସତ୍ତାକୁ ମୁକ୍ତ କରେ । ଏହା କାର୍ଯ୍ୟ କରେ ଏକ ସଙ୍ଗରେ ମୁକ୍ତି ତଥା ସିଦ୍ଧି ପାଇଁ, ଏହା ସମଗ୍ର ପ୍ରକୃତିକୁ ଗ୍ରହଣ କରେ, ଗୋଟିକ ପରେ ଗୋଟିଏ ଅଂଶକୁ ନେଇ ତା' ଉପରେ କାର୍ଯ୍ୟ କରେ, ଯାହା ବର୍ଜନୀୟ ତାହାକୁ ବର୍ଜନ କରେ, ଯାହାକୁ ଉର୍ଦ୍ଧ୍ୱାୟିତ କରିବା କଥା ତାହାକୁ ଉର୍ଦ୍ଧ୍ୱାୟିତ କରେ, ଯାହା ସୃଷ୍ଟି କରିବା କଥା ତାହା ସୃଷ୍ଟି କରେ । ଏହା ଆଣିଦିଏ ସଂହତି, ଏକ ସୁସମଞ୍ଜସ ଭାବ ଏବଂ ସ୍ୱଭାବରେ ପ୍ରତିଷ୍ଠା କରେ ଏକ ନୂତନ ଛନ୍ଦ । ଏହା ମଧ୍ୟ ଉର୍ଦ୍ଧ୍ୱତନ ପ୍ରକୃତିର ଉଚ୍ଚରୁ ଉଚ୍ଚତର ଶକ୍ତି ଓ ସ୍ତର ସମୂହକୁ ଓହ୍ଲାଇ ଆଣିପାରେ ଏବଂ ଯଦି ଏହା ସାଧନାର ଲକ୍ଷ୍ୟ ହୁଏ ତା'ହେଲେ ଅତିମାନସ ଶକ୍ତି ଓ ସତ୍ୟକୁ ମଧ୍ୟ ଓହ୍ଲାଇ ଆଣିବା ସମ୍ଭବ ହୁଏ । ଏସମସ୍ତ ହୃଦୟକେନ୍ଦ୍ରସ୍ଥ ଚୈତ୍ୟପୁରୁଷଙ୍କ କ୍ରିୟା ଦ୍ୱାରା ପ୍ରସ୍ତୁତ, ପୁଷ୍ଟ ଓ ବର୍ଦ୍ଧିତ ହୁଏ । ଏହି ଚୈତ୍ୟପୁରୁଷ ଯେତିକି ଅଧିକ ମୁକ୍ତ, ସକ୍ରିୟ ଓ ସମ୍ମୁଖରେ ରହିବେ, ଦିବ୍ୟଶକ୍ତିର କ୍ରିୟା ସେତିକି ଦ୍ରୁତ, ନିରାପଦ ଓ ସହଜ ହେବ । ହୃଦୟରେ ପ୍ରେମ, ଭକ୍ତି ଓ ସମର୍ପଣ ଯେତେ ବୃଦ୍ଧିପାଏ, ସାଧନାର କ୍ରମବିକାଶ ସେତେ ଦ୍ରୁତ ଓ ନିର୍ଦ୍ଦୋଷ ହୁଏ । କାରଣ ଅବତରଣ ଓ ରୂପାନ୍ତରର ଅର୍ଥ ହେଲା ଯୁଗପତ୍ ଭଗବାନଙ୍କ ସହ କ୍ରମବର୍ଦ୍ଧମାନ ସଂସ୍ପର୍ଶ ଓ ମିଳନ ।

ଏହା ହିଁ ହେଲା ଆମ ସାଧନାର ମୂଳ ସିଦ୍ଧାନ୍ତ । ଏହା ସ୍ପଷ୍ଟ ଯେ ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ହୃଦୟ ଓ ମନର ପଶ୍ଚାତ୍ ଏବଂ ଉର୍ଦ୍ଧ୍ୱରେ ଥିବା ବସ୍ତୁସମୂହ ପ୍ରତି ହୃଦୟ-କେନ୍ଦ୍ର ଓ ମାନସ-କେନ୍ଦ୍ରର ଉନ୍ମୀଳନ । କାରଣ ହୃଦୟ ଚୈତ୍ୟପୁରୁଷ ପ୍ରତି ଉନ୍ମୋଚିତ ହୁଏ ଏବଂ ମାନସ କେନ୍ଦ୍ରଗୁଡ଼ିକ

ଉଚ୍ଚତର ଚେତନା ପ୍ରତି ଉନ୍ମୋଚିତ ହୁଅନ୍ତି ଏବଂ ଏହି ଚୈତ୍ୟପୁରୁଷ ଓ ଉଚ୍ଚତର ଚେତନା ଭିତରେ ଘନିଷ୍ଠ ସମ୍ବନ୍ଧ ହିଁ ସିଦ୍ଧିର ପ୍ରଧାନ ଉପାୟ । ପ୍ରଥମ ଉନ୍ମୀଳନ ଘଟେ ହୃଦୟରେ ଏକାଗ୍ର ରହିବା ଦ୍ୱାରା ଓ ଆମ୍ଭମାନଙ୍କ ଅନ୍ତରରେ ଆବିର୍ଭାବ ହେବା ପାଇଁ ଓ ଚୈତ୍ୟପୁରୁଷଙ୍କ ମାଧ୍ୟମରେ ଆମ୍ଭମାନଙ୍କ ସମଗ୍ର ପ୍ରକୃତିକୁ ଅଧିକାର ଓ ଚାଳିତ କରିବା ପାଇଁ ଭଗବାନଙ୍କୁ ଆବାହନ କରିବା ଦ୍ୱାରା । ସାଧନାର ଏହି ଭାଗଟିର ପ୍ରଧାନ ଅବଲମ୍ବନ ହେଲା ଅଭୀପ୍ସା, ପ୍ରାର୍ଥନା, ଭକ୍ତି, ପ୍ରେମ ଓ ସମର୍ପଣ — ଏବଂ ଆମ ଅଭୀପ୍ସାର ସାର୍ଥକତା ପଥରେ ଯାବତୀୟ ଅନ୍ତରାୟର ପ୍ରତ୍ୟାଖ୍ୟାନ । ଦ୍ୱିତୀୟ ଉନ୍ମୀଳନ ଘଟେ ମସ୍ତକରେ (ପରେ ମସ୍ତକର ଊର୍ଦ୍ଧ୍ୱରେ) ଚେତନାକୁ ଏକାଗ୍ର କରିବା ଦ୍ୱାରା ଏବଂ ସତ୍ତା ମଧ୍ୟରେ ଶାନ୍ତି, ଶକ୍ତି, ଜ୍ୟୋତିଃ, ଜ୍ଞାନ ଓ ଆନନ୍ଦର ଅବତରଣ ପାଇଁ — ପ୍ରଥମେ ଶାନ୍ତି କିଂବା ଉଭୟ ଶାନ୍ତି ଓ ଶକ୍ତିର ଅବତରଣ ପାଇଁ — ଏକ ଅଭୀପ୍ସା, ଆହ୍ୱାନ ଓ ନିରନ୍ତର ସଂକଳ୍ପ ଦ୍ୱାରା । ଅବଶ୍ୟ କେହି କେହି ପ୍ରଥମେ ଜ୍ୟୋତିଃ, କେହି ବା ଆନନ୍ଦ ଅଥବା କେହି କେହି ଜ୍ଞାନର ସହସା ବର୍ଷଣ ଅନୁଭବ କରନ୍ତି । ଅନ୍ୟ କେତେକଙ୍କର ଚେତନା ପ୍ରଥମେ ଏପରି ଉନ୍ମୁକ୍ତ ହୁଏ ଯେ ତାହା ସେମାନଙ୍କ ନିକଟରେ ଊର୍ଦ୍ଧ୍ୱସ୍ଥିତ ବିରାଟ ସୀମାହୀନ ନୀରବତା, ଶକ୍ତି, ଜ୍ୟୋତିଃ ଓ ଆନନ୍ଦକୁ ପ୍ରକାଶ କରେ ଏବଂ ତାହାପରେ ସେମାନେ ଏହିସବୁର ମଧ୍ୟକୁ ଆରୋହଣ କରନ୍ତି କିଂବା ଏହିସବୁ ସେମାନଙ୍କ ନିମ୍ନତର ପ୍ରକୃତି ମଧ୍ୟରେ ଅବତରଣ କରିବାକୁ ଆରମ୍ଭ କରନ୍ତି । ଅନ୍ୟ କେତେକଙ୍କ କ୍ଷେତ୍ରରେ ଅବତରଣ ଘଟେ ପ୍ରଥମେ ମସ୍ତକ ମଧ୍ୟରେ ସେଠାରୁ ହୃଦୟ-ସ୍ତର ପର୍ଯ୍ୟନ୍ତ, ତା'ପରେ ନାଭି ଓ ତାହାର ନିମ୍ନରୁ ଏବଂ ପରିଶେଷରେ ଶରୀରର ସର୍ବତ୍ର କିଂବା ଏପରି ଏକ ଅବର୍ଣ୍ଣନୀୟ ଉନ୍ମୀଳନ ହୁଏ ଯେଉଁଥିରେ ଅବତରଣ-କ୍ରିୟା ଅନୁଭୂତ ନ ହେଲେ ମଧ ଶାନ୍ତି, ଜ୍ୟୋତିଃ, ବ୍ୟାପ୍ତି ଓ ଶକ୍ତିର ଦ୍ୱାର ଉନ୍ମୁକ୍ତ ହୁଏ କିଂବା ବିଶ୍ୱଚେତନା ଦିଗରେ ଏକ ଦିଗନ୍ତପ୍ରସାରୀ ଉନ୍ମୀଳନ ହୁଏ କିଂବା ସହସା ପ୍ରସାରିତ ମନ-ରାଜ୍ୟରେ ଜ୍ଞାନର ପରିସ୍ଫୁରଣ ହୁଏ । ଯାହା ଆସୁ ତାହାକୁ ସାଦରେ ଗ୍ରହଣ କରିବ — କାରଣ ସର୍ବତ୍ର ପ୍ରଯୁଜ୍ୟ କୌଣସି ଅଖଣ୍ଡ ନିୟମ ନାହିଁ — କିନ୍ତୁ ଯଦି ପ୍ରଥମରୁ ଶାନ୍ତି ନ ଆସିଥାଏ, ତା'ହେଲେ ସାଧକ ପକ୍ଷରେ ସାବଧାନତା ଅବଲମ୍ବନ କରିବାକୁ ହେବ ଯେପରି ସେ ଉଲ୍ଲାସରେ ସ୍ଫୀତ ନ ହୁଏ ବା ସମତା ହରାଇ ନ ବସେ । ମାତ୍ର ଏହା ସତ୍ୟ ଯେ ସାଧନା ସେତିକିବେଳେ ତା'ର ପୂର୍ଣ୍ଣଗତି ଲାଭ କରେ ଯେତେବେଳେ ଭାଗବତୀ ଶକ୍ତି, ମାତୃଶକ୍ତି ଅବତୀର୍ଣ୍ଣ ହୋଇ ସାଧକକୁ ସମ୍ପୂର୍ଣ୍ଣ ଅଧିକାର କରନ୍ତି; କାରଣ ଏହା ଘଟିବା ଦ୍ୱାରା ଚେତନାର ସଂଗଠନ ଆରମ୍ଭ ହୁଏ ଓ ସାଧନା ବୃହତ୍ତର ପ୍ରତିଷ୍ଠା ଲାଭ କରେ ।

## (୩)

ପ୍ରତ୍ୟେକ ବ୍ୟକ୍ତିର ମନ-ପ୍ରାଣ-ଦେହଗତ ଚେତନା ସାଧାରଣତଃ ନିଜ ମଧ୍ୟରେ ଆବଦ୍ଧ ଥାଏ । ସେହି ଚେତନା ସଂକୀର୍ଣ୍ଣ, ଅନୁଦାର; ନିଜକୁ ଦେଖେ ସବୁକିଛିର କେନ୍ଦ୍ର ବୋଲି, ନିଜର ଧାରଣାନୁସାରେ ସବୁକିଛିକୁ ବିଚାର କରେ ଏବଂ କୌଣସି ବସ୍ତୁର ଯଥାର୍ଥ ସ୍ୱରୂପ ଆଦୌ ଜାଣେ ନାହିଁ । କିନ୍ତୁ ଯେତେବେଳେ ଯୋଗ ସାଧନା ଦ୍ୱାରା ମନୁଷ୍ୟ ଯଥାର୍ଥ ଚେତନା ଆଡ଼କୁ ଉନ୍ମୀଳିତ ହେବାକୁ ଆରମ୍ଭ କରେ ସେତେବେଳେ ଏହି ପ୍ରତିବନ୍ଧକ-ପାଚେରି ଭାଙ୍ଗି ପଡ଼ିବାକୁ ଆରମ୍ଭ କରେ । ସାଧକ ଅନୁଭବ କରେ ଯେ ତାହାର ମନର ପ୍ରସାର ବଢ଼ିଯାଉଛି । ଶରୀର-ଚେତନା ମଧ ବିସ୍ତୃତ ହୋଇଚାଲିଛି, ଅବଶେଷରେ ତାହାର ବୋଧହୁଏ ଯେପରି ସବୁକିଛି ତା' ମଧ୍ୟରେ ରହିଛି; ସବୁରି ସଙ୍ଗେ ସେ ଏକ ହୋଇ ଯାଉଛି । ସେତେବେଳେ ସାଧକ ମା'ଙ୍କର ବିଶ୍ୱଗତ ଚେତନା ସଙ୍ଗେ ଏକତ୍ୱ ଲାଭ କରେ । ସେଥିପାଇଁ ସାଧକ ଅନୁଭବ କରେ ଯେ ତାହାର ମନ ବ୍ୟାପକ ହୋଇଉଠୁଛି । କିନ୍ତୁ ମନୁଷ୍ୟ ମନର ଊର୍ଦ୍ଧ୍ୱରେ ବି ବହୁତ କିଛି ଅଛି; ଏବଂ ଏହାକୁ ତୁମେ ଅନୁଭବ କର ମସ୍ତକ ଊର୍ଦ୍ଧ୍ୱସ୍ଥ ଜଗତ୍ ବୋଲି । ଏସବୁ ଆମ୍ଭମାନଙ୍କ ଯୋଗରେ ସାଧାରଣ ଉପଲବ୍ଧି । ଏହା କେବଳ ଆରମ୍ଭ ମାତ୍ର । କିନ୍ତୁ ଏହାକୁ ବେଶୀ ବେଶୀ ଫୁଟାଇ ତୋଳିବାକୁ ହେଲେ ତୁମକୁ ଆହୁରି ନୀରବ ହେବାକୁ ହେବ, ଯାହାକିଛି ଆସୁ ନା କାହିଁକି, ତାକୁ ବିନା ଉତ୍ସୁକତାରେ, ବିନା ଉତ୍ତେଜନାରେ ଗ୍ରହଣ କରିବାର କ୍ଷମତା ବୃଦ୍ଧି କରିବାକୁ ହେବ । ସ୍ଥୈର୍ଯ୍ୟ ଓ ଶାନ୍ତି ହେଲା ପ୍ରଥମ ବସ୍ତୁ, ଏବଂ ତାହା ସଙ୍ଗେ ସଙ୍ଗେ ପ୍ରସାରତା; ଶାନ୍ତି ମଧ୍ୟରେ ରହି ତୁମେ ଯେଉଁ ପ୍ରକାର ପ୍ରେମ ବା ଆନନ୍ଦ ବା ସାମର୍ଥ୍ୟ ଆସୁ ନା କାହିଁକି ତାହା ଧାରଣ କରିପାରିବ ।

(ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ,
ପୃ. ୩୫୭ - ୩୬୦, ୩୬୪ - ୩୬୫)

# ରୋଗ ଆକ୍ରମଣର ପୂର୍ବଜ୍ଞାନ ଓ ପ୍ରତ୍ୟାଖ୍ୟାନ

## ଶ୍ରୀମା

*ରୋଗଗୁଡ଼ିକ ସୂକ୍ଷ୍ମ ଶରୀର ମଧ୍ୟ ଦେଇ ପ୍ରବେଶ କରନ୍ତି, ନୁହେଁ କି ? ସେଗୁଡ଼ିକୁ କିପରି ବନ୍ଦ କରାଯାଇ ପାରିବ ?*

**ଶ୍ରୀମା** : ଜଣେ ଯଦି ଖୁବ୍ ସୂକ୍ଷ୍ମାନୁଭବୀ ହୋଇଥାଏ – ଜଣକୁ ଖୁବ୍ ସୂକ୍ଷ୍ମାନୁଭବୀ ହେବାକୁ ହେବ – ଯେଉଁ ମୁହୂର୍ତ୍ତରେ ରୋଗଗୁଡ଼ିକ ସୂକ୍ଷ୍ମ ଶରୀରକୁ ସ୍ପର୍ଶ କରନ୍ତି ଏବଂ ତା' ଭିତରକୁ ଯିବା ଲାଗି ଚେଷ୍ଟା କରନ୍ତି, ଜଣେ ଏହାକୁ ଅନୁଭବ କରିଥାଏ । ସ୍ଥୂଳ ଶରୀରକୁ କିଛି ସ୍ପର୍ଶ କରିବା ଭଳି ଏହା ନୁହେଁ, ଏହା ଏକ ପ୍ରକାର ସୂଚନା । ଯଦି ତୁମେ ସେହି ମୁହୂର୍ତ୍ତରେ ଏହାକୁ ଜାଣିବାକୁ ସକ୍ଷମ, ଯଦି ଏହାକୁ ''ନା'' କହିବା ଲାଗି ତଥାପି ତୁମର ଶକ୍ତି ଥାଏ ତେବେ ଏହା ପଳାଇଯାଏ । କିନ୍ତୁ ସେଥିଲାଗି ଜଣକୁ ଅତ୍ୟନ୍ତ ସୂକ୍ଷ୍ମାନୁଭବୀ ହେବାକୁ ହେବ । ଯାହାହେଉ, ଏହା କ୍ରମେ ବିକଶିତ ହୁଏ । ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ଏହିସବୁକୁ ଶୃଙ୍ଖଳିତଭାବେ ବିକଶିତ କରାଯାଇ ପାରେ । ତୁମେ ଏହି ଆଚ୍ଛାଦନ ସମ୍ବନ୍ଧରେ ବିଶେଷ ସଚେତନ ହୋଇପାରିବ ଏବଂ ଯଦି ତୁମେ ଏହାକୁ ପର୍ଯ୍ୟାପ୍ତ ରୂପେ ବିକଶିତ କର, ତୁମକୁ ନିରୀକ୍ଷଣ କରି ଦେଖିବା ଦରକାର ନାହିଁ, ଏମିତିକି କିଛି ଗୋଟିଏ ତୁମକୁ ସ୍ପର୍ଶ କରିଛି ବୋଲି ତୁମେ ଅନୁଭବ କରିପାରିବ ।...

ତୁମେ ଖୁବ୍ ସହଜରେ ସାମାନ୍ୟ ଅସ୍ୱସ୍ତିକୁ ବୁଝିପାରିବ, (ଏଇଟା ଏମିତି କିଛି ନୁହେଁ ଯାହାକି ଖୁବ୍ ଶକ୍ତିଶାଳୀ ଭାବେ ଲଦି ଦିଆ ଯାଇଥାଏ) କେଉଁ ସ୍ଥାନରୁ ଏକ ସାମାନ୍ୟ ଅସ୍ୱସ୍ତି ତୁମ ପାଖକୁ ଆସୁଛି : ଆଗରୁ, ପଛରୁ, ଉପରୁ ଅଥବା ତଳୁ । ଯଦି ସେହି ମୁହୂର୍ତ୍ତରେ ତୁମେ ଯଥେଷ୍ଟ ସଜାଗ ଥାଅ, ତୁମେ କୁହ ''ନା'', ଯେପରିକି ତୁମେ ପ୍ରବଳ ଶକ୍ତି ପ୍ରୟୋଗ କରି ସଂପର୍କଟିକୁ ଛିନ୍ନ କରୁଛ ଏବଂ ଏହା ନିଃଶେଷ ହୋଇଯାଏ । ଯଦି ତୁମେ ସେହି ସମୟରେ ସଜାଗ ନ ଥାଅ, ପର ମୁହୂର୍ତ୍ତରେ କିଂବା କେତେକ ମୁହୂର୍ତ୍ତ ପରେ ନିଜ ଭିତରେ ଏକ ଅଦ୍ଭୁତ ଅସୁସ୍ଥତା ଅନୁଭବ କରିବ – ପିଠିରେ ଏକ ଅପ୍ରୀତିକର ଶୀତଳତା, ସାମାନ୍ୟ ଟିକେ ଅସ୍ୱସ୍ତି, ବିଶୃଙ୍ଖଳାର ପ୍ରାରମ୍ଭ; ତୁମେ କୌଣସି ଏକ ସ୍ଥାନରେ ବିଶୃଙ୍ଖଳା ଅନୁଭବ କର ଯେପରିକି ସ୍ୱାଭାବିକ ଶୃଙ୍ଖଳା ଭଙ୍ଗ ହୋଇଛି । ତା'ହେଲେ ତୁମକୁ ଆହୁରି ବେଶୀ ଏକାଗ୍ର ହେବାକୁ ପଡ଼ିବ ଏବଂ ଦୁର୍ବାର ଇଚ୍ଛା ସହିତ ବିଶ୍ୱାସ ରଖିବାକୁ ହେବ ଯେ କୌଣସି ଜିନିଷ ତୁମର କିଛି କ୍ଷତି କରିପାରିବ ନାହିଁ, ତୁମକୁ ସ୍ପର୍ଶ କରିପାରିବ ନାହିଁ । ଏତିକି ହିଁ ଯଥେଷ୍ଟ, ସେହି ମୁହୂର୍ତ୍ତରେ ତୁମେ ରୋଗକୁ ଫୋପାଡ଼ି ଦେଇ ପାରିବ । କିନ୍ତୁ ତୁମକୁ ସଙ୍ଗେ ସଙ୍ଗେ ଏହା କରିବାକୁ ହେବ, ବୁଝୁଛ, ତୁମେ ପାଞ୍ଚ ମିନିଟ ବି ଅପେକ୍ଷା କରିବ ନାହିଁ, ଏହାକୁ ତତ୍‌କ୍ଷଣାତ୍ କରିବାକୁ ହେବ । ଯଦି ତୁମେ ବେଶୀ ସମୟ ଅପେକ୍ଷା କର ଏବଂ କୌଣସି ଜାଗାରେ ଏକ ପ୍ରକୃତ ଅସ୍ୱସ୍ତି ଅନୁଭବ କରିବାକୁ ଆରମ୍ଭ କର, ଯଦି ସତରେ କୌଣସି ଜିନିଷ ବିଶୃଙ୍ଖଳିତ ହୋଇଥାଏ, ତେବେ ବସିପଡ଼ି, ଏକାଗ୍ର ହୋଇ ଶକ୍ତିକୁ ଆହ୍ୱାନ କରିବା ଭଲ । ଯେଉଁ ସ୍ଥାନ ବିଶୃଙ୍ଖଳିତ ହେବାକୁ ଯାଉଛି ଅର୍ଥାତ୍ ଯାହା ଅସୁସ୍ଥ ହେବାକୁ ଯାଉଛି ତାହା ଉପରେ ଏହି ଶକ୍ତିକୁ କେନ୍ଦ୍ରୀଭୂତ କର । କିନ୍ତୁ ତୁମେ ଯଦି କିଛି ବି କରିବ ନାହିଁ, ରୋଗ ପ୍ରକୃତରେ କେଉଁଠାରେ ହେଲେ କିଛି କାଳ ଆସ୍ଥାନ ଜମାଇବ; ଏବଂ ଏସବୁ ହେଲା, କାରଣ ତୁମେ ଯଥେଷ୍ଟ ସଜାଗ ନ ଥିଲ । ସମୟ ସମୟରେ ଜଣକୁ ପୁନର୍ବାର ଅନୁକୂଳ ମୁହୂର୍ତ୍ତଟିକୁ ପାଇବା ଲାଗି ପୂରା ବକ୍ର ପ୍ରବେଶପଥଟିକୁ ଅନୁସରଣ କରିବାକୁ ହୁଏ । ମୁଁ କେଉଁଠି କହିଛି ଯେ ଭୌତିକ ପରିସର ମଧ୍ୟରେ ସବୁକିଛି ହେଉଛି ପ୍ରଣାଳୀର କଥା – ସମସ୍ତ କିଛି ଉପଲବ୍ଧି କରିବା ଲାଗି ଏକ ପଦ୍ଧତିର ଦରକାର ହୁଏ । ଯଦି ରୋଗଟି ଜଡ଼ ଭୌତିକକୁ ସ୍ପର୍ଶ କରିବାରେ ସକ୍ଷମ ହୋଇଛି, ତା'ହେଲେ ଏହାକୁ ପରିତ୍ୟାଗ କରିବା ଲାଗି ତୁମକୁ ଆବଶ୍ୟକ କାର୍ଯ୍ୟକ୍ରମର ଅନୁସରଣ କରିବାକୁ ହେବ । ଏହାକୁ ଚିକିତ୍ସା ବିଜ୍ଞାନ ଯେଉଁ ନାମ ଦେଇଛି ତାହା ହେଲା ''ରୋଗର ସମୟ ସୀମା'' (Course of the illness) । ଜଣେ ଏହି ସମୟ ସୀମାକୁ ଆଧ୍ୟାତ୍ମିକ ଶକ୍ତି ସାହାଯ୍ୟରେ କମାଇ ଦେଇପାରେ କିନ୍ତୁ ତେବେ ମଧ୍ୟ ନିଶ୍ଚିତ ରୂପେ ଏକ ପଦ୍ଧତି ଅନୁସରଣ କରିବାକୁ ହୁଏ । ଚାରିଗୋଟି ବିଭିନ୍ନ ସ୍ତର ରହିଛି । ସର୍ବପ୍ରଥମଟି ତାତ୍କାଳିକ । ଦ୍ୱିତୀୟଟି କେତେ ମିନିଟ ମଧ୍ୟରେ ହୋଇପାରିବ, ତୃତୀୟଟି ଅନେକ ଘଣ୍ଟା ଓ

ଚତୁର୍ଥଟି ଅନେକ ଦିନ ନେଇପାରେ । ତା'ପରେ ସେହି ଜିନିଷଟି ଯଦି ଏଠାରେ କିଛି କାଳ ଆସ୍ଥାନ ନିଏ, ତେବେ ସବୁକିଛି ଖାଲି ଶରୀରର ଗ୍ରହଣଶୀଳତା ଉପରେ ନିର୍ଭର କରେ ନାହିଁ, ବରଂ ଯେଉଁ ଅଂଶଟି ବିଶୃଙ୍ଖଳାର କାରଣ ତା'ର ସମ୍ମତି ଉପରେ ବେଶୀଭାଗ ନିର୍ଭର କରେ । ତୁମେ ଦେଖ, ଯେତେବେଳେ କୌଣସି ଜିନିଷ ବାହାରୁ ଆସେ, ଭିତରେ ଥିବା ଅନ୍ୟ ଏକ ଜିନିଷ ପ୍ରତି ଏହାର ଆକର୍ଷଣ ଥାଏ । ଏହା ଯଦି ଭେଦକରି ଆସିବା ଲାଗି, ଜଣକର ଅଜାଣତରେ ଭିତରେ ପଶିବା ଲାଗି ସକ୍ଷମ ହୁଏ, ତାହାର ଅର୍ଥ ହେଉଛି ଏହା ପ୍ରତି କେଉଁଠି ଏକ ଆକର୍ଷଣ ରହିଛି ଏବଂ ସତ୍ତାର ସେହି ଅଂଶ ଯାହା ପ୍ରତ୍ୟୁତ୍ତର ଦେଇଛି ତାହାକୁ ହିଁ ହୃଦ୍‌ବୋଧ କରାଇବାକୁ ହେବ ।

(Talk of 25.01.1962)

## ମନସ୍ତାତ୍ତ୍ୱିକ ଅବସ୍ଥା ଓ ସ୍ନାୟବିକ ଆବରଣ

**ଶ୍ରୀମା :** ପ୍ରାଣମୟ ଶରୀର ଭୌତିକ ଶରୀରକୁ ଏକ ପ୍ରକାର ଆବରଣରେ ଆଚ୍ଛାଦନ କରି ରଖେ ଯାହାର ଘନତ୍ୱ ଭୀଷଣ ଏକ ଗରମ ଦିନରେ ଉତ୍ତାପର ଯେଉଁ ସ୍ପନ୍ଦନଗୁଡ଼ିକୁ ଜଣେ ଦେଖିପାରେ ତା'ର ଘନତ୍ୱ ସହ ପ୍ରାୟ ସମାନ ।... ଏହା ହିଁ ଶରୀରକୁ ସମସ୍ତ ସଂକ୍ରମଣ, କ୍ଳାନ୍ତି, ଅବସନ୍ନତା ଓ ଏପରିକି ଦୁର୍ଘଟଣାରୁ ରକ୍ଷା କରେ । ତେଣୁ ଯଦି ଏହି ଆବରଣ ସଂପୂର୍ଣ୍ଣ ଅକ୍ଷତ ଥାଏ, ଏହା ତୁମକୁ ସବୁକିଛିରୁ ରକ୍ଷା କରେ କିନ୍ତୁ ସାମାନ୍ୟ ଅଧିକ ଏକ ତୀବ୍ର ଆବେଗ, ଟିକିଏ କ୍ଳାନ୍ତି, କିଛି ଅସନ୍ତୁଷ୍ଟ ଭାବ କିଂବା କୌଣସି ପ୍ରକାରର ମାନସିକ ଧକ୍କା ଏହାକୁ କ୍ଷତ ବିକ୍ଷତ କରିବା ଲାଗି ଯଥେଷ୍ଟ ଏବଂ ସାମାନ୍ୟତମ କ୍ଷତ ମଧ୍ୟ ଅନଧିକାର ପ୍ରବେଶକୁ ଅନୁମତି ଦିଏ । ଚିକିତ୍ସା ବିଜ୍ଞାନ ମଧ୍ୟ ଏବେ ସ୍ୱୀକାର କରେ ଯେ ଯଦି ତୁମେ ସଂପୂର୍ଣ୍ଣ ପ୍ରାଣିକ ସମତା ମଧ୍ୟରେ ବାସ କରୁଛ, ତୁମେ ରୋଗଗ୍ରସ୍ତ ହୁଅ ନାହିଁ, କିଂବା ଅନ୍ତତଃପକ୍ଷେ ସଂକ୍ରମଣ ବିରୋଧରେ ତୁମର ଏକ ପ୍ରତିରୋଧକ ଶକ୍ତି ରହିଥାଏ । ଯଦି ତୁମର ଏହି ସମତା ଅଛି, ଏହି ଆନ୍ତର ସଂଗତି ଯାହା ସ୍ନାୟବିକ ଆବରଣକୁ ଅକ୍ଷତ ରଖେ ତେବେ ଏହା ତୁମକୁ ସମସ୍ତ କିଛିରୁ ରକ୍ଷା କରେ । ଲୋକ ଅଛନ୍ତି ଯେଉଁମାନେ ସଂପୂର୍ଣ୍ଣ ସାଧାରଣ ଜୀବନ ନିର୍ବାହ କରନ୍ତି, ଯେପରି ଶୋଇବା ଦରକାର ସେପରି ଶୁଅନ୍ତି, ଯେପରି ଖାଇବା ଦରକାର ସେପରି ଖାଆନ୍ତି । ସେମାନଙ୍କର ସ୍ନାୟବିକ ଆବରଣ ଏପରି ଅକ୍ଷତ ଥାଏ ଯେ ସେମାନେ କୌଣସି କଥାରେ ଉଦ୍‌ବିଗ୍ନ ନ ହେବା ପରି ସକଳ ବିପଦକୁ ଅତିକ୍ରମ କରି ଚାଲିଯାଆନ୍ତି । ଏହି ସାମର୍ଥ୍ୟକୁ ଜଣେ ନିଜ ଭିତରେ ଅନୁଶୀଳନ କରିପାରିବ । ଯଦି ତୁମେ ତୁମର ଆବରଣ ମଧ୍ୟରେ ଥିବା ଦୁର୍ବଳ ବିନ୍ଦୁଟି ବିଷୟରେ ସଜାଗ ହୁଅ, ଅଳ୍ପ କେତେ ସମୟର ଏକାଗ୍ରତା, ଶକ୍ତିର ଆବାହନ, ଆନ୍ତର ଶାନ୍ତି ଏହାକୁ ଠିକ୍ କରିବା ଲାଗି, ନିରାମୟ କରିବା ଲାଗି ଏବଂ ଅସୁବିଧାଜନକ ଜିନିଷଟି ଅପସରି ଯିବା ଲାଗି ବେଳେ ବେଳେ ଯଥେଷ୍ଟ ହୋଇଥାଏ ।

(Talk of 08.02.1962) ❖

କଥାବାର୍ତ୍ତା କରିବା ସମୟରେ ବ୍ୟକ୍ତିର ଅଭ୍ୟାସ ଥାଏ ଏକ ନିମ୍ନ ତଥା ସ୍ଥୂଳତର ଚେତନା ମଧ୍ୟକୁ ଖସି ଆସିବାକୁ, କାରଣ କଥାବାର୍ତ୍ତା ଆସିଥାଏ ସ୍ଥୂଳ ମନର ସ୍ତରରୁ । କିନ୍ତୁ ଏହାକୁ ସଂପୂର୍ଣ୍ଣ ରୂପେ ଏଡ଼ାଇ ଦେବା ଅସମ୍ଭବ । ଯାହା ତୁମକୁ କରିବାକୁ ହେବ ତାହା ହେଉଛି ସଙ୍ଗେ ସଙ୍ଗେ ଆନ୍ତର ଚେତନାକୁ ଫେରି ଯିବା ପାଇଁ ଚେଷ୍ଟା କରିବା – ଏହା ସେଇ ପର୍ଯ୍ୟନ୍ତ କରିବାକୁ ପଡ଼ିବ ଯେତେବେଳ ଯାଏ ତୁମେ ସର୍ବଦା ଆନ୍ତର ସତ୍ତାରେ ରହି, କିଂବା ଅନ୍ତତଃ ପକ୍ଷେ ତୁମ ଆନ୍ତର ସତ୍ତାର ସହଯୋଗ ସହ କଥାବାର୍ତ୍ତା କରିବାକୁ ସକ୍ଷମ ନ ହୋଇଛ ।

– ଶ୍ରୀଅରବିନ୍ଦ

# ବିଶ୍ୱାସ, ମାନସିକ ପ୍ରଚେଷ୍ଟା ଓ ଶରୀର

*ମା, ଏକ ମାନସିକ ପ୍ରଚେଷ୍ଟା ଦ୍ୱାରା — ଉଦାହରଣ ସ୍ୱରୂପ, ଜଣେ ଯେତେବେଳେ ଅସୁସ୍ଥ ଏବଂ ଔଷଧ ନ ଖାଇବା ଲାଗି ସଂକଳ୍ପ କରେ — ଶରୀରକୁ ବୁଝାଇବା ଲାଗି ଜଣେ ସକ୍ଷମ ହୋଇପାରିବ କି ?*

**ଶ୍ରୀମା :** ତାହା ଯଥେଷ୍ଟ ନୁହେଁ । ନା, ଏକ ମାନସିକ ସଂକଳ୍ପ ଯଥେଷ୍ଟ ନୁହେଁ । ତୁମ ଶରୀର ଭିତରେ ଅନେକ ସୂକ୍ଷ୍ମ ପ୍ରତିକ୍ରିୟା ଚାଲିଛି ଯାହା ମାନସିକ ସଂକଳ୍ପର ଆଦେଶ ପାଳନ କରେ ନାହିଁ, ଏହା ଯଥେଷ୍ଟ ନୁହେଁ । ଆହୁରି ଅଲଗା କିଛି ଆବଶ୍ୟକ ।

ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ । ମନର ଶକ୍ତି ଅପେକ୍ଷା ଅନ୍ୟ ଏକ ଉଚ୍ଚତର ଶକ୍ତି ଆବଶ୍ୟକ ।

ଏହି ଦୃଷ୍ଟିକୋଣରୁ, ମନ ମଧ୍ୟରେ ସବୁକିଛି ସର୍ବଦା ଅନ୍ତରର ପ୍ରଶ୍ନବାଚୀ କବଳରେ ରହିଥାଏ । ତୁମେ ଏକ ସଂକଳ୍ପ ନେଲ, କିନ୍ତୁ ତୁମେ ନିଶ୍ଚିତ ହୋଇପାରିବ ଯେ କିଛି ଜିନିଷ ସର୍ବଦା ଅନଧିକାର ପ୍ରବେଶ କରିବ, ତାହା ହୁଏତ ଖୋଲା-ଖୋଲି ଏହି ସଂକଳ୍ପକୁ ପ୍ରତିରୋଧ କରିବ ନାହିଁ, କିନ୍ତୁ ଏହାର ଉଦ୍ଦେଶ୍ୟ-ସାଧନ ଉପରେ ସନ୍ଦେହ ନିକ୍ଷେପ କରିବ । ସାମାନ୍ୟତମ ସନ୍ଦେହର ବଶ୍ୟତା ସ୍ୱୀକାର କରିବା ହିଁ ସଂକଳ୍ପର ଅର୍ଦ୍ଧେକ ପ୍ରଭାବ ହରାଇବା ସକାଶେ ଯଥେଷ୍ଟ । ଯଦି କୌଣସି ସମୟରେ ତୁମେ କୁହ, ''ମୁଁ ଚାହେଁ'' ଠିକ୍ ସେହି ସମୟରେ କେଉଁଠାରେ ନୀରବ ଭାବେ ପଛରେ, ପୃଷ୍ଠପଟେ ଛପି ରହିଥିବା କିଛି ଜିନିଷ ନିଜକୁ ପ୍ରଶ୍ନ କରେ, ''ଫଳ କ'ଣ ହେବ ?'' — ତାହାହିଁ ସମସ୍ତ କିଛିକୁ ଧ୍ୱଂସ କରିବା ଲାଗି ଯଥେଷ୍ଟ ।

ମନର କାର୍ଯ୍ୟକଳାପର ଏହି ଖେଳା ଅତ୍ୟନ୍ତ ସୂକ୍ଷ୍ମ ଏବଂ କୌଣସି ସାଧାରଣ ମାନବୀୟ ଉପାୟ ଏହାକୁ ସଂପୂର୍ଣ୍ଣଭାବେ ନିୟନ୍ତ୍ରଣ କରିବା ଲାଗି ସକ୍ଷମ ହୋଇପାରିବ ନାହିଁ ।...

ସମସ୍ତ ବାହ୍ୟିକ ସ୍ପନ୍ଦନ ନିଜ ମଧ୍ୟକୁ ପ୍ରବେଶ କରିବାରୁ ନିବୃତ୍ତ ହେବା ଲାଗି ଯଥେଷ୍ଟ ବଳଶାଳୀ ଏକ ମାନସିକ ନୀରବତା ଅପରିହାର୍ଯ୍ୟ । ଆଚ୍ଛା, ଏହାକୁ ହାସଲ କରିବା ଏତେ କଷ୍ଟକର ଯେ ଜଣେ ଯଦି ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ ଯାହା ''ଅପରାର୍ଦ୍ଧ'' (The Lower hemisphere) ତାହାକୁ ଅତିକ୍ରମ କରି ପରାର୍ଦ୍ଧକୁ ଅର୍ଥାତ୍ କେବଳ ଅଖଣ୍ଡ ଆଧ୍ୟାତ୍ମିକ ଜଗତକୁ ଯାଇପାରିବ, ତା'ହେଲେ ଏହା ଘଟିବ ନାହିଁ ।

ନା, ମାନସ ରାଜ୍ୟରେ ବିଜୟ ଲାଭ ହୋଇ ନଥାଏ, ଏହା ଅସମ୍ଭବ । ଏହା ସକଳ ପ୍ରଭାବ, ସକଳ ବିରୋଧୀ ପ୍ରବାହ ପ୍ରତି ଉନ୍ମୁକ୍ତ । ବ୍ୟକ୍ତି ତିଆରି କରିଥିବା ସକଳ ମାନସିକ ଗଠନ ସେମାନଙ୍କ ସହିତ ନିଜର ବିପରୀତ ଗଠନଗୁଡ଼ିକୁ ବହନ କରି ଥାଆନ୍ତି । ଜଣେ ଏହାକୁ ବ୍ୟର୍ଥ କରିବା ଲାଗି ଚେଷ୍ଟା କରିପାରେ, କିଂବା ଏହାକୁ ଯଥାସମ୍ଭବ କ୍ଷତିକାରକ ନ କରିବା ପାଇଁ ଚେଷ୍ଟା କରିପାରେ, କିନ୍ତୁ ଏହା ରହିଥାଏ । ଏହା ସେଠାରେ ଥାଏ, ଏବଂ ସାମାନ୍ୟତମ ଦୁର୍ବଳତାରେ, ସତର୍କତାର ଅଭାବରେ କିଂବା ଅସାବଧାନତାରେ ଏହା ପ୍ରବେଶ କରେ ଏବଂ ସମସ୍ତ କାର୍ଯ୍ୟକୁ ବିନଷ୍ଟ କରିଦିଏ । ମନ ଦ୍ୱାରା ଜଣେ ଖୁବ୍ କମ୍ ଫଳ ଲାଭକରେ, ଏବଂ ସେଗୁଡ଼ିକ ସର୍ବଦା ମିଶ୍ରିତ । ଆହୁରି ଅଲଗା କିଛି ଆବଶ୍ୟକ । ସୁରକ୍ଷିତ ହୋଇ କାର୍ଯ୍ୟ କରିବାକୁ ହେଲେ ତୁମକୁ ମନରୁ ବାହାରି ଆସି ବିଶ୍ୱାସର ରାଜ୍ୟକୁ କିଂବା ଉଚ୍ଚତର ଚେତନାର ରାଜ୍ୟକୁ ନିଶ୍ଚିତ ରୂପେ ଯିବାକୁ ହେବ ।

ଏହା ସୁସ୍ପଷ୍ଟ ଯେ ଶରୀର ଉପରେ କାର୍ଯ୍ୟ କରିବାର ସବୁଠାରୁ ଶକ୍ତିଶାଳୀ ଉପାୟମାନଙ୍କ ମଧ୍ୟରେ ବିଶ୍ୱାସ ଅନ୍ୟତମ । ଯେଉଁ ଲୋକମାନଙ୍କର ଏକ ସରଳ ହୃଦୟ ଥାଏ, ଖୁବ୍ ଜଟିଳ ମନ ନ ଥାଏ — ତୁମେ ଜାଣ, ସାଧାରଣ ଲୋକେ ଯାହାଙ୍କର ଏକ ମହାନ୍, ଖୁବ୍ ଜଟିଳ ମାନସିକ ଉନ୍ନତି ହୋଇ ନ ଥାଏ, କିନ୍ତୁ ଅତ୍ୟନ୍ତ ଅଟଳ ବିଶ୍ୱାସ ଥାଏ — ସେହିମାନଙ୍କର ଶରୀର ଉପରେ ଯଥେଷ୍ଟ କର୍ତ୍ତୃତ୍ୱ ରହିଥାଏ, ଖୁବ୍ ଯଥେଷ୍ଟ । ତେଣୁ ଜଣେ କେବେ କେବେ ଆଶ୍ଚର୍ଯ୍ୟ ହୁଏ : ''ଦେଖ, ଏହି ମହାନ୍ ସିଦ୍ଧି ଲାଭ କରିଥିବା ଅସାଧାରଣ ବ୍ୟକ୍ତିଙ୍କୁ, ଯିଏକି ସାମାନ୍ୟତମ ଶାରୀରିକ ଅସୁବିଧାର ଦାସ ହୋଇ ଯାଉଛନ୍ତି, କିନ୍ତୁ ଦେଖ ଅନ୍ୟ ବ୍ୟକ୍ତିଟିକୁ ଯିଏକି ନିହାତି ସରଳ ଲୋକ ଏବଂ ଏତେ ଅପରିଚ୍ଛନ୍ନ ମନେହୁଏ, କିନ୍ତୁ ତା'ର ଏକ ବିରାଟ ବିଶ୍ୱାସ ରହିଛି, ଏବଂ ସେ ବାଧାବିପତ୍ତିକୁ ବିଜେତା ଭଳି ଅତିକ୍ରମ କରିଯାଏ !''

ମୁଁ କହୁ ନାହିଁ ଯେ ଜଣେ ଉଚ୍ଚ ସଂସ୍କୃତିବାନ୍ ବ୍ୟକ୍ତିଙ୍କର ବିଶ୍ୱାସ ରହିପାରେ ନାହିଁ, କିନ୍ତୁ ଏହା ଅଧିକ କଷ୍ଟକର, କାରଣ ସର୍ବଦା ସେହି ମାନସିକ ଅଂଶ ଯାହା ବିରୋଧ କରେ, ଯୁକ୍ତି କରେ, ବୁଝିବା ଲାଗି ଚେଷ୍ଟା କରେ, ଯାହାକୁ ବୁଝାଇବା

କଷ୍ଟକର, ଯାହା ପ୍ରମାଣ ଚାହେଁ, ତାହା ହିଁ ରହିଛି । ତାଙ୍କର ବିଶ୍ୱାସ ଅପେକ୍ଷାକୃତ କମ୍ ଶୁଦ୍ଧ । ତା'ହେଲେ ବିବର୍ତ୍ତନର କୁଣ୍ଡଳୀରେ ଏକ ଉଚ୍ଚତର ସ୍ତରକୁ, ମାନସିକରୁ ଆଧ୍ୟାତ୍ମିକ ସ୍ତରକୁ ଉଠିଯିବା ଦରକାର; ସେତେବେଳେ, ସ୍ୱାଭାବିକ ଭାବେ, ବିଶ୍ୱାସ ଏକ ମହାନ୍ ଉଚ୍ଚ ଶ୍ରେଣୀର ଗୁଣ ଆହରଣ କରିବ କିନ୍ତୁ ମୁଁ ଯାହା କହୁଛି ତାହା ହେଲା ଦୈନନ୍ଦିନ ଜୀବନରେ, ସାଧାରଣ ଜୀବନରେ ଜଣେ ଖୁବ୍ ସରଳ ଲୋକ ଯାହାର ଖୁବ୍ ଉତ୍ସାହପୂର୍ଣ୍ଣ ବିଶ୍ୱାସ ରହିଛି, ତାହାର ହିଁ ନିଜ ଶରୀର ଉପରେ ପ୍ରଭୁତ୍ୱ ରହିପାରିବ — ଏହା ପ୍ରକୃତରେ ଏକ 'ପ୍ରଭୁତ୍ୱ' (Mastery) ନ ହୋଇଥିବା ସତ୍ତ୍ୱେ ମଧ୍ୟ; ସହଜଭାବେ ଏହା ଏକ ସ୍ୱତଃସ୍ଫୂର୍ତ୍ତ ଗତିବିଧି — ଅନ୍ୟ ଜଣେ ଯେ କି ଅଧିକ ଉଚ୍ଚାଙ୍ଗ ବିକାଶ ଲାଭ କରିପାରିଛି ତାହା ଅପେକ୍ଷା ଶରୀର ଉପରେ ତା'ର ଏହି ନିୟନ୍ତ୍ରଣ ଅନେକ ମହତ୍ତର ।

(CWM. Vol. - 9, p. 124 - 126)

*ଖାଲି ବିଶ୍ୱାସ କ'ଣ ସମସ୍ତ କିଛିକୁ ସୃଷ୍ଟି କରିପାରିବ ଏବଂ ସମସ୍ତ କିଛିକୁ ପରାସ୍ତ କରିପାରିବ ?*

ହଁ, କିନ୍ତୁ ଏହା ଏକ ପୂର୍ଣ୍ଣାଙ୍ଗ ଏବଂ ସଂପୂର୍ଣ୍ଣ ବିଶ୍ୱାସ ହେବା ଉଚିତ । ଏବଂ ଏହା ଉଚିତ ଧରଣର ହେବା ଉଚିତ, ଖାଲି ମାନସିକ ଚିନ୍ତା କିଂବା ଇଚ୍ଛାର ଶକ୍ତି ନୁହେଁ, କିନ୍ତୁ ଏପରି କିଛି ଯାହା ଏହାଠାରୁ ଅଧିକ ଓ ଗଭୀରତର । ମନ ଦ୍ୱାରା ଉପସ୍ଥାପିତ ଇଚ୍ଛା ବିପରୀତ ପ୍ରତିକ୍ରିୟାଗୁଡ଼ିକୁ ପ୍ରତିଷ୍ଠିତ କରେ ଏବଂ ଏକ ପ୍ରତିରୋଧ ସୃଷ୍ଟି କରେ । ରୋଗ ଭଲ କରିବା ପାଇଁ 'କୁଏ'ଙ୍କ ପଦ୍ଧତି ବିଷୟରେ ତୁମେ ନିଶ୍ଚିତଭାବେ ଶୁଣିଥିବ । ଏହି ଶକ୍ତିର କିଛି ଗୁପ୍ତ ରହସ୍ୟ ସେ ଜାଣିଥିଲେ ଏବଂ ଏହାକୁ ଯଥେଷ୍ଟ ଫଳପ୍ରଦଭାବେ ଉପଯୋଗ କରିଥିଲେ; କିନ୍ତୁ ସେ ଏହାକୁ କଳ୍ପନା ବୋଲି କହୁଥିଲେ ଏବଂ ସେ ଯେଉଁ ବିଶ୍ୱାସକୁ ଆହ୍ୱାନ କରୁଥିଲେ ତାଙ୍କ ପ୍ରଣାଳୀ ତାହାକୁ ଏକ ଅତ୍ୟନ୍ତ ମାନସିକ ରୂପ ଦେଇଥିଲା । ମାନସିକ ବିଶ୍ୱାସ ଯଥେଷ୍ଟ ନୁହେଁ; ଏହାକୁ ପ୍ରାଣିକ, ଏପରିକି ଶାରୀରିକ ତଥା ଶରୀରର ଏକ ବିଶ୍ୱାସ ସହିତ ମିଶାଇ କାର୍ଯ୍ୟକାରୀ କରିବାକୁ ହେବ । ତୁମେ ଯଦି ନିଜେ ତୁମର ସଂପୂର୍ଣ୍ଣ ସତ୍ତା ମଧ୍ୟରେ ଏହି ପ୍ରକାରର ଏକ ପୂର୍ଣ୍ଣାଙ୍ଗ ଶକ୍ତି ଗଢ଼ିପାରିବ, ତା'ହେଲେ ଏହାକୁ କିଛି ପ୍ରତିରୋଧ କରିପାରିବ ନାହିଁ; କିନ୍ତୁ ତୁମକୁ ସବୁଠାରୁ ବେଶୀ ଅବଚେତନା ମଧ୍ୟକୁ ଯିବାକୁ ହେବ, ଶରୀରର ପ୍ରତିଟି କୋଷରେ ବିଶ୍ୱାସ ପ୍ରତିଷ୍ଠା କରିବାକୁ ହେବ ।

(CWM. Vol. - 3, p. 36)

*

**ଶ୍ରୀଅରବିନ୍ଦ :** କୋଷ ମଧ୍ୟରେ ବିଶ୍ୱାସର ପ୍ରଣାଳୀ ପ୍ରତିଷ୍ଠା କିପରି ଚାନ୍ଦରୁ ଖଣ୍ଡେ ଖାଇବା ସହ ସମାନ ହୋଇପାରିବ, ତାହା ମୁଁ ବୁଝିପାରୁ ନାହିଁ । କୌଣସି ବ୍ୟକ୍ତି କେବେ ବି ଚାନ୍ଦରୁ ଖଣ୍ଡେ ପାଇ ନାହିଁ କିନ୍ତୁ କୋଷରାଜିରେ ବିଶ୍ୱାସ ଦ୍ୱାରା ରୋଗ ଆରୋଗ୍ୟ କରିବା ଏକ ବାସ୍ତବ କଥା ଏବଂ ପ୍ରକୃତିର ଏକ ନିୟମ ଏବଂ ଏପରିକି ଯୋଗ ବ୍ୟତୀତ ବି ଅନେକ ସମୟରେ ଏହା ପ୍ରଦର୍ଶିତ ହୋଇଛି । ବିଶ୍ୱାସ ଏବଂ ଅନ୍ୟ ସବୁକିଛି ଜିନିଷ ଆହରଣ କରିବାର ପଥ ହେଉଛି ସେଗୁଡ଼ିକୁ ପାଇବା ଉପରେ ଜୋର୍ ଦେବା ଏବଂ ନ ପାଇବା ପର୍ଯ୍ୟନ୍ତ ଅବନତ ହେବା କି ବିଷାଦଗ୍ରସ୍ତ ହେବା ଅଥବା ତା'ର ଆଶା ଛାଡ଼ି ଦେବାକୁ ପୂରାପୂରି ଅଗ୍ରାହ୍ୟ କରିବା । ଏହି କଷ୍ଟକର ପୃଥିବୀ ଉପରେ ଭାବନାଶୀଳ ଓ ଆସ୍ପୃହାବାନ୍ ପ୍ରାଣୀ ରହିବା ପରଠାରୁ ଏହିଭାବେ ସମସ୍ତ ଜିନିଷ ହାସଲ କରାହୋଇଛି । ସର୍ବଦା, ସର୍ବଦା ଆଲୋକ ଦିଗରେ ନିଜକୁ ଉନ୍ମୁକ୍ତ କରିବାକୁ ଏବଂ ଅନ୍ଧକାରରୁ ମୁହଁ ଫେରାଇ ଆଣିବାକୁ ହେବ । ଯେଉଁ ସ୍ୱରଗୁଡ଼ିକ ଅବିରତ ଭାବେ କୁହେ, ''ତୁମେ ପାରିବ ନାହିଁ, ତୁମେ ହେବ ନାହିଁ, ତୁମେ ସକ୍ଷମ ନୁହଁ, ତୁମେ ଏକ ସ୍ୱପ୍ନର ପୁତ୍ତଳିକା ମାତ୍ର'' ସେଗୁଡ଼ିକୁ ଅସ୍ୱୀକାର କରିବ — କାରଣ ସେଗୁଡ଼ିକ ହେଉଛନ୍ତି ସେହି ଶତ୍ରୁମାନଙ୍କ କଣ୍ଠସ୍ୱର, ଯେଉଁ ଶତ୍ରୁମାନେ ସ୍ୱୀୟ କୋଳାହଳ ନାଦରେ ଏବଂ ବିଜୟୋଲ୍ଲାସ ସହିତ ସେମାନଙ୍କ ପ୍ରସ୍ତାବର ପ୍ରମାଣ ସ୍ୱରୂପ ନିଷ୍ଫଳତାକୁ ପ୍ରତିପାଦିତ କରି ବ୍ୟକ୍ତିକୁ ଆଗତ ଫଳପ୍ରାପ୍ତିରୁ ବଞ୍ଚିତ କରନ୍ତି । ଉଦ୍ୟମର ଅସୁବିଧା ହିଁ ଏକ ସର୍ବଜ୍ଞାତ ତତ୍ତ୍ୱ, କିନ୍ତୁ କଷ୍ଟକର ଜିନିଷଟି ଅସମ୍ଭବ ନୁହେଁ — କଷ୍ଟକର ଜିନିଷ ସର୍ବଦା ହାସଲ କରାଯାଇଛି ଏବଂ ବାଧାବିଘ୍ନରାଜି ଉପରେ ବିଜୟ ହାସଲ ହିଁ ପୃଥିବୀ ଇତିହାସରେ ଯାହାସବୁ ମୂଲ୍ୟବାନ୍, ସେଗୁଡ଼ିକୁ ପୂରଣ କରିଥାଏ ।

(Letters on Yoga, part - II, pp. 99 - 100) ✤

# ଅଧ୍ୟାତ୍ମ ଆରୋଗ୍ୟୀକରଣ

*ମା, ନିଜ ମଧ୍ୟରେ ଆରୋଗ୍ୟ କରିବାର କ୍ଷମତା ବିକଶିତ କରିପାରିବା କ'ଣ ସମ୍ଭବପର ?*

**ଶ୍ରୀମା :** ସିଦ୍ଧାନ୍ତ ରୂପେ, ଭଗବତ୍ ଶକ୍ତି ସହିତ ସଚେତନ ଭାବେ ଏକୀଭୂତ ହେବା ଦ୍ୱାରା ସମସ୍ତ କିଛି ସମ୍ଭବ ହୋଇଥାଏ ।

କିନ୍ତୁ ଏକ ପ୍ରଣାଳୀ ବାହାର କରିବାକୁ ହେବ, ଏବଂ ଏହା ରୋଗ ଓ ବ୍ୟକ୍ତି ଉପରେ ନିର୍ଭର କରେ ।

ପ୍ରଥମ ସର୍ତ୍ତ ହେଉଛି ଏକ ଶାରୀରିକ ପ୍ରକୃତି ରଖିବା ଯାହାକି ଅନ୍ୟମାନଙ୍କଠାରୁ ଶକ୍ତି ଟାଣିବା ପରିବର୍ତ୍ତେ ସେମାନଙ୍କୁ ବରଂ ଶକ୍ତି ଦେଉଥିବ ।

ଦ୍ୱିତୀୟ ଅନିବାର୍ଯ୍ୟ ସର୍ତ୍ତ ହେଉଛି ଊର୍ଦ୍ଧ୍ୱରୁ ତଥା ଅକ୍ଷୟ ଅବ୍ୟକ୍ତିକ ଉତ୍ସରୁ କିପରି ଶକ୍ତି ଟାଣିବାକୁ ହୁଏ ତାହା ଜାଣିବା ।

ଏହିଭାବେ ବ୍ୟକ୍ତି ଯେତେ ବେଶୀ ବ୍ୟୟ କରେ ସେତେ ବେଶୀ ଗ୍ରହଣ କରେ, ଏବଂ ଦାନ କରିବା ଦ୍ୱାରା ସେ ଶୂନ୍ୟପାତ୍ରଟିଏ ନ ହୋଇ ବରଂ ଏକ ଅସରନ୍ତି ମାଧ୍ୟମ ହୋଇଯାଏ ।

ଏକ ଦୃଢ଼ ଆସ୍ପୃହା ମଧ୍ୟରେ ବ୍ୟକ୍ତି ଶିକ୍ଷାଲାଭ କରେ ।

(CWM. Vol. - 16, p. 431)

*

**ଶ୍ରୀମା :** ଆରୋଗ୍ୟୀକରଣ ମସ୍ତକରୁ ଆସି ନଥାଏ, କିନ୍ତୁ ହୃଦୟରୁ ଆସିଥାଏ ।

(CWM. Vol. - 16, p. 19)

## ଆଧ୍ୟାତ୍ମିକ ଶକ୍ତିର ଉପଯୋଗ

**ଶ୍ରୀଅରବିନ୍ଦ :** ଆଧ୍ୟାତ୍ମିକ ଶକ୍ତିର ନିଜସ୍ୱ ଏକ ଦୃଢ଼ ବାସ୍ତବତା ଅଛି; ଏହା ଏକ ଆକାର ଗ୍ରହଣ କରିପାରିବ (ଉଦାହରଣ ସ୍ୱରୂପ, ଏକ ଝରଣା ପରି) ଯାହା ବିଷୟରେ ବ୍ୟକ୍ତି ସଚେତନ ହୋଇଥାଏ ଏବଂ ଯେକୌଣସି ବସ୍ତୁକୁ ମନୋନୀତ କରୁଥାଉନା କାହିଁକି, ତା'ପାଖକୁ ସମ୍ପୂର୍ଣ୍ଣ ବାସ୍ତବଭାବେ ଏହାକୁ ପଠାଇପାରିବ ।

ଆଧ୍ୟାତ୍ମିକ ଚେତନା ମଧ୍ୟରେ ରହିଥିବା ଅନ୍ତର୍ନିହିତ ଶକ୍ତିର ବାସ୍ତବତା ବିଷୟରେ ଏହା ଏକ ବକ୍ତବ୍ୟ । କିନ୍ତୁ କୌଣସି ସୂକ୍ଷ୍ମ ଶକ୍ତିର ଇଚ୍ଛାକୃତ ଉପଯୋଗ ବୋଲି ଏପରି ଏକ ଜିନିଷ ମଧ୍ୟ ଅଛି – ପୃଥିବୀର କିଛି ସ୍ଥାନରେ ଏକ ନିର୍ଦ୍ଦିଷ୍ଟ ପରିଣାମ ଲାଭ କରିବା ସକାଶେ ଏହା ହୋଇପାରେ ଆଧ୍ୟାତ୍ମିକ, ମାନସିକ କିଂବା ହୋଇପାରେ ପ୍ରାଣିକ । ଅଦୃଶ୍ୟ ଭୌତିକ ଶକ୍ତିରାଜିର ଯେପରି ତରଙ୍ଗାବଳୀ ଅଛି (ବିଶ୍ୱଗତ ତରଙ୍ଗାବଳୀ ଇତ୍ୟାଦି) କିଂବା ବିଦ୍ୟୁତ୍ ପ୍ରବାହଗୁଡ଼ିକ ରହିଛି, ସେହିପରି ମାନସିକ ତରଙ୍ଗାବଳୀ, ଭାବନା-ପ୍ରବାହ, ଆବେଗର ତରଙ୍ଗାବଳୀ – ଉଦାହରଣ ସ୍ୱରୂପ, କ୍ରୋଧ, ଦୁଃଖ, ଇତ୍ୟାଦି ରହିଛି – ଯାହା ବାହାରକୁ ଚାଲିଯାଇ ଅନ୍ୟମାନଙ୍କୁ ସେମାନଙ୍କର ଅଜାଣତରେ ଆକ୍ରମଣ କରେ । ସେଗୁଡ଼ିକ କେଉଁଠାରୁ ଆସିଥାଏ, କେବେ ଆସିଥାଏ ସେକଥା ନଜାଣି ସେମାନେ କେବଳ ପରିଣାମକୁ ଅନୁଭବ କରନ୍ତି । ଯେଉଁ ବ୍ୟକ୍ତିର ଗୁହ୍ୟ ଇନ୍ଦ୍ରିୟରାଜି କିଂବା ଅନ୍ତଃଇନ୍ଦ୍ରିୟରାଜି ଜାଗ୍ରତ୍ ହୋଇଥାଏ, ସେ ଏଗୁଡ଼ିକର ଆଗମନ ଓ ଆକ୍ରମଣକୁ ଅନୁଭବ କରିପାରିବ । ଭଲ ପ୍ରଭାବରାଜି କିଂବା ମନ୍ଦ ପ୍ରଭାବରାଜି ମଧ୍ୟ ସେହିଭାବେ ନିଜର ବଂଶବିସ୍ତାର କରିପାରନ୍ତି । ଯାହା କୌଣସି ଅଭିପ୍ରାୟ ବିନା ତଥା ସ୍ୱାଭାବିକ ଭାବେ ଘଟିପାରେ କିନ୍ତୁ ସେଗୁଡ଼ିକର ଏକ ଉଦ୍ଦେଶ୍ୟ-ମୂଳକ ପ୍ରୟୋଗ ମଧ୍ୟ କରାଯାଇ ପାରିବ । ଆଧ୍ୟାତ୍ମିକ କିଂବା ଅନ୍ୟ ଶକ୍ତିର ଅଭିପ୍ରାୟଯୁକ୍ତ ଉତ୍ପାଦନ ମଧ୍ୟ କରାଯାଇ ପାରିବ । ଏକ ଫଳପ୍ରଦ ଇଚ୍ଛାଶକ୍ତି କିଂବା ମତ ଯାହା ଅନ୍ୟ କୌଣସି ବାହ୍ୟିକ ସାହାଯ୍ୟ ବିନା ଓ ଅନ୍ୟାନ୍ୟ ସାଧନ ସହାୟ ବ୍ୟତୀତ ବି ପ୍ରତ୍ୟକ୍ଷଭାବେ କାର୍ଯ୍ୟକରେ ତାହାର ମଧ୍ୟ ଉପଯୋଗ କରାଯାଇ ପାରିବ, ଏହା ସେହିମତେ ସ୍ଥୂଳ ନୁହେଁ, କିନ୍ତୁ ତଥାପି ଫଳପ୍ରଦ ହୋଇଥାଏ । ଏ ଜିନିଷଗୁଡ଼ିକ କଳ୍ପନାଜଳ୍ପନା ନୁହେଁ କିଂବା ଭ୍ରାନ୍ତ ଧାରଣା କି ପ୍ରତାରଣା ନୁହେଁ, କିନ୍ତୁ ସତ୍ୟ ଘଟଣାବଳୀ ।

(SABCL. Vol.- 22, p. 220)

*

**ଶ୍ରୀଅରବିନ୍ଦ :** ଯେଉଁମାନେ ପ୍ରକୃତ ଦିବ୍ୟଚେତନା ମଧ୍ୟରେ ବାସ କରିପାରନ୍ତି, ସେମାନଙ୍କ ଲାଗି ନିର୍ଦ୍ଦିଷ୍ଟ କିଛି ଶକ୍ତି ସେହି ଅର୍ଥରେ ଆଦୌ ଶକ୍ତି ନୁହନ୍ତି, ଅର୍ଥାତ୍ ଅତିଭୌତିକ

କିଂବା ଅପ୍ରାକୃତିକ ଶକ୍ତି ନୁହନ୍ତି, ବରଂ ସେମାନଙ୍କର ଦେଖିବାର, କାର୍ଯ୍ୟ କରିବାର ସ୍ୱାଭାବିକ ଧାରା ଓ ଚେତନାର ଏକ ଅଂଶ...

ଅସ୍ୱାଭାବିକ ହେଉ, ଅନ୍ୟଥା ଅତିଭୌତିକ ଅନେକ ଅନୁଭୂତି ଓ ଶକ୍ତି ଗୁହ୍ୟ ହେଉ କିଂବା ଯୌଗିକ ହେଉ, ମୋତେ ସର୍ବଦା ସମ୍ପୂର୍ଣ୍ଣ ପ୍ରାକୃତିକ ଓ ବିଶ୍ୱାସଯୋଗ୍ୟ ଭାବେ ମନେ ହୋଇଛି । ଚେତନା ନିଜ ସ୍ୱଭାବମତେ ସାଧାରଣ ଭୌତିକ ମାନବୀୟ-ପାଶବିକ ଚେତନା ମଧ୍ୟରେ ସୀମାବଦ୍ଧ ନୁହେଁ, ଏହାର ନିଶ୍ଚୟ ଅନ୍ୟାନ୍ୟ ସ୍ତର ରହିଛି ।

(SABCL. Vol.- 22, p. 481)

*

**ଶ୍ରୀଅରବିନ୍ଦ :** ଭଗବତ୍ ଶକ୍ତିଗୁଡ଼ିକ ଉପଯୋଗ ହେବା ସକାଶେ ରହିଛନ୍ତି – ଅଜ୍ଞତାବଶତଃ ଆତ୍ମାଭିମାନୀ ମାନବର ଭୁଲ୍ ହେଉଛି ଯେ ଭଗବାନଙ୍କ ସକାଶେ ଏହାର ଉପଯୋଗ ନକରି ଏହାକୁ ଅହଂ ଲାଗି ବ୍ୟବହାର କରିବା । ଭଗବତ୍ ଚେତନା ସହିତ ଏକତ୍ୱ ଲାଭ କରି ଏବଂ ବ୍ୟକ୍ତିଗତ ସତ୍ତାର ପ୍ରସାରଣ ମାଧ୍ୟମରେ ଏହାକୁ ଠିକ୍ କରିବାକୁ ହେବ, ଯଦ୍ୱାରା ଏହା ବିଶ୍ୱଗତ ସତ୍ତା ମଧ୍ୟରେ ସଚେତନ ଭାବେ ବାସ କରି ପାରିବ । ଦୃଢ଼ ଅହଂ-ଅଭ୍ୟାସ ହେତୁ ଏହା ଦୁଷ୍କର କିନ୍ତୁ ଅସମ୍ଭବ ନୁହେଁ ।

(SABCL. Vol.- 22, p. 480)

ଶ୍ରୀଅରବିନ୍ଦଙ୍କ ଦ୍ୱାରା ଭବାନୀ ମନ୍ଦିର ରଚିତ ହୋଇଥିଲା, କିନ୍ତୁ ଏହା ତାଙ୍କ ଅପେକ୍ଷା ଅଧିକ ଭାବେ ବାରୀନ୍‌ଙ୍କର ଧାରଣା ଉପରେ ପର୍ଯ୍ୟବସିତ ଥିଲା ।... ଏହି ଧାରଣା ସହ ଶ୍ରୀଅରବିନ୍ଦଙ୍କ ଯେତେ ଦୂର ସଂପୃକ୍ତି ଥିଲା ତାହା ଖୁବ୍ ଶୀଘ୍ର ଅପସରି ଗଲା ।... ଭବାନୀ ମନ୍ଦିରର ପରିକଳ୍ପନା ଆପଣା ଛାଏଁ ବିଲୁପ୍ତ ହୋଇଗଲା ।

(Sri Aurobindo on Himself, pp. 85 - 86) — ଶ୍ରୀଅରବିନ୍ଦ

ଥରେ ରାମକୃଷ୍ଣ ପରମହଂସଙ୍କୁ (automatic writing ସହାୟତାରେ) ଡକା ଯାଇଥିଲା ଓ କିଛି ପ୍ରଶ୍ନ କରା ଯାଇଥିଲା । ମାତ୍ର ଦୀର୍ଘ ସମୟ ଧରି ସେ ନିରବ ରହିଥିଲେ । ତା'ପରେ ସେ ଯେତେବେଳେ ଫେରିଯିବାକୁ ବାହାରିଲେ, କହିଲେ, ''ମନ୍ଦିରଟିଏ କର, ମନ୍ଦିରଟିଏ କର (ମନ୍ଦିର କରୋ) ।'' ସେ ସମୟରେ ଭାରତର ସ୍ୱାଧୀନତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା । ତେଣୁ ସମସ୍ତେ ଭାବିଲେ ଯେ ଶ୍ରୀରାମକୃଷ୍ଣ ''ଭବାନୀ ମନ୍ଦିର'' ଗଢ଼ିବା ଯୋଜନାକୁ ସ୍ୱୀକୃତି ଦେଲେ । ମାତ୍ର ଏହି ଉକ୍ତିର ବାସ୍ତବ ରହସ୍ୟ ଶ୍ରୀଅରବିନ୍ଦ ବହୁ ବର୍ଷ ପରେ ବ୍ୟକ୍ତ କଲେ ଯେ ଏହି ଉକ୍ତି ପ୍ରକୃତରେ ନିଜ ମଧ୍ୟରେ ମା'ଙ୍କ ନିମନ୍ତେ ଏକ ମନ୍ଦିର ନିର୍ମାଣ କରିବାର ନିର୍ଦ୍ଦେଶ, ଯାହା ଫଳରେ ଆମ ମଧ୍ୟରେ ଏପରି ଏକ ରୂପାନ୍ତର ଘଟିବ ଏବଂ ଆମେ ନିଜେ ହିଁ ମା'ଙ୍କର ମନ୍ଦିର ହୋଇ ଉଠିବା ।

— ଏ. ବି. ପୁରାଣୀ

# ଚିନ୍ତାଗଠନ ଓ ଅନ୍ୟମାନଙ୍କ ଲାଗି ପ୍ରାର୍ଥନା

**ଶ୍ରୀଅରବିନ୍ଦ :** ମସ୍ତିଷ୍କରେ ତଥା ହୃଦୟରେ ଦ୍ୱିଧାହୀନ ଭାବେ ଅନ୍ୟ ବ୍ୟକ୍ତିର ମଙ୍ଗଳ କାମନା କରିବା ହେଉଛି ସର୍ବୋତ୍ତମ ସାହାଯ୍ୟ ଯାହା ଜଣେ ଦେଇପାରେ ।

(SABCL, Letters on Yoga, p. 841)

*

**ଶ୍ରୀଅରବିନ୍ଦ :** ହଁ, ଜଣକର ଖରାପ ଓ ଭଲ ଚିନ୍ତାଗୁଡ଼ିକ ଅନ୍ୟମାନଙ୍କ ଉପରେ ଖରାପ କିଂବା ଭଲ ପ୍ରଭାବ ପକାଇ ପାରେ ଯଦିଓ ସର୍ବଦା ଏହିପରି ହୁଏ ନାହିଁ କାରଣ ସେଗୁଡ଼ିକ ଯଥେଷ୍ଟ ଶକ୍ତିଶାଳୀ ହୋଇ ନଥା'ନ୍ତି – ତଥାପି ଏହା ହିଁ ସ୍ୱାଭାବିକ ପ୍ରବଣତା ବା ଝୁଙ୍କ । ଏଇ କାରଣରୁ ଏହି ଜ୍ଞାନ ଯେଉଁମାନଙ୍କର ଥାଏ ସେମାନେ ସର୍ବଦା କହିଥା'ନ୍ତି ଯେ ଆମେ ଅନ୍ୟମାନଙ୍କ ସମ୍ବନ୍ଧରେ ଖରାପ ଚିନ୍ତା କରିବାରୁ ବିରତ ହେବା ଉଚିତ । ଏହା ସତ୍ୟ ଯେ ସାଧାରଣ ଅବସ୍ଥାରେ ଉଭୟ ପ୍ରକାର ଚିନ୍ତା ସମାନଭାବେ ମନ ମଧ୍ୟକୁ ଆସିଥାଏ; କିନ୍ତୁ ଯଦି ମନ ଓ ମାନସିକ ଇଚ୍ଛାଶକ୍ତି ଦୃଢ଼ଭାବେ ଉନ୍ନତ ହୋଇଥାଏ, ତେବେ ଜଣେ ନିଜର ଚିନ୍ତା ଓ କାର୍ଯ୍ୟ ଉପରେ ନିୟନ୍ତ୍ରଣ ପ୍ରତିଷ୍ଠା କରିପାରିବ ଏବଂ ଖରାପ ଚିନ୍ତାଗୁଡ଼ିକୁ ସେଗୁଡ଼ିକ ଖେଳା କରିବାରୁ ନିବାରଣ କରିପାରିବ । କିନ୍ତୁ ଏହି ମାନସିକ ନିୟନ୍ତ୍ରଣ ସାଧକ ଲାଗି ଯଥେଷ୍ଟ ନୁହେଁ, ସେ ନିଶ୍ଚିତ ଭାବେ ଏକ ସୁସ୍ଥିର ମନ ହାସଲ କରିବ ଏବଂ ମନର ନୀରବତା ମଧ୍ୟରେ କେବଳ ଭଗବତ୍ ଚିନ୍ତା-ଶକ୍ତିଗୁଡ଼ିକୁ ଗ୍ରହଣ କରିବ କିଂବା ଅନ୍ୟାନ୍ୟ ଭଗବତ୍ ଶକ୍ତିକୁ ଗ୍ରହଣ କରିବ ଏବଂ ନିଜେ ସେସବୁର କ୍ଷେତ୍ର ଓ ଯନ୍ତ୍ର ହୋଇଯିବ ।

(SABCL, Letters on Yoga, p. 849)

*

**ଶ୍ରୀଅରବିନ୍ଦ :** ଚିନ୍ତାରାଜିର ଏକ ଫଳପ୍ରଦ ଶକ୍ତି ରହିଛି – ସାଧାରଣତଃ ଏକ ବାତାବରଣ କିଂବା ଅନେକ ପ୍ରବଣତା ସୃଷ୍ଟି କରିବା ଦ୍ୱାରା – ଏପରିକି ଜଣେ ଅସୁସ୍ଥ ଥିଲାବେଳେ ତାହାର ଚତୁର୍ଦିଗରେ ଥିବା ବ୍ୟକ୍ତିମାନଙ୍କର ଭାବୀ ଅମଙ୍ଗଳସୂଚକ ଚିନ୍ତା, ଦୁଃଖ କିଂବା ଭୟ ରହିବା ଉଚିତ ନୁହେଁ, କାରଣ ତାହା ଆରୋଗ୍ୟର ବିରୋଧରେ କାର୍ଯ୍ୟ କରେ । କିନ୍ତୁ ସଚେତନ ଚିନ୍ତା-ସଂଗଠନର ସାମର୍ଥ୍ୟ ହେଉଛି ଏକ ସ୍ୱତନ୍ତ୍ର ଶକ୍ତି ଏବଂ ତାହା ଅସାଧାରଣ । ଏହାକୁ ଆହରଣ କରାଯାଇ ପାରେ କିଂବା ସାଧନା ଦ୍ୱାରା ଏହା ଆପଣାଛାଏଁ ଆସିଥାଏ ।

(SABCL, Letters on Yoga, p. 1517)

*

**ଶ୍ରୀମା :** ଉତ୍ତମ ରୂପେ ନିରୀକ୍ଷଣ କରି ଜାଣ ଯେ ଏହି ସଂଗଠନ-ଶକ୍ତିର ଏକ ବିରାଟ ପ୍ରାଧାନ୍ୟ ରହିଛି ଯଦି ଜଣେ ଜାଣେ କିପରି ଏହାର ଉପଯୋଗ କରିବାକୁ ହୁଏ । ତୁମେ ଭଲ ସଂଗଠନସବୁ କରିପାରିବ ଏବଂ ଯଦି ତୁମେ ସେଗୁଡ଼ିକୁ ଠିକ୍‌ଭାବେ କର, ତେବେ ତାହା ଅନ୍ୟସବୁ ଜିନିଷ ଭଳି ସମାନ ଭାବେ କାର୍ଯ୍ୟ କରିବ । ତୁମେ କେବଳ ତୁମ କୋଠରିରେ ଶାନ୍ତ ହୋଇ ବସି ଲୋକମାନଙ୍କର ଅନେକ ମଙ୍ଗଳ କରିପାରିବ । ବାହାରେ ଅଧିକ ଅସୁବିଧା ବରଣ କରିବା ଅପେକ୍ଷା ବୋଧହୁଏ ଏହା ଅଧିକ ଭଲ । ଏକଥା ଯଦି ତୁମେ ଜାଣ କିପରି ଠିକ୍‌ଭାବେ ଶକ୍ତି, ବୁଦ୍ଧିମତ୍ତା ଓ ଦୟା ସହିତ ଚିନ୍ତା କରିବାକୁ ହୁଏ, ତୁମେ ଯଦି ଜଣକୁ ଭଲପାଅ ଏବଂ ଅତ୍ୟନ୍ତ ଆନ୍ତରିକ ଭାବେ ତାହାର ମଙ୍ଗଳ ଲାଗି ହୃଦୟ ଦେଇ ଇଚ୍ଛାକର, ତାହା ସେହି ବ୍ୟକ୍ତି ଲାଗି ଅଧିକ ମଙ୍ଗଳ କରେ, ଯେମିତି ଭାବ ତାହା ଅପେକ୍ଷା ନିଶ୍ଚିତ ଭାବେ ଅଧିକ । ମୁଁ ଏହା ବାରଂବାର କହିଛି : ଉଦାହରଣ ସ୍ୱରୂପ, ଯେଉଁମାନେ ଏଠାରେ ଅଛନ୍ତି ସେମାନଙ୍କ ପାଇଁ, ଯେଉଁମାନେ ଖବର ପାଇ ଜାଣନ୍ତି ଯେ ସେମାନଙ୍କ ପରିବାରରେ କେହି ଜଣେ ଅତିଶୟ ଅସୁସ୍ଥ ଅଛି ଏବଂ ତତ୍‌କ୍ଷଣାତ୍ ସେହି ସ୍ଥାନକୁ ଯାଇ ଅସୁସ୍ଥ ଲୋକର ସେବା କରିବା ଲାଗି ସେମାନେ ନିଜର ପିଲାଳିଆ ପ୍ରବୃତ୍ତିରେ ଚାହାନ୍ତି, ମୁଁ କହୁଛି ଏହା ଯଦି ଏକ ଅସାଧାରଣ ପରିସ୍ଥିତି ହୋଇ ନଥାଏ ଏବଂ ସେହି ଅସୁସ୍ଥ ବ୍ୟକ୍ତିଙ୍କର ଦେଖାଶୁଣା କରିବା ଲାଗି ଯଦି କେହି ନଥା'ନ୍ତି (ଏପରିକି ସମୟେ ସମୟେ ଏ କ୍ଷେତ୍ରରେ ମଧ୍ୟ), ଠିକ୍ ମନୋଭାବ କିପରି ରଖିବାକୁ ହୁଏ ଯଦି ତୁମେ ତାହା ଜାଣିଥାଅ ଏବଂ ସ୍ନେହ ଓ ସଦିଚ୍ଛା ସହିତ ଅସୁସ୍ଥ ବ୍ୟକ୍ତିଙ୍କ ଉପରେ ଏକାଗ୍ର ହୁଅ, ତୁମେ ଯଦି ଜାଣ କିପରି ତାଙ୍କ ଲାଗି ପ୍ରାର୍ଥନା କରିବାକୁ ହୁଏ ଏବଂ ସାହାଯ୍ୟକାରୀ ଚିନ୍ତା ଗଠନ କରିବାକୁ ହୁଏ ତେବେ ତାଙ୍କର ଶୁଶ୍ରୂଷା କରିବା, ତାଙ୍କୁ

ଖୁଆଇ ଦେବା, ଗାଧୁଆପାଧୁଆ କରିବାରେ ସାହାଯ୍ୟ କରିବା — ସଂକ୍ଷେପରେ କହିଲେ, ଯେ କେହି ବ୍ୟକ୍ତି ଯାହାସବୁ କରି ପାରିବ, ତାହା ଅପେକ୍ଷା ତୁମେ ତାଙ୍କର ଅଧିକ ମଙ୍ଗଳ କରି ପାରିବ । ଯେକୌଣସି ବ୍ୟକ୍ତି ମନୁଷ୍ୟର ସେବା କରିପାରିବ । ପ୍ରତ୍ୟେକ ବ୍ୟକ୍ତି ଶୁଭଙ୍କରୀ ଚିନ୍ତା-ଗଠନ କରିପାରନ୍ତି ନାହିଁ ଓ ଆରୋଗ୍ୟ କରିବା ସକାଶେ ଶକ୍ତି ପ୍ରେରଣ କରିପାରନ୍ତି ନାହିଁ ।

(CWM, Vol. V, pp. 132-133)

*

*ସଚେତନ ଗୁହ୍ୟଶକ୍ତିଗୁଡ଼ିକ ବ୍ୟତୀତ, ଅସୁବିଧା କିଂବା ବିପଦରେ ପଡ଼ିଥିବା କୌଣସି ବ୍ୟକ୍ତିକୁ ଦୂରରୁ ସାହାଯ୍ୟ କରିବା କିଂବା ସୁରକ୍ଷିତ କରିବା ସମ୍ଭବ କି ? ଯଦି ସମ୍ଭବ ତେବେ ତା'ର ବ୍ୟବହାରିକ ପ୍ରଣାଳୀଟି କ'ଣ ? ଚିନ୍ତା କ'ଣ କରିପାରିବ ?*

**ଶ୍ରୀମା :** ଆମେମାନେ ଗୁହ୍ୟ ପ୍ରଣାଳୀ ବିଷୟରେ କିଛି ବି କହିବାକୁ ଯାଉ ନାହୁଁ, ଯଦିଓ ସତ କହିବାକୁ ଗଲେ, ସଂଜ୍ଞା ଅନୁସାରେ ଅଦୃଶ୍ୟ ଜଗତରେ ଯାହାକିଛି ଘଟେ ତାହା ହିଁ ଗୁହ୍ୟ । ତଥାପି ପ୍ରକୃତରେ ଦୁଇଟି ପ୍ରଣାଳୀ ଅଛି ଯାହା ପରସ୍ପରକୁ ବାଦ୍ ନ ଦେଇ ପରସ୍ପରକୁ ପରିପୂର୍ଣ୍ଣ କରିଥାଏ, କିନ୍ତୁ ବ୍ୟକ୍ତିର ପସନ୍ଦ ଅନୁସାରେ ଏହା ଅଲଗା ଭାବେ ବ୍ୟବହୃତ ହୋଇପାରେ ।

ଏହା ସ୍ପଷ୍ଟ ଯେ ଅନେକ ପ୍ରଣାଳୀ ମଧ୍ୟରେ ଗୋଟିଏ ପ୍ରଣାଳୀର ଏକ ଅଂଶକୁ ହିଁ ଚିନ୍ତା ଗଠନ କରିଥାଏ, ତାହା ବେଶ୍ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ମୁଁ ତୁମକୁ ଅନେକ ଥର କହିସାରିଛି ଯେ ଜଣେ ଯଦି ସ୍ପଷ୍ଟ ଓ ଦୃଢ଼ଭାବେ ଚିନ୍ତାକରେ, ସେ ଏକ ମାନସିକ ସଂଗଠନ କରେ ଏବଂ ପ୍ରତ୍ୟେକ ମାନସିକ ସଂଗଠନ ତାହାର ନିର୍ମାତା ଉପରେ ନିର୍ଭର ନକରି ଏକ ସ୍ୱତନ୍ତ୍ର ସତ୍ତା ହୋଇଯାଏ, ଏହାର ନିଜସ୍ୱ ଜୀବନ ରଖି ଏବଂ ଏହି ମାନସିକ ଜଗତରେ ନିଜକୁ କାର୍ଯ୍ୟରେ ପରିଣତ କରିବାର ପ୍ରବୃତ୍ତି ରଖି — ଏହାର ଅର୍ଥ ନୁହେଁ ଯେ ତୁମେ ତୁମ ସଂଗଠନକୁ ଭୌତିକ ଚକ୍ଷୁରେ ଦେଖ, କିନ୍ତୁ ଏହା ମାନସିକ ଜଗତରେ ଅଛି, ଏହାର ନିଜସ୍ୱ ସ୍ୱାଧୀନ ଅସ୍ତିତ୍ୱ ରହିଛି । ଯଦି ତୁମେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ରୂପ ଗଠନ କରିଛ ତେବେ ଏହାର ସମସ୍ତ ଜୀବନ ସେହି ଲକ୍ଷ୍ୟକୁ ଉପଲବ୍ଧି କରିବା ଲାଗି କଟିଯିବ । ତେଣୁ ତୁମେ ଯଦି ଦୂରରୁ କାହାକୁ ସାହାଯ୍ୟ କରିବାକୁ ଚାହଁ ତେବେ ତୁମକୁ ସ୍ପଷ୍ଟଭାବେ, ନିର୍ଭୁଲଭାବେ ଓ ଦୃଢ଼ଭାବେ କେଉଁ ପ୍ରକାର ସାହାଯ୍ୟ ଦେବାକୁ ଏବଂ କିପରି ଫଳ ପାଇବାକୁ ତୁମେ ଚାହଁ ସେଥିଲାଗି ସଂଗଠନ କରିବାକୁ ହେବ । ତାହାହିଁ ଫଳବତୀ ହେବ । ମୁଁ କହିବି ନାହିଁ ଯେ ଏହା ସର୍ବଶକ୍ତିମାନ୍, କାରଣ ମାନସିକ ଜଗତ୍ ଏହି ପ୍ରକାର ଅସଂଖ୍ୟ ସଂଗଠନରେ ପୂର୍ଣ୍ଣ ଏବଂ ସ୍ୱାଭାବିକଭାବେ ସେଗୁଡ଼ିକ ପରସ୍ପରକୁ ଧକ୍କା ଦିଅନ୍ତି ଓ ବିରୋଧ କରନ୍ତି; ତେଣୁ ସବୁଠାରୁ ବଳଶାଳୀ ଓ ସର୍ବାଧିକ ଅଧ୍ୟବସାୟୀ ସଂଗଠନ ସର୍ବାଧିକ ଫଳପ୍ରସୂ ହୋଇଥାଏ ।

ତା'ପରେ ମାନସିକ ଗଠନଗୁଡ଼ିକୁ କେଉଁ ଜିନିଷ ସାମର୍ଥ୍ୟ ଓ ଅଧ୍ୟବସାୟ ଦିଏ ? ଏହା ହେଉଛି ଆବେଗ ଓ ସଂକଳ୍ପ । ଯଦି ତୁମେ ତୁମର ମାନସିକ ସଂଗଠନ ସହିତ ଆବେଗ, ସ୍ନେହ, କୋମଳତା, ଭଲପାଇବା, ଇଚ୍ଛାଶକ୍ତିର ତୀବ୍ରତା ଓ ଉତ୍ସାହକୁ କିପରି ଯୁକ୍ତ କରିବାକୁ ହୁଏ ତାହା ଜାଣ, ତେବେ ବିଜୟୀ ହେବା ଲାଗି ଏହାର ଅଧିକ ସୁଯୋଗ ରହିବ । ଏହା ହେଉଛି ପ୍ରଥମ ପଦ୍ଧତି । ଯେଉଁମାନେ ଜାଣନ୍ତି କିପରି ଭାବିବାକୁ ହେବ, ସେମାନଙ୍କର କର୍ମ ପରିସର ମଧ୍ୟରେ ଏହା ରହିଥାଏ ଏବଂ ଏମିତିକି ଅଧିକନ୍ତୁ ଯେଉଁମାନେ ଜାଣନ୍ତି କିପରି ଭଲ ପାଇବାକୁ ହେବ, ସେମାନଙ୍କ କ୍ଷେତ୍ରରେ ଏହା ଆହୁରି ଅଧିକ ରହିଥାଏ । କିନ୍ତୁ ମୁଁ ଯେପରି କହିଛି, ଶକ୍ତି ହିଁ ସୀମିତ ଓ ପୃଥିବୀରେ ବହୁତ ପ୍ରତିଯୋଗିତା ରହିଛି ।

ତେଣୁ, ଏମିତିକି ଯଦି ବ୍ୟକ୍ତିର ଆଦୌ କୌଣସି ଜ୍ଞାନ ନାହିଁ କିନ୍ତୁ ଭଗବତ୍ କୃପା ଉପରେ ଆସ୍ଥା ଅଛି, ଯଦି ତା'ର ବିଶ୍ୱାସ ଅଛି ଯେ ସଂସାରରେ ଭଗବତ୍ କୃପା ବୋଲି କିଛି ଅଛି, ଏବଂ ଏହା ପ୍ରାର୍ଥନା, ଆସ୍ପୃହା ଓ ନିବେଦନର ଉତ୍ତର ଦିଏ । ତା'ପରେ ସେ ମାନସିକ ଗଠନ କରି ଏହାକୁ ଭଗବତ୍ କୃପା ନିକଟରେ ସମର୍ପଣ କରେ ଏବଂ ଏଥିରେ ନିଜର ଆସ୍ଥା ରଖେ, ଭଗବତ୍ କୃପାକୁ ହସ୍ତକ୍ଷେପ କରିବା ଲାଗି ନିବେଦନ କରେ ଏବଂ ବିଶ୍ୱାସ ରଖେ ଯେ ଏହାହିଁ ହସ୍ତକ୍ଷେପ କରିବ, ସେତେବେଳେ ବାସ୍ତବିକ ସଫଳ ହେବା ଲାଗି ତା'ର ସୁଯୋଗଟିଏ ଥାଏ ।

ଚେଷ୍ଟାକର ଏବଂ ନିଶ୍ଚିତଭାବେ ତୁମେ ସଫଳତା ପାଇବ ।

*କିନ୍ତୁ ମା, ଜଣେ ଯେତେବେଳେ ଭଗବତ୍ କୃପାର ହସ୍ତକ୍ଷେପ ଲାଗି ପ୍ରାର୍ଥନା କରେ, ସିଏ ଏକ ନିର୍ଦ୍ଦିଷ୍ଟ ପରିଣାମ ଆଶା କରେ ନାହିଁ କି ?*

**ଶ୍ରୀମା :** ମୋତେ କ୍ଷମା କର, ତାହା ତ ପ୍ରାର୍ଥନା ଉପରେ ନିର୍ଭର କରେ । ଜଣେ ଯଦି କେବଳ କୃପାକୁ କିଂବା ଭଗବାନଙ୍କୁ ଆବାହନ କରେ ଏବଂ ତାଙ୍କ ହାତରେ ନିଜକୁ ଛାଡ଼ିଦିଏ ତେବେ ସେ ଏକ ନିର୍ଦ୍ଦିଷ୍ଟ ପରିଣାମକୁ ଆଶା କରିବ ନାହିଁ । ଏକ ନିର୍ଦ୍ଦିଷ୍ଟ ପରିଣାମ ଆଶାକଲେ ବ୍ୟକ୍ତିକୁ ନିଜର ପ୍ରାର୍ଥନାକୁ ସଂଗଠିତ କରିବାକୁ ହେବ, କିଛି ମାଗିବାକୁ ହେବ । ଯଦି କେବଳ ଭଗବତ୍ କୃପା ସକାଶେ ତୁମର ବିରାଟ ଆସ୍ପୃହା ଅଛି, କୌଣସି ନିର୍ଦ୍ଦିଷ୍ଟ କଥା ନ ଚାହିଁ ଏହାକୁ ତୁମେ ଆବାହନ କର, ଅନୁନୟ କର, ମିନତି କର, ତେବେ ତୁମେ ନୁହେଁ, ଭଗବତ୍ କୃପା ହିଁ ତୁମ ପାଇଁ କ'ଣ କରିବ ତାହାକୁ ସେ ତୁମ ଲାଗି ମନୋନୟନ କରିବ ।

*ତାହା ଅଧିକ ଉତ୍ତମ, ନୁହେଁ କି ?*

**ଶ୍ରୀମା :** ଓଃ ! ସେଇଟା ପୂରାପୂରି ଅଲଗା ଏକ କଥା ।

କାହିଁକି, ବୋଧହୁଏ ଏହା ତା'ର ନିଜସ୍ୱ ଗୁଣଧର୍ମରେ ଉଚ୍ଚତର । କିନ୍ତୁ ତଥାପି ଜଣେ ଯଦି ନିର୍ଦ୍ଦିଷ୍ଟ କିଛି ଜିନିଷ ଚାହେଁ, ଏହାକୁ ବ୍ୟବସ୍ଥିତ କରିବା ଅଧିକ ଭଲ । ଭଗବତ୍ କୃପାକୁ ଆବାହନ କରିବା ଲାଗି ଯଦି ଏକ ସ୍ୱତନ୍ତ୍ର କାରଣ ଅଛି, ତେବେ ଏହାକୁ ନିର୍ଦ୍ଦିଷ୍ଟଭାବେ ଓ ସ୍ପଷ୍ଟଭାବେ ବିଧିବଦ୍ଧ କରିବା ଅଧିକ ଉତ୍ତମ ।

ଅବଶ୍ୟ ଜଣେ ଯଦି ସମ୍ପୂର୍ଣ୍ଣ ସମର୍ପିତ ଅବସ୍ଥାରେ ଥାଏ ଓ ନିଜକୁ ପୂରାପୂରି ଦେଇଦିଏ, କେବଳ କୃପା ନିକଟରେ ସମର୍ପଣ କରେ ଏବଂ କୃପା ଯାହା ଚାହେଁ ତାହାକୁ ହିଁ ତାହା କରିବାକୁ ଦିଏ ତେବେ ତାହା ଅତ୍ୟନ୍ତ ଉତ୍ତମ । କିନ୍ତୁ ତା'ପରେ କୃପା କ'ଣ କରେ ଏହି ପ୍ରଶ୍ନ କରିବା ଉଚିତ ନୁହେଁ ! ଜଣେ ତାକୁ କହିବ ନାହିଁ ଯେ ''ଓଃ ! ଏହି କଥା ହେବା ଲାଗି ମୁଁ ତାହା କରିଥିଲି'', କାରଣ କିଛି ପାଇବାର ଧାରଣା ଯଦି ପ୍ରକୃତରେ ଜଣକର ଥାଏ ତେବେ ସେ ଏହାକୁ ଯେପରି ଦେଖେ ସେହିପରି, ଆନ୍ତରିକଭାବେ କେବଳ ସଂଗଠିତ କରି ରଖିବା ଭଲ । ଏହାପରେ କୃପା ସେହି ଜିନିଷକୁ କରିବ କି ନାହିଁ ଏହା କୃପାର ହିଁ ମନୋନୟନ । କିନ୍ତୁ କୌଣସିମତେ ଜଣେ ଯାହା ଚାହିଁଥାଏ ତାହାକୁ ସ୍ପଷ୍ଟଭାବେ ସଂଗଠିତ କରିବାକୁ ହେବ ଏବଂ ସେଥିରେ କୌଣସି କ୍ଷତି ବା ଅନିଷ୍ଟ ହୋଇ ନଥାଏ ।

(CWM, Vol. VIII, pp. 252 - 255)

*ପ୍ରଶ୍ନ : ଅଯଥା କଥା କହିବାରୁ ନିବୃତ୍ତ ହେବାକୁ ହେଲେ ଆମର କ'ଣ କରିବା ଉଚିତ ?*

**ଶ୍ରୀମା** : ଚିନ୍ତା କର ! ତୁମକୁ ଏ ବିଷୟରେ ଆଉ ଟିକେ ଅଧିକ ଭାବିବାକୁ ହେବ । ତୁମେ ଯଦି କଥା କହିବା ପୂର୍ବରୁ ଟିକେ ଚିନ୍ତା କରିବା ପାଇଁ ଅଭ୍ୟାସ କର, ଦେଖିବ ତୁମର କଥା କହିବା ଅଧେ କମିଯାଇଛି । କଥା କହିବା ପୂର୍ବରୁ ଚିନ୍ତା କରିବା ଏବଂ ଯାହା ନିତାନ୍ତ ପ୍ରୟୋଜନୀୟ ଓ ଅପରିହାର୍ଯ୍ୟ କେବଳ ସେତିକିଟା କଥା କହିବା – ତା'ହେଲେ ଖୁବ୍ ଶୀଘ୍ର ତୁମେ ଦେଖିପାରିବ ଯେ ମାତ୍ର ଅଳ୍ପ କେଇଟି କଥା ତୁମ ପାଇଁ ଅପରିହାର୍ଯ୍ୟ ହେବ, ଅବଶ୍ୟ କାମ ଆଦି ବାସ୍ତବ ବ୍ୟବହାରିକ କ୍ଷେତ୍ର ଛାଡ଼ିଦେଲେ, କାରଣ ସେ କ୍ଷେତ୍ରରେ ତୁମକୁ କହିବାକୁ ପଡ଼ିବ 'ଏହା କର' 'ତାହା କର', 'ଅମୁକ ଜିନିଷଟି ଆଣ', 'ଏପରି କର' 'ସେପରି କର' ଇତ୍ୟାଦି । ଏପରି କି ସେସବୁ କ୍ଷେତ୍ରରେ ମଧ୍ୟ ଏହାକୁ ସର୍ବନିମ୍ନ ସଂଖ୍ୟାରେ କମାଇ ଦିଆଯାଇ ପାରେ ।

# ‘‘ମୋ ସାନ୍ନିଧ୍ୟରେ ରହିବା ପାଇଁ’’

## ଶ୍ରୀମା

ପ୍ରକୃତରେ ଏବଂ ଫଳପ୍ରଦ ଭାବରେ ସର୍ବଦା ମୋର ନିକଟବର୍ତ୍ତୀ ହୋଇ ରହିବାକୁ ହେଲେ ତୁମକୁ ଅଧିକରୁ ଅଧିକ ଆନ୍ତରିକ ହେବାକୁ ପଡ଼ିବ, ମୋ ପାଖରେ ଅଧିକରୁ ଅଧିକ ଖୋଲା ଏବଂ ସ୍ୱଚ୍ଛ ହେବାକୁ ପଡ଼ିବ । ସମସ୍ତ କପଟତାକୁ ଫିଙ୍ଗିଦେଇ ବାହାରି ଆସ ଏବଂ ଆଦୌ ଏପରି କୌଣସି କଥା ନ କରିବାକୁ ନିଷ୍ପତ୍ତି ନିଅ, ଯାହାକୁ କି ତୁମେ ସଙ୍ଗେ ସଙ୍ଗେ ମୋ ପାଖକୁ ଆସି କହିପାରିବ ନାହିଁ ।

*

କୌଣସି ପ୍ରକାର ଲଜ୍ଜା ଅନୁଭବ ନ କରି ତୁମେ ମୋ ଆଗରେ ଯାହାସବୁ କରି ପାରୁଥା’ନ୍ତ, କେବଳ ତାହାହିଁ କର; ଆଦୌ କୌଣସି ସଙ୍କୋଚ ବା ଅସୁବିଧା ଅନୁଭବ ନ କରି ମୋ ପାଖରେ ଆସି ଯାହା କହି ପାରୁଥା’ନ୍ତ, କେବଳ ତାହାହିଁ କହ ।

*

ଅତ୍ୟନ୍ତ ନିଷ୍ଠାଯୁକ୍ତ ଏବଂ ନିଷ୍କପଟ ହୋଇ ରହ, ନିର୍ଭୟରେ ତୁମେ ମୋତେ ଯାହାକିଛି ଦେଖାଇ ନ ପାରିବ, ସେପରି କୌଣସି ବିଷୟକୁ ନିଜ ଭିତରେ ପ୍ରଶ୍ରୟ ଦିଅ ନାହିଁ; ଯାହା କରି ପକାଇଲ ବୋଲି ତୁମକୁ ମୋ ଆଗରେ ଲଜ୍ଜିତ ହେବାକୁ ପଡ଼ିବ, ସେପରି କୌଣସି କାର୍ଯ୍ୟ କର ନାହିଁ ।

*

ମୋ ସହିତ ତୁମର ଯାବତୀୟ ସମ୍ବନ୍ଧର କ୍ଷେତ୍ରରେ ତୁମେ ଠିକ୍ ଗୋଟିଏ ଛୋଟ ଶିଶୁ ପରି ସ୍ୱତଃସ୍ଫୂର୍ତ୍ତ ହୋଇ ରହ, ସରଳ ହୋଇ ରହ;– ତାହାହିଁ ତୁମକୁ ବହୁ ଅସୁବିଧାରୁ ସୁରକ୍ଷିତ କରି ରଖିବ ।

*

ସରଳ ହୁଅ,
ଖୁସୀ ରହ,
ନୀରବ ହୋଇଯାଅ,
ତୁମର କାର୍ଯ୍ୟଟିକୁ ଯଥାସାଧ୍ୟ ଭଲଭାବରେ କର,
ନିଜକୁ ସର୍ବଦା ମୋ ଆଡ଼କୁ ଉନ୍ମୀଳିତ କରି ରଖିଥାଅ –
ତୁମକୁ କେବଳ ଏତିକି କରିବାକୁ ହିଁ କୁହାଯାଉଛି ।

(MCW, Vol. 13, pp. 78 - 79 )

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ବଙ୍ଗେ ବିନାଶ ପାଇଁ ପ୍ରଳାପ

'ଇନ୍ଦୁ ପ୍ରକାଶ'ର କଲିକତାସ୍ଥ ପତ୍ରକାର ଜଣକ ଗ୍ରାହକମାନଙ୍କ ମନ ପସନ୍ଦର ଖବରମାନ ଖଞ୍ଜିବାରେ ବେଶ୍ ଧୁରନ୍ଧର ବୋଲି ମନେହୁଏ । ସେ ଆବିଷ୍କାର କରି ପକେଇଛନ୍ତି ଯେ ପୁରୁଣା ଗୋଷ୍ଠୀ ଓ ନୂଆଦଳ କୁଆଡ଼େ ଏକାଠି ହୋଇ ଗଲେଣି ସରକାରଙ୍କ ବିରୋଧରେ ନୁହେଁ କିନ୍ତୁ ମୁସଲମାନଙ୍କ ବିରୋଧରେ ଲଢ଼ିବା ପାଇଁ । ସମସ୍ତେ ତ ସରକାରଙ୍କୁ ଚାହିଁ ରହିଛନ୍ତି ଏକ ଭକ୍ତିଶ୍ରଦ୍ଧାଭରା ଉତ୍କଣ୍ଠାରେ ତାଙ୍କ ନିର୍ମଳ ଝରରୁ ନ୍ୟାୟ-ବିଚାରର ଧାର ଖାଲି ଛୁଟିବ ଛୁଟିବ ବୋଲି । ମୁସଲମାନ ବିରୋଧୀ ତଥା ସରକାରୀ ସମର୍ଥକ କଲିକତାର ଏଇ ପତ୍ରକାର ଜଣକ କିଏ ହୋଇଥାଇ ପାରନ୍ତି ଆମେ ସେକଥା ଜାଣିନୁ; କିନ୍ତୁ ଆମେ ଆଶା କରୁଛୁ, ତାଙ୍କର ଏଇ ମନଗଢ଼ା କାହାଣୀରେ ବମ୍ବେର ସାଧାରଣ ଜନତା ପ୍ରତାରିତ ହେବେନି । ବଙ୍ଗଳାରେ ଯଦି କୌଣସି ଭାବର ଆବେଶ ଆଚ୍ଛନ୍ନ କରି ରଖିଥାଏ ତା' ହେଉଛି ପୂର୍ବାଞ୍ଚଳ ଜିଲ୍ଲାମାନଙ୍କରେ ଦୌରାତ୍ମ୍ୟମାନ ସୃଷ୍ଟି କରିବା ପାଇଁ ପ୍ରଶ୍ରୟ ଦେଇଥିବା ଯୋଗୁଁ କିଂବା ପ୍ରୋତ୍ସାହିତ କରୁଥିବାରୁ ସରକାରଙ୍କ ପ୍ରତି ଘୃଣା ପରିପୂର୍ଣ୍ଣ କ୍ରୋଧ । ସରକାରଙ୍କ ଅନୁଗାମୀ ମୁଖପତ୍ରଗୁଡ଼ିକ ମଧ୍ୟ ପୂର୍ଣ୍ଣମାତ୍ରାରେ ଅଶ୍ୱସ୍ତି ପ୍ରକଟ କରିଛନ୍ତି ଏବଂ କର୍ତ୍ତୃପକ୍ଷଙ୍କର ନିଷ୍କ୍ରିୟତା ଦେଖି ଘାବରେଇ ଯାଇଛନ୍ତି; ଯେତେବେଳେ କି 'ବେଙ୍ଗଲୀ' ପରି ନରମପନ୍ଥୀ ମୁଖପତ୍ରଗୁଡ଼ିକ ଏବଂ ବାବୁ ସୁରେନ୍ଦ୍ର ନାଥ ବାନାର୍ଜୀଙ୍କ ପରି ନରମପନ୍ଥୀ ନେତୃବୃନ୍ଦ ସରକାରଙ୍କର କାର୍ଯ୍ୟକଳାପ ଓ ମନୋଭାବର ସିଧାସଳଖ ପ୍ରତିକୂଳ ମତ ପୋଷଣ କରିଛନ୍ତି । ଗଣ୍ଡଗୋଳକୁ ତେଜୁ ଥିବାରୁ ନବାବ ସଲିମୁଲ୍ଲାଙ୍କ ପରି ବ୍ୟକ୍ତି-ବିଶେଷଙ୍କ ବିରୋଧରେ ନିଃସନ୍ଦେହରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି; କିନ୍ତୁ ନିମ୍ନବର୍ଗର ମୁସଲମାନଙ୍କ ବିରୋଧରେ ସେମିତି ଗଭୀର ଅସନ୍ତୋଷ ଦେଖା ଦେଇନି, କାରଣ ସେମାନେ ସେଇସବୁ ବ୍ୟକ୍ତିମାନଙ୍କ ହାତରେ ସଖୀ କଣ୍ଢେଇ ପରି କାର୍ଯ୍ୟକରି ଚାଲିଛନ୍ତି ଯେଉଁମାନେ ନିଜେ ବେଶ୍ ନିରାପଦରେ ଆଢୁଆଳରେ ରହି ଯାଇଛନ୍ତି । ଏ ଲଢ଼େଇ ହିନ୍ଦୁ ଓ ମୁସଲମାନମାନଙ୍କ ଭିତରେ ନୁହେଁ କିନ୍ତୁ ଏ ଲଢ଼େଇ ହେଉଛି ପ୍ରଶାସକ ବର୍ଗ ଓ ସ୍ୱଦେଶୀମାନଙ୍କ ଭିତରେ ।

### ମିତାଚାର ସମ୍ପର୍କରେ ''ରିଫର୍ମର''

'ଇଣ୍ଡିଆନ୍ ସୋସିଆଲ୍ ରିଫର୍ମର୍' ପତ୍ରିକା ଆବିଷ୍କାର କରିଛି ଯେ ନରମପନ୍ଥୀଙ୍କ କାର୍ଯ୍ୟରେ ସଂଶୋଧନ ଆବଶ୍ୟକ । ସାମାଜିକ ସଂସ୍କାର ସ୍ୱୟଂ ସମ୍ପୂର୍ଣ୍ଣ ନହେଲା ପର୍ଯ୍ୟନ୍ତ ବ୍ରିଟିଶ ରାଜତନ୍ତ୍ରକୁ ଅକ୍ଷୁଣ୍ଣ ରଖିବାର ଇଚ୍ଛା ହେଉଛି ମାନସିକ ସ୍ଥିରତା ବୋଲି ଏହି ବିଶେଷଜ୍ଞ ଜଣକ ବ୍ୟାଖ୍ୟା କରିଛନ୍ତି, ଏଇଥିପାଇଁ ଯେ ବର୍ତ୍ତମାନର ପ୍ରଶାସକବର୍ଗ ସମାଜ ସଂସ୍କାରକୁ ଯେତେ ପରିମାଣରେ ସମର୍ଥନ କରନ୍ତି ସେତିକି ସମର୍ଥନ କୌଣସି ଦେଶୀୟ ସରକାରଠାରୁ ମିଳିବ ନାହିଁ । ତେଣୁ 'ରିଫର୍ମର୍' ଚାହିଁବ ନରମପନ୍ଥୀ କାର୍ଯ୍ୟକ୍ରମରେ ଏଭଳି ସଂଶୋଧନ ଆଣିବାକୁ ଯେମିତି ମିତାଚାର ସମ୍ପର୍କରେ ନିଜର ସେ ଯେଉଁ ସଂଜ୍ଞା ନିରୂପଣ କରିଛି ତା' ସହିତ ମେଳ ଖାଇବ । ଆମର ଯାହା ଅନୁମାନ ଏହାର ବିଧାନ ପରିଷଦଗୁଡ଼ିକ (Legislative Councils)ର ଗଠନ ପରିବର୍ତ୍ତେ ହିନ୍ଦୁ ବିଧବାମାନଙ୍କର ବଳପୂର୍ବକ ବିବାହ ପାଇଁ କଂଗ୍ରେସ ଚେଷ୍ଟା କରିବା ସମୀଚୀନ ହେବ; ବିଚାର ବିଭାଗ ଏବଂ କାର୍ଯ୍ୟକାରିଣୀ ବିଭାଗ ଏ ଦୁଇଟି ବିଭାଗକୁ ପୃଥକ୍ କରିବା ପରିବର୍ତ୍ତେ ପରିମାର୍ଜିତ ପତ୍ନୀ ଓ ଅପରିମାର୍ଜିତ ପତିମାନଙ୍କର (Reformed wives and Unreformed husbands) କିଂବା ପରିମାର୍ଜିତ ପତି ଓ ଅପରିମାର୍ଜିତ ପତ୍ନୀମାନଙ୍କ ଭିତରେ ବିଚ୍ଛେଦ ପାଇଁ ଚେଷ୍ଟା କରିବା ଉଚିତ ହେବ; ଅସ୍ତ୍ରଶସ୍ତ୍ର ଆଇନ (Arms Act)କୁ ବାତିଲ କରିବା ପରିବର୍ତ୍ତେ ହିନ୍ଦୁଧର୍ମର ବିଲୋପ ପାଇଁ ଚେଷ୍ଟା କରିବା ଉଚିତ ହେବ । ରାଜନୈତିକ କାର୍ଯ୍ୟକ୍ରମ ମଧ୍ୟରେ ସବିଶେଷ ସାମାଜିକ ଦୃଷ୍ଟିକୋଣଗୁଡ଼ିକର ଏହି ପ୍ରଚଳନ ପାଇଁ କିଛି ବ୍ୟକ୍ତିଙ୍କର ଝୁଙ୍କ ଉଠିଛି ଏବଂ ତାହା ବି ସକଳ ପ୍ରକାର ଯୁକ୍ତିର ବିରୋଧାଚରଣ କରୁଛି । ବର୍ତ୍ତମାନର ଆବଶ୍ୟକତାଗୁଡ଼ିକ ଦୃଷ୍ଟିରୁ ସାମାଜିକ ବ୍ୟବସ୍ଥାର ଅଦଳବଦଳ ହେଉଛି ଜନସମୁଦାୟଙ୍କ ସାଧାରଣ ଚେତନାର ତଥା ବ୍ୟକ୍ତିବିଶେଷଙ୍କ ଉଦ୍ୟମର ବିଷୟ । ଏହାକୁ ନେଇ ସେଇ ରାଜନୀତି ଭିତରେ ଭର୍ତ୍ତି କରିବା ଅର୍ଥ ପ୍ରସଙ୍ଗଗୁଡ଼ିକ ନୈରାଶ୍ୟଜନକ ଭାବେ ଗୋଳମାଳିଆ କରିଦେବା, ଯହିଁରେ ସମସ୍ତ ପ୍ରକାରର ଧାର୍ମିକ ଦୃଷ୍ଟିଭଙ୍ଗୀ ଏବଂ ବିଭିନ୍ନ ସାମାଜିକ

ସିଦ୍ଧାନ୍ତଗୁଡ଼ିକ ହୁଏତ ସାମିଲ ହୋଇପାରେ । ସାମାଜିକ ଗଠନଶୈଳୀର ତ୍ରୁଟିଗୁଡ଼ିକ ଦୂର ହୋଇଗଲେ ଯେ ଆମେ ଆପଣାଛାଏଁ ଗୋଟିଏ ରାଷ୍ଟ୍ରରେ ପରିଣତ ହୋଇଯିବା ସଙ୍ଗେ ସଙ୍ଗେ ମୁକ୍ତି ପାଇଁ ଯେ ଯୋଗ୍ୟ ହୋଇଉଠିବା ଏକଥା ଠିକ୍ ନୁହେଁ । ଯଦି ସେମିତି ହୋଇଥା'ନ୍ତା ବର୍ତ୍ତମାନ ବର୍ମା ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇ ସାରନ୍ତାଣି । କିଂବା ସାମାଜିକ ପୁନର୍ଗଠନ ପାଇଁ ବର୍ତ୍ତମାନର ବ୍ୟବସ୍ଥା ଯେ ଅନୁକୂଳ ହେବ କିଂବା ସ୍ୱାୟତ୍ତ ଶାସନ ଯେ ଏହା ପ୍ରତି ଘୋର କ୍ଷତିକାରକ ହେବ ଏକଥା ଆମେ ବିଶ୍ୱାସ କରିପାରିବୁନି । ଏ କ୍ଷେତ୍ରରେ ବରଂ ଠିକ୍ ବିପରୀତ ହିଁ ଘଟିବ । ଅବଶ୍ୟ ସାମାଜିକ ସଂସ୍କାରର ଅର୍ଥ ଯଦି ହୁଏ ପୁରାତନ ବୋଲି ଯାହାକିଛି ପୁରାତନର, ହିନ୍ଦୁ ବୋଲି ଯାହାକିଛି ହିନ୍ଦୁର ରହିଛି ସବୁଗୁଡ଼ିକର ଧ୍ୱଂସ ସାଧନ କରିବା ତା'ହେଲେ ଇଂଲଣ୍ଡ ଓ ଇଂରେଜୀ ଆଦର୍ଶ ଉପରେ ଅଧୁନାତନ ରାଜନୈତିକ ତଥା ମାନସିକ ସ୍ତରର ନିର୍ଭରଶୀଳତାକୁ ଅବ୍ୟାହତ ରଖିବା ପାଇଁ ସମାଜ ସଂସ୍କାରକଗଣ ବିଶେଷ ଭାବେ ଚାହିଁବାଟା ଉଚିତ୍ ହେବ; କାରଣ ପୁରାତନ ସମାଜ ମଧ୍ୟରେ ଯାହାକିଛି ଶୁଭଙ୍କର ଥିଲା ଏବଂ ଯାହାକିଛି ଅତ୍ୟଧିକ ତ୍ରୁଟିପୂର୍ଣ୍ଣ ଥିଲା ସେସବୁର ଏହା କ୍ରମାଗତ ଭାବେ ଧ୍ୱଂସ ସାଧନ କରୁଛି । ଜାତୀୟତାରୁ ବିଚ୍ୟୁତି ମଧ୍ୟ ଦେଇ ଗୋଟିଏ ରାଷ୍ଟ୍ରରେ ପରିଣତ ହେବାର କାର୍ଯ୍ୟକ୍ରମ ପ୍ରତି ଆମର ତିଳେ ହେଲେ ସହାନୁଭୂତି ନାହିଁ । କିନ୍ତୁ ଯଦି ଗୋଟିଏ ବଳିଷ୍ଠ ସାମାଜିକ ବିକାଶ ଆମର ଲକ୍ଷ୍ୟ ହୁଏ, ତା'ହେଲେ ଅଧିକତର ଭାବେ ସ୍ୱାଧୀନ ଭାରତରେ ଏହା ସମ୍ଭବପର ହୋଇପାରିବ, ସେତେବେଳେ ଜାତୀୟ ପ୍ରୟୋଜନୀୟତାଗୁଡ଼ିକ ଭିତରୁ ହିଁ ଏକ ସ୍ୱାଭାବିକ ଜାତୀୟ କ୍ରମବିକାଶ ଜନ୍ମଲାଭ କରିବ । ସମାଜ କୃତ୍ରିମ-ଭାବେ ଉତ୍ପନ୍ନ ଗୋଟିଏ ପଦାର୍ଥ ନୁହେଁ ଯେ ତାକୁ ଯେମିତି ମନ ସେମିତି ଛାଞ୍ଚରେ ଗଢ଼ି ହେବ ଏବଂ ପୁନର୍ଗଠିତ କରାଯାଇ ପାରିବ, କିନ୍ତୁ ଏହା ଗୋଟିଏ ଅଭିବୃଦ୍ଧିର ଧାରା । ଯଦି ଏଇ ସମାଜକୁ ସୁସ୍ଥ ସବଳ ରଖିବାକୁ ପଡ଼େ ତା'ହେଲେ ଏହାର ଏକ ସୁସ୍ଥ ପାରିପାର୍ଶ୍ୱିକ ସ୍ଥିତି ଏବଂ ଏକସ୍ୱଚ୍ଛନ୍ଦ ବାତାବରଣ ରହିବା ନିଶ୍ଚୟ ଆବଶ୍ୟକ ହେବ ।

[ବନ୍ଦେ ମାତରମ୍, ମେ ୧, ୧୯୦୭]

## ଭାରତ କ'ଣ ସ୍ୱାଧୀନ ହେବ ?

### ଐକ୍ୟ ଓ ବ୍ରିଟିଶ ଶାସନ :

ଏହି ଦେଶରେ ସମସ୍ତଙ୍କ ମୁଖରୁ ଏକ ଧ୍ୱନି ଉଠିଛି ଯେ ସ୍ୱାଧୀନ ହେବା ପାଇଁ ପ୍ରୟାସ କରିବା ପୂର୍ବରୁ ଆମମାନଙ୍କୁ ଏହାର ଜନସାଧାରଣଙ୍କ ମଧ୍ୟରେ ଏକତାକୁ ସମ୍ପନ୍ନ କରିବାକୁ ପଡ଼ିବ । ଏମିତି ଦେଖିଲେ ଏହାଠାରୁ ବଳି ଅଧିକ ଯୁକ୍ତିସଂଗତ ଧ୍ୱନି ଆଉ କିଛି ନାହିଁ, ଅଧିକ ଅନ୍ତଃସାରଶୂନ୍ୟ ଆଉ କିଛି ନାହିଁ । ଆମେ ଯେତେବେଳେ ଏକତାର ପ୍ରୟୋଜନୀୟତା ସମ୍ପର୍କରେ ଆଲୋଚନା କରୁଛୁ ଏହାର ଅର୍ଥ କ'ଣ ହୋଇପାରେ ? ଏକତାର ଅର୍ଥ ଏଇୟା ନୁହେଁ ଯେ ସବୁକିଛି ସମାନ ହୋଇଯିବ ଆଉ ଯାବତୀୟ ମତଭେଦ ଦୂର ହୋଇଯିବ । ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କି ଆଲୋଚନା କରନ୍ତି ଯେ ଉଦାହରଣ ସ୍ୱରୂପ ସତେ ଯେମିତି ସମସ୍ତେ ସମାନ ସ୍ତରରେ ନ ରହିଲେ ଧର୍ମକ୍ଷେତ୍ରରେ ଏକତା ସମ୍ପାଦନ କରି ହେବ ନାହିଁ । କିନ୍ତୁ ଧର୍ମ କ୍ଷେତ୍ରରେ ସମାନତା ମନୋବୈଜ୍ଞାନିକ ଦୃଷ୍ଟିକୋଣରୁ ନିହାତି ଏକ ଅସମ୍ଭବ ବ୍ୟାପାର ଯାହାକୁ ମଣିଷ ମନର ପ୍ରକୃତ ସ୍ୱରୂପ ନିଷେଧ କରି ଦେଇଛି । ଯେତେ କାଳ ଧରି ମଣିଷମାନେ ବୁଦ୍ଧିସ୍ତରରେ, ସେମାନଙ୍କ ମିଜାଜରେ, ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ପୃଥକ୍ ପୃଥକ୍ ହୋଇ ରହିଥିବେ, ସେପର୍ଯ୍ୟନ୍ତ ନିଶ୍ଚୟ ଭିନ୍ନ ଭିନ୍ନ ଧର୍ମ ରହିଥିବ ଆଉ ଗୋଟିଏ ଧର୍ମ ଭିତରେ ଅନେକ ସମ୍ପ୍ରଦାୟ ମଧ୍ୟ ଯେମିତି ହେଲେ ରହିବେ । ରାଜା ରାମମୋହନ ରାୟଙ୍କ ଦ୍ୱାରା ବ୍ରାହ୍ମଧର୍ମର ପ୍ରଚଳନ ହୋଇଥିଲା ଏଇ ବିଶ୍ୱାସରେ ଯେ ଭାରତବର୍ଷରେ ଏହା ହିଁ ଗୋଟିଏ ଧର୍ମ ହୋଇ ରହିବ ଯାହା ଆମ ଅଧ୍ୟାତ୍ମ ଚେତନାକୁ ଭାଗ ଭାଗ କରୁଥିବା ଅସଂଖ୍ୟ ସମ୍ପ୍ରଦାୟ ପରିବର୍ତ୍ତେ ସେଗୁଡ଼ିକୁ ଆଣି ଗୋଟିଏ କରି ହେବ । କିନ୍ତୁ ସ୍ୱଳ୍ପ ସମୟ ମଧ୍ୟରେ ଏକତାର ଡୋରରେ ବାନ୍ଧି ରଖୁଥିବା ଏହି ଧର୍ମଟି କାହା ସହିତ କେହି ମେଳ ଖାଉ ନଥିବା ତିନିଗୋଟି ସମ୍ପ୍ରଦାୟରେ ବିଭକ୍ତ ହୋଇଗଲା ଯାହା ମଧ୍ୟରୁ ଦୁଇଟି ସମ୍ପ୍ରଦାୟ, ଏପରିକି ସେମାନଙ୍କର ସଂକୀର୍ଣ୍ଣ ପରିସର ମଧ୍ୟରେ ରହି ବିବାଦର ବିଲକ୍ଷଣମାନ ପ୍ରକାଶ କରିଛନ୍ତି; ଦେଖିବାକୁ ଗଲେ ଏ ବିଭାଜନଗୁଡ଼ିକର ସେମିତି ଅପରିହାର୍ଯ୍ୟ କାରଣ କିଛି ନାହିଁ କିନ୍ତୁ ମୂଳରେ ରହିଛି ବୌଦ୍ଧିକ ଢାଞ୍ଚାରେ ତାରତମ୍ୟ, ମନୋଭାବର ଭିନ୍ନତା, ଆଧ୍ୟାତ୍ମିକ ବିକାଶର ବହୁମୁଖୀ ଧାରାଗୁଡ଼ିକ । ବର୍ତ୍ତମାନର ବିଭିନ୍ନ ସମ୍ପ୍ରଦାୟକୁ ଧ୍ୱଂସ କରି ଦେଲେ ଏବଂ ହିନ୍ଦୁଧର୍ମର ବିଶ୍ୱଜନୀନ ସତ୍ୟ ଉପରେ ଆଧାରିତ ଗୋଟିଏ ଧର୍ମକୁ ବଦଳେଇ ଦେଲେ ହିନ୍ଦୁ ଧର୍ମର ଏକତା ପାଖରେ ପହଞ୍ଚି ହବନି । ଏହାର ସଫଳ ରୂପାୟନ ହୋଇ ପାରିବ ଯଦି ସାର୍ବଜନୀନ ଭାବେ ଏହି ଅନୁଭବଟି ଉଦ୍ରେକ ହୁଏ ଯେ ଅନ୍ୟାନ୍ୟ ଧର୍ମଗୁଡ଼ିକର ସତ୍ୟ ଓ ଶୃଙ୍ଖଳାଠାରୁ

ସ୍ୱତନ୍ତ୍ର ବୋଲି ବିବେଚିତ ନାନାବିଧ ଆଧ୍ୟାତ୍ମିକ ସତ୍ୟ ଓ ଶୃଙ୍ଖଳାରେ ଗଢ଼ି ଉଠିଥିବା ସଂଘ ସହିତ ତୁଳନା କଲେ ଧାର୍ମିକ ସମ୍ପ୍ରଦାୟଗତ ମତ ପାର୍ଥକ୍ୟର ଗୁରୁତ୍ୱ ହେଉଛି ଗୌଣ; ଆଉ ଦ୍ୱିତୀୟତଃ ପବିତ୍ର ଅବିଚ୍ଛେଦ୍ୟ ଅଙ୍ଗ ସଦୃଶ ଅଧିକାରର ଗୋଟିଏ ବସ୍ତୁ ହିସାବରେ ହିନ୍ଦୁଧର୍ମର ମୂଲ୍ୟାୟନ କରିବା ଦିଗରେ ଏବଂ ତା'ର ସାମଗ୍ରିକତା ଦୃଷ୍ଟିରୁ ତା' ପ୍ରତି ଗଭୀର ଅନୁରାଗ ପୋଷଣପୂର୍ବକ ଗୋଟିଏ ସର୍ବବାଦୀସମ୍ମତ ରାଜିନାମା । ଏହାହିଁ ମୌଳିକତଃ ଐକ୍ୟ ପ୍ରତି ରହିଥିବା ଭାବର ଉଚ୍ଛ୍ୱାସକୁ ବିଧିବଦ୍ଧ ରୂପ ଦିଏ, ସେ ଭାବର ଆବେଗ ଧର୍ମଗତ, ରାଜନୈତିକ କିଂବା ସାମାଜିକ ହୋଇଥାଉ । ଯାହାକୁ ଅନ୍ୟମାନେ କେହି ଅଧିକାର କରି ନାହାନ୍ତି ସେମିତି କିଛି ମହାର୍ଘ ଏବଂ ମୂଲ୍ୟବାନ୍ ସମ୍ପତ୍ତିରେ ଗୋଟିଏ ଗୋଷ୍ଠୀର ଚେତନା ନିଶ୍ଚୟ ରହିବ; ଆମ ସାଧାରଣ ଅଧିକାର ଭିତରେ ଯେଉଁ ଗୋଷ୍ଠୀମାନଙ୍କର କୌଣସି ଭାଗ ନାହିଁ ସେମାନଙ୍କଠାରୁ ଆମେ ଯେ ସ୍ୱତନ୍ତ୍ର ଏଇ ବୋଧଟା ନିଶ୍ଚୟ ପ୍ରବଳ ହେବ; ଆମର ସାଧାରଣ ଅଧିକାରଭୁକ୍ତ ବସ୍ତୁ ପ୍ରତି ଅଭିଳାଷ ପୋଷଣ କରିବାକୁ, ତା' ପ୍ରତି ଆମର ଦାବୀକୁ ସାବ୍ୟସ୍ତ କରିବାକୁ, ଏକ ମର୍ଯ୍ୟାଦା ହାନିକାରକ ମନ୍ତବ୍ୟ ତଥା ଧ୍ୱଂସମୁଖରୁ ତାକୁ ସୁରକ୍ଷା ପ୍ରଦାନ କରିବାକୁ ଗୋଟିଏ ସର୍ବୋତ୍ତମ ସଂକଳ୍ପ ନିଶ୍ଚୟ ରହିବ । କିନ୍ତୁ ଏକତାକୁ ଗଢ଼ି ତୋଳିବାକୁ ହେଲେ ଏକତା ପ୍ରତି ଖାଲି ଭାବପ୍ରବଣତା ଭିତରେ ରହିଗଲେ ଯଥେଷ୍ଟ ହେବନି; ଆମକୁ ଐକ୍ୟର ଅନୁଶୀଳନ ବରାବର କରିବାକୁ ପଡ଼ିବ । ଯେତେବେଳେ ଏକତା ପ୍ରତି ଗୋଟିଏ ଆକୁଳତା ରହିଛି କିନ୍ତୁ ଐକ୍ୟକୁ କେହି କାର୍ଯ୍ୟରେ ପରିଣତ କରୁ ନାହାନ୍ତି ସେତେବେଳେ ମହାନ୍, ବିଶ୍ୱଜନୀନ ଆଉ ସମସ୍ତଙ୍କୁ ଆଚ୍ଛନ୍ନ କରି ରଖିଲା ଭଳି ଗୋଟିଏ ଲକ୍ଷ୍ୟର ସାଧନ ଦିଗରେ ସବୁ ସ୍ତରରେ ପ୍ରୟାସ ଚଳେଇ ଏଇ ପରବର୍ତ୍ତୀ କାମଟିକୁ ହାସଲ କରି ହେବ ।

ଆମେମାନେ ଉତ୍ତର ଦେବାକୁ ଥିବା ପ୍ରଥମ ପ୍ରଶ୍ନଟି ହେଉଛି — ବିନା ଆପତ୍ତିରେ ବିଦେଶୀ ଶାସନକୁ ସ୍ୱୀକାର କରି ନେଲେ ଏହି ବାସ୍ତବ ଐକ୍ୟଟି କ'ଣ ସମ୍ପୂର୍ଣ୍ଣ ହୋଇ ପାରିବ ? ବିଦେଶୀ ଶାସନ କବଳରେ ରହି ଏକା ରକମର ଗୋଟିଏ ଅଜବ ଅବସ୍ଥାରେ ଯେ ପହଞ୍ଚି ହୁଏ ଏଥିରେ ତିଳାର୍ଦ୍ଧ ସନ୍ଦେହ ନାହିଁ । ଶାସକ ଗୋଷ୍ଠୀଠାରୁ ନିର୍ଦ୍ଦିଷ୍ଟ ଏକ ସମାନ ସ୍ତରରେ ନ୍ୟୂନ ହୋଇ ବ୍ରାହ୍ମଣ ଓ ଶୂଦ୍ର, ସମ୍ଭ୍ରାନ୍ତବଂଶଜ ଓ କୃଷକ ଏବଂ ହିନ୍ଦୁ ଓ ମୁସଲମାନ ସମସ୍ତଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ସମାନ ସ୍ତରରେ ଆଣି ପହଞ୍ଚେଇ ହୁଏ । ଯଦି ସେମାନଙ୍କ ମଧ୍ୟରୁ ସମସ୍ତେ ଆଉ ଶାସନ ଗାଦି ମାଡ଼ି ବସିଥିବା ଶ୍ୱେତାଙ୍ଗ ଜାତି, ଏ ଦୁହିଁଙ୍କ ମଧ୍ୟରେ ବିଦ୍ୟମାନ ରହିଥିବା ବିରାଟକାୟ ତାରତମ୍ୟକୁ ତୁଳନା କରାଯାଏ ତା'ହେଲେ ନିଜ ନିଜ ଭିତରେ ସେମାନଙ୍କ ମତଭେଦ ନିହାତି ତୁଚ୍ଛ ମନେ ହେବ । କିନ୍ତୁ ଜାତୀୟସ୍ତରରେ ଐକ୍ୟର ଲକ୍ଷ୍ୟକୁ ସାଧନ କରିବା ପାଇଁ ଏଇ ଗୋଟିଏ ଧରଣର ଯେଉଁ ଅବସ୍ଥା ଉପୁଜିଛି ତା'ର କିଛି ହେଲେ ମୂଲ୍ୟ ନାହିଁ । କେବଳ ଯାହା, ଯେତେଦୂର ସମ୍ଭବ, ସର୍ବସାଧାରଣଙ୍କ ମଧ୍ୟରେ ଥିବା ଏହି ହୀନମନ୍ୟତାର ଅନୁଭବ ଉଦ୍ଦୀପିତ କରି ଦେଉଛି ଗୋଟିଏ ସାର୍ବଜନୀନ ଇଚ୍ଛାକୁ ଏହା ବିରୋଧରେ ବିଦ୍ରୋହ କରି ଉଠିବା ପାଇଁ ଏବଂ ଏଥିରୁ ମୁକୁଳିବା ପାଇଁ । ଯଦି ବିଦେଶୀମାନେ ଆମ ଅପେକ୍ଷା ଶ୍ରେଷ୍ଠ ବୋଲି ମଉନ ସମ୍ମତି ଜ୍ଞାପନ କରାଯାଏ ଫଳ ହେବ ଏଇୟା ଯେ ଆମେ ଖାଲି ଛୋଟ ଛୋଟ ମତାନ୍ତରକୁ ନେଇ ବ୍ୟସ୍ତ ରହିଥିବା ଆଉ ଏକତାର ନିକଟବର୍ତ୍ତୀ ହେବା ପରିବର୍ତ୍ତେ ଅନୈକ୍ୟ (disunity)କୁ ଅତିରଞ୍ଜିତ କରି କହୁଥିବା । ଭାରତରେ ଠିକ୍ ଏଇୟା ହିଁ ଘଟିଛି ବ୍ରିଟିଶ ଶାସନର ଅଧୀନରେ । ଏକତା ପାଇଁ ଭାବପ୍ରବଣତା ବୃଦ୍ଧି ପାଇଛି, କିନ୍ତୁ କାର୍ଯ୍ୟତଃ ଆମେମାନେ ଉଭୟ ସାମାଜିକ ଓ ରାଜନୈତିକ ଦିଗରୁ ଦେଖିଲେ ଆହୁରି ଅଧିକ ଅଲଗା ଅଲଗା ଓ ଅସଂଗଠିତ ହୋଇ ଯାଇଛୁ ବ୍ରିଟିଶ ଦଖଲର ପୂର୍ବବର୍ତ୍ତୀ ସମୟ ଅପେକ୍ଷା । ମୋଗଲ ସାମ୍ରାଜ୍ୟର ଅସ୍ତ ପରେ ଯେଉଁ ଅରାଜକତା ଦେଖା ଦେଇଥିଲା ସେଥିରେ ଆକବର ଏବଂ ସାହାଜାହାନଙ୍କ ଉତ୍ତରାଧିକାରୀ ଭାବେ ସମ୍ପତ୍ତିକୁ ଅଧିକାର କରିବା ପାଇଁ ବିଭିନ୍ନ ପ୍ରଦେଶଗୁଡ଼ିକ ମଧ୍ୟରେ ଜୋର୍‌ଦାର ଟଣାଓଟରା ଲାଗିଥିଲା । ଏହା ବିଚ୍ଛିନ୍ନତାର ଏକ ଗୁରୁତ୍ୱପୂର୍ଣ୍ଣ ଓ ସ୍ଥାୟୀ ତତ୍ତ୍ୱ ନଥିଲା । କିନ୍ତୁ ବର୍ତ୍ତମାନର ବିଶୃଙ୍ଖଳିତ ଅବସ୍ଥା ହେଲା ଆଭ୍ୟନ୍ତରୀଣ ବ୍ୟାପାର ଏବଂ ସେଥିପାଇଁ ସମାଜର ବହୁ ଅପରିହାର୍ଯ୍ୟ ବିଭାଗକୁ ଆସି ଏହା ସ୍ପର୍ଶ କରିବାର ସମ୍ଭାବନା ଅଧିକ ଦେଖା ଯାଇଛି ।

ବିଦେଶୀ ଶାସନର ସ୍ୱାଭାବିକ ଓ ଅନିବାର୍ଯ୍ୟ ପରିଣତି ହେଉଛି ଏହି ବିଶୃଙ୍ଖଳିତ ଅବସ୍ଥା । ଗୋଟିଏ ସମାନ ବଂଶୋଦ୍ଭବକୁ ଆଧାର କରି ଯେଉଁ ରାଜ୍ୟଟିର ସୃଷ୍ଟି ହୁଏ ତାହା ବାସ୍ତବ ଅବା କପୋଳକଳ୍ପିତ ହୋଇଥାଉ, ସମାନ ଧର୍ମ କିଂବା ସମାନ ସ୍ୱାର୍ଥର ଭିତ୍ତି ଉପରେ ଗୋଟିଏ ବିଶାଳ ସଂଖ୍ୟାର କିଂବା କୌଣସି ଗୋଟିଏ ଦଳର ମଣିଷଙ୍କୁ ଏକଜୁଟ କରିହେଉ, ତାହାହିଁ ହେଉଛି ପ୍ରାକୃତିକ ଗଠନ । ତାହା ଯେତେଦିନ ପର୍ଯ୍ୟନ୍ତ ତିଷ୍ଠି ରହେ, ନିଜ ଭିତରେ ବରାବର ପୁନରୁତ୍ଥାନ ଓ ବିକାଶର

ସାମର୍ଥ୍ୟକୁ ଧରି ରଖିଥାଏ । କିନ୍ତୁ ରାଜନୀତି ବିଜ୍ଞାନ ଯାହା ସୂଚନା ଦେଉଛି, ଏକ ବିଜିତ ଜନସମାଜକୁ ବିଦେଶୀ ଜାତିର ସେନା ଛାଉଣୀ ଘେରି ରଖିବା ଦ୍ୱାରା ଏବଂ ଶେଷ ଅବଲମ୍ବନ ସ୍ୱରୂପ କୌଣସି ବିଶିଷ୍ଟ ଗୋଷ୍ଠୀର ଜନସାଧାରଣଙ୍କ ସମର୍ଥନରେ ନୁହଁ କିନ୍ତୁ ବାହ୍ୟଶକ୍ତିର ସମର୍ଥନରେ ଯଦି ଏକ ରାଜ୍ୟର ସୃଷ୍ଟି ହୁଏ ତା'ହେଲେ ତାହା କୌଣସି ନିର୍ଦ୍ଦିଷ୍ଟ ଗଠନ ନଥିବା ଗୋଟିଏ ରାଜ୍ୟରେ ପରିଗଣିତ ହୁଏ । ସେଠାରେ ପରାଧୀନ ଜନସାଧାରଣ ଅନିବାର୍ଯ୍ୟ ବଶତଃ ଅବ୍ୟବସ୍ଥିତ ହୋଇ ଯାଆନ୍ତି । ସଚେତନ ଅବା ଅଚେତନ ଭାବେ ହେଉ ଅନୁପ୍ରବେଶକାରୀ ସଂସ୍ଥାର ପ୍ରବୃତ୍ତି ହେଲା ଜାତୀୟ ଜୀବନ କ୍ଷେତ୍ରରେ ବିଦ୍ୟମାନ ସକଳ ଅଙ୍ଗଗୁଡ଼ିକୁ ଭାଙ୍ଗି ଛିନ୍ନଛତର କରିଦେବା ଆଉ ନିଜେ ଖୋଦ ସବୁକିଛି କ୍ଷମତା ଭିତରେ ବୁଡ଼ି ରହିବା । ମୋଗଲ ଶାସନର ଏ ଧରଣର ପ୍ରବୃତ୍ତି ନଥିଲା କାରଣ ଭାରତବର୍ଷରେ ଏହା ନିଜକୁ ହଠାତ୍ ସ୍ୱଦେଶୀରେ ପରିଣତ କରି ଦେଇଥିଲା । ବିଦେଶୀ ଶାସନର କିନ୍ତୁ ଏପ୍ରକାର ପ୍ରବୃତ୍ତି ରହିଛି କିଂବା ଏହାକୁ ବାଧ୍ୟରେ ଧରି ରଖିଛି କାରଣ ଦେଶ ଭିତରେ ସାମରିକ ଶକ୍ତିର ଛାଉଣୀ ବଳରେ ବାହ୍ୟଶକ୍ତି ଓ ଅନୁପ୍ରବେଶକାରୀ ସତ୍ତା ରୂପେ ଏହା ବରାବର ରହିବାକୁ ଉଦ୍ୟମ ଜାରୀ ରଖିବ ନିଶ୍ଚୟ, କିନ୍ତୁ ଏ ଦେଶର ଅବିଚ୍ଛେଦ୍ୟ ଅଙ୍ଗ ହୋଇ ରହିବାକୁ ଚାହିଁବ ନାହିଁ । ଏପରି କୌଣସି ବିଦେଶୀ ଆଧିପତ୍ୟର ନମୁନା ଇତିହାସରେ ଯେ ହୁଏତ ଥାଇପାରେ ତାହା ସନ୍ଦେହଜନକ ଯାହା ଅଯଥାରେ ଚାରିଆଡ଼େ ବ୍ୟାପୀ ଯାଇଛି ଅଯଥା ଗୁଇନ୍ଦାଗିରିର ବଶବର୍ତ୍ତୀ ହୋଇ ଏବଂ ଦେଶରେ କୌଣସି ଶକ୍ତିଶାଳୀ କେନ୍ଦ୍ରର ବିକାଶରେ ଅସହିଷ୍ଣୁତା ପ୍ରକଟ କରି, ଏହା କେବଳ ଚାହୁଁଛି ବ୍ରିଟିଶ ରାଜତନ୍ତ୍ର ଭାବେ ଆପଣାକୁ ଜାହିର କରିବାକୁ । ବ୍ରିଟିଶର ଆଗମନ ପୂର୍ବରୁ ଭାରତରେ ବାସ୍ତବିକ ତିନୋଟି ସଂଗଠିତ ଶକ୍ତିର କେନ୍ଦ୍ର ରହିଥିଲା – ସର୍ବୋତ୍ତମ ଶାସକ ଥିଲେ ପେଶୱା କିଂବା ରାଜା ବା ନବାବ, ଜମିଦାର କିଂବା ଜାଗିରିଦାରମାନଙ୍କ ଉପରେ ତାଙ୍କର ଶକ୍ତିକୁ ସ୍ଥାପିତ କରି; ନିଜ ରାଜ୍ୟ ଭିତରେ ଜମିଦାର ତାଙ୍କ ଶକ୍ତିକୁ ପରିଜନ କିଂବା ପ୍ରଜାମାନଙ୍କ ଉପରେ ନ୍ୟସ୍ତ କରିଥିଲେ ଏବଂ ଗ୍ରାମ୍ୟଗୋଷ୍ଠୀ ସ୍ୱାଧୀନ ଭାବେ ସ୍ୱତଃ ତିଷ୍ଠି ରହିଥିଲା । ବ୍ରିଟିଶ ଦଖଲର ପ୍ରଥମ ପରିଣାମ ହେଲା ଉପରୋକ୍ତ ସର୍ବୋତ୍ତମ ଶାସନ କର୍ତ୍ତାଙ୍କୁ ସ୍ଥାଣୁ ଅବସ୍ଥାକୁ ନେଇଆସିବା, ଏବଂ ଯାହା ବାରଂବାର ବଙ୍ଗଳାରେ ଘଟି ଚାଲିଥିଲା, ସେହିଭଳି ଜମିଦାରମାନଙ୍କ ସାହଚର୍ଯ୍ୟରେ ଘଟିଚାଲିଲା । ପରବର୍ତ୍ତୀ ପରିଣାମ ହେଲା ଗ୍ରାମ୍ୟ ଗୋଷ୍ଠୀର ଇତଃସ୍ତତଃ ଅବସ୍ଥା । ତୃତୀୟ ପରିଣାମ ହେଲା ଗୋଟିଏ ଅଭିନବ ଗୋଷ୍ଠୀର ସାହଚର୍ଯ୍ୟ ବଳରେ ଜମିଦାରଙ୍କ କ୍ଷମତାକୁ କ୍ରମାଗତ ଭାବେ ଶେଷ କରିଦେବା । ଏହି ଗୋଷ୍ଠୀଟିକୁ ବିଦେଶୀମାନେ ନିଜର ଉଦ୍ଦେଶ୍ୟ ସାଧନ ପାଇଁ ସୃଷ୍ଟି କରିଥିଲେ – ତାହା ଥିଲା ବୁର୍ଜୁଆ କିଂବା ମଧ୍ୟବିତ୍ତ ଗୋଷ୍ଠୀ । ଦୁର୍ଭାଗ୍ୟବଶତଃ ବ୍ରିଟିଶ ଶାସନତନ୍ତ୍ର ପକ୍ଷରୁ ମଧ୍ୟବିତ୍ତ ଗୋଷ୍ଠୀଟିକୁ ପ୍ରଶ୍ରୟ ଦେବାକୁ ପଡ଼ିଥିଲା ତା'ର ସମର୍ଥନ ଓ ସହଯୋଗ ପାଇବା ଉଦ୍ଦେଶ୍ୟରେ ଏବଂ ସେଇଥିପାଇଁ ମଧ୍ୟବିତ୍ତ ଗୋଷ୍ଠୀକୁ ଛାଡ଼ି ଦେଇଥିଲା ଶକ୍ତିରୂପେ ଦଣ୍ଡାୟମାନ ହେବା ପାଇଁ ଏବଂ ପ୍ରେସ୍, ବିଚାରାଳୟ, ବିଶ୍ୱବିଦ୍ୟାଳୟ, ନଗରପାଳିକା, ଜିଲ୍ଲାପରିଷଦ ପରି ନିଜର ସଂଗଠନଗୁଡ଼ିକର ବିକାଶ ପାଇଁ । ପରିଶେଷରେ ବ୍ରିଟିଶ ରାଷ୍ଟ୍ରନୀତିଜ୍ଞମାନେ ଯେଉଁ ପରିସ୍ଥିତିର ମୁକାବିଲା କରି ବସିଲେ ତାହା ହେଲା ଏଇୟା : – ଜମିର ସହଜାତ ସର୍ବମୟ କର୍ତ୍ତାଗଣ ଅସହାୟ ଓ ବିପର୍ଯ୍ୟସ୍ତ ହୋଇ ପଡ଼ିଲେ, ସମ୍ଭ୍ରାନ୍ତଶ୍ରେଣୀର ଜମିମାଲିକମାନେ ଅସହାୟ ଓ ବିପର୍ଯ୍ୟସ୍ତ ହୋଇ ପଡ଼ିଲେ, କୃଷକ ସମାଜ ଅସହାୟ ଓ ବିପର୍ଯ୍ୟସ୍ତ ହୋଇ ପଡ଼ିଲା, କିନ୍ତୁ ଗୋଟିଏ ବାକୀ ରହିଗଲା, ସେ ହେଲା ମଧ୍ୟବିତ୍ତ ଗୋଷ୍ଠୀ, ଶକ୍ତିରେ, ନିଜପକ୍ଷରୁ ବଳିଷ୍ଠଯୁକ୍ତିର ଉପସ୍ଥାପନରେ ଏବଂ ସଂଗଠନରେ ତା'ର ଅଭିବୃଦ୍ଧି ସାଧନ ହେଲା । ଗୋଟିଏ ବିଦେଶୀ ଆଧିପତ୍ୟର ସ୍ୱତଃସ୍ଫୂର୍ତ୍ତ ଓ ଦୁର୍ନିବାର ଧାରାକୁ ଅନୁସରଣ କରି, ବ୍ରିଟିଶର ବିଜ୍ଞ ରାଷ୍ଟ୍ରନୀତି ଯେଉଁ କ୍ଷମତାକୁ ପ୍ରତିଷ୍ଠା କରିଥିଲା ଉପରୋକ୍ତ ବିପର୍ଯ୍ୟୟରୁ ବର୍ତ୍ତି ଯାଇଥିବା ଜାତୀୟଶକ୍ତିର ଏବଂ ସମ୍ଭାବ୍ୟ ପୁନର୍ଜାଗରଣର ଏକମାତ୍ର କେନ୍ଦ୍ରଟିକୁ ଧୂଳିସାତ୍ କରିବା ଉଦ୍ଦେଶ୍ୟରେ, ତା'ର ବିଲୋପ ସାଧନରେ ବ୍ରତୀ ହୋଇପଡ଼ିଲା । ଯଦି ଏକଥା ହୋଇ ପାରିଥା'ନ୍ତା, ଯଦି ମଧ୍ୟବିତ୍ତ ଗୋଷ୍ଠୀଟିକୁ ପୋଷା ମନାଯାଇ ପାରିଥା'ନ୍ତା, କାର୍ଯ୍ୟ ହାସଲ ପାଇଁ ହୁଏତ ଉତ୍କୋଚ ଦିଆଯାଇ ପାରିଥା'ନ୍ତା କିଂବା ତା'ର ସଂପ୍ରସାରଣକୁ ସଙ୍କୁଚିତ କରାଯାଇ ଥାଆନ୍ତା ତା'ହେଲେ ବିଶୃଙ୍ଖଳା ପୂର୍ଣ୍ଣମାତ୍ରାରେ ସମ୍ଭବ ହୋଇ ଥାଆନ୍ତା । ଭାରତର ଜନସାଧାରଣଙ୍କ ପାଇଁ ଆଉ କିଛି ହେଲେ ନଥା'ନ୍ତା କେବଳ ଅବ୍ୟବସ୍ଥିତ ହୋଇ ପଡ଼ିଥିବା ଏକ ଜନତାକୁ ବାଦ୍ ଦେଇ ଯାହାର ନଥା'ନ୍ତା ଆଉ ଶକ୍ତି ଆହରଣର କୌଣସି କେନ୍ଦ୍ର କିଂବା ପ୍ରତିରୋଧର ପନ୍ଥା ।

ବଙ୍ଗଳାରେ ହିଁ ମଧ୍ୟବିତ୍ତ ଗୋଷ୍ଠୀ ଖୁବ୍ ବିକାଶ ଲାଭ କରିଥିଲା ଆଉ ନିଜ ସମ୍ପର୍କରେ ସଚେତନ ଥିଲା; ଏବଂ ଏଇ ବଙ୍ଗଳାରେ ହିଁ ତେଣୁ ଏକଦା ଏକାନ୍ତ ଉପଯୋଗୀ ଓ ବର୍ତ୍ତମାନ

ଘୃଣାର ପାତ୍ର ହୋଇଥିବା ମଧ୍ୟବିତ୍ତ ଗୋଷ୍ଠୀକୁ ଚଟାପଟ୍ ବିପଜ୍ଜନକ ଆଘାତ ପରେ ଆଘାତ ଦ୍ୱାରା ତା'ର ମୁକାବିଲା କରି ଏହାକୁ ଉତ୍କୋଚ ମାଧ୍ୟମରେ ନୀରବ କରିଦେବା ପାଇଁ ଶେଷ ଉଦ୍ୟମ ଥିଲା ଲର୍ଡ଼ ରିପନ୍‌ଙ୍କ ପ୍ରଶାସନର । ଯେଉଁ ସଂଗଠନଗୁଡ଼ିକ ମାଧ୍ୟମରେ ଏହି ଶକ୍ତି ଧୀରେ ଧୀରେ ତା'ର ଗଠନମୂଳକ ଜୀବନର ସ୍ପର୍ଶ ପାଇବାକୁ ଓ ବିକାଶର ପଥରେ ଆଗେଇ ଯିବାକୁ ଆରମ୍ଭ କରି ଦେଇଥିଲା ସେସବୁକୁ ତଳିତଳାନ୍ତ କରିବା ନିମନ୍ତେ ସୁଯୋଗ ଖୋଜା ଚାଲିଲା । ପ୍ରେସ୍‌କୁ ଭୟଭୀତ କରାଗଲା, ନଗରପାଳିକାଗୁଡ଼ିକୁ ସରକାରୀ ସଂସ୍ଥାର ପରିସରଭୁକ୍ତ କରାଗଲା । ବିଶ୍ୱବିଦ୍ୟାଳୟଗୁଡ଼ିକୁ ମଧ୍ୟ ସରକାରୀ ସଂସ୍ଥାର ପରିସରଭୁକ୍ତ କରାଗଲା ଓ ତା'ର ସଂପ୍ରସାରଣକୁ ମଧ୍ୟ ସୀମିତ କରି ଦିଆଗଲା । ଶେଷରେ ବିଭାଜନର ଉଦ୍ଦେଶ୍ୟ ରହିଲା ଏକା ମାଡ଼କେ ଜମିଦାରଙ୍କ କ୍ଷମତାର ଦୁଃସ୍ଥ ଅବଶେଷକୁ ଲୋପ କରି ଦେବାକୁ ଏବଂ ବଙ୍ଗଳାର ମଧ୍ୟବିତ୍ତ ଶ୍ରେଣୀକୁ ଭାଗ ଭାଗ କରି ଦୁର୍ବଳ କରିଦେବାକୁ । ଲର୍ଡ଼ କର୍ଜନଙ୍କ ନୀତି ତ ବେଶ୍ ଜଣାଶୁଣା, ତାଙ୍କର କାମ ହେଲା ମଧ୍ୟବିତ୍ତ ଶ୍ରେଣୀକୁ ଦମନ କରି ରଖିବା । ଆମର ବିଶ୍ୱାସ, ମିଃ. ମୋର୍ଲେ କ୍ଷମତାସୀନ ହେଲା ପରେ ଯଦି ସମ୍ଭବ ହୁଏ, ଖୋଦ୍ କଂଗ୍ରେସକୁ ସ୍ୱୀକୃତି ଦେବାକୁ ଏବଂ ତାକୁ ସରକାରୀ କ୍ଷମତାର ପରିସରଭୁକ୍ତ କରିବାକୁ ମନସ୍ଥ ହୋଇଥିଲା । ଏମିତିକି ପଞ୍ଜାବ ଓ ବଙ୍ଗଳାରେ ତେଜି ଉଠୁଥିବା ଆନ୍ଦୋଳନ ଦୃଷ୍ଟିରୁ ବର୍ତ୍ତମାନ ନିହାତି ଯାହା ଅନୁମେୟ ତାହା ହେଲା ସରକାରୀ ନିୟନ୍ତ୍ରଣର ବାସ୍ତବତା ନୁହଁ କିନ୍ତୁ ଏକ ପ୍ରତିନିଧି ସଭାର ଆବିର୍ଭାବ ସହିତ ସଂପ୍ରସାରିତ ବିଧାନମଣ୍ଡଳ, ଏହାକୁ ଏକ ସୁବିଧା ହିସାବରେ ଦିଆଯାଇ ନପାରେ କିନ୍ତୁ ଏହା ଏକ ସୁପରିକଳ୍ପିତ ଚାଲ୍ । ମଧ୍ୟବିତ୍ତ ଶ୍ରେଣୀର ରାଜନୈତିକ ଜୀବନ ସହିତ ଓତପ୍ରୋତ ସଂପୃକ୍ତ ଥିବା ସଂଗଠନଗୁଡ଼ିକ ସ୍ୱାଧୀନଭାବେ କାର୍ଯ୍ୟ କରୁଥିବା ପର୍ଯ୍ୟନ୍ତ ବିପଜ୍ଜନକ ବୋଲି ସାବ୍ୟସ୍ତ ହେଉଥିବେ । ସେମାନଙ୍କଠାରୁ ସ୍ୱାଧୀନତା କାଢ଼ିନେବା ଦ୍ୱାରା ସେମାନେ ସରକାରଙ୍କ ପାଇଁ ହୋଇ ଉଠିବେ ସଦ୍ୟଶକ୍ତିର – ଆଉ ଯେଉଁ ଶ୍ରେଣୀଟି ସେମାନଙ୍କ ଭିତରେ ନିଜର ଅଭିବୃଦ୍ଧି ଓ ଆତ୍ମ-ଅଭିବ୍ୟକ୍ତି ପାଇଁ ନିରନ୍ତର ପ୍ରୟାସ ଜାରୀ ରଖିଛି ତା'ପାଇଁ ଦୁର୍ବଳତାର ଉଦ୍‌ଗମ ସ୍ଥଳ ।

ଧମକର ଶରବ୍ୟ ହୋଇଥିବା ଗୋଷ୍ଠୀଟି ଉପରେ ଯେଉଁ ଧରଣର ଆକ୍ରମଣ ହେଲା ସେ ସଂକ୍ରାନ୍ତରେ ଏଇ ବିଭାଜନ ତା'ର ଆଖି ଖୋଲି ଦେଇଛି ଆଉ ଫଳସ୍ୱରୂପ ଏକ ବ୍ୟାପକ ତଥା ଆବେଗ ପରିପୂର୍ଣ୍ଣ ବିପ୍ଳବ ସଂଘଟିତ ହେଲା ଯାହା ସଂପ୍ରତି ପରିବ୍ୟାପ୍ତ ହୋଇଛି ବଙ୍ଗଳାରୁ ପଞ୍ଜାବକୁ ଏବଂ ସମଗ୍ର ଭାରତବର୍ଷକୁ ତାହା ବ୍ୟାପୀ ଯିବାର ଆଶଙ୍କା ଦେଖାଦେଇଛି । ବର୍ତ୍ତମାନ ଯେଉଁ ସଂଗ୍ରାମ ଚାଲିବ ତା' ହେବ ଜୀବନ ଓ ମୃତ୍ୟୁ ମଧ୍ୟରେ ସଂଗ୍ରାମ । ଯଦି ଶାସନତନ୍ତ୍ରର ବିଜୟ ହୁଏ ତା'ହେଲେ ମଧ୍ୟବିତ୍ତ ଶ୍ରେଣୀ ଭାଙ୍ଗି ଟୁକୁରା ଟୁକୁରା ହୋଇଯିବ, ବୋଧହୁଏ ଅସ୍ତିତ୍ୱ ତା'ର ନିଶ୍ଚିହ୍ନ ହୋଇଯିବ; ଯଦି ମଧ୍ୟବିତ୍ତ ଶ୍ରେଣୀର ବିଜୟ ହୁଏ ବିଦେଶୀ ଶାସନତନ୍ତ୍ର ଏ ମାଟିରେ ଆଉ ବେଶୀ ଦିନ ମୁଣ୍ଡ ଟେକି ପାରିବ ନାହିଁ । ସବୁକିଛି ନିର୍ଭର କରୁଛି, ନିଜ ଅନୁଗାମୀ ଜନସାଧାରଣଙ୍କୁ ଧରି ମଧ୍ୟବିତ୍ତ ଗୋଷ୍ଠୀ ସର୍ବସାଧାରଣଙ୍କ ମୁକ୍ତି ଦିଗରେ କେତେ କୃତିତ୍ୱ ଅର୍ଜନ କରୁଛି ବା ବିଫଳ ହୋଇ ଯାଉଛି, ତା'ଉପରେ । ରାଷ୍ଟ୍ରର ଅଧିନାୟକ ଓ ଜାଗରଣକାରୀ ଭାବେ ସହଜାତ ଭୂମିକାଟିକୁ ସାଦରେ ଗ୍ରହଣ କରିବା ଦ୍ୱାରା ସେମାନେ ହୁଏତ ଏଇ ସମର୍ଥନ ପାଇପାରନ୍ତି; ଯେଉଁ ଶକ୍ତିର ଉଦ୍ଦୀପନା ଓ ସାଫଲ୍ୟକୁ ସାଥିରେ ଧରି ସେମାନେ ଶାସନତନ୍ତ୍ର ବିରୋଧରେ ସଂଗ୍ରାମ ଚଳେଇବେ ତା'ରି ବଳରେ ସେମାନେ ଏହାକୁ ହାସଲ କରିପାରିବେ । ଉଦହରଣସ୍ୱରୂପ, ଅଳ୍ପ କେତେଜଣ ସମ୍ଭ୍ରାନ୍ତ ଶ୍ରେଣୀର ମୁସଲମାନମାନଙ୍କ ସାହଚର୍ଯ୍ୟ ପ୍ରଶାସନକୁ ସକ୍ଷମ କରି ପକେଇଛି ଗୋଟିଏ ବିଶାଳ ସଂଖ୍ୟକ ମୁସଲମାନ ଜନତାଙ୍କୁ ମଧ୍ୟବିତ୍ତ ଗୋଷ୍ଠୀର ହିନ୍ଦୁମାନଙ୍କ ବିରୋଧରେ ଯିବା ପାଇଁ, ଆଉ ଆପଣା ସ୍ଥିତିର ସୁରକ୍ଷା ପାଇଁ ଏଣେ ଶିକ୍ଷିତ ଗୋଷ୍ଠୀ ଆପ୍ରାଣ ଉଦ୍ୟମରେ ପାଲଟା ଲଢ଼େଇ କରି ଚାଲିଛି । ଯଦି ଏଭଳି ଘମାଘୋଟ ପରିସ୍ଥିତି ଭିତର ଦେଇ ଏ ଗୋଷ୍ଠୀଟି ସଫଳତା ପାଇଯାଏ ତା'ହେଲେ ଘଟଣାକ୍ରମେ, ଏମିତିକି ମୁସଲମାନ ଜନସାଧାରଣ ତା'ର ନେତୃତ୍ୱକୁ ଅନୁସରଣ କରି ଚାଲିବେ ।

ବିଦେଶୀ ଶାସନତନ୍ତ୍ର ପକ୍ଷରୁ ଗୃହୀତ ରାଜନୈତିକ ବିଶୃଙ୍ଖଳା ସୃଷ୍ଟିର ଏହି ପ୍ରକ୍ରିୟା ଯେତେ ବେଶୀ ଉଦ୍ଦେଶ୍ୟ ପ୍ରଣୋଦିତ ନୀତି ନୁହେଁ ସେତିକି ପରିମାଣରେ ତାହା ହେଉଛି ତା'ର ସ୍ୱଭାବଜାତ କ୍ରିୟା ଯାହାକି ଏ କ୍ଷେତ୍ରରେ କିଛି ଆଉ ଅଧିକ ସାହାଯ୍ୟ କରି ପାରିବନି ଠିକ୍ ସମୁଦ୍ର ନିଜ ପ୍ରବହମାନ ଧାରାକୁ ଯେତିକି ସାହାଯ୍ୟ କରିପାରିବ ତା' ଅପେକ୍ଷା । ପରାଧୀନ ସଂଗଠନର ବିଲୟ ଘଟିଲେ ତାହା ଅବ୍ୟବସ୍ଥିତ ଜନସମୁଦାୟର ରୂପ ନିଏ, ଏହାହିଁ ଏକ ବିଦେଶୀ ଏକଚ୍ଛତ୍ରବାଦର କାର୍ଯ୍ୟଧାରା ।

[ବନ୍ଦେ ମାତରମ୍, ମେ ୨, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

# ସଂଗଚ୍ଛଧ୍ୱମ୍

## (ଏକାଠି ମିଳିତ ହୁଅ, ଏକାଠି ଆଗେଇ ଚାଲ)


## ଶ୍ରୀ ନଳିନୀକାନ୍ତ ଗୁପ୍ତ


ସଂଘବଦ୍ଧ ଭୁକ୍ତିର ସଦୃଶ ସଂଘବଦ୍ଧ ମୁକ୍ତିର ବି ସ୍ୱପ୍ନ ମାନବ ଦେଖିଛି । ଉତ୍ସବରେ, ବ୍ୟସନରେ ଆମେ ଯେତେ ଭିଡ଼ କରୁ, ଆମର ଉତ୍ସାହ ଓ ଆନନ୍ଦ ସେତେ ଅଧିକ ହୋଇଥାଏ – the more the merrier; ତେବେ ଆଧ୍ୟାତ୍ମିକ ଜୀବନରେ ସାଧାରଣ ମନ୍ତ୍ର ହେଉଛି ଯେପରି – ଏକୁଟିଆ ଚାଲରେ, ଭଗବାନଙ୍କ ସହ ମନୁଷ୍ୟର ସମ୍ବନ୍ଧ ଯେମିତି ଏକକ ଅଦ୍ୱୈତ, ଦ୍ୱିତୀୟ ପକ୍ଷ ଆସି ଯେପରି ସେଥିରେ ବିଭାଗ ବିଭେଦ ସୃଷ୍ଟି ନ କରେ, ଆଉ ସେପରି ହେବା ଉଚିତ ମଧ୍ୟ ନୁହେଁ । ଏଇ ଯେ ଏକାନ୍ତ, ଅନନ୍ୟ ଅଦ୍ୱିତୀୟ ଅନୁଭୂତି – ଏହା ହିଁ ଆଧ୍ୟାତ୍ମିକ ସିଦ୍ଧିର ପରମ ଧାମ, ଉତ୍ତମ ଧାମ – ଯାହାକୁ ଅତିକ୍ରମ କରି ଆଉ କିଛି ନାହିଁ ।

ତେବେ ଚେତନାର ଆଉ ଗୋଟିଏ ଧାରା ବି ରହିଛି; ଯାହା କେବଳ ଉଠି ଚାଲିଯିବାକୁ ଚାହେଁ ନାହିଁ ଏ ସ୍ଥାନର ଯାବତୀୟତାକୁ ଛାଡ଼ି, ପରିହାର କରି, ନାସ୍ତି କରି । ସେ ଏକାକୀ ଚାଲିବାକୁ ଇଚ୍ଛା ନ କରି, ସମସ୍ତଙ୍କୁ ନେଇ ଚାଲିବାକୁ, ଜୀବନ ଧାରଣ କରିବାକୁ ଇଚ୍ଛା କରେ । କେବଳ ଉର୍ଦ୍ଧ୍ୱାୟନରେ ସନ୍ତୁଷ୍ଟ ନ ରହି ପ୍ରସାରଣ ଦିଗରେ ଅଗ୍ରସର ହେବା ବି ସତ୍ତାର ତଥା ଚେତନାର ଏକ ସ୍ୱଧର୍ମଗତ ପ୍ରବେଗ । 'ବସୁଧୈବ କୁଟୁମ୍ବକମ୍' ଯେ କେବଳ ଲୋକାୟତ ଅର୍ଥାତ୍ ନାସ୍ତିକ୍ୟବାଦ ଆଦର୍ଶ, ତା' ନୁହେଁ – ସମସ୍ତଙ୍କୁ ନେଇ ଯେଉଁ ଜୀବନ, ତାହା ଯେ କେବଳ ହିଁ ଲୌକିକ ଜୀବନ – ତା' ମଧ୍ୟ ହୋଇ ନ ପାରେ – ଅଧ୍ୟାତ୍ମ-ଜୀବନରେ ବି ଏହା ହୋଇପାରେ ଏବଂ ଏହା ହେବା ଉଚିତ ମଧ୍ୟ ।

ବିଶ୍ୱକୁ ନିଜ ଭିତରେ ସଂହତ କରି ଧାରଣ କରିବାକୁ ହେବ, ସେଇପରି ଭାବରେ ନିଜକୁ ବିଶ୍ୱ ମଧ୍ୟରେ ବିଚ୍ଛୁରିତ କରି ଦେବାକୁ ପଡ଼ିବ – ଭଗବାନଙ୍କୁ ଖାଲି ଆତ୍ମାରେ ଗ୍ରହଣ କରିବା ଯଥେଷ୍ଟ ନୁହେଁ, ତାଙ୍କୁ ସମଗ୍ର ଆଧାର ଦେଇ ଆଲିଙ୍ଗନ କରିବା ହେଉଛି ପୂର୍ଣ୍ଣତର ଆଧ୍ୟାତ୍ମିକତା । ପୁନଶ୍ଚ ଖାଲି ବ୍ୟଷ୍ଟି ହିସାବରେ ସାଯୁଜ୍ୟ ଲାଭ କଲେ ଯଥେଷ୍ଟ ନୁହେଁ, ସମଷ୍ଟି ଭାବରେ ବି ସାଯୁଜ୍ୟ ଲାଭ କରାଯାଇପାରେ । ଏଇ ତତ୍ତ୍ୱକୁ ଲକ୍ଷ୍ୟ କରି ହିଁ ବୁଦ୍ଧଦେବ ତାଙ୍କର ତ୍ରିରତ୍ନର ମନ୍ତ୍ର ଦେଇଥିଲେ :

''ବୁଦ୍ଧଂ ଶରଣଂ ଗଚ୍ଛାମି
ଧର୍ମଂ ଶରଣଂ ଗଚ୍ଛାମି
ସଂଘଂ ଶରଣଂ ଗଚ୍ଛାମି ।''

ପ୍ରଥମେ ପ୍ରୟୋଜନ ସଂବୁଦ୍ଧ ସତ୍ତା, ପୂର୍ଣ୍ଣ ଚିନ୍ମୟ ଚୈତନ୍ୟ, ସଂହତ ଜାଗ୍ରତ୍ ମୂର୍ତ୍ତ ଦିବ୍ୟଚେତନା । ସର୍ବାଗ୍ରେ ଏହି ମୌଳିକ ମୂର୍ତ୍ତ ସତ୍ୟ, ତା'ପରେ ସେଇ ସତ୍ୟର ପ୍ରକାଶ ତାହାର କ୍ରିୟାବଳୀ ଭିତରେ – ସତ୍ୟର ବିଧି-ବିଧାନ କର୍ମଧାରା; ତାହାକୁ ହିଁ କୁହାଯାଏ ଧର୍ମ, ବୈଦିକ ଋଷିଗଣଙ୍କ ଭାଷାରେ 'ଋତମ୍' । ସତ୍ୟ ଏବଂ ଋତ ଅର୍ଥ ସତ୍ୟର ପ୍ରକାଶ, ପୁନଶ୍ଚ ସେଇଟି କେବଳ ବ୍ୟକ୍ତିବିଶେଷ ମଧ୍ୟରେ ନୁହେଁ, ବହୁଙ୍କ ମଧ୍ୟରେ, ସମବେତ ଜୀବନ ଭିତରେ ପ୍ରକଟ ଓ ପ୍ରତିଷ୍ଠିତ ହେବ । ଏମିତି କି ସକଳ ବ୍ୟକ୍ତି, ସମଗ୍ର ମଣିଷଜାତିର ହେବ ଏହି ସତ୍ୟ ପ୍ରତିଷ୍ଠ, ସତ୍ୟରେ କର୍ମାୟିତ ଜୀବନ । ବୌଦ୍ଧ ସାଧନାରେ ଏହାର ନାମ ସଂଘ, 'ସଂଘଂ ଶରଣଂ ଗଚ୍ଛାମି' – ବହୁର ସମ୍ମିଳିତ ଅଧ୍ୟାତ୍ମ-ଜୀବନ ।

ବୈଦିକ ଋଷିମାନେ ବି 'ସମିତି'ର କଥା ଉଲ୍ଲେଖ କରିଛନ୍ତି, ଅର୍ଥାତ୍ ସମ୍ମିଳିତ ଗୋଷ୍ଠୀ । ଏଠାରେ ବି ଲକ୍ଷ୍ୟ କରିବାକୁ ହେବ ଯେ କେବଳ ବାହ୍ୟ ପ୍ରାକୃତ ଜୀବନକୁ ସୁଷ୍ଠୁତର ଭାବରେ ପରିଚାଳନା କରିବା ସକାଶେ ସମ୍ମିଳିତ ହେବାକୁ ସେମାନେ ଡାକ ଦେଉଥିଲେ : ''ସଂଗଚ୍ଛଧ୍ୱଂ ସଂ ବଦଧ୍ୱମ୍'', ଏହା ଯଥାର୍ଥ ନୁହେଁ, ଏହା ହେଉଛି, ଆଗରୁ କହିଛି ଏକ ସମବେତ ଆଧ୍ୟାତ୍ମିକ ସିଦ୍ଧି, ତୁମମାନଙ୍କର କଥା ଏକ ହେଉ, ମନ ଓ ହୃଦୟ ଏକ ହେଉ, ତୁମମାନଙ୍କର ଯାତ୍ରା ଏକ ହେଉ, ଏକ ହିଁ ସତ୍ୟ ତୁମ ସମସ୍ତଙ୍କ ମଧ୍ୟରେ ବିକଶିତ ହେଉ – ଏହା ହିଁ ତ ଋଷିମାନଙ୍କର ଆକୂତି ।

ସେଇ ସମସ୍ତ ବୈଦିକ ମନ୍ତ୍ରକୁ ତୁମମାନଙ୍କୁ ପଢ଼ି ଶୁଣାଉଛି, ଏଗୁଡ଼ିକ ଋଗ୍ ବେଦର ଶେଷମନ୍ତ୍ର । ଋଷିମାନେ ଯେପରି ସେମାନଙ୍କ ବାର୍ତ୍ତାର, ଉକ୍ତିର ସୁ-ଉକ୍ତର ସାରାଂଶ, ନିଭୃତ ଉଦ୍ଦେଶ୍ୟ ବିବୃତ କରି ଉପସଂହାର କରିଛନ୍ତି :

ସଂସମିଦ୍ୟୁବସେ ବୃଷନ୍ନଗ୍ନେ
ବିଶ୍ୱାନ୍ୟର୍ୟ ଆ ।
ଇଳସ୍ପଦେ ସମିଧ୍ୟସେ
ସ ନୋ ବସୂନ୍ୟା ଭର ॥୧॥

ହେ ଅଗ୍ନି, ପୁରୁଷବୃଷ ତୁମେ, ଆର୍ଯ୍ୟ ତୁମେ । ବିଶ୍ୱବସ୍ତୁକୁ ତୁମେ ଚାରିପଟୁ ଏକତ୍ରିତ, ସମ୍ମିଳିତ କରି ରଖିଛ । ପ୍ରଜ୍ଞା ସ୍ଥାନରେ ପ୍ରଦୀପ୍ତ ତୁମେ । ଆମ ସକାଶେ ଯାବତୀୟ ଧନରାଶି ତୁମେ ବହନ କରି ନେଇ ଆସ ॥୧॥

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ
ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ
ସଂଜାନାନା ଉପାସତେ ॥୨॥

ତୁମ୍ଭେମାନେ ଏକ ସାଙ୍ଗରେ ଆସ, ଏକ ସାଙ୍ଗରେ କଥା କୁହ । ମନ ତୁମମାନଙ୍କର ଯେପରି ଏକ ସାଙ୍ଗରେ ଜାଣୁ – ଦେବତାମାନେ ଯେପରି ଏକ ସାଙ୍ଗରେ ଜ୍ଞାତ ହୋଇଥିଲେ ଏବଂ ଏକ ସାଙ୍ଗରେ ଆପଣାର ଯଥାଭାଗ ପାଇଥିଲେ ॥୨॥

ସମାନୋ ମନ୍ତ୍ରଃ ସମିତିଃ ସମାନୀ
ସମାନଂ ମନ୍ତ୍ରଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ
ସମାନେନ ବୋ ହବିଷା ଜୁହୋମି ॥୩॥

ତୁମମାନଙ୍କର ମନ୍ତ୍ର ଏକ ହେଉ, ତୁମମାନଙ୍କର ସମ୍ମେଳନ ଏକ ହେଉ, ତୁମମାନଙ୍କର ମନ ଏକ ହେଉ, ଏକ ହୋଇଯାଉ ତୁମମାନଙ୍କର ଚେତନା ।

ତୁମମାନଙ୍କ ସହିତ ଏକ ମନ୍ତ୍ର ମୁଁ ପାଠ କରେ, ଏକ ଆହୁତି ମୁଁ ତର୍ପଣ କରେ ॥୩॥

ସମାନୀ ବ ଆକୂତିଃ
ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ
ଯଥା ବଃ ସୁସହାସତି ॥୪॥

ଏକ ହେଉ ତୁମମାନଙ୍କର ଆକୂତି, ତୁମମାନଙ୍କର ହୃଦୟ ଏକ ହେଉ । ତୁମମାନଙ୍କର ମନ ଏକ ହେଉ, ଯଦ୍ଦ୍ୱାରା ତୁମେ ସମସ୍ତେ ସଂପୂର୍ଣ୍ଣ ଭାବରେ ସମ୍ମିଳିତ ହୋଇଯାଇ ପାର ॥୪॥

ଏଇ ସମବେତ ସାଧନାର ତଥା ସିଦ୍ଧିର ରହସ୍ୟକୁ ଖ୍ରୀଷ୍ଟୀୟ ଧର୍ମ ଏକ ବିଶେଷ ରୂପ ଦେଇଛି । ବ୍ୟକ୍ତିଗତ ଉନ୍ନତି ଓ ସିଦ୍ଧିର କଥା ଅନ୍ୟାନ୍ୟ ସାଧନା-ସମ୍ପ୍ରଦାୟ ଭଳି ସେଥିରେ ବି ରହିଛି, ଏହା କହିବା ଅନାବଶ୍ୟକ, ସେ ତତ୍ତ୍ୱଟି ଭିନ୍ନ । ମାତ୍ର ଏଠାରେ ଖ୍ରୀଷ୍ଟୀୟ ସାଧନାରେ ପ୍ରତ୍ୟେକ ବ୍ୟକ୍ତିକୁ ମନେ କରାଇ ଦିଆ ହୋଇଛି ଯେ ସେ ଏକାକୀ ଏକକ ନୁହେଁ, ନିଃସଙ୍ଗ, ବିଚ୍ଛିନ୍ନ ବ୍ୟଷ୍ଟିମାତ୍ର ନୁହେଁ, ସେ ହେଉଛି ଗୋଟିଏ ଗୋଷ୍ଠୀର ଅନ୍ତର୍ଗତ, ଗୋଷ୍ଠୀର ଏକ ଅଙ୍ଗବିଶେଷ ଏବଂ ସେଇ ଗୋଷ୍ଠୀଗତ ସାଧନାରେ ବି ଏକ ସିଦ୍ଧି ରହିଛି ଗୋଷ୍ଠୀ ଭାବରେ ହିଁ । ଏଇ ଗୋଷ୍ଠୀଗତ ସିଦ୍ଧି ସହିତ ବ୍ୟକ୍ତିଗତ ସିଦ୍ଧି ଅଙ୍ଗାଙ୍ଗୀ ଭାବେ ସଂଯୁକ୍ତ, କେବଳ ତା' ନୁହେଁ, ଗୋଟିଏ ଦୃଷ୍ଟିରୁ ଗୋଷ୍ଠୀର ସ୍ଥାନ ବ୍ୟକ୍ତିର ଉପରେ, ଗୋଷ୍ଠୀର ସିଦ୍ଧି ଅନୁସରଣ କରି ହିଁ ଅଗ୍ରସର ହେବ ବ୍ୟଷ୍ଟିଗତ ସିଦ୍ଧି । ଖ୍ରୀଷ୍ଟୀୟ ଗୋଷ୍ଠୀ, ଗୀର୍ଜା, ଗୋଟିଏ ଦଳ ମାତ୍ର ନୁହେଁ, କେତେଜଣ ବ୍ୟକ୍ତିଙ୍କର ସମାବେଶ ନୁହେଁ; ଗୀର୍ଜା ହେଉଛି ଜୀବନ୍ତ ସତ୍ତା, ଗୋଟିଏ ସମଷ୍ଟି ହୋଇ ସେ ଲାଭ କରିଛି ଜାଗ୍ରତ୍ ବ୍ୟକ୍ତିତ୍ୱ । ଗୀର୍ଜା ହେଉଛି ଖ୍ରୀଷ୍ଟଙ୍କର ବୃହତ୍ତର ଦେହ, ପୁନଶ୍ଚ ଗୀର୍ଜା ହେଉଛି ଖ୍ରୀଷ୍ଟଙ୍କର ଦୟିତା, ଅର୍ଦ୍ଧାଙ୍ଗିନୀ, ପ୍ରଣୟିନୀ, ବଧୂ । ସଲୋମନଙ୍କର କବିତାରେ ଯାହାଙ୍କୁ ଭଗିନୀ(sister) କୁହାଯାଏ, ସ୍ତ୍ରୀ(spouse) ବୋଲି କହି ଆଦର କରାଯାଇଛି ସେଇଟି ହେଉଛି ଖ୍ରୀଷ୍ଟୀୟ ତତ୍ତ୍ୱଦର୍ଶୀମାନଙ୍କ ମତରେ ଖ୍ରୀଷ୍ଟଙ୍କର ଅତି ଆପଣାର ପ୍ରିୟତମା ପ୍ରିୟା –

"A garden inclosed is my sister, my spouse; a spring shut up, a fountain sealed."

ଖ୍ରୀଷ୍ଟୀୟ ସାଧକମାନେ ସେମାନଙ୍କର ଗୀର୍ଜାକୁ ଖ୍ରୀଷ୍ଟଙ୍କ ସହିତ ପୂର୍ଣ୍ଣଭାବେ ମିଳିତ ହେବାର ଶ୍ରେଷ୍ଠ ଏବଂ ଅଲଘଂନୀୟ ଉପାୟ ହିସାବରେ ଗ୍ରହଣ କରନ୍ତି । ତେବେ ସେ କ୍ଷେତ୍ରରେ ବି ଯେଉଁ ସ୍ୱର୍ଗୀୟ ଜୀବନ କାମ୍ୟ କରାଯାଇଛି ସେଇଟି ସ୍ୱର୍ଗରେ ହିଁ, ଭୂତଳରେ ନୁହେଁ – ବ୍ୟକ୍ତିଗତ ଭାବରେ, ସମବେତ ଭାବେ । The kingdom of heaven is within you. (ସ୍ୱର୍ଗରାଜ୍ୟ ତୁମ ଅନ୍ତରରେ ରହିଛି ।) ସ୍ୱର୍ଗକୁ ଯାଇ ଖ୍ରୀଷ୍ଟଙ୍କ ସହିତ, ସ୍ୱର୍ଗର ଭଗବାନଙ୍କ ସଙ୍ଗେ ସମ୍ମିଳିତ ହୋଇ ବ୍ୟକ୍ତିକୁ ବାସ କରିବାକୁ ହେବ ତାଙ୍କର ପାର୍ଷଦ ହିସାବରେ ଏବଂ ନିଜର ପରମ ପ୍ରୀତି ଅନୁଭବ କରିବାକୁ ହେବ – ଏହା ହିଁ ହେଉଛି ମଣିଷର ସାର୍ଥକତା, ତା'ର ପରମ ଇଷ୍ଟ ।

ଏବେ ଆମମାନଙ୍କର କଥା – ଆମେମାନେ କହୁ : ସୃଷ୍ଟିର ଅର୍ଥାତ୍ ଏଇ ବ୍ୟକ୍ତ ସମଷ୍ଟିର ଏକ ପରିଣତି ରହିଛି – ଯେମିତି ସେ ରହିଛି ସେମିତି ଚିରକାଳ ଧରି ରହିଥିବ, ତା'

ନୁହେଁ, ସୃଷ୍ଟି ଚାଲିଛି ଏକ ଲକ୍ଷ୍ୟ ଦିଗରେ ଏବଂ ତା'ର ସମସ୍ତ ପ୍ରୟାସ ସେଇ ଲକ୍ଷ୍ୟରେ ଯାଇ ଉପନୀତ ହେବାରେ, ସେଇ ଲକ୍ଷ୍ୟକୁ ବାସ୍ତବ ଓ ବର୍ତ୍ତମାନ କରି ଗଢ଼ି ତୋଳିବା । ପ୍ରତି ମୁହୂର୍ତ୍ତରେ ତା'ର ପ୍ରତ୍ୟେକ ଗତିର ଏଇଟି ହେଉଛି ଅର୍ଥ — ଏଇ ପ୍ରଗତି । ଏବଂ ସେଇଟି ହେଉଛି ଭଗବାନଙ୍କୁ ପରମ ସତ୍ୟ, ପରମ ଶକ୍ତିକୁ, ପରମ ଆନନ୍ଦ, ପରମ ସୌନ୍ଦର୍ଯ୍ୟକୁ ମୂର୍ତ୍ତ କରି ଗଢ଼ିବା ଏଇ ପାର୍ଥିବ ଉପାଦାନ ମଧ୍ୟରେ । ସୃଷ୍ଟି ହେଉଛି ବହୁର ସମାବେଶ, ତେବେ ଏ କ୍ଷେତ୍ରରେ ବହୁ ଅର୍ଥ ବୈଚିତ୍ର୍ୟ ନୁହେଁ, ବିରୋଧ (ଅର୍ଥାତ୍, ଅନୈକ୍ୟ, ବୈପରୀତ୍ୟ) । କିନ୍ତୁ ଭାଗବତ ସମଗ୍ରତା ମଧ୍ୟରେ ବହୁର ହେବ ସମ୍ମେଳନ — ଏକତ୍ୱରେ, ଐକ୍ୟରେ, ସାମଞ୍ଜସ୍ୟରେ, ପାରିପାଟ୍ୟ (ଅର୍ଥାତ୍ ସୁଶୃଙ୍ଖଳା, ସୌଷ୍ଠବ)ରେ ସେଇଟି ହୋଇ ଉଠିବ ସ୍ୱୟଂ-ପ୍ରକାଶ — ତୁମେ-ମୁଁ-ସେ ପ୍ରତ୍ୟେକ ବ୍ୟକ୍ତି ବା ବ୍ୟଷ୍ଟି ଏହି ସମଗ୍ରତାର ଅଂଶ ବା ଅଙ୍ଗ, ବିଶେଷ ପ୍ରକାଶ । ବ୍ୟଷ୍ଟି ଓ ସମଷ୍ଟି ସେ ସ୍ତରରେ ପରମ ଏକତ୍ୱର ମୂର୍ତ୍ତି — ହରି-ହର ।

ତେବେ, ମୁଁ ଉଲ୍ଲେଖ କରିଛି, ସମଷ୍ଟି କେବଳ ବିଚ୍ଛିନ୍ନ ବ୍ୟକ୍ତି ବା ବ୍ୟଷ୍ଟିର ସଂଗ୍ରହ-ମାତ୍ର ନୁହେଁ । ବ୍ୟଷ୍ଟିର ହିଁ ସାର୍ଥକତା ଓ ସିଦ୍ଧି ସ୍ୱାଭାବିକ ରୂପେ ସମଷ୍ଟିର ସାର୍ଥକତା ଓ ସିଦ୍ଧି ଯେ ଆଣି ଦେବ, ତା' ନୁହେଁ, ଉଭୟଟିର ମଧ୍ୟରେ ସେତୁ ରୂପେ ପ୍ରୟୋଜନ ଏକ କ୍ଷୁଦ୍ରତର ସମଷ୍ଟି ଏବଂ ବୃହତ୍ତମ ବ୍ୟଷ୍ଟି । ଏଇଟିର ନାମ ଗୋଷ୍ଠୀ, ଏଇଟିକୁ ପୁନଶ୍ଚ କୁହାଯାଇଛି ସଂଘ ବା ସମିତି, ଯେତେବେଳେ ତା'ର ଲକ୍ଷ୍ୟ ହୋଇଉଠିଛି ଆଧ୍ୟାତ୍ମିକ ସିଦ୍ଧି । ଆମେମାନେ କହିଥାଉ କେନ୍ଦ୍ର, ଚକ୍ର — ଚକ୍ର ହେଉଛି ବିଶେଷ ଭାବେ ତାନ୍ତ୍ରିକମାନଙ୍କର । ଗୋଷ୍ଠୀ ଶିକ୍ଷା ଦିଏ ସମବେତ ଜୀବନ-ଧର୍ମ ପାଳନ, ବ୍ୟକ୍ତିଗତ ଅହଂସର୍ବସ୍ୱ ସତ୍ତାକୁ ବୃହତ୍ତର ସତ୍ତା ମଧ୍ୟରେ ଏକୀଭୂତ କରି ଏକ ସହଜ ସମୃଦ୍ଧ ସମବେତ ଜୀବନ-ଯାପନ । ଜୀବନରେ ଗୋଟିଏ ସମ୍ମିଳିତ ଶ୍ରୀ ଓ ପାରିପାଟ୍ୟ ସାଧନ ହେଉଛି ଗୋଷ୍ଠୀଗତ ସାଧନାର ଲକ୍ଷ୍ୟ । ଗୋଷ୍ଠୀ ହେଉଛି ଏଇ ସାଧନାର କ୍ଷେତ୍ର । ଏଇ ସବୁ ଗୋଷ୍ଠୀହିଁ ଯେପରି ସମବେତ ଐକ୍ୟର, ଏକତ୍ୱର ଗ୍ରନ୍ଥି । ସମଗ୍ରର ଗଠନ-ପାରିପାଟ୍ୟ ନିର୍ଭର କରେ ଏଇ ଗୋଷ୍ଠୀଗତ ପାରିପାଟ୍ୟ ଉପରେ । ଆଦର୍ଶ ସଂଘ ଗଠନ ସକାଶେ ଚାରିଗୋଟି ମୂଳମନ୍ତ୍ର ଆମେ ଉଲ୍ଲେଖ କରିପାରୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ବାଣୀରୁ —

ପ୍ରଥମଟି ହେଉଛି ସଂଘସ୍ଥାପନ ଉପଲକ୍ଷ୍ୟେ ଶ୍ରୀମାଙ୍କର ଦେଇଥିବା ବାଣୀ : 'ଗୋଟିଏ ଶାଖା-କେନ୍ଦ୍ରର ଉନ୍ମୋଚନ ହୋଇଗଲେ ସବୁକିଛି ହୋଇଗଲା, ଏହା ଠିକ୍ ନୁହେଁ; ଦରକାର ପୂର୍ଣ୍ଣ ଆନ୍ତରିକତା, ଜ୍ୱଳନ୍ତ ଅନ୍ତରାଗ୍ନି, ଭଗବାନଙ୍କ ନିକଟରେ ଅଖଣ୍ଡ ଆତ୍ମ-ନିବେଦନ ।' ଏଇଟି ହେଉଛି ପ୍ରତିଷ୍ଠା-ମନ୍ତ୍ର — ସକଳ ପ୍ରତିଷ୍ଠାନର ମୂଳ ସତ୍ୟ ଫଳତଃ ଏଇଟି, ସମସ୍ତ କର୍ମର, ସର୍ବବିଧ ସୃଷ୍ଟିର ପ୍ରଥମ ସୂତ୍ର — କାରଣ ସର୍ବାଗ୍ରେ ଦରକାର ଆନ୍ତରିକତା, ଅନ୍ତରର ଅନ୍ତର ଦେଇ ଲକ୍ଷ୍ୟକୁ ଆକାଙ୍କ୍ଷା କରିବାକୁ ହେବ; ଏହା ହିଁ ହେବ ସର୍ବଗ୍ରାସୀ ସତ୍ୟ ଆଉ ସେଇ ସତ୍ୟ ପାଳନ ସକାଶେ ଅଖଣ୍ଡ ସର୍ବବ୍ୟାପୀ ଆତ୍ମୋତ୍ସର୍ଗ, ଆତ୍ମ-ନିବେଦନ । ଏହା ହେଉଛି ଉଦ୍‌ବୋଧନ ମନ୍ତ୍ର — ଆନ୍ତରିକତା, ଆତ୍ମନିବେଦନ ।

ପରବର୍ତ୍ତୀ ମନ୍ତ୍ରଟି ହେଉଛି — ବାହ୍ୟ କର୍ମର ବିଧି । ଶ୍ରୀଅରବିନ୍ଦ ସେଇଟିକୁ ଏହିପରି ଭାବରେ ଦେଇଛନ୍ତି : ''ଶ୍ରୀମା'ଙ୍କୁ ଭଲପାଇବ, ସର୍ବଦା ଏପରି ଆଚରଣ କରିବ ଏଇ ଭାବନା ସହିତ ଯେପରି ଶ୍ରୀମା ତୁମ ଆଡ଼କୁ ଚାହିଁ ରହିଛନ୍ତି, କାରଣ ସତକୁ ସତ ସେ ସର୍ବଦା ହିଁ ତୁମ ସମ୍ମୁଖରେ ଅଛନ୍ତି ।'' କେଉଁ କାମ କରିବାକୁ ହେବ, କି ଭାବରେ ତୁମକୁ କରିବାକୁ ହେବ ତାହାର ନିର୍ଦ୍ଦେଶ ତୁମ ବିଦ୍ୟାବୁଦ୍ଧି ତୁମକୁ ଦେଇପାରିବ ନାହିଁ, ତୁମ ନିଜସ୍ୱ ଯୋଗ୍ୟତା ବି ତୁମକୁ ଯୋଗାଇ ପାରିବ ନାହିଁ; ତାହା ଆସିବ ସକଳ କର୍ମର ଉତ୍ସ ଯେଉଁ ଶକ୍ତି, ସକଳ କର୍ମର ଯେଉଁ ଆଦି ଅନୁପ୍ରେରଣା — ସେଇ ଶ୍ରୀମା'ଙ୍କ ଇଚ୍ଛାରୁ । ତାଙ୍କୁ ଆଖି ଆଗରେ ରଖି, ତାଙ୍କରି ପ୍ରଭାବ ଓ ଅନୁଭବ ନେଇ ଯେଉଁ କର୍ମଟି ସ୍ୱତଃ ଉତ୍ସାରିତ ହେବ, ତାହା ହିଁ ହେବ ତୁମର କର୍ମ । ଶ୍ରୀଅରବିନ୍ଦ କହୁଛନ୍ତି — ଏଇ ଯେଉଁ ଜୀବନ-ନିୟନ୍ତ୍ରକ ଶକ୍ତି ତାହା ସୁଦୂରର ବସ୍ତୁ ନୁହେଁ, ସେ ସର୍ବଦା ତୁମ ସମୀପରେ ଅଛନ୍ତି, ତୁମ ପ୍ରତ୍ୟକ୍ଷରେ ହିଁ ରହିଛନ୍ତି, କେବଳ ତୁମର ତାଙ୍କ ଆଡ଼କୁ ଚାହିଁ ଦେଖିବା ଦରକାର । ଏଇପରି ଭାବଧାରାରେ ଯେଉଁ କର୍ମସବୁ କରାଯାଏ, ସେଇଗୁଡ଼ିକ ହିଁ କରଣୀୟ କର୍ମ (ଗୀତାର ଭାଷାରେ ଯାହାକୁ କୁହାଯାଇଛି — କର୍ତ୍ତବ୍ୟମ୍) । ଫଳତଃ ତାହା ହେଉଛି ଦିବ୍ୟ କର୍ମ, ଭାଗବତ କର୍ମ । ସେଥିପାଇଁ ତୃତୀୟ ମନ୍ତ୍ରରେ କୁହାଯିବ କର୍ମର ପ୍ରକୃତି ଓ ସ୍ୱଧର୍ମର କଥା । ସେଇ ମନ୍ତ୍ରଟି ସ୍ୱୟଂ ଶ୍ରୀମା ଦେଇଛନ୍ତି : ''କାମ କରିବ ଯେମିତି ତୁମେ ପ୍ରାର୍ଥନା କରୁଛ — ଏହି ମନୋଭାବରେ । କାରଣ ଶରୀର ପକ୍ଷରେ କାର୍ଯ୍ୟ କରିବା ହେଉଛି ଭଗବାନଙ୍କ ନିକଟରେ ତା'ର ସର୍ବଶ୍ରେଷ୍ଠ ପ୍ରାର୍ଥନା ।''

ତା' ଫଳରେ କର୍ମଟି ଆଉ କର୍ମମାତ୍ର ହୋଇ ରହିବ

ନାହିଁ, କର୍ମ କୌଶଳ ମାତ୍ର ବି ନୁହେଁ; କର୍ମ ହେବ ସ୍ଥୂଳ ଭାବରେ ଭଗବାନଙ୍କ ସହିତ ସଂଯୁକ୍ତ ହେବାର ଉପାୟ – ଜଡ଼ କ୍ଷେତ୍ରରେ ଯେପରି ଭାଗବତ ତନୁ ସହିତ ସ୍ଥୂଳ ଦେହର ସାଯୁଜ୍ୟ ଓ ସାଧର୍ମ୍ୟ ଲାଭ । କର୍ମ ହେଉଛି ଶରୀରର ଆକୂତି, ମୂର୍ତ୍ତ ଆକୂତି : କଥା ଶରୀରରୁ ଆସେ ନାହିଁ, ମନ ହିଁ କଥା କହେ – ଶରୀର ଯେପରି ମୂକ, ତା'ର ଭାବ ସେ ବ୍ୟକ୍ତ କରେ କର୍ମ ମାଧମରେ । କର୍ମରେ ହିଁ ପ୍ରକାଶ ପାଏ ଶରୀରର ନିଜସ୍ୱ ଆଗ୍ରହ, ଅନ୍ତଃପୁରୁଷର ଆହ୍ୱାନରେ ଶରୀର ଯେଉଁ ଭାଷାରେ ଉତ୍ତର ଦିଏ, ତାହାର ହିଁ ନାମ କର୍ମ । ଏଇ ଆନ୍ତର ଆକୂତିକୁ ରୂପ ଦିଏ, ମୂର୍ତ୍ତ କରେ ଯେଉଁ କର୍ମ, ସେଇ କର୍ମ ହିଁ କରଣୀୟ ବା କର୍ତ୍ତବ୍ୟ-କର୍ମ, ଅନ୍ୟାନ୍ୟ ଯାବତୀୟ କର୍ମ ହେଉଛି ଅକର୍ମ ବା ବିକର୍ମ । ପରିଶେଷରେ ଏଇ ଯେତେସବୁ ଅନୁଷ୍ଠାନ ଆଉ ଯେତେସବୁ ପ୍ରତିଷ୍ଠାନ ଆମେ ଗଠନ କରୁ, ତାହାର ସର୍ବସାଧାରଣ ରହସ୍ୟଟି ଶ୍ରୀଅରବିନ୍ଦ ଦେଇଛନ୍ତି, ସେଇଟି ହେଉଛି ଆମମାନଙ୍କର ଚତୁର୍ଥ ମନ୍ତ୍ର – 'ସୃଷ୍ଟିର ସକଳ ସମସ୍ୟା ହିଁ ହେଉଛି ସମନ୍ୱୟର ସମସ୍ୟା' । ସୃଷ୍ଟି ଅର୍ଥ, ଜୀବନ ଅର୍ଥ, ସମାଜ ଅର୍ଥ ବହୁଳ ବ୍ୟଷ୍ଟିର ସମାବେଶ । ଆମକୁ ଜଣା ଯେ ବହୁର ଧର୍ମ ହିଁ ବିଭେଦ, ପାର୍ଥକ୍ୟ, ବିୟୋଗ ତଥା ସଂଘର୍ଷ । ମାତ୍ର ଏଇଟି ହେଉଛି ବିଶ୍ୱ-ଆୟୋଜନର ପ୍ରଥମ ସୋପାନ ବା ଭିତ୍ତି, ଅଜ୍ଞାନର, ଅର୍ଦ୍ଧଜ୍ଞାନର ଅବଶ୍ୟମ୍ଭାବୀ ଅନିବାର୍ଯ୍ୟ ବିଧାନ – ପାଶ୍ଚାତ୍ୟ ଦେଶବାସୀ ଉଚ୍ଚକଣ୍ଠରେ ଯାହାର ନାମ ଦେଇଛନ୍ତି – Struggle for existence. ତେବେ ଏଇଟି ହେଉଛି ଆରମ୍ଭର, ଆଦିପର୍ବର ଏକ ପ୍ରାରମ୍ଭିକ ପଥ । କିନ୍ତୁ ଆମକୁ ଆବିଷ୍କାର କରିବାକୁ ପଡ଼ିବ, ସୃଷ୍ଟି ବି ଆବିଷ୍କାର କରି ଚାଲିଛି ସେଇ ସମନ୍ୱୟଟିକୁ – ବିରୋଧୀ ବ୍ୟଷ୍ଟି ସମୂହ ମଧ୍ୟରେ ସାମଞ୍ଜସ୍ୟ – ମିଳିମିଶି ରହିବା ଓ ମିଳିମିଶି ଚାଲିବା ମଧ୍ୟରେ ଥିବା ସାମଞ୍ଜସ୍ୟଟିକୁ । ଏଇ ସମ୍ମେଳନର ନାନା ସ୍ତର ରହିଛି – ଆରମ୍ଭରେ ଅପରିଣତ ଅପକ୍ୱ ଚେତନା, ତେବେ ମନୁଷ୍ୟ-ଚେତନା ଯେତେ ବର୍ଦ୍ଧିତ ପରିପକ୍ୱ ହୋଇ ଚାଲିଛି ତଦନୁପାତରେ ବୃହତ୍ତର ଓ ନିବିଡ଼ତର ସାମଞ୍ଜସ୍ୟ ତା' ଭିତରେ ଫୁଟି ଉଠିଛି ଏବଂ ଆହୁରି ଫୁଟିଉଠିବ ମଧ୍ୟ । ବାହାରୁ ଦେଖିବାକୁ ପାଉ ମନୁଷ୍ୟର ଐକ୍ୟକ୍ଷେତ୍ର କ୍ରମେ ପ୍ରସାର ଲାଭ କରିଛି, ତା'ର ଚେତନା କ୍ରମଶଃ ନିଜ ଅହଂ, ପରିବାର, ବଂଶ, ଜାତି, ଦେଶ, ବିଶ୍ୱମାନବକୁ ଆଶ୍ରୟ କରି ଏଇ ଭଳି ଭାବରେ ସ୍ତର ପରେ ସ୍ତର ପରିବର୍ଦ୍ଧିତ, ପରିଣତ ଓ ପରିମାଣ ଲାଭ କରିଛି । ଏକାନ୍ତ ବ୍ୟକ୍ତିଗତ ଏକ କ୍ରମେ ବହୁଠାରୁ ବହୁତର ଐକ୍ୟରେ ପରିଣତ ହୁଏ । ଐକ ଓ ଐକ୍ୟର ପରିଧି ବିଶ୍ୱକୁ ଆଲିଙ୍ଗନ କରେ ।

କିନ୍ତୁ ଏଇ ଯେଉଁ କ୍ରମବିସ୍ତାର ତା ଯଦି କେବଳ ସମତଳରେ, ସମାନ ସ୍ତରରେ ଘଟେ ତେବେ ସେଇ ସମନ୍ୱୟ ବା ସାମଞ୍ଜସ୍ୟ ସଂପୂର୍ଣ୍ଣ ହୁଏ ନାହିଁ, ନିର୍ଦ୍ଦୋଷ ହୁଏ ନାହିଁ, ସ୍ଥାୟୀ ହୁଏ ନାହିଁ । ସେଇ ସମନ୍ୱୟର ଅର୍ଥ ନାନା ପ୍ରକାର ବିରୋଧୀ ବ୍ୟଷ୍ଟିସତ୍ତା ମଧ୍ୟରେ ମିତ୍ରତା, ମୀମାଂସା, ରଫା ବା ସନ୍ଧି ସ୍ଥାପନ, ସେଇଟି ଯଥାର୍ଥ ଐକ୍ୟ, ଅସଲ ଏକତ୍ୱ ନୁହେଁ । ସମନ୍ୱୟ ଐକ୍ୟ ପୂର୍ଣ୍ଣତଃ ନିବିଡ଼ତର, ସ୍ଫୁଟତର ହୋଇପାରେ ସେତିକି ବେଳେ ଯେବେ ଚେତନା ଖାଲି ତିର୍ଯ୍ୟକ୍ ପ୍ରସାରିତ ହୋଇ ନ ରହି ଆପଣାକୁ କ୍ରମୋନ୍ନତ କରି ଧାରଣ କରେ, ସ୍ୱାଭାବିକ ସ୍ତରରୁ ଉର୍ଦ୍ଧ୍ୱତର ସ୍ତରରେ ଉନ୍ନୀତ ହେବାକୁ ପ୍ରୟାସ କରେ ।

ସୁତରାଂ ଗୋଷ୍ଠୀ-ବନ୍ଧନକୁ ଦୃଢ଼ସ୍ଥାୟୀ ସର୍ବାଙ୍ଗସୁନ୍ଦର କରିବାକୁ ହେଲେ ପ୍ରୟୋଜନ ତା'ର ଅନ୍ତର୍ଗତ ବ୍ୟଷ୍ଟିମାନଙ୍କର କ୍ରମୋନ୍ନତ ଚେତନା ଏବଂ ଏଇ ଚେତନାର କ୍ରମୋନ୍ନତି ଘଟିପାରେ କର୍ମ-ସାଧନା ଦ୍ୱାରା ହିଁ । ସମବେତ ପ୍ରଚେଷ୍ଟା ଫଳରେ ସୁଷ୍ଠୁ କର୍ମ ସାଧିତ ହୋଇପାରେ ଅର୍ଥାତ୍ ଏକ ଗୋଷ୍ଠୀ ମଧ୍ୟରେ ହିଁ ସାଧିତ ହୁଏ । କ୍ରମପୁଷ୍ଟ କ୍ରମୋନ୍ନତ ଗୋଷ୍ଠୀମାନଙ୍କର ସମବାୟରେ ହିଁ ସାର୍ଥକ ସମଷ୍ଟି ଗଢ଼ିଉଠେ । ଇତିପୂର୍ବରୁ କହିଛି, ଗୋଷ୍ଠୀର ପ୍ରୟୋଜନ ସଂଯୋଗ-ସେତୁ ପରି ବ୍ୟଷ୍ଟି ଓ ସମଷ୍ଟିକୁ ବାନ୍ଧିପାରେ ଏକ ସୂତ୍ରରେ । ଏକ ସୀମାୟିତ ସୁଷୀମ ଆୟତନ ଭିତରେ କର୍ମାୟିତ ଜୀବନ ବ୍ୟଷ୍ଟିମାନଙ୍କୁ ଶିକ୍ଷା ଦିଏ କି ଉପାୟରେ ଅହଂକୁ ସଂଯତ, ବିଶୁଦ୍ଧ, ଏପରିକି କିପରି ରୂପାୟିତ କରାଯାଇ ପାରେ ଏବଂ କି ଉପାୟ ଅବଲମ୍ବନ କରି ଐକ୍ୟରେ, ଏକତ୍ୱରେ ଅପରାପର ବ୍ୟକ୍ତିଙ୍କ ସହିତ ସମ୍ମିଳିତ ହେବାକୁ ହୁଏ । କର୍ମମୟ ରୂଢ଼ ବା ଆଦର୍ଶ ଜୀବନ ଏଇ ଶିକ୍ଷାର ଶ୍ରେଷ୍ଠ ପନ୍ଥା । ଏଇ ପଥରେ ହିଁ ବ୍ୟକ୍ତିର ଚେତନା ମଧ୍ୟ କ୍ରମପ୍ରସାର ଲାଭ କରେ । ଅପର ପକ୍ଷରେ ଗୋଷ୍ଠୀର ଗୋଷ୍ଠୀଗତ କ୍ରମୋନ୍ନତି କ୍ରମ-ଉର୍ଦ୍ଧ୍ୱାୟନ ନିର୍ଭର କରେ ତାହାର ବ୍ୟଷ୍ଟିସମୂହର ଚେତନା ଉପରେ । କାରଣ ବ୍ୟଷ୍ଟି ହେଉଛି ପୁରୋଧା, ତା'ର ଚେତନାର ପ୍ରବେଗରେ ପଥଟି ଖୋଲିଯାଏ, ଦୁଆର ଉର୍ଦ୍ଧ୍ୱ ଦିଗରେ ଉନ୍ମୁକ୍ତ ହୁଏ, ନେଇଚାଲେ ଉର୍ଦ୍ଧ୍ୱତର ଚେତନାର ସ୍ତରକୁ । ବ୍ୟଷ୍ଟି-ଚେତନା ଉର୍ଦ୍ଧ୍ୱକୁ ଟୋଳି ନିଏ ଗୋଷ୍ଠୀ-ଚେତନାକୁ ଏବଂ ଗୋଷ୍ଠୀ-ଚେତନା ବ୍ୟଷ୍ଟି-ଚେତନାକୁ ପ୍ରସାରିତ କରିଦିଏ; ଏଇପରି ଭାବରେ ଉଭୟେ ଉଭୟର ସହାୟ ଓ ପରିପୂରକ ।

ଏଇପରି ଭାବରେ ହିଁ ଉଭୟେ ନେଇ ଚାଲନ୍ତି ସମଷ୍ଟିଗତ ସିଦ୍ଧି ଆଡ଼କୁ ।

ସଂଗଠନର ଏଇଟି ହେଉଛି ଯେପରି ପ୍ରକୃତିର ନିଜସ୍ୱ ଛକ ବା ସ୍ୱଷ୍ଟ ପରିକଳ୍ପନା । ମାନବ-ଦେହରେ ବି ଆମେ ଦେଖୁ ତାହାର ମୂଳ ଉପାଦାନ ବା ଉପକରଣ ହେଉଛି ଜୀବକୋଷ, ଏଇମାନେ ହିଁ ବ୍ୟଷ୍ଟି । ଏମାନେ ବିଭିନ୍ନ ପ୍ରକାର ଦଳବଦ୍ଧ ହୋଇ ବିଭିନ୍ନ ଗୋଷ୍ଠୀ ସୃଷ୍ଟି କରନ୍ତି; ସେଗୁଡ଼ିକର ନାମକରଣ ହେଉଛି ମଣ୍ଡଳୀ (system) – ରକ୍ତଚଳାଚଳ ଲାଗି, ନିଃଶ୍ୱାସ-ପ୍ରଶ୍ୱାସ ଲାଗି, ଜାରଣ-ସାରଣ ଲାଗି ଭିନ୍ନ ଭିନ୍ନ ଧାରା ବା ମଣ୍ଡଳୀ ରହିଛି; ତା'ଛଡ଼ା ଆହୁରି ରହିଛି ସ୍ନାୟୁ-ମଣ୍ଡଳୀ ବା ରସଗ୍ରନ୍ଥିର ମଣ୍ଡଳୀ, gland । ଏମାନେ ସମସ୍ତେ ହିଁ ମିଳିତ ହୋଇ ଶରୀରର ବିଭିନ୍ନ ଧର୍ମ-କର୍ମ ସମ୍ପାଦନ କରନ୍ତି ଏବଂ ଏକ ସାମଗ୍ରିକ ସମନ୍ୱୟ ଓ ସାମଞ୍ଜସ୍ୟରେ, ପାରିପାଟ୍ୟରେ ଶରୀରକୁ ସ୍ଥାପିତ କରନ୍ତି । ବାହାରେ ଅନନ୍ତ ସୃଷ୍ଟି ମଧ୍ୟରେ ବି ଏକ ହିଁ ଅନୁରୂପ ଛକ ଆମେ ଦେଖିବାକୁ ପାଉ, ବିକ୍ଷିପ୍ତ ଗ୍ରହ-ନକ୍ଷତ୍ର କେବଳ ଯେ ବିଚ୍ଛିନ୍ନ ଏକକ ବସ୍ତୁ ତା' ନୁହେଁ, ସେମାନେ ବି ଦଳବଦ୍ଧ, ସଂଘବଦ୍ଧ ହୋଇ ଚାଲନ୍ତି – ଯେମିତି ସୂର୍ଯ୍ୟ-ମଣ୍ଡଳୀ, ନିହାରିକା-ମଣ୍ଡଳୀ । ସୃଷ୍ଟି ଭିତରେ ଏହି ପ୍ରକାରର ଅସଂଖ୍ୟ ମଣ୍ଡଳୀ ରହିଛି, ଏବଂ ସମସ୍ତଙ୍କର ସୁସଙ୍ଗତ ଗତି ବିଶ୍ୱ-ଛନ୍ଦକୁ ରୂପଦାନ କରୁଛି, ଗଢ଼ି ତୋଳୁଛି ।

ଆମ୍ଭମାନଙ୍କର ଗୋଷ୍ଠୀକୁ ଆମେ କେନ୍ଦ୍ର (centre) ନାମରେ ଅଭିହିତ କରୁ, ସମ୍ଭବତଃ ସାର୍ଥକ ନାମକରଣ । କେନ୍ଦ୍ରକୁ ଆଶ୍ରୟ କରି ଏକ ସଂପୂର୍ଣ୍ଣ ସଂଗଠନ ନିର୍ମିତ ହୋଇ ପାରିବ । ଯେପରି ସୂର୍ଯ୍ୟ ହେଉଛି ସୌରଜଗତର କେନ୍ଦ୍ର, ସୂର୍ଯ୍ୟକୁ ଘେରି, ଆଶ୍ରୟ କରି ଏଇସବୁ ଗ୍ରହ-ନକ୍ଷତ୍ର ଯଥା-ନିୟମରେ ଘୂର୍ଣ୍ଣନ କରୁଛନ୍ତି – ପରମାଣୁରେ ବି ଦେଖିପାରୁ ତା'ର କେନ୍ଦ୍ରସ୍ଥ କଣା ବା ଅଣୁଟିକୁ ଆଶ୍ରୟ କରି ତା'ର ଚାରିଦିଗରେ ଅନ୍ୟାନ୍ୟ କଣାସବୁ ଘୂରୁଛନ୍ତି ଏବଂ ଫଳରେ ଏକ ସମ୍ପୂର୍ଣ୍ଣ ଅଣୁ ବା ପରମାଣୁ ଗଢ଼ି ତୋଳିଛି । କିନ୍ତୁ ସର୍ବୋପରି ମନେ ରଖିବାକୁ ହେବ ଯେ କେନ୍ଦ୍ରଟି ଯେ କେନ୍ଦ୍ର ହୋଇଛି, କାରଣ ତହିଁରେ ରହିଛି କେନ୍ଦ୍ରଶକ୍ତି, ଯାହାକୁ କୁହାଯାଏ କେନ୍ଦ୍ରର କେନ୍ଦ୍ର । ଆମେ ଜାଣୁ ବ୍ୟକ୍ତିର ବ୍ୟକ୍ତିତ୍ୱ ଗଢ଼ି ଉଠିଥାଏ ତା'ର ଯେ କେନ୍ଦ୍ର ଅର୍ଥାତ୍ ଅନ୍ତରସ୍ଥ ଅନ୍ତରାତ୍ମା ବା ଚୈତ୍ୟ ପୁରୁଷଙ୍କୁ ଆଶ୍ରୟ କରି । ଏଇ କେନ୍ଦ୍ରଗତ ଅନ୍ତରାତ୍ମାଙ୍କୁ ଯେତେ ସଜ୍ଞାନରେ ଏକାନ୍ତ ଅନୁଗତ ହୋଇ ବ୍ୟକ୍ତିର ବାହ୍ୟ ଆଧାର ଅର୍ଥାତ୍ ତା'ର ଦେହ-ପ୍ରାଣ-ମନ ଅନୁସରଣ କରେ ସେତେ ହିଁ ତା'ର ବ୍ୟକ୍ତିତ୍ୱ ପରିସ୍ଫୁଟ, ପରିଣତ, ସମୃଦ୍ଧ ଓ ସାର୍ଥକ ହୋଇ ଉଠିବ – ଭାଗବତ ସାରୂପ୍ୟ ଲାଭ କରିବ ।

ସେଇ ଭଳି ଆମ ସମସ୍ତଙ୍କର ଗୋଷ୍ଠୀଗତ କେନ୍ଦ୍ରସବୁ ଗଢ଼ି ଉଠିବା ଦରକାର, ଅର୍ଥାତ୍ ଜୀବନ୍ତ କେନ୍ଦ୍ରଶକ୍ତିଟି ରହିଥିବା ଦରକାର – ସେଇଟି ହେଉଛି ଶ୍ରୀମା'ଙ୍କର ଜାଗ୍ରତ୍ ସଂସ୍ଥିତି । କଥିତ ଅଛି ଯେ ସେ ସର୍ବଦା ସର୍ବତ୍ର ହିଁ ଜାଗ୍ରତ୍ । ଶ୍ରୀମା'ଙ୍କର ଏଇ ଜାଗ୍ରତ୍ ସ୍ଥିତି ବିଷୟରେ ଗୋଟିଏ ଗୋଷ୍ଠୀ ଯେତେ ସଜାଗ, ସଚେତନ ହୋଇ ଉଠେ, ସେଇ ଗୋଷ୍ଠୀଟିର ଦୃଷ୍ଟି ଅନୁଯାୟୀ ସେମାନଙ୍କର ଆଚରଣସବୁକୁ ନିୟନ୍ତ୍ରିତ କରିପାରେ ସେତେ ହିଁ ସେଇ କେନ୍ଦ୍ରଟି ଯଥାର୍ଥ ସାର୍ଥକ କେନ୍ଦ୍ର ହୋଇଉଠେ । ଏଇ ସମବେତ ସାର୍ଥକତା ଅର୍ଥ ପ୍ରତ୍ୟେକ ବ୍ୟକ୍ତିକୁ ମଧ ତା'ର ଅନ୍ତରାତ୍ମାର କେନ୍ଦ୍ରୀୟ ପ୍ରେରଣା ଅନୁସାରେ ଚାଲିବାକୁ ହେବ କାରଣ ଅନ୍ତରାତ୍ମାସ୍ଥିତ କେନ୍ଦ୍ର ହିଁ ଶ୍ରୀମା'ଙ୍କର ପ୍ରତିରୂପ ପ୍ରତିଭୂ ।

ବ୍ୟକ୍ତି-ଜୀବନରେ ପାରିପାଟ୍ୟ ତା'ର ପରିଣାମରେ ଗୋଷ୍ଠୀ-ଜୀବନରେ ମଧ ପାରିପାଟ୍ୟ ଆଣିଦେବ କେବଳ ସେତିକି ବେଳେ ଯେତେବେଳେ ବ୍ୟଷ୍ଟିସମୂହ ଏକୀଭୂତ ହୋଇଯିବେ ମାତୃଶକ୍ତିଙ୍କର କୋଳରେ । ଏବଂ ସେତିକିବେଳେ ଏକ ସାମଗ୍ରିକ ସିଦ୍ଧି ଓ ସାର୍ଥକତା ସ୍ଥାପିତ ହେବ, କାରଣ ସେତିକିବେଳେ ହିଁ ସମଗ୍ରଟି ହେବ ମାତୃ-ପ୍ରସାଦର ପ୍ରସାର ।

(Collected Works of Nolini Kanta Gupta,
Vol. VIII, PP. 420 - 425)

ଅନୁବାଦ : କୃଷ୍ଣାଦେବୀ

ସବୁ ସମୟରେ ମା'ଙ୍କ ଉପରେ ପୂର୍ଣ୍ଣ ଅଖଣ୍ଡ ବିଶ୍ୱାସ ରଖିବାକୁ ହେବ ଯେ ଆମେ ତାଙ୍କରି ହାତରେ ରହିଛୁ, ତାଙ୍କରି ଶକ୍ତି ଦ୍ୱାରା ହିଁ ସବୁକିଛି ସମ୍ପନ୍ନ ହେବ ।

– ଶ୍ରୀଅରବିନ୍ଦ

# ଈଶ୍ୱର ଜନନୀ

## ଶ୍ରୀଅରବିନ୍ଦ

ଚିନ୍ମୟୀ, ଚିରନ୍ତନୀ ଶକ୍ତି ଏକ ଅଛନ୍ତି ଏଠାରେ
ନିରାନନ୍ଦେ, ମୃତ୍ୟୁଶୀଳ ଜନ୍ମ ଅନ୍ତରାଳେ
ଭ୍ରାନ୍ତିଭରା ଚିନ୍ତାରାଜି, ଭ୍ରମ ଆଉ ଶ୍ରମଶ୍ରାନ୍ତ କାଳର ଚଳନେ ।
ଈଶ୍ୱର-ଜନନୀ ସେ ଯେ, ସହୋଦରା ତାଙ୍କର ସେ, ତାଙ୍କରି ସେ ଜାୟା,
ତାଙ୍କରି ପ୍ରଜ୍ଞା-ଦୁହିତା, ସହଚର ତାଙ୍କ ବିକ୍ରମର,
ଲମ୍ଫି ଆସିଛନ୍ତି ସେ'ତ ଲୋକାତୀତଙ୍କର ନିଗୂଢ଼ ବକ୍ଷରୁ
ସରଜିବେ ବୋଲି ନିଜ ଭୁବନ ସକଳ, ମନ ଓ ପ୍ରାଣର, ଦେଇ ଇନ୍ଦ୍ରଧନୁ ବିଭା ।
ଏକ ଦିଗେ ଧ୍ରୁବଜ୍ୟୋତି ପରାଚେତନାର
ଅନ୍ୟ ଦିଗେ ନିଶ୍ଚିତିର କର୍ମକାଣ୍ଡ, ମନନ-ବିହୀନ,
ଉଭୟର ମଧ୍ୟସ୍ଥଳେ ଘୂର୍ଣ୍ଣ୍ୟମାନ ନିୟମାନୁଗ ଜଡ଼ର ସୁଷୁପ୍ତି
ଏବଂ ତନ୍ଦ୍ରାଚାରୀ ନକ୍ଷତ୍ରଙ୍କ ଗତିଚକ୍ର ଭେଦି
ସବଳେ ସେ ଆରମ୍ଭନ୍ତି ଅନିଚ୍ଛୁକ ହିମଜଡ଼ ମହାଶୂନ୍ୟ ପରେ
ଜୀବନର ଅଭିଯାତ୍ରା, ଉଦ୍ଦାମ ସ୍ୱପ୍ନ ତାଙ୍କର ତୀବ୍ର କାମନାର ।
ଉଭା ସିଏ ଏହିଠାରେ ତାମସୀ ଶକ୍ତିରାଶିଙ୍କ କର୍ମକ୍ଷେତ୍ର ପରେ
ନିରାମୟ କରିବାକୁ ସକଳ ଅଶୁଭ, ତ୍ରୁଟି ମହା ବିସ୍ତାରର,
ଜ୍ଞାନହୀନ ଜଗତର ଶୋକାବହ ପରିଣତିଟିକୁ
ପରିଣତ କରିବାକୁ ଦିବ୍ୟ ମିଳନାତ୍ମକ ଆନନ୍ଦ-ଲୀଳାରେ
ଭାଗବତ ପ୍ରସାଦର ଉଲ୍ଲାସ ଓ ପୁଲକପ୍ଲାବନେ ।
ପରମେଶ୍ୱର-ଜନନୀ, ପ୍ରଭୁ ସେ ଯେ ଆମରି ଆତ୍ମାର;
ମହାକାଳ ମଧ୍ୟେ ତାଙ୍କ ଆବିର୍ଭାବେ ଆମେ ସମଭାଗୀ,
ଉତ୍ତରାଧିକାରୀ ତ ଆମେ ଭାଗୀ ହେଉଁ ତାଙ୍କ ନିତ୍ୟତାର ।

('The Mother of God'ର ଓଡ଼ିଆ ଅନୁବାଦ)
ଅନୁବାଦକ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ✤

ବେଦରହସ୍ୟ - (ଦ୍ୱିତୀୟ ଭାଗ) : ନିର୍ବାଚିତ ସୂକ୍ତାବଳୀ – ୧୩

# ସୋମ, ଆନନ୍ଦ ଓ ଅମୃତତ୍ୱର ଅଧିଷ୍ଠିତ ଦେବ

## (ଋଗ୍‌ବେଦ : ମଣ୍ଡଳ - ୯, ସୂକ୍ତ : ୮୩ : ଋଷି : ପବିତ୍ର ଆଙ୍ଗିରସଃ)

**ଶ୍ରୀଅରବିନ୍ଦ**

*(ଗତ ସଂଖ୍ୟାର ଅବଶିଷ୍ଟାଂଶ)*

ଜୀବନର ସୋମ-ମଦ୍ୟ ଏହି ଭଳି ଗୃହୀତ, ପରିବର୍ତ୍ତିତ, ପରିଷ୍କୃତ ହୋଇ 'ଆନନ୍ଦ'ରେ ପରିଣତ ହୋଇଥାଏ ଏବଂ ଏକ କଳସରେ ଢଳା ହେବା ପରି ମାନବ ଶରୀର ବ୍ୟବସ୍ଥିତି ସକଳ ଅଙ୍ଗକୁ ପୂର୍ଣ୍ଣ କରି କରି ଆସିଥାଏ, ଆହୁରି ମଧ୍ୟ ସେହି ସକଳର ସୂକ୍ଷ୍ମାତିସୂକ୍ଷ୍ମ ଅଂଶଗୁଡ଼ିକରେ ପୂର୍ଣ୍ଣ ରୂପେ ସର୍ବତ୍ର ପ୍ରବାହିତ ହୋଇଥାଏ । କୌଣସି ମାନବ ଶରୀର ଯେପରି ତୀବ୍ର ମଦ୍ୟର ସ୍ପର୍ଶ ଓ ମାଦକତାରେ ପୂରି ଉଠେ, ସେହିପରି ଏହି ଦିବ୍ୟ ଆନନ୍ଦର ସଂସ୍ପର୍ଶ ଓ ମାଦକତାରେ ସମସ୍ତ ଶାରୀରିକ ଅଙ୍ଗପ୍ରତ୍ୟଙ୍ଗ ପୂର୍ଣ୍ଣ ହୋଇଉଠେ । **ପ୍ରଭୁ** ଓ **ବିଭୁ** ଶବ୍ଦଦ୍ୱୟର ଅର୍ଥ ପରେ ଯେପରି ''ଈଶ୍ୱର'' ରୂପେ ବ୍ୟବହୃତ ହୋଇଛି, ବେଦରେ ସେହି ଅର୍ଥରେ ନୁହେଁ; ପରନ୍ତୁ ଏହା ଭିତରେ ସେହି ପ୍ରକାର ସ୍ଥିର ମନସ୍ତାତ୍ତ୍ୱିକ ଅର୍ଥ ରହିଛି ଠିକ୍ ଯେପରି **ପ୍ରଚେତସ୍** ଓ **ବିଚେତସ୍** ବା **ପ୍ରଜ୍ଞାନ** ଓ **ବିଜ୍ଞାନ**ର ଅର୍ଥ ପରବର୍ତ୍ତୀ ଭାଷା ମଧ୍ୟରେ ଘଟିଛି । ''ବିଭୁ''ର ଅର୍ଥ 'ହେବା', କିଂବା ବ୍ୟାପକ ରୂପରେ ଅସ୍ତିତ୍ୱ ମଧ୍ୟକୁ ପ୍ରବେଶ କରିବା; ''ପ୍ରଭୁ''ର ଅର୍ଥ 'ହେବା', ଚେତନାର ସମ୍ମୁଖ ଭାଗରେ କୌଣସି ଏକ ସ୍ଥଳରେ ଏକ ବିଶେଷ ଲକ୍ଷ୍ୟ ବା ଅନୁଭୂତି ରୂପେ ଅସ୍ତିତ୍ୱ ମଧ୍ୟକୁ ପ୍ରବେଶ କରିବା । ସୋମ ମଦ୍ୟ ରୂପେ ବିନ୍ଦୁ ବିନ୍ଦୁ ହୋଇ ଛାଙ୍କୁଣିରୁ ନିଷ୍କାସିତ ହୁଏ ଓ ପରେ କଳସ ମଧ୍ୟରେ ବ୍ୟାପ୍ତ ହୋଇଯାଏ; ଏହା 'ପ୍ରଭୁ' ସ୍ୱରୂପରେ କୌଣସି ଏକ ବିଶେଷ ସ୍ଥଳକୁ ଲକ୍ଷ୍ୟରେ ରଖି ଚେତନା ମଧ୍ୟକୁ ଉଠି ଆସିଥାଏ, ଅଥବା କୌଣସି ଏକ ବିଶେଷ ଅନୁଭୂତି ରୂପେ ଏହା ଉଦିତ ହୋଇ ପରେ 'ବିଭୁ' ସଦୃଶ ସମଗ୍ର ସତ୍ତାକୁ 'ଆନନ୍ଦ' ରୂପେ ପରିବ୍ୟାପ୍ତ ହୋଇଯାଏ ।

କିନ୍ତୁ ଏହା ନୁହେଁ ଯେ ପ୍ରତ୍ୟେକ ମାନବ ଗାତ୍ର ସେହି ଦିବ୍ୟାନନ୍ଦର ଶକ୍ତିଶାଳୀ ତଥା ପ୍ରାୟଶଃ ପ୍ରଚଣ୍ଡ ଉଲ୍ଲାସକୁ ଧାରଣ, ପରିପୋଷଣ ତଥା ଉପଭୋଗ କରିପାରିବ । **ଅତପ୍ତତନୁଃ ନ ତଦ୍ ଆମୋ ଅଶ୍ନୁତେ**, ଯିଏ ଅପକ୍ୱ ଏବଂ ଯାହାର ତନୁ ଅତପ୍ତ ସେ ତାହାର ଆସ୍ୱାଦନ ବା ଉପଭୋଗ କରି ନ ଥାଏ; **ଶୃତାସ ଇଦ୍ ବହନ୍ତଃ ତତ୍ ସମାଶତ**, ସେହିମାନେ କେବଳ ତାହାର ଧାରଣ ତଥା ପୂର୍ଣ୍ଣ ଉପଭୋଗ କରିଥା'ନ୍ତି ଯେଉଁମାନେ ଅଗ୍ନିରେ ସିଦ୍ଧ ହୋଇଥା'ନ୍ତି । ଦିବ୍ୟ 'ଜୀବନ'ର ଯେଉଁ ସୁରା ମାନବ ଶରୀରବ୍ୟବସ୍ଥିତି ମଧ୍ୟରେ ଅଜାଡ଼ି ହୋଇ ପଡ଼ିଥାଏ ତାହା ତୀବ୍ର, ଉଚ୍ଛୁଳା ତଥା ପ୍ରଚଣ୍ଡ ଦିବ୍ୟାନନ୍ଦ; ଦେହବ୍ୟବସ୍ଥା ମଧ୍ୟରେ ଏହାକୁ ଧାରଣ କରିବା ଜଣକ ଦ୍ୱାରା ସମ୍ଭବ ନୁହେଁ ଯଦି ସେ ଜୀବନର ବଡ଼ ବଡ଼ ଅଗ୍ନି ପରୀକ୍ଷାରେ ଥିବା ଦୃଢ଼ ସହନଶୀଳତାରେ, ଦୁଃଖକଷ୍ଟରେ ତଥା ଅନୁଭୂତିରେ ନିଜକୁ ପ୍ରସ୍ତୁତ କରି ନାହିଁ । କଞ୍ଚା ମାଟିର ଏକ ପାତ୍ର ଯଦି ନିଆଁ ଭାଟିରେ ପୋଡ଼ା ହୋଇ ଠିକ୍ ଭାବେ ସିଦ୍ଧ ହୋଇ ନ ଥାଏ ତେବେ 'ସୋମ'-ମଦ୍ୟକୁ ଧରିରଖି ପାରିବ ନାହିଁ; ତାହା ଭାଙ୍ଗି ପଡ଼ିବ ଏବଂ ସେହି ଅମୂଲ୍ୟ ରସକୁ ବ୍ୟର୍ଥରେ ବୁହାଇ ଦେବ । ତେଣୁ ଏହି 'ଆନନ୍ଦ' ତୀବ୍ର ମଦ୍ୟପାୟୀ ମନୁଷ୍ୟର ଶରୀରବ୍ୟବସ୍ଥା ଦୁଃଖ ପୀଡ଼ା ଦ୍ୱାରା ତଥା ଜୀବନର ସକଳ ଯନ୍ତ୍ରଣାଦାୟକ ତାପକୁ ଜୟ କରିବା ଦ୍ୱାରା ସେହି 'ସୋମ'ର ଗୂଢ଼ ତଥା ଆଗ୍ନେୟ ତାପ ସହନ ନିମନ୍ତେ ପ୍ରସ୍ତୁତ ହୋଇଥିବା ଦରକାର; ଅନ୍ୟଥା ଏହି ସଚେତନ ଅସ୍ତିତ୍ୱଟି ତାହାକୁ ଧାରଣ କରିବାକୁ ସମର୍ଥ ହେବ ନାହିଁ; ଏହା ଆସ୍ୱାଦିତ ହେବା ମାତ୍ରେ ବା ଏପରିକି ଆସ୍ୱାଦିତ ହେବା ପୂର୍ବରୁ ଆଧାରଟି ଏହାକୁ ବ୍ୟର୍ଥରେ ବୁହାଇ ଦେବ ଅଥବା ଏହାର ସ୍ପର୍ଶ ଦ୍ୱାରା ନିଜେ ମାନସିକ ଓ ଶାରୀରିକ ଭାବେ ଭାଙ୍ଗି ପଡ଼ିବ । (ମନ୍ତ୍ର - ୧)

ଏହି ବଳବାନ୍ ତଥା ତେଜୀୟାନ୍ ମଦ୍ୟର ବିଶୋଧନ ହେବାକୁ ଅଛି ଏବଂ ସେହି ବିଶୋଧକ ଛାଙ୍କୁଣିଟି ଏହାକୁ ଗ୍ରହଣ କରିବାକୁ 'ସ୍ୱର୍ଗ' ସ୍ଥାନରେ ବିସ୍ତୃତ ରୂପେ ପରିବ୍ୟାପ୍ତ ହୋଇ ରହିଛି, **ତପୋଷ୍ପବିତ୍ରଂ ବିତତମ୍ ଦିବସ୍ପଦେ**; ଏହାର ତନ୍ତୁ ବା ବଳା ସୂତାଗୁଡ଼ିକ ବିଶୁଦ୍ଧ ଆଲୋକରେ ନିର୍ମିତ ଏବଂ ତାହା କିରଣରାଜି ଭଳି ସ୍ପଷ୍ଟ ଦୃଶ୍ୟମାନ, **ଶୋଚନ୍ତୋ ଅସ୍ୟ ତନ୍ତବୋ ବ୍ୟସ୍ଥିରନ୍** । ଏହିସବୁ ସୂତ୍ର ମଧ୍ୟ ଦେଇ ଏହି ମଦିରାକୁ କ୍ଷରିତ

ହେବାର ଅଛି । ଏହି ରୂପକଟି ନିଶ୍ଚିତ ରୂପେ ବିଶୋଧିତ ମାନସିକ ତଥା ଭାବଗତ ଚେତନାର ଅର୍ଥାତ୍ ସଚେତନ ହୃଦୟର, **ଚେତସ୍**, ଯାହାର ଚିନ୍ତା ଓ ଭାବାବେଗଗୁଡ଼ିକ ହେଉଛନ୍ତି ସେହି ସୂତା ବା ବଳାସୂତା । **ଦ୍ୟୌଃ** ବା 'ସ୍ୱର୍' ହେଉଛି ଏଭଳି ଏକ ମାନସିକ ତତ୍ତ୍ୱ ଯାହା ପ୍ରାଣିକ ଓ ଶାରୀରିକ ପ୍ରତିକ୍ରିୟାଗୁଡ଼ିକର ଅଧୀନ ନୁହେଁ । ସ୍ୱର୍ଗ ପଦରେ – ପ୍ରାଣିକ ଓ ଦୈହିକ ଚେତନାଠାରୁ ପୃଥକ୍ ବିଶୁଦ୍ଧ ମାନସିକ ସତ୍ତାରେ,– ଚିନ୍ତା ଓ ଭାବାବେଗଗୁଡ଼ିକ ସତ୍ୟ ଜ୍ଞାନ ତଥା ଶୁଭ ଦୈହିକ ସ୍ପନ୍ଦନ ରୂପକ କିରଣରାଜିରେ ବଦଳି ଯାଆନ୍ତି ଯେଉଁଥିରେ ଆମେ ଏବେ ଧାରଣ କରୁଥିବା ଅସ୍ଥିର ତଥା ଭ୍ରାନ୍ତିଯୁକ୍ତ ମାନସିକ, ଆବେଗଗତ ଓ ଇନ୍ଦ୍ରିୟଗତ ପ୍ରତିକ୍ରିୟା ଆଦୌ ନ ଥାଏ । ସେଗୁଡ଼ିକ ସଙ୍କୁଚିତ ତଥା ପ୍ରକମ୍ପିତ ବିଷୟ ହେବା ପରିବର୍ତ୍ତେ ପୀଡ଼ା ତଥା ଅଭିଜ୍ଞତାର ଅତିମାତ୍ରିକ ଆଘାତ ମଧ୍ୟରେ ଅପ୍ରତିହତ ହୋଇ ମୁକ୍ତ, ସଶକ୍ତ ଓ ପ୍ରୋଜ୍ଜ୍ୱଳ ରୂପରେ ପ୍ରକାଶିତ ହୁଅନ୍ତି; ବିଶ୍ୱ-ଅସ୍ତିତ୍ୱର ସମ୍ଭାବ୍ୟ ସକଳ ସ୍ପର୍ଶକୁ ଗ୍ରହଣ କରିନେବା ନିମନ୍ତେ ଆନନ୍ଦରେ ନିଜକୁ ଖୋଲି ଦିଅନ୍ତି ଏବଂ ସେଗୁଡ଼ିକୁ ଦିବ୍ୟାନନ୍ଦରେ ରୂପାନ୍ତରିତ କରି ଦିଅନ୍ତି । ତେଣୁ ଏହାକୁ କୁହାଯାଇଛି **ଦିବସ୍ପଦେ**, ଅର୍ଥାତ୍ 'ସୋମ'କୁ ଗ୍ରହଣ କରି ନେବାକୁ 'ସୋମ'-ଛାଙ୍କୁଣି 'ସ୍ୱର୍ଗ' ସ୍ଥାନରେ ବ୍ୟାପ୍ତ ହୋଇ ରହିଛି ।

ଏହି ଭାବେ ଗୃହୀତ ଓ ବିଶୋଧିତ ହୋଇ ଏହି ମାଦକଭରା ତଥା ପ୍ରଚଣ୍ଡ ରସଗୁଡ଼ିକ, କ୍ଷିପ୍ର ତଥା ଉନ୍ମାଦକ 'ମଦ'-ଶକ୍ତିଗୁଡ଼ିକ, ଆଉ ମନକୁ ବିଚଳିତ କରନ୍ତି ନାହିଁ କିଂବା ଦେହକୁ ଆଘାତ ଦିଅନ୍ତି ନାହିଁ, ସେଗୁଡ଼ିକ ପଡ଼ି ଯାଆନ୍ତି ନାହିଁ କି ବ୍ୟର୍ଥରେ ନଷ୍ଟ ହୋଇ ଯାଆନ୍ତି ନାହିଁ କିନ୍ତୁ ତାଙ୍କ ପବିତାଙ୍କର ମନ ଓ ଦେହର ପୋଷଣ ଓ ବର୍ଦ୍ଧନ କରିଥା'ନ୍ତି, **ଅବନ୍ତି; ପଦନ୍ତ୍ୟସ୍ୟ ପବୀତାରମ୍ ଆଶବୋ** । ଏହି ରୂପେ ସେଗୁଡ଼ିକ ସେହି ପବିତାଙ୍କୁ ନିଜର ସମଗ୍ର ଆନନ୍ଦରେ ମାନସିକ, ଆବେଗଗତ, ଇନ୍ଦ୍ରିୟଗତ ତଥା ଶାରୀରିକ ସତ୍ତାରେ ଅଭିବୃଦ୍ଧି ଘଟାଇ ବିଶୋଧିତ ଓ ଶାନ୍ତ ହୃଦୟ ମାଧ୍ୟମରେ ତାଙ୍କ ସହିତ ଉଚ୍ଚତମ ପଦକୁ ବା ଦିବଃପୃଷ୍ଠକୁ ଅର୍ଥାତ୍ 'ସ୍ୱର୍'ର ଦୀପ୍ତିମୟ ଜଗତକୁ ଉନ୍ନୀତ ହୁଅନ୍ତି, ଯେଉଁ ସ୍ତରରେ କି ମନ ଅନ୍ତର୍ଜ୍ଞାନ, ଅନ୍ତଃପ୍ରେରଣା, ଆନ୍ତର ସତ୍ୟର ଅଭିବ୍ୟକ୍ତି ନିମନ୍ତେ ସମର୍ଥ ହୋଇ 'ସତ୍ୟ' (ଋତମ୍)ର ଜ୍ୟୋତିର୍ମୟ ଐଶ୍ୱର୍ଯ୍ୟରେ ସ୍ନାନ କରିଥାଏ, 'ବିଶାଳତା' (ବୃହତ୍)ର ଆନନ୍ତ୍ୟ ମଧ୍ୟରେ ବିମୁକ୍ତ ହୋଇ ଯାଇଥାଏ । **ଦିବସ୍ପୃଷ୍ଟମ୍ ଅଧି ତିଷ୍ଠନ୍ତି ଚେତସା** । (ମନ୍ତ୍ର - ୨)

ଏହି ଋଷି ଏପର୍ଯ୍ୟନ୍ତ 'ସୋମ'ଙ୍କୁ ଅପୌରୁଷେୟ ଅଭିବ୍ୟକ୍ତି ରୂପେ, ମାନବସତ୍ତାର ସଚେତନ ଅନୁଭୂତି ମଧ୍ୟରେ ଦିବ୍ୟାନୁଭୂତିର 'ଆନନ୍ଦ' ବା ଆହ୍ଲାଦ ରୂପେ ପ୍ରକାଶ କରିଛନ୍ତି । ଏବେ, ବୈଦିକ ଋଷିଙ୍କର ଯେପରି ଅଭ୍ୟାସ, ସେ ଦିବ୍ୟ ଅଭିବ୍ୟକ୍ତିରୁ ଦିବ୍ୟ 'ବ୍ୟକ୍ତି' (Person) ଦିଗରେ ମୁଖ ଫେରାଉଛନ୍ତି ଏବଂ ସେହି ଅନୁସାରେ 'ସୋମ' ପରମ 'ବ୍ୟକ୍ତିତ୍ୱ' ରୂପେ, ଉଚ୍ଚପଦସ୍ଥ ବିଶ୍ୱାତ୍ମକ 'ଦେବ' ରୂପେ ଆବିର୍ଭୂତ ହେଉଛନ୍ତି । **ଅରୂରୁଚଦ୍ ଉଷସଃ ପୃଷ୍ଣିଃ ଅଗ୍ରିୟଃ;** ସେ 'ଏକ' ଛାବୁଲା ବୃଷଭ ସ୍ୱରୂପ, ସେ ଉଷାମାନଙ୍କୁ ପ୍ରକାଶକୁ ଆଣୁଛନ୍ତି : **ଉଷା ବିଭର୍ତି ଭୁବନାନି ବାଜୟୁଃ;** 'ବୃଷଭ' ରୂପୀ ସେ ପ୍ରାଚୁର୍ଯ୍ୟ ବାଞ୍ଛା କରି ଭୁବନଗୁଡ଼ିକୁ ଧାରଣ କରୁଛନ୍ତି । 'ପୃଷ୍ଣି' ଅର୍ଥ ଛାବୁଛାବୁକା ରୂପ, ଉକ୍ତ ଶବ୍ଦଟି 'ଋଷଭ', ପରମ 'ପୁଂସ' ଏବଂ 'ଗୌ', ସ୍ତ୍ରୀ-'ଶକ୍ତି' ଉଭୟଙ୍କ କ୍ଷେତ୍ରରେ ପ୍ରଯୁକ୍ତ ହୋଇଛି; ବେଦରେ ରଙ୍ଗବୋଧକ ସମସ୍ତ ଶବ୍ଦ, ଯଥା – ଶ୍ୱେତ, ଶୁକ୍ର, ହରି, ହରିତ୍, କୃଷ୍ଣ, ହିରଣ୍ୟ ପ୍ରଭୃତି ହେଉଛନ୍ତି ପ୍ରତୀକାତ୍ମକ; ରଙ୍ଗ, ବର୍ଣ୍ଣ, ସବୁବେଳେ ରହସ୍ୟବାଦୀମାନଙ୍କ ଭାଷାରେ ଗୁଣ, ବ୍ୟକ୍ତିଗତ ସ୍ୱଭାବ ପ୍ରଭୃତିକୁ ସୂଚାଇଥାଏ । ଉକ୍ତ ଛାବୁଛାବୁକା 'ଋଷଭ' ହେଉଛନ୍ତି ବିବିଧ ଅଭିବ୍ୟକ୍ତି ରୂପକ ବହୁରଙ୍ଗ ବିଶିଷ୍ଟ 'ଦେବ' । 'ସୋମ' ସେହି ସର୍ବୋଚ୍ଚ ଛାବୁଲା 'ବୃଷଭ'; ସମ୍ପ୍ରତିର ଭୁବନଗୁଡ଼ିକର ସେ ଜନକ, କାରଣ 'ଆନନ୍ଦ' ମଧ୍ୟରୁ, ସେହି ସର୍ବ ଆହ୍ଲାଦମୟ 'ଏକ'ଙ୍କଠାରୁ, ସେଗୁଡ଼ିକର ଗତି ଆରମ୍ଭ ହୋଇଛି; ସମସ୍ତ ଅସ୍ତିତ୍ୱଗତ ବିବିଧତାର ପିତା ହେଉଛି ଆନନ୍ଦ । ବୃଷଭ ଅର୍ଥ ବୋଧକ 'ଉକ୍ଷନ୍' ଶବ୍ଦଟିର ପର୍ଯ୍ୟାୟବାଚୀ ଶବ୍ଦ 'ବୃଷନ୍' ବର୍ଷଣଶୀଳ, ଉତ୍ପାଦକ, ବୀର୍ଯ୍ୟସେଚକ ପ୍ରଭୃତି ଅର୍ଥ ବୋଧକ, ପ୍ରାଚୁର୍ଯ୍ୟର ସେ ପିତା, 'ବୃଷଭ', 'ପୁରୁଷ'; ଏ ହେଉଛନ୍ତି ସେହି ପୁରୁଷ ଯିଏ ଚିତ୍ ଶକ୍ତିକୁ 'ପ୍ରକୃତି' ବା 'ଗୌ'କୁ ଗର୍ଭିଣୀ କରାଇଥା'ନ୍ତି, ଉତ୍ପନ୍ନ କରାଇଥା'ନ୍ତି ଏବଂ ପ୍ରାଚୁର୍ଯ୍ୟର ଧାରା ମଧ୍ୟରେ ଭୁବନଗୁଡ଼ିକୁ ଧାରଣ କରୁଥା'ନ୍ତି । ଉଷାଗୁଡ଼ିକୁ ସେ ପ୍ରଭାଯୁକ୍ତ କରାଇଥା'ନ୍ତି – ଅର୍ଥାତ୍ ଜ୍ୟୋତିର ଉଷାଗୁଡ଼ିକୁ, 'ସୂର୍ଯ୍ୟ'ଙ୍କ କିରଣମୟ ଗୋ-ଯୂଥର ଜନନୀମାନଙ୍କୁ ପ୍ରଭାମୟ କରାଇଥା'ନ୍ତି; ସେ ପ୍ରାଚୁର୍ଯ୍ୟର ବାଞ୍ଛା କରନ୍ତି, ଏହାର ଅର୍ଥ ସତ୍ତା, ଶକ୍ତି ଓ ଚେତନାର ପରିପୂର୍ଣ୍ଣତା, ପରିପୂର୍ଣ୍ଣ ଦେବତ୍ୱ ହେଉଛି ଦିବ୍ୟ ଆନନ୍ଦର ଅବସ୍ଥା । ଅନ୍ୟ ପ୍ରକାରେ କହିଲେ ଏ ହେଉଛନ୍ତି 'ଆନନ୍ଦ'ର ଅଧିଷ୍ଠିତ ଦେବତା, ଯିଏ ଆମକୁ ଦେଇଥା'ନ୍ତି

ସତ୍ୟର ବର୍ଣ୍ଣବୈଭବ, 'ମହତ୍'ର ପ୍ରାଚୁର୍ଯ୍ୟ, ଯଦ୍ୱାରା ଆମେ 'ଅମୃତତ୍ୱ'ରେ ଉପନୀତ ହୋଇପାରିବୁ ।

ସତ୍ୟାବିଷ୍କାରକ ପିତୃଗଣ ତାଙ୍କର (ସୋମଙ୍କର) ରଚନାତ୍ମକ ଜ୍ଞାନକୁ, ତାଙ୍କ 'ମାୟା'କୁ ଲାଭ କଲେ, ସର୍ବୋଚ୍ଚ 'ଦେବତା'ଙ୍କର ସେହି ଆଦର୍ଶତତ୍ତ୍ୱ ଓ ପରିକଳ୍ପକ ଚେତନା ଦ୍ୱାରା ସେମାନେ ମାନବ ମଧ୍ୟରେ ଏକ ରୂପକଳ୍ପର ରଚନା କଲେ, ସେମାନେ ମାନବଜାତି ମଧ୍ୟରେ ଅଜାତ ଶିଶୁ ରୂପେ 'ତାଙ୍କୁ' ପ୍ରତିଷ୍ଠିତ କଲେ, ଅର୍ଥାତ୍ ସେ ହେଉଛନ୍ତି ମାନବ ମଧ୍ୟରେ ବପନ କରାଯାଇଥିବା ଏକ ବୀଜ, ତାହା ହେବ ଏପରି ଏକ 'ଜନ୍ମ' ଯାହା ଆବରଣ ସ୍ୱରୂପ ମାନବ ଚେତନା ମଧ୍ୟରୁ ପ୍ରସୂତ ହେବ । **ମାୟାବିନୋ ମମିରେ ଅସ୍ୟ ମାୟୟା ନୃଚକ୍ଷସଃ ପିତରୋ ଗର୍ଭମ୍ ଆ ଦଧୁଃ** । ପିତୃଗଣ ହେଲେ ସେହି ବୈଦିକ ଋଷିଗଣ ଯେଉଁମାନେ ବୈଦିକ ରହସ୍ୟବାଦୀଙ୍କ ପଥ ଆବିଷ୍କାର କରିଛନ୍ତି ଏବଂ ଆଶା କରାଯାଏ ଯେ ମାନବଜାତିର ଭବିତବ୍ୟ ଉପରେ ନିର୍ଣ୍ଣାୟକ ଭୂମିକାରେ ରହି ସେମାନେ ଏବେ ବି ଆଧ୍ୟାତ୍ମିକ ଭାବେ ଉପସ୍ଥିତ, ଦେବଗଣଙ୍କ ପରି ମାନବର 'ଅମୃତତ୍ୱ' ଲାଭ ନିମନ୍ତେ ସେମାନେ ତା' ମଧ୍ୟରେ କାର୍ଯ୍ୟରତ । ସେମାନେ ହେଉଛନ୍ତି ଶକ୍ତିଶାଳୀ 'ଦିବ୍ୟ'-ଦୃଷ୍ଟିକୁ ବା 'ସତ୍ୟ'- ଦୃଷ୍ଟିକୁ ଲାଭ କରିଥିବା, **ନୃଚକ୍ଷସଃ**, ମୁନିଗଣ, ସେହି ଦୃଷ୍ଟି ଦ୍ୱାରା ସେମାନେ ଦେଖି ପାରିବେ 'ପଣି'ମାନଙ୍କ ଦ୍ୱାରା ଲୁଚାଇ ରଖିଥିବା 'ଗୋ'ମାନଙ୍କୁ ଏବଂ ସେମାନେ ମାନସିକ ଓ ଦୈହିକ ଚେତନା ସ୍ୱରୂପ 'ରୋଦସି' (ଭୂମି ଓ ସ୍ୱର୍ଗ)ର ସୀମାବନ୍ଧକୁ ଅତିକ୍ରମ କରି ଅତିଚେତନା, 'ବୃହତ୍ ସତ୍ୟ' ଏବଂ 'ଆନନ୍ଦ' ମଧ୍ୟକୁ ଉପନୀତ ହେବେ । (ଋ. ୧/୩୬/୭, ୪/୧/୧୩-୧୮, ୪/୨/୧୫-୧୮ ଇତ୍ୟାଦି) । (ମନ୍ତ୍ର - ୩)

'ସୋମ' ଜଣେ ଗନ୍ଧର୍ବ, ଆନନ୍ଦ ସେନାର ଅଧିପତି, ଏବଂ 'ଦେବ'ଙ୍କ ଯଥାର୍ଥ ଆସନ ସ୍ୱରୂପ ଆନନ୍ଦର ପଦ ବା ସ୍ତରକୁ ସେ ରକ୍ଷା କରନ୍ତି, **ଗନ୍ଧର୍ବ ଇତ୍‌ଥା ପଦମ୍ ଅସ୍ୟ ରକ୍ଷତି** । ସେ ହେଉଛନ୍ତି ପରମ ସ୍ୱାମୀ, ସେ ଅନ୍ୟ ସମସ୍ତ ସତ୍ତାର ବାହାରେ ଓ ଉର୍ଦ୍ଧ୍ୱରେ ବିଦ୍ୟମାନ, ସେମାନଙ୍କଠାରୁ ସେ ପୃଥକ୍ ଓ ବିସ୍ମୟକର, **ଅଦ୍ଭୁତ**, ଆହୁରି ମଧ୍ୟ ଯେହେତୁ ସେ ପରମ ଓ ବିଶ୍ୱାତୀତ – ତେଣୁ ସେ ଭୁବନଗୁଡ଼ିକ ମଧ୍ୟରେ ଉପସ୍ଥିତ ରହି ଏବଂ ସେଗୁଡ଼ିକୁ ଅତିକ୍ରମ କରି ସେହି ସକଳ ଭୁବନରେ ଦେବତାମାନଙ୍କ ନାନା ଜନ୍ମକୁ ସୁରକ୍ଷା ପ୍ରଦାନ କରୁଛନ୍ତି, **ପାତି ଦେବାନାଂ ଜନିମାନି ଅଦ୍ଭୁତଃ** । ବେଦରେ "ଦେବଗଣଙ୍କ ଜନ୍ମ" ଉକ୍ତିଟି ବହୁ ପ୍ରଚଳିତ, ଏହାର ଅର୍ଥ ଏହି ଯେ ଏହି ବିଶ୍ୱ ଭୁବନରେ ଦିବ୍ୟତତ୍ତ୍ୱଗୁଡ଼ିକର ଅଭିବ୍ୟକ୍ତି, ବିଶେଷତଃ ମାନବ ସତ୍ତା ମଧ୍ୟରେ ବହୁବିଧ ରୂପ ସହ ଦେବତାର ରୂପାୟନ । ପୂର୍ବ ଋଚାରେ ଏହି 'ଋଷି' ଏହି 'ଦେବ'ଙ୍କ ବିଷୟରେ କହିଛନ୍ତି ଯେ, ସେ ଏକ ଦିବ୍ୟ ଶିଶୁ, ସେ ଭୁବନ ମଧ୍ୟରେ ତଥା ମାନବ ଚେତନା ମଧ୍ୟରେ ନିହିତ, ସେ ଜନ୍ମଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଏଠାରେ ଋଷି ତାଙ୍କ ବିଷୟରେ କହୁଛନ୍ତି ଯେ, ସେ ବିଶ୍ୱାତୀତ – ସେ ମାନବ ମଧ୍ୟରେ ନିର୍ମିତ 'ଆନନ୍ଦ'କୁ ସୁରକ୍ଷା ପ୍ରଦାନ କରୁଛନ୍ତି ଏବଂ ଦିବ୍ୟଜ୍ଞାନ ଦ୍ୱାରା ତା' ମଧ୍ୟରେ ଜନ୍ମ ଗ୍ରହଣ କରିଥିବା ଦେବତାର ଆକୃତିକୁ ଶତ୍ରୁମାନଙ୍କ ଆକ୍ରମଣରୁ, ବିଭାଜିକା ଶକ୍ତିଗଣଙ୍କ, ଅରତି-ଶକ୍ତିଗଣଙ୍କ (ଦ୍ୱିଷଃ, ଅରାତିଃ) ଆକ୍ରମଣରୁ, ଯେତେ ଅଦିବ୍ୟ ସେନା ତାମସ ତଥା ମିଥ୍ୟାପୂର୍ଣ୍ଣ ସୃଜନଶୀଳ ଜ୍ଞାନରୁ ସୃଷ୍ଟ ତା'ର ସକଳ ରଚନାର ଯାହା ଅଦିବ୍ୟ, ମାୟା (**ଅଦେବୀଃ, ମାୟାଃ**), ସେହି ସମସ୍ତ ଆକ୍ରମଣରୁ ରକ୍ଷା କରୁଛନ୍ତି ।

କାରଣ ଏହି ସକଳ ଆକ୍ରାନ୍ତା ଶତ୍ରୁମାନଙ୍କୁ ସେ ଅନ୍ତଶ୍ଚେତନାର ଜାଲରେ କବଳିତ କରି ନିଅନ୍ତି; ଇନ୍ଦ୍ରିୟଗଣ ତଥା ଅଗଭୀର ମନ ଦ୍ୱାରା ରଚିତ ବସ୍ତୁଗୁଡ଼ିକ ଅପେକ୍ଷା ବିଶ୍ୱସତ୍ୟ ଓ ବିଶ୍ୱାନୁଭୂତିର ଗଭୀରତର ଓ ସତ୍ୟତର କର୍ମାନୁବନ୍ଧର ସେ ପ୍ରଭୁ । ଏହି ଆନ୍ତର କର୍ମାନୁବନ୍ଧ ଦ୍ୱାରା ସେ ମିଥ୍ୟା, ତାମସ ଓ ବିଭାଜିକା ଶକ୍ତିଗୁଡ଼ିକୁ କରଗତ କରି ସତ୍ୟ, ଜ୍ୟୋତି ଓ ଏକତ୍ୱର ଅଧୀନସ୍ଥ କରନ୍ତି; **ଗୃଭ୍‌ଣାତି ରିପୁଂ ନିଧୟା ନିଧାପତିଃ** । ସେହି କାରଣରୁ ମାନବଗଣ ଏହି ଆନ୍ତର ପ୍ରକୃତିର ପରିଚାଳକ ଏହି ଆନନ୍ଦାଧିଷ୍ଠିତ ଦେବଙ୍କ ଦ୍ୱାରା ସୁରକ୍ଷା ପ୍ରାପ୍ତ ହୋଇ ନିଜର ଚିନ୍ତା ଓ କର୍ମକୁ ଏହି ଆନ୍ତର ସତ୍ୟ ଓ ଆଲୋକର ଅନୁବର୍ତ୍ତୀ କରାଇ ପାରନ୍ତି ଏବଂ ସେମାନେ ଆଉ ବାହ୍ୟ କୁଟିଳତାର ଶକ୍ତିଗୁଡ଼ିକ ଦ୍ୱାରା ପଥଚ୍ୟୁତ ହୁଅନ୍ତି ନାହିଁ; ସେମାନେ ଋଜୁ ପନ୍ଥାରେ ଚାଲୁଥା'ନ୍ତି, ସେମାନେ ନିଜ ନିଜ କର୍ମରେ ପୂର୍ଣ୍ଣ ରୂପେ ଦକ୍ଷ ହୋଇଥା'ନ୍ତି ଏବଂ ଏହି ଆନ୍ତର କ୍ରିୟା ଓ ବାହ୍ୟ କର୍ମର ସତ୍ୟ ଦ୍ୱାରା ସେମାନେ ଅସ୍ତିତ୍ୱର ସମଗ୍ର ମାଧୁର୍ଯ୍ୟକୁ, ଆତ୍ମାର ଖାଦ୍ୟ ସ୍ୱରୂପ ମଧୁ ବା ଆହ୍ଲାଦକୁ ଆସ୍ୱାଦନ କରିବାକୁ ସମର୍ଥ ହୋଇଥା'ନ୍ତି; **ସୁକୃତ୍ତମା ମଧୁନୋ ଭକ୍ଷମ୍ ଆଶତ** ।

(ମନ୍ତ୍ର - ୪)

ସୋମ ଇହଲୋକରେ ହବନୀୟ ଦ୍ରବ୍ୟ ରୂପେ, (ହବିଃ), ଦିବ୍ୟ ଭକ୍ଷ୍ୟ, ଆନନ୍ଦ ଓ ଅମୃତତ୍ୱର ମଦ୍ୟ ରୂପେ ଅଭିବ୍ୟକ୍ତ

ହୁଅନ୍ତି, ଏବଂ ଊର୍ଦ୍ଧ୍ୱରେ ସେ ହେଉଛନ୍ତି 'ଦେବ', ସେହି ଦିବ୍ୟ ଦ୍ରବ୍ୟର ଅଧିକାରୀ ସ୍ୱାମୀ (**ହବିଷ୍ମଃ**) ବିରାଟ ତଥା ଦିବ୍ୟ ଧାମ, ଅତିଚେତନ ଆନନ୍ଦ ଓ ସତ୍ୟ, **ବୃହତ୍**, ସେହି ସ୍ଥାନରୁ ସୋମମଦ୍ୟ ଆମ ଦିଗରେ ଅବତରି ଆସେ । ଆନନ୍ଦ-ମଦ୍ୟ ରୂପେ ସେ ପରିପାର୍ଶ୍ୱରେ ପରିପ୍ଲାବିତ ହୋଇ ଅଧ୍ୱର ଯଜ୍ଞ ମଧ୍ୟକୁ ପ୍ରବେଶ କରନ୍ତି – ଏହି ଯଜ୍ଞ ହେଉଛି ଜଡ଼ସ୍ତରରୁ ଅତିଚେତନା ପର୍ଯ୍ୟନ୍ତ ମାନବର ଅଗ୍ରଗତି । ସେ ଏହି ଯଜ୍ଞ ମଧ୍ୟକୁ ପ୍ରବେଶ କରି ସ୍ୱର୍ଗୀୟ ଧୂମ୍ର ଆକାଶ (ନଭଃ) ରୂପକ ବସନ ଧାରଣପୂର୍ବକ ଏହାକୁ ଆବେଷ୍ଟନ କରି ରହନ୍ତି । **ହବିଃ ହବିଷ୍ମୋ ମହି ସଦ୍ମ, ନଭୋ ବସାନଃ ପରିୟାସି ଅଧ୍ୱରମ୍ ।** ମାନସିକ ଅନୁଭୂତି ରୂପକ ଭାସ୍ୱର-ଧୂମ୍ର ଆବରଣକୁ ପରିଧାନ କରି ଦିବ୍ୟ ଆନନ୍ଦ ଆମ ନିକଟକୁ ଆସନ୍ତି ।

ସେହି ଯାତ୍ରା ବା ଯଜ୍ଞୀୟ ଉତ୍ତରଣ ମଧ୍ୟରେ ସେହି ସର୍ବାନନ୍ଦମୟ 'ଦେବ' ହୋଇଯାଆନ୍ତି ଆମ ସକଳ କାର୍ଯ୍ୟକଳାପର ରାଜା, ଆମ ଦିବ୍ୟୀକୃତ ପ୍ରକୃତିର ତଥା ଏହାର ଶକ୍ତିର ଅଧିକାରୀ, ଜ୍ଞାନଦୀପ୍ତ ସଚେତନ ହୃଦୟ ରୂପକ ରଥରେ ଅଧିଷ୍ଠିତ ହୋଇ ସେ ଆରୋହଣ କରନ୍ତି ଅନନ୍ତ ଓ ଅମୃତ ସ୍ତରର ପ୍ରାଚୁର୍ଯ୍ୟ ମଧ୍ୟକୁ । 'ସୂର୍ଯ୍ୟ' ଓ 'ଅଗ୍ନି'ଙ୍କ ପରି ସେ ସହସ୍ରଗୁଣ ପ୍ରୋଜ୍ଜ୍ୱଳ ଶକ୍ତିରେ ଆବେଷ୍ଟିତ ହୋଇ ଅନ୍ତଃପ୍ରେରିତ ସତ୍ୟର, ଅତିଚେତନ ଜ୍ଞାନର ଆୟତନକୁ ଜୟ କରିଥା'ନ୍ତି; **ରାଜା ପବିତ୍ରରଥୋ ବାଜମ୍ ଆରୋହଃ, ସହସ୍ରଭୃଷ୍ଟିଃ ଜୟସି ଶ୍ରବୋ ବୃହତ୍ ।** ଏଠାରେ ପ୍ରଦତ୍ତ ରୂପକଟି ଏହି ଯେ, ସୌରୋପମ ଶକ୍ତି ଓ ମହିମାସମ୍ପନ୍ନ ଜଣେ ବିଜୟଶ୍ରୀମଣ୍ଡିତ ରାଜା ଏକ ବିଶାଳ ରାଜ୍ୟକୁ ଜୟ କରୁଛନ୍ତି । ବିଶାଳ ସତ୍ୟ-ଚେତନା (ଶ୍ରବସ୍), ଯାହାକୁ ଆଧାର କରି ଅମୃତତ୍ୱର ଅବସ୍ଥା ପ୍ରତିଷ୍ଠିତ, ତାହାରି ମଧ୍ୟରେ ସେ ମନୁଷ୍ୟ ନିମନ୍ତେ ଅମୃତତ୍ୱକୁ ଜୟ କରିଥା'ନ୍ତି । ମନୁଷ୍ୟ ମଧ୍ୟରେ ଗୂଢ଼ ରୂପେ ବିଦ୍ୟମାନ ଏହି 'ଦେବ' ଅନ୍ଧ-ତିମିର ଓ ତା'ପରେ ସନ୍ଧ୍ୟା ଓ ତା'ପରେ 'ଉଷା'ର ମହିମୋଜ୍ଜ୍ୱଳତା ମଧ୍ୟ ଦେଇ ଊର୍ଦ୍ଧ୍ୱକୁ ଆରୋହଣପୂର୍ବକ ସୌରଲୋକସ୍ଥ ସମୃଦ୍ଧିକୁ ପ୍ରବେଶ କରି ସେ ନିଜର ଯଥାର୍ଥ ଆସନକୁ **ଇତ୍‌ଥା ପଦମ୍ ଅସ୍ୟ**, ଜୟ କରି ନିଅନ୍ତି ।

*

ଏହି ସୂକ୍ତଟି ସହିତ ଋଗ୍‌ବେଦରୁ ନିର୍ବାଚିତ ସୂକ୍ତାବଳି କ୍ରମଣିକାଟିକୁ ସମାପ୍ତ କରୁଛି । ଏଥିରେ ମୋର ଲକ୍ଷ୍ୟ ଥିଲା ସଂକ୍ଷେପରେ ଯେତେଦୂର ସମ୍ଭବ ଏହା ଦେଖାଇବା ଯେ ବୈଦିକ ଦେବଗଣଙ୍କର ପ୍ରକୃତ କାର୍ଯ୍ୟଧାରା କ'ଣ, ସେମାନଙ୍କ ସତ୍ୟପଥକୁ ବ୍ୟକ୍ତ କରୁଥିବା ପ୍ରତୀକଗୁଡ଼ିକର ଅର୍ଥ କ'ଣ, ଯଜ୍ଞର ସ୍ୱଭାବ ଓ ଲକ୍ଷ୍ୟ କ'ଣ ଏବଂ ଏଥି ସହ ପ୍ରକୃତ ଉଦାହରଣ ସହିତ ବେଦର ରହସ୍ୟକୁ ବ୍ୟାଖ୍ୟାନ କରିବା । ଉଦ୍ଦେଶ୍ୟମୂଳକ ଭାବେ ମୁଁ ଅଳ୍ପ କିଛି ସଂକ୍ଷିପ୍ତ ତଥା ସରଳ ସୂକ୍ତକୁ ବାଛିଥିଲି – ଯେଉଁଗୁଡ଼ିକ ଦୃଷ୍ଟି ଆକର୍ଷକ ଗାମ୍ଭୀର୍ଯ୍ୟରେ ତଥା ସୂକ୍ଷ୍ମତାରେ ଭରା ଏବଂ ଚିନ୍ତା ଓ ରୂପକଳ୍ପରେ ଜଟିଳ ସେଗୁଡ଼ିକୁ ମୁଁ ଏଠାରେ ଗ୍ରହଣ କରି ନାହିଁ,– ସେହିପରି ଯେଉଁ ସୂକ୍ତଗୁଡ଼ିକ ମନସ୍ତାତ୍ତ୍ୱିକ ଅର୍ଥକୁ ଅଗୋପ୍ୟ ଓ ପୂର୍ଣ୍ଣଭାବେ ଉପରି ଭାଗରେ ରଖିଛନ୍ତି ଏବଂ ଯେଉଁଗୁଡ଼ିକ ନିଜର ଏକାନ୍ତ ଚମତ୍କାରିତା ତଥା ଗମ୍ଭୀରତା ଦ୍ୱାରା ରହସ୍ୟବାଦୀ ତଥା ପୁଣ୍ୟପ୍ରଦ କବିତାଗୁଡ଼ିକର ବାସ୍ତବିକ ସ୍ୱଭାବକୁ ଫୁଟାଇଛନ୍ତି ସେଗୁଡ଼ିକୁ ମୁଁ ଏଠାରେ ଆଣି ନାହିଁ । ଆଶା କରାଯାଉଛି ଯେ ଯେଉଁ ପାଠକମାନେ ଆମର ଏହି ପ୍ରାଚୀନତମ ତଥା ସର୍ବମହାନ୍ କବିତାର ଯଥାର୍ଥ ଅର୍ଥକୁ ଜାଣିବା ପାଇଁ ଏକ ମୁକ୍ତ ମାନସିକତା ସହ ଅଧ୍ୟୟନ କରିବାକୁ ଚାହାନ୍ତି ସେମାନଙ୍କ ନିମନ୍ତେ ଏହି ଉଦାହରଣଗୁଡ଼ିକ ପର୍ଯ୍ୟାପ୍ତ ହେବ । ଏହା ପରେ ସାମାନ୍ୟ ସ୍ୱଭାବର ଅନ୍ୟ ସୂକ୍ତଗୁଡ଼ିକର ଅନୁବାଦ ଆମକୁ ଦେଖାଇ ଦେବ ଯେ ଏହି ସମସ୍ତ ବିଚାର ଋଗ୍‌ବେଦର କେତେ ଜଣ ଋଷିଙ୍କ ସର୍ବୋଚ୍ଚ ବିଚାର କେବଳ ନୁହେଁ, ପରନ୍ତୁ ଏଥିରେ ରହିଛି ଋଗ୍‌ବେଦର ବ୍ୟାପକ ଅର୍ଥ ଓ ଉପଦେଶ ।

(*ଦ୍ୱିତୀୟ ଭାଗ ସମାପ୍ତ*)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II, Chapter - XIII, **"Soma, Lord of Delight and Immortality"**]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର ❖

ଜଣେ କ'ଣ କରୁଛି ସେଇଟା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ଜଣେ ନିଜେ କ'ଣ ସେଇଟା ବିଶେଷ ଗୁରୁତ୍ୱପୂର୍ଣ୍ଣ ।
– ଶ୍ରୀମା

# ଶ୍ରୀମା'ଙ୍କର ଶକ୍ତି ଓ କ୍ରିୟାର ଏକ ଧାରା

## ଶ୍ରୀ ମାଧବ ପଣ୍ଡିତ

### (୧)

ଅନେକ ସମୟରେ ଏପରି ଘଟୁଥିଲା – ଆଜି ବି ଘଟୁଛି । କୌଣସି ବିପଦ ବା ସଂକଟ ସମୟରେ ବହୁଲୋକ ମା'ଙ୍କର ଏକ ରୂପ ଆସି ସେମାନଙ୍କୁ ସହାୟତା କରୁଥିବାର ପ୍ରତ୍ୟକ୍ଷ ଅନୁଭବ କରନ୍ତି । ମା ତାଙ୍କର ବାହ୍ୟ ଚେତନାରେ ଏହା ହୁଏତ ଜାଣି ପାରିଥାଆନ୍ତି ବା ନଜାଣି ପାରିଥାଆନ୍ତି । ଏ ସମ୍ପର୍କରେ ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ପଚରା ଯାଇଥିଲା ସେ ବୁଝାଇ ଦେଇଥିଲେ ଯେ ଯେତେବେଳେ କୌଣସି ବ୍ୟକ୍ତି ଓ ମା'ଙ୍କ ଭିତରେ ଚେତନାର ସମ୍ପର୍କ ସ୍ଥାପିତ ହୁଏ ସେତେବେଳେ ମା'ଙ୍କ ଭିତରୁ ତାଙ୍କ ଶକ୍ତିର ଏକ ସ୍ୱରୂପଛଟା (Emanation) ସେହି ବ୍ୟକ୍ତି ଭିତରକୁ ଯାଏ ଓ ବରାବର ତା' ଭିତରେ ରହିଥାଏ । ସେହି ସ୍ୱରୂପଛଟା ହିଁ ମା'ଙ୍କର ରୂପ ନିଏ ଓ ପ୍ରୟୋଜନ ବେଳେ ଆବଶ୍ୟକ ସହାୟତା ଦିଏ । ମା ମଧ ବୁଝାଇଛନ୍ତି ଯେ ଏହି ସ୍ୱରୂପଛଟା ସ୍ୱୟଂକ୍ରିୟ ଭାବରେ ମା'ଙ୍କର କେନ୍ଦ୍ରୀୟ ଦିବ୍ୟଚେତନାକୁ ସମସ୍ତ ପରିସ୍ଥିତିଟି ଜଣାଇ ଦିଏ ଓ ତାହା ଜାଣି ଯେତେବେଳେ ଯାହା ଦରକାର ପଡ଼େ, ମା'ଙ୍କ ଶକ୍ତି ସେହି ଅନୁସାରେ ବ୍ୟକ୍ତିକୁ ସାହାଯ୍ୟ କରେ ।

ଥରେ ଜଣେ ଶିଷ୍ୟ ମା'ଙ୍କୁ ଲେଖି ଜଣାଇଥିଲେ ଯେ ସେ କିପରି ନାନା ବାଧା, ଅସୁବିଧାର ଘେରରେ ପଡ଼ିଛନ୍ତି ଓ ଅସହାୟ ହୋଇ ମୁକୁଳିବାର କୌଣସି ବାଟ ପାଉ ନାହାନ୍ତି । ଶ୍ରୀମା ସେ ଚିଠିଟି ପଢ଼ିସାରି କହିଲେ ସେ ଲୋକର ସତ୍ତା ଆଗରୁ ଆସି ତାଙ୍କୁ ଏ ବିଷୟରେ କହି ସାରିଛି ଏବଂ ସେ ଲୋକକୁ ସାହାଯ୍ୟ କରିବା ପାଇଁ ମା ଆବଶ୍ୟକ ପଦକ୍ଷେପ ନେଇ ସାରିଛନ୍ତି । ଶ୍ରୀମା'ଙ୍କର ଯେତେ ଯାହା କାମ ଥାଉ ନା କାହିଁକି କୌଣସି କାତର ଡାକ ବା କୌଣସି ଆନ୍ତରିକ ଭାବର ସ୍ପନ୍ଦନ ତାଙ୍କ ନିକଟରେ ନିଶ୍ଚୟ ପହଞ୍ଚିବ ଓ ତାଙ୍କର ଦୃଷ୍ଟି ଆକର୍ଷଣ କରିବ । ତାଙ୍କ ଦିବ୍ୟ-ଚେତନାର ଗୋଟିଏ ଅଂଶ ବରାବର ଏସବୁ ଡାକ ପ୍ରତି ଉତ୍କର୍ଣ୍ଣ ହୋଇ ରହିଥାଏ ଓ ଆଶ୍ରମର ହେଉ ବା ବାହାରର ହେଉ କୌଣସି ବ୍ୟକ୍ତି ଯେତେବେଳେ ମା'ଙ୍କ ସହାୟତା ଉପରେ ନିର୍ଭର କରିଥାଏ, ସେ ତାହାର ପ୍ରାର୍ଥନା ବରାବର ଶୁଣି ଥାଆନ୍ତି ।

ଆଶ୍ରମ ଭିତରେ ଶ୍ରୀମା ଏକ ବିଶେଷ ସଚେତ ବାତାବରଣ ସୃଷ୍ଟି କରିଛନ୍ତି, ଯେଉଁଥିରେ ପ୍ରତ୍ୟେକ ଲୋକ ନିଜ ନିଜର ପ୍ରୟୋଜନ ଅନୁସାରେ ଆବଶ୍ୟକ ସହାୟତା ପାଏ । ସେହି ବାତାବରଣ ସେହି ଭଳି ଅତୁଟ, ଅକ୍ଷୁଣ୍ଣ ହୋଇ ରହିଛି; ମା'ଙ୍କ ଦେହତ୍ୟାଗର ଏତେ ବର୍ଷ ପରେ ମଧ ପ୍ରତ୍ୟେକ କ୍ଷେତ୍ରରେ ଚିକିନିଖି ସବୁ ବିଷୟରେ ଆମେ ସେହି ବାତାବରଣ ଓ ମା'ଙ୍କର ସେହି ସହାୟତା ସର୍ବଦା ଅନୁଭବ କରିଥାଉ । ତାଙ୍କର କୃପାମୟୀ ଦିବ୍ୟଚେତନାରେ ଆପ୍ଲୁତ ଏହି ସାଧାରଣ ବାତାବରଣ ଛଡ଼ା ମଧ ବିଶେଷ ପରିସ୍ଥିତିସବୁରେ କୌଣସି ସାଧକର ସୁରକ୍ଷା ଓ ସହାୟତା ପାଇଁ ପ୍ରୟୋଜନ ହେଲେ ମା ସ୍ୱତନ୍ତ୍ର ଏକାଗ୍ରତା ସହ ସେହି ବ୍ୟକ୍ତିର ଚାରିପଟେ ଏକ ରକ୍ଷାକବଚ ଗଠନ କରୁଥିଲେ । ଥରେ ଏପରି ଘଟିଥିଲା ଯେ ଦିନେ ଭୋର ସମୟରେ ମା ସୂକ୍ଷ୍ମ ଦର୍ଶନରେ ଦେଖିବାକୁ ପାଇଲେ ଯେ ଆଶ୍ରମର ଜଣେ ସାଧକଙ୍କ ଉପରେ ଗୋଟାଏ କାଉ ଉଡ଼ି ବୁଲୁଛି । ମା ସେହି ସାଧକଙ୍କ ଚାରିପଟେ ସୁରକ୍ଷାର ଏକ ଚେତନା ଗଠନ କରି ଦେଲେ କିନ୍ତୁ ସେ ବିଷୟରେ ତାଙ୍କୁ କିଛି କହିଲେ ନାହିଁ । ପରେ ଜଣାପଡ଼ିଲା ଯେ ଜଣେ ଲୋକ ସେଦିନ ଉକ୍ତ ସାଧକଙ୍କୁ ଆକ୍ରମଣ କରିବାକୁ ଆସିଥିଲା, କିନ୍ତୁ ସେହି ସମୟରେ ସେ ଯେଉଁ ସ୍ଥାନରେ ଥାଆନ୍ତି ତାଙ୍କୁ ସେଠାରେ ନପାଇ ନିଜର ଉଦ୍ଦେଶ୍ୟ ପୂରଣ କରି ପାରିଲା ନାହିଁ । ଏହି ଭାବରେ ଉକ୍ତ ସାଧକ ବିପଦରୁ ରକ୍ଷା ପାଇଲେ । ସୁରକ୍ଷାର ଏହି ଧରଣର ଗଠନ ସୀମିତ ସମୟ ପାଇଁ, ସୀମିତ ଉଦ୍ଦେଶ୍ୟରେ କରାଯାଇ ଥାଏ ଓ ଏହି ଗଠନସବୁ ବିଭିନ୍ନ ଭାବରେ ସାଧକର ଅବସ୍ଥାଟିକୁ ନିଶ୍ଚୟ ମା'ଙ୍କ ଗୋଚରକୁ ଆଣିଥାଏ । ସାଧକ ନିଜେ ଜାଣୁ ବା ନଜାଣୁ ମା'ଙ୍କ ଚେତନା ସହ ଏ ବିଷୟରେ ତା'ର ଏକ ଜୀବନ୍ତ ସଂଯୋଗ ସ୍ଥାପିତ ହୋଇଥାଏ ।

ମା'ଙ୍କର ଏହି ସାହାଯ୍ୟ ପାଇବା ବା ତାଙ୍କ ଶକ୍ତିର କ୍ରିୟା ସମ୍ପର୍କରେ ସଚେତ ହେବା କ'ଣ ସାଧକର ଅବସ୍ଥା ଉପରେ ନିର୍ଭର କରେ ? ଏହାର ଉତ୍ତରରେ ମା କହିଥିଲେ ଯଦିଓ ଏହା ଅନେକଟା ସାଧକ ଉପରେ ନିର୍ଭର କରେ କିନ୍ତୁ ପୂରାପୂରି ନୁହେଁ । ସାମୂହିକ ସାଧନା କ୍ଷେତ୍ରରେ ଅତିମାନସ ପ୍ରଭାବ

ଯେତେ ଅଧିକ ସଙ୍ଗଠିତ ଓ କ୍ରିୟାଶୀଳ ହେବ ସେହି ଅନୁସାରେ ବ୍ୟକ୍ତିର ଚେତନା ଉପରେ ଏହା କ୍ରିୟା କରି ତାକୁ ଅଧିକ ଗ୍ରହଣଶୀଳ କରାଇବ ଓ ବ୍ୟକ୍ତିର ଅବସ୍ଥା ଉପରେ ନିର୍ଭର ନକରି ମା'ଙ୍କ ଶକ୍ତି ତାକୁ ଆଗେଇ ନେବା ପାଇଁ ଅଧିକରୁ ଅଧିକ ଅବାଧ ଭାବରେ କ୍ରିୟା କରିବ । ଚେତନାର ଉଚ୍ଚତର ସ୍ତରସବୁରେ ଯେତିକି ଅଧିକ ଅଗ୍ରଗତି ହେବ, ନିମ୍ନସ୍ତରର ଗତିବୃତ୍ତିଗୁଡ଼ିକ ଉପରେ ତା'ର ପ୍ରଭାବ ଓ ପ୍ରତିପତ୍ତି ସେତିକି ଅଧିକ ହେବ ।

ଆମେ କେବେହେଲେ ଏକାକୀ ହୋଇ ରହି ନାହୁଁ । ବ୍ୟକ୍ତିର ସମସ୍ତ ଦୋଷ-ତ୍ରୁଟି ସତ୍ତ୍ୱେ ସେଗୁଡ଼ିକୁ ସୁଧାରିବା ପାଇଁ ଓ ତାକୁ ଲକ୍ଷ୍ୟ ପଥରେ ଆଗେଇ ନେବା ପାଇଁ ଏକ ବିପୁଳ ସଚେତ ଶକ୍ତିର ସଙ୍ଗଠନ ବରାବର କ୍ରିୟା କରୁଛି ବୋଲି ଶ୍ରୀମା ତାଙ୍କର ଲେଖାଗୁଡ଼ିକରେ ସ୍ପଷ୍ଟ କରିଛନ୍ତି । ସବୁ କ୍ଷେତ୍ରରେ, ସବୁ ସମୟ ପାଇଁ ଯାହା ଆବଶ୍ୟକ ତାହା ହେଉଛି ନିଷ୍ଠା ଓ ଆନ୍ତରିକତା ।

## (୨)

ଶ୍ରୀମା ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସାରାଦିନ କାର୍ଯ୍ୟରତ ରହୁଥିଲେ । ଭୋର ହେବାର ଅନେକ ପୂର୍ବରୁ ମା'ଙ୍କ କର୍ମରତ ଦିନଟି ଆରମ୍ଭ ହୋଇ ଯାଉଥିଲା । ଚେତନାର ବିଭିନ୍ନ ସ୍ତରରେ ନାନା ଧରଣର ବିଭିନ୍ନ କର୍ମରେ ବ୍ୟସ୍ତ ରହିବା ସହ ସେ ଅଗଣିତ ଦର୍ଶନାର୍ଥୀଙ୍କୁ ଭେଟୁଥିଲେ । ଏକ ଲଘୁ ମଧ୍ୟାହ୍ନ ଭୋଜନ ପରେ ଘଣ୍ଟାକରୁ କିଛି କମ୍ ସମୟ ଥିଲା ତାଙ୍କର ଏକମାତ୍ର ବିଶ୍ରାମର ସମୟ । କର୍ମରତ ଦିନଟି ଶେଷ ହେବାର କୌଣସି ନିର୍ଦ୍ଦିଷ୍ଟ ସମୟ ନଥିଲା । ଅନେକ ସମୟରେ ରାତି ଏଗାରଟା କି ବାରଟା, ଏପରିକି ଆହୁରି ଅଧିକ ସମୟ ଲାଗି ଯାଉଥିଲା । ତା'ପରେ ସେ 'ବିଶ୍ରାମ' ନେଉଥିଲେ । ଏହାର ଅର୍ଥ ନୁହେଁ ସେ ନିଦ୍ରା ଯାଉଥିଲେ । ପ୍ରକୃତରେ ସେ ସେତେବେଳେ ଆହୁରି ଅଧିକ ଗଭୀର କର୍ମରେ ବ୍ୟସ୍ତ ରହୁଥିଲେ ନିଜର ସୂକ୍ଷ୍ମ ଶରୀରରେ । ଏହା କର୍ମର ବିରତି ନୁହେଁ ବରଂ ଆଶ୍ରମ ବାହାରେ କର୍ମର ଏକ ବ୍ୟାପକ ପ୍ରସାର ।

ସ୍ଥୂଳ ଶରୀରରୁ ବାହାରି ଯାଇ ସୂକ୍ଷ୍ମ ଶରୀରରେ ଆଶ୍ରମବାସୀମାନଙ୍କର ସାଧନା ଓ ଚେତନାର ଅଗ୍ରଗତିରେ ସହାୟତା କରିବା ଥିଲା ମା'ଙ୍କର ଏକ ନିୟମିତ କାମ । ମା ଆଶ୍ରମବାସୀମାନଙ୍କୁ ସୂଚନା ଦେଇଥିଲେ ଯେ ଯଦି ସାଧକମାନେ ସାଧନାର ମନୋଭାବ ନେଇ ଶୀଘ୍ର ଶୋଇବାକୁ ଯାଆନ୍ତି ତେବେ ମା ସୂକ୍ଷ୍ମ ଶରୀରରେ ସେମାନଙ୍କ ନିକଟକୁ ଗଲାବେଳେ ସେମାନେ ଅଧିକ ଗ୍ରହଣଶୀଳତାର ସହିତ ତାଙ୍କର ଶକ୍ତି ଗ୍ରହଣ କରି ପାରିବେ । ଅବଶ୍ୟ ସାଧକମାନଙ୍କ ଭିତରୁ ପ୍ରତ୍ୟେକେ ମା'ଙ୍କର ଏହି ସୂକ୍ଷ୍ମ ପରିଦର୍ଶନ ବିଷୟରେ ସଚେତ ରହୁ ନଥିଲେ । କିନ୍ତୁ ପରଦିନ କେତେକ ସାଧକ ସ୍ୱପ୍ନରେ ମା'ଙ୍କୁ ଦେଖିଥିବା ବିଷୟ କହିଲେ ମା ଈଷତ୍ ହାସ୍ୟ ସହ ତାହା ସତ୍ୟ ବୋଲି କହୁଥିଲେ ।

ମା ମଧ୍ୟ ପୃଥିବୀର ଅନ୍ୟାନ୍ୟ ସ୍ଥାନ ସୂକ୍ଷ୍ମ ଶରୀରରେ ପରିଦର୍ଶନ କରି ବିଭିନ୍ନ ଲୋକମାନଙ୍କୁ ସେମାନଙ୍କ ସମସ୍ୟା ସମାଧାନରେ ସହାୟତା କରୁଥିଲେ । ଦିନରେ ଅନ୍ୟାନ୍ୟ ବହୁ କର୍ମରେ ବ୍ୟସ୍ତ ରହୁଥିବାରୁ ସେ ଅନେକ ସମୟରେ ରାତ୍ରି ସମୟଟିକୁ ହିଁ ବାଛୁଥିଲେ ଏହି ଧରଣର କାମ ପାଇଁ । ମା ମଧ୍ୟ ଅନ୍ୟାନ୍ୟ ସୂକ୍ଷ୍ମ ଜଗତ୍ ଓ ସୂକ୍ଷ୍ମ ସ୍ତରସବୁକୁ ଯାଇ ସେଠାରେ ଭଗବତ୍ ଯୋଜନାର ନାନା କର୍ମରେ ଅଂଶ ଗ୍ରହଣ କରୁଥିଲେ । ଏହିସବୁ ସୂକ୍ଷ୍ମ ଜଗତର ନାନା ଘଟଣାବଳୀ ଓ ସୂକ୍ଷ୍ମ ସତ୍ତାମାନଙ୍କ ସହ ତାଙ୍କର ସାକ୍ଷାତ୍ ଓ ଆଦାନପ୍ରଦାନ ବିଷୟରେ ଏବଂ ତାହା କିପରି ସ୍ଥୂଳ ଜଗତର ଘଟଣାବଳୀକୁ ପ୍ରଭାବିତ କରେ ସେ ସମ୍ପର୍କରେ ମଝିରେ ମଝିରେ ମା ନିଜର ଅନୁଭୂତିସବୁ କହିଥା'ନ୍ତି ।

ମା'ଙ୍କର ଏପରି ଏକ ବିପୁଳ ଚେତନା ଓ କର୍ମର ଏପରି ଅକଳ୍ପନୀୟ ବ୍ୟାପ୍ତି ଥିଲା ଯେ ତାଙ୍କ ଚେତନାର ପରିସର ଭିତରୁ କିଛି ବାଦ୍ ପଡୁ ନଥିଲା । ଆଶ୍ରମର ସାଧକମାନଙ୍କ ଚେତନା ଉପରେ ଏହାର ପ୍ରତ୍ୟକ୍ଷ କ୍ରିୟା ସମ୍ପର୍କରେ ଶ୍ରୀଅରବିନ୍ଦ କହିଥିଲେ : ମା ସମସ୍ତ ଆଶ୍ରମବାସୀଙ୍କୁ ନିଜ ଭିତରେ ଧାରଣ କରି ରହିଛନ୍ତି । ଏହି ଭାବରେ ହିଁ ସେ ଚାହିଁଲେ ଆଶ୍ରମବାସୀମାନଙ୍କର ଚେତନାର ସମସ୍ତ ଗତିବୃତ୍ତିଗୁଡ଼ିକୁ ଠିକିନିଖି ଭାବରେ ଜାଣି ପାରନ୍ତି । ଆମ ସାଧକମାନଙ୍କର ମଧ୍ୟ ଏହା ହିଁ ଅନୁଭୂତି ଯେ ବେଦ ବର୍ଣ୍ଣିତ ଅଗ୍ନି ଓ ଇନ୍ଦ୍ର, ଋଷିମାନଙ୍କ ଚେତନାରେ ଜନ୍ମଗ୍ରହଣ କରି ବୃଦ୍ଧି ପାଉଥିବା ଭଳି ଆମମାନଙ୍କ ଭିତରେ ମା'ଙ୍କ ଉପସ୍ଥିତି ନିତ୍ୟ ବୃଦ୍ଧି ପାଉଥିଲା । ତେଣୁ ଅନେକ ସମୟରେ ଏପରି ଲାଗୁଥିଲା ଯେ ସ୍ଥୂଳଭାବରେ ମା'ଙ୍କ ସହିତ ସାକ୍ଷାତ୍ ଓ ଆଦାନପ୍ରଦାନର ଅନେକ ପୂର୍ବରୁ ସୂକ୍ଷ୍ମ ସ୍ତରରେ ସେଗୁଡ଼ିକ ଘଟି ସାରିଛି ।

ମା ବୁଝାଇ ଦେଇଥିଲେ ଯେ ତାଙ୍କ ସହିତ ସମ୍ପର୍କଟି ହେଉଛି ସତ୍ତା ଓ ଚେତନାର ବିଭିନ୍ନ ଅବସ୍ଥା ସହ ସମ୍ପର୍କ । ତେଣୁ ସେହି ଏକ ବ୍ୟକ୍ତି ସହ ମଧ୍ୟ ଚେତନାର ବିଭିନ୍ନ ସ୍ତର

ଅନୁଯାୟୀ ତାଙ୍କର ସମ୍ପର୍କ ମଧ୍ୟ ଭିନ୍ନ ଭିନ୍ନ ହୋଇପାରେ । ମା କହୁଥିଲେ ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ପୂରାପୂରି ତାଙ୍କ ଭିତରେ ରହିଛନ୍ତି ଯେପରିକି ସେମାନେ ମା'ଙ୍କର ନିଜର ଅଂଶବିଶେଷ, ଆଉ କେତେକଙ୍କ ସଙ୍ଗରେ ତାଙ୍କର ଭାବ ବିନିମୟ ଓ ଭାବର ଆଦାନ-ପ୍ରଦାନ ଅତି ଘନିଷ୍ଠ ଓ ଅନ୍ତରଙ୍ଗ ଏବଂ ଆଉ କେତେକେ ଅଛନ୍ତି ଯେଉଁମାନଙ୍କ ସହ କେବଳ ପରିଚୟ ରହିଛି, ମା ସେମାନଙ୍କୁ ଜାଣନ୍ତି କିନ୍ତୁ ସମ୍ପର୍କ ଏତେ ଘନିଷ୍ଠ ନୁହେଁ ।

ଅବଶ୍ୟ ଏହା ସ୍ୱାଭାବିକ ଯେ ମଣିଷର ମନ ପକ୍ଷରେ ମା'ଙ୍କ କ୍ରିୟାର ଏହି ସୂକ୍ଷ୍ମ ରୂପକୁ ବୁଝିବା ଦୁଃସାଧ୍ୟ । ମା କେତେବେଳେ କ'ଣ କହିବେ, କ'ଣ କରିବେ ଆଗରୁ ତାହା କେହି ଅନୁମାନ କରି ପାରିବ ନାହିଁ । ସେ ସବୁବେଳେ ନୂଆ ନୂଆ ବିସ୍ମୟ ଆଣି ଦିଅନ୍ତି । ଦୁଇଜଣ ବ୍ୟକ୍ତିଙ୍କର ସମାନ ପ୍ରଶ୍ନର ସେ ଭିନ୍ନ ଭିନ୍ନ ଉତ୍ତର ଦିଅନ୍ତି । ଦୁଇଟି ସମାନ ପରିସ୍ଥିତି ପାଇଁ ତାଙ୍କର ଆଚରଣ ହୁଏ ସମ୍ପୂର୍ଣ୍ଣ ଭିନ୍ନ ଭିନ୍ନ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, ଯେହେତୁ ଶ୍ରୀଅରବିନ୍ଦ କହିଥିଲେ ମା'ଙ୍କର କ୍ରିୟାର ଗତିବୃତ୍ତିକୁ ଅନୁସରଣ କରିବା କ୍ଷିପ୍ରତମ ମାନୁଷୀ ବୁଦ୍ଧି ପକ୍ଷେ ମଧ୍ୟ ସମ୍ଭବ ନୁହେଁ । ତାଙ୍କର ମାପକାଠି ମଣିଷ ମନର ମାପକାଠି ଭଳି ନୁହେଁ ।

ମା ସେହି ଏକ ସମୟରେ ଚେତନାର ବହୁ ବିବିଧ ସ୍ତରରେ କ୍ରିୟା କରନ୍ତି । ତାଙ୍କ କ୍ରିୟାଧାରାର ସ୍ଥୂଳ ଦୈହିକ ଗତିବୃତ୍ତିଗୁଡ଼ିକର ଗୁରୁତ୍ୱକୁ ଆଦୌ ବୁଝି ହେବ ନାହିଁ ଯଦି ତା' ପଛରେ ରହିଥିବା ଆନ୍ତର ସତ୍ୟକୁ ଠିକ୍ ବୁଝି ନହୁଏ । ତାଙ୍କର କ୍ରିୟାଧାରାକୁ ଆବଶ୍ୟକ ପୃଷ୍ଠପଟର ଅଭାବରେ ଠିକ୍‌ରୂପେ ଧରି ପାରିବା ସାଧାରଣ ମନ ପାଇଁ ଅତି ଦୁରୂହ । କିନ୍ତୁ ଯେଉଁମାନେ ମା'ଙ୍କ ପ୍ରତି ଉନ୍ମୀଳିତ ହୋଇଥା'ନ୍ତି, ତାଙ୍କ ସହ ଯଥାର୍ଥ ସଙ୍ଗତି ରଖି ଥାଆନ୍ତି, ସେମାନେ ମା'ଙ୍କ କ୍ରିୟାଧାରାର କିଛିଟା ଆଭାସ ହୁଏତ ବୁଝି ପାରିବେ ଏବଂ ନିଜ ବୁଝିବା ଅନୁପାତରେ ତାଙ୍କର କ୍ରିୟାଧାରାର ଈଶ୍ୱରୀୟ ମହତ୍ତ୍ୱ ଉପଲବ୍ଧି କରି ବିସ୍ମିତ ହେବେ ।

(*Mother India, August,* 1994)

The Grace will never fail us – such is the faith we must keep constantly in our heart.
(CWM, Vol. 14, p. 88) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

ପ୍ରଶ୍ନୋତ୍ତର :

# ଅବକ୍ଷୟମୁଖୀ ସମାଜ ଓ ମାନବିକ ସମ୍ବେଦନ ସମ୍ପର୍କରେ

## ଶ୍ରୀ ମନୋଜ ଦାସ

**ପ୍ରଶ୍ନ :** *ଆଜକୁ ଅଢ଼େଇ ହଜାରରୁ ଊର୍ଦ୍ଧ୍ୱ ବର୍ଷ ତଳେ ତତ୍କାଳୀନ ସମାଜର କୁସଂସ୍କାର, ଅନ୍ଧବିଶ୍ୱାସ ଆଦି ଦୂର କରିବା ମାନସରେ ରାଜପୁତ୍ର ଗୌତମ ତପଃସାଧନରେ କୃତକାର୍ଯ୍ୟ ହୋଇଥିଲେ । ତାଙ୍କ ବାଣୀ ସମାଜକୁ ଦିଗ୍‌ଦର୍ଶନ ଦେବାରେ ସଫଳ ହୋଇଥିଲା । ଆଜିକାଲି ଧର୍ମାନୁଷ୍ଠାନ ଭୋଗବିଳାସରେ ପରିଣତ ହୋଇଛି । ଆଶ୍ରମ, ମନ୍ଦିର, ମସଜିଦ, ଚର୍ଚ୍ଚ, ଦେବପୂଜା, ଯଜ୍ଞ ଆଦିର ସଂଖ୍ୟା ବୃଦ୍ଧି ପାଇଛି । ଅଥଚ ମାତାପିତା, ଗୁରୁଜନମାନଙ୍କୁ ପୁତ୍ରକନ୍ୟା ଓ ସମାଜ ଉପେକ୍ଷା କରୁଛି । ଏଥିରୁ ମୁକ୍ତି ମିଳିବ କିପରି ?*

**ଉତ୍ତର :** ଏହା ବାସ୍ତବରେ ଦୁଇଟି ପ୍ରଶ୍ନ । ଯେହେତୁ ଉତ୍ତର ସଂକ୍ଷେପରେ ଦେବାକୁ ହେବ, ତେଣୁ ମୋ ବକ୍ତବ୍ୟ ସହାନୁଭୂତି ସହକାରେ ହୃଦୟଙ୍ଗମ କରିବାକୁ ଅନୁରୋଧ ।

ଅଢ଼େଇ ହଜାର ବର୍ଷରୁ ଊର୍ଦ୍ଧ୍ୱକାଳ ତଳେ ଭାରତୀୟ ସମାଜ ଉଦ୍‌ଭ୍ରାନ୍ତ ଅବସ୍ଥାରେ ଉପନୀତ ହୋଇଥିଲା । (ଆଜି ଯେ ସେ ଅବସ୍ଥା ଅତିକ୍ରାନ୍ତ ତାହା ନୁହେଁ; କିନ୍ତୁ ତା'ର ପ୍ରକାଶ ଶୈଳୀ ଭିନ୍ନ ।) ଭାରତୀୟ ସଭ୍ୟତା ଓ ସଂସ୍କୃତିର ଭିତ୍ତି ବୈଦିକ ପ୍ରଜ୍ଞା ବ୍ୟକ୍ତି ବିଶେଷଙ୍କ ଚେତନାରେ ସୀମିତ ଥିଲା, କିନ୍ତୁ ସେହି ପ୍ରଜ୍ଞାର ସାମାଜିକ ପ୍ରୟୋଗ ନାନାଦି ଅଜ୍ଞାନ କର୍ମରେ ପର୍ଯ୍ୟବସିତ ହୋଇଥିଲା । ସେ ପରିସ୍ଥିତି ଲକ୍ଷ୍ୟ କରି ବୁଦ୍ଧଙ୍କ ଚେତନା ହେଲା ବିଦ୍ରୋହୀ । କହିବା ବାହୁଲ୍ୟ, ବୁଦ୍ଧଙ୍କ ଚେତନା ହାରାହାରି ପର୍ଯ୍ୟାୟର ହୋଇଥିଲେ ତାହା ସେହି ଗଡ୍ଡରିକା ପ୍ରବାହରେ ସାମିଲ ହୋଇ ଯାଇଥା'ନ୍ତା; ତାହା ଥିଲା ପରମ ଚେତନାରୁ ଅବତରିତ ଏକ ଶକ୍ତି । ଜୀବନର ପ୍ରକୃତ ଲକ୍ଷ୍ୟର ସନ୍ଧାନରେ ତପସ୍ୟା କରି ସେ ପରିବେଷଣ କଲେ ନିର୍ବାଣର ସତ୍ୟ । ତତ୍କାଳୀନ ଅଧଃପତିତ ସମାଜର ଜୀବନ-ଯନ୍ତ୍ରଣାରୁ ନିଷ୍କୃତି ସକାଶେ ନିର୍ବାଣ ମାର୍ଗରେ ପୁନର୍ଜନ୍ମରୁ ଅବ୍ୟାହତି ଲାଭ ଥିଲା ତାଙ୍କ ପ୍ରଦର୍ଶିତ ମାର୍ଗ । ଯେଉଁମାନେ ତାହା ଅନୁସରଣ କରି ସଫଳ ହେଲେ ସେମାନେ ଆଉ ପୃଥିବୀକୁ ଫେରି ନାହାନ୍ତି । ଆଜିର ଅବସ୍ଥା ସକାଶେ ସେମାନେ ଦାୟୀ ନୁହନ୍ତି; ଆମେ ଆଜିର ମଣିଷମାନେ ବହୁ ଜନ୍ମଧରି (ଅନେକେ ମନୁଷ୍ୟେତର ପର୍ଯ୍ୟାୟରୁ କ୍ରମେ ବିକଶିତ ହୋଇ) ଅଜ୍ଞାନ ତିମିର ଭିତରୁ ଆଲୋକ ଅଭିମୁଖେ ଯାତ୍ରାରତ ।

କିନ୍ତୁ ବୁଦ୍ଧ-ପ୍ରଦର୍ଶିତ ପଥ ସମଗ୍ର ସମାଜ ପାଇଁ ନୁହେଁ, ବ୍ୟକ୍ତି ପାଇଁ । ଧରନ୍ତୁ ବୁଦ୍ଧବାଦର ସମସ୍ତ ନୀତିନିୟମ ଅନୁସରଣ କରି ସମାଜର ସମସ୍ତେ ଭିକ୍ଷୁ ହୋଇଯିବେ, ଭିକ୍ଷା ଦେବ କିଏ ? ଏ ପ୍ରଶ୍ନର ଅର୍ଥ ଏହା ନୁହେଁ ଯେ ବୌଦ୍ଧ ତତ୍ତ୍ୱ ଅବାସ୍ତବ । ନା, ନିର୍ବାଣକାମୀ ପାଇଁ ତାହା ସମ୍ପୂର୍ଣ୍ଣ ବାସ୍ତବ; ସମାଜର ଅନ୍ୟ ବହୁ ବ୍ୟକ୍ତି ଯଦି ନିର୍ବାଣ-ପ୍ରୟାସୀ ନ ହୋଇ ମଧ୍ୟ ବୌଦ୍ଧବାଦର କେତେକ ନୀତି (ଯଥା : କାମନା ତ୍ୟାଗ, ମିଥ୍ୟାଚାରରୁ ବିରତି) ଅନୁସରଣ କରିଥିବେ, ସେମାନଙ୍କ ବିକାଶ ମଧ୍ୟ ତ୍ୱରାନ୍ୱିତ ହୋଇଥିବ । କିନ୍ତୁ କ୍ରମେ ବୌଦ୍ଧବାଦର ଆଧ୍ୟାତ୍ମିକ ଦିଗ ସମାଜ ବିସ୍ମରି ଦେଲା । ତନ୍ତ୍ର ଓ ନିର୍ବାଣତତ୍ତ୍ୱ ମିଶ୍ରଣରେ ନାନାଦି ଅତିଭୌତିକ ଅଥଚ ଅଣଆଧ୍ୟାତ୍ମିକ ଗୋଷ୍ଠୀ, ଉପଗୋଷ୍ଠୀ ସୃଷ୍ଟି ହେଲେ । ସମାଜର ସାହିତ୍ୟ, କଳା, ଭାସ୍କର୍ଯ୍ୟ ଓ ସଂସ୍କୃତିର ବିବିଧ ଦିଗ ଉପରେ ବୌଦ୍ଧବାଦର ବିପୁଳ ପ୍ରଭାବ ଅନସ୍ୱୀକାର୍ଯ୍ୟ । କିନ୍ତୁ ସାମୂହିକ ମାନବ ଚରିତ୍ର ଉପରେ ବୌଦ୍ଧଧର୍ମର ମୂଳ ଆଭିମୁଖ୍ୟର ପ୍ରଭାବ ପରୋକ୍ଷ । ବୁଦ୍ଧଙ୍କ ବ୍ୟକ୍ତିଗତ ସମ୍ପର୍କରେ ଆସି ଏବଂ ତାଙ୍କ ପ୍ରଧାନ ଶିଷ୍ୟବର୍ଗଙ୍କ ପ୍ରଭାବରେ ବହୁ ବ୍ୟକ୍ତିଙ୍କ ଚରିତ୍ର ଏବଂ ଜୀବନର ଲକ୍ଷ୍ୟ ମହତ୍ତର ହୋଇଥିଲା, କିନ୍ତୁ ବିଶାଳ ସମାଜର ତାହା କିୟଦଂଶ ମାତ୍ର । ତାଙ୍କ ଉତ୍ତାରୁ ଏହା ଆନୁଷ୍ଠାନିକ ଧର୍ମରେ ପରିଣତ ହେବା ପରେ (ଅଶୋକଙ୍କ ନୀତି ଯୋଗୁଁ) ଭାରତ ଓ ଭାରତର ବାହାରେ କୋଟି କୋଟି ମଣିଷ ବୌଦ୍ଧ ବୋଲାଇଲେ, କିନ୍ତୁ ସମାଜରେ ପୂର୍ବରୁ ଯେମିତି ଉତ୍ତମ ଓ ନିର୍ମମ ଲୋକ ଥିଲେ, ଯେମିତି ସାଧୁ ଓ ଅସାଧୁ ଥିଲେ, ସେମିତି ରହିଲେ । ବୁଦ୍ଧଙ୍କ ପରେ ଆହୁରି ଶତ ଶତ ମହାପୁରୁଷଙ୍କ ଶିକ୍ଷାଦାନ ସତ୍ତ୍ୱେ ଆଜିର

ସମାଜ ଯଦି ସମାନ ସାଧୁ ଅସାଧୁର ସମାବେଶ, ସେତେବେଳେ ସମାଜ ଭିନ୍ନ ଥିଲା ବୋଲି ଆମେ ଭାବିବାର କାରଣ ନାହିଁ।

ବୌଦ୍ଧବାଦର ଅପପ୍ରୟୋଗ ଯେତେବେଳେ ବ୍ୟାପକ ସେତେବେଳେ ଆଦି ଶଙ୍କରାଚାର୍ଯ୍ୟଙ୍କର ଅଭ୍ୟୁଦୟ । ଇତିହାସ ତାଙ୍କୁ ବୌଦ୍ଧ-ବିରୋଧୀ ବୋଲି ଅଭିହିତ କରିବା ସଙ୍ଗେ ସଙ୍ଗେ ''ପ୍ରଚ୍ଛନ୍ନ ବୁଦ୍ଧ'' ବୋଲି ମଧ୍ୟ ଆଖ୍ୟା ଦିଏ । କାରଣ ତାଙ୍କ ସାଧନାରେ ମଧ୍ୟ ଲକ୍ଷ୍ୟ ହେଲା ନିର୍ବାଣ, କିନ୍ତୁ ସେଥିପାଇଁ ତାଙ୍କ ପ୍ରଦର୍ଶିତ ମାର୍ଗ ବୈଦିକ ବୋଲି ସେ ଦାବି କଲେ । ସେ ଦାବି ଯଥାର୍ଥ କି ନୁହେଁ ତାହା ଭିନ୍ନ ପ୍ରସଙ୍ଗ । ସମସ୍ୟା ହେଲା, ଏ ଉଭୟ ଦର୍ଶନ ଜନ୍ମ-ମୃତ୍ୟୁ ପ୍ରବାହରୁ ବ୍ୟକ୍ତିର ନିସ୍ତାରକୁ ହିଁ ଦୁଃଖ-ଯନ୍ତ୍ରଣାର ତଥା ଅଜ୍ଞାନତାର ଅବସାନର ଉପାୟ ଭାବରେ ଉପସ୍ଥାପନା କରନ୍ତି । ଏ ସୃଷ୍ଟି କାହିଁକି ହେଲା, ଜଡ଼ରେ ପ୍ରାଣର ସଞ୍ଚାର, ତହିଁ ପରେ ପୁଣି ମନର ବିକାଶ କାହିଁକି ସମ୍ଭବପର ହେଲା – କୌଣସି ନିର୍ବାଣଧର୍ମୀ ଦର୍ଶନ ଏ ସମସ୍ୟାର ସମାଧାନ ଦିଏ ନାହିଁ । ବୈରାଗ୍ୟପ୍ରଧାନ ଦର୍ଶନ ସକାଶେ ତ ସମାଜ ଏକ ମାୟା, ତା' ଉପରେ ବା ତାହା କାହିଁକି ଗୁରୁତ୍ୱ ଦିଅନ୍ତା ? କେବଳ ନିର୍ବାଣେଚ୍ଛୁ ବ୍ୟକ୍ତିବିଶେଷଙ୍କ ପାଇଁ ତାହା ଉଦ୍ଦିଷ୍ଟ । ସାମାଜିକ ଜୀବନକୁ ତାହାର ପ୍ରବକ୍ତାମାନେ ଉତ୍ତମ ଆଚରଣ ସକାଶେ ଉପଦେଶ ଦେଇ ପାରନ୍ତି, କିନ୍ତୁ ସାମୂହିକ ମାନସିକତା ଉପରେ ସେଭଳି ଉପଦେଶର ପ୍ରଭାବ ସ୍ଥାୟୀ ହୁଏନା ।

ଆଉ ଗୋଟିଏ କଥା, ବୁଦ୍ଧ ବା ଶଙ୍କର ଗତାନୁଗତିକ ଦୃଷ୍ଟିରୁ ସାମାଜିକ ଆଦର୍ଶ ନ ଥିଲେ । ଉତ୍ତମ ନାଗରିକ ହେବା, ମାତାପିତାଙ୍କ ତତ୍ତ୍ୱ ନେବା ସାମାଜିକ ଆଦର୍ଶ । ବୁଦ୍ଧ ବା ଶଙ୍କର ସେ ଆଦର୍ଶ ଅନୁସରଣ କରିଥିଲେ ଇତିହାସ ଭିନ୍ନ ହୋଇଥା'ନ୍ତା ।

ଏ ସୃଷ୍ଟି ମିଥ୍ୟା ଅଥବା ମାୟା ମାତ୍ର ନୁହେଁ, ସତ୍ୟ ରହିଛି ବୋଲି ହିଁ ଆମେ ମିଥ୍ୟାକୁ ଅନ୍ତତଃ ଚିହ୍ନି ପାରୁଛୁଁ, ଆମ ଚେତନାରେ ବାସ୍ତବତାର ଜ୍ଞାନ ରହିଛି ବୋଲି ହିଁ ଆମେ ମାୟାମୋହର ପ୍ରାବଲ୍ୟ ସତ୍ତ୍ୱେ ସେଥିରୁ ଉତ୍ତୀର୍ଣ୍ଣ ମଧ୍ୟ ହୋଇପାରୁ, କ୍ରମବିକାଶ ହେଲା ପ୍ରଚ୍ଛନ୍ନ ଜ୍ଞାନ ଓ ଆଲୋକର କ୍ରମାଗତ ପରିପ୍ରକାଶ, ଏହା ହିଁ ପ୍ରାକ୍-ବୁଦ୍ଧ ଭାରତୀୟ ଆଧ୍ୟାତ୍ମିକତାର ପରମ୍ପରା ଏବଂ ଅବତାର ତତ୍ତ୍ୱର ଭିତ୍ତି । ବ୍ରହ୍ମ ସତ୍ୟ, ଜଗତ୍ ମଧ୍ୟ ସତ୍ୟ, ଯଦିଓ ଜଗତ୍ ଭିତରେ ସତ୍ୟ ପ୍ରଚ୍ଛନ୍ନ । ସେହି ପ୍ରଚ୍ଛନ୍ନ ସତ୍ୟର ବହିଃପ୍ରକାଶ ଓ ପ୍ରତିଷ୍ଠା ହିଁ ସୃଷ୍ଟିର ଆଭିମୁଖ୍ୟ । ବୈଦିକ ସଂସ୍କୃତି ଚେତନାରେ ଉନ୍ନତ ଅଭୀପ୍ସୁ ବ୍ୟକ୍ତିମାନଙ୍କ ସକାଶେ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେବା ସଙ୍ଗେ ସଙ୍ଗେ ହାରାହାରି ଚେତନା ସମ୍ବଳିତ ସମାଜ ସକାଶେ ମଧ୍ୟ କର୍ମପନ୍ଥା ପରିବେଷଣ କରିଥିଲା । କିନ୍ତୁ ଦୁର୍ଭାଗ୍ୟ, ସେ ପନ୍ଥା କାଳକ୍ରମେ ମଣିଷ ପ୍ରହସନରେ ପର୍ଯ୍ୟବସିତ କଲା । ମନସ୍ତତ୍ତ୍ୱ-ଭିତ୍ତିକ ବର୍ଣ୍ଣ ବିଭାଗ, ଯାହା ବ୍ୟକ୍ତିକୁ ପ୍ରବୃତ୍ତି ଅନୁସାରେ ବୃତ୍ତି ନିର୍ଣ୍ଣୟର ସ୍ୱାଧୀନତା ଦେବା ସକାଶେ ଥିଲା ଅଭିପ୍ରେତ, ତାହା ସାର୍ବଜନିକ ଅହଂ-ସର୍ବସ୍ୱ ଜାତିଭେଦକୁ ଅବନମିତ ହେଲା । ଯେଉଁ ଯଜ୍ଞଶିଖା ଆମ ଚେତନାର ଊର୍ଦ୍ଧ୍ୱାୟନର ସ୍ଥୂଳ ଅଭିବ୍ୟକ୍ତି, ତାହାକୁ ଯାନ୍ତ୍ରିକ ଅନୁଷ୍ଠାନ ରୂପେ ଉଦ୍‌ଯାପିତ କରି ପୁରୋହିତ ଓ ଯଜମାନ ଉଭୟେ ସନ୍ତୁଷ୍ଟ ରହିଲେ, ଚେତନା ଯେତିକି ନିମ୍ନରେ ଥିଲା ସେହିଠାରେ ରହିଲା ।

କିନ୍ତୁ ଏ ବିଭୀଷିକା କାହିଁକି ଅବ୍ୟାହତ ରହିଛି ?

ଉନ୍ନତ ସାମାଜିକ ଜୀବନଯାପନ ପାଇଁ ଆମ ଆଗରେ ଆଦର୍ଶର ଅଭାବ ନାହିଁ; ଆଇନ-କାନୁନ ବା ସମ୍ବିଧାନରେ ସେ ସକାଶେ ବ୍ୟବସ୍ଥା ଚମତ୍କାର । କିନ୍ତୁ ଆମ ଚେତନାର ଗଭୀରରେ ବା ଅବଚେତନରେ ଏଭଳି କୌଣସି ଏକ ଅନ୍ଧକାର ଶକ୍ତି ବିଦ୍ୟମାନ, ଯାହା ଅହଂ ରୂପେ, ନାନାଦି ଲାଳସା ରୂପେ ସେ ଆଦର୍ଶକୁ ବିକୃତ କରିଦିଏ । ଆଜିର ଆଦର୍ଶବାଦୀ କାଲି ସ୍ୱାର୍ଥବାଦୀ ବନିଯାଏ । ଆପଣ ଦର୍ଶାଇଥିବା ଧର୍ମାନୁଷ୍ଠାନସବୁର ଦୁର୍ଭାଗ୍ୟଜନକ ଅବସ୍ଥାର ତାହା ହିଁ ହେତୁ । ସେହି ଅନ୍ଧକାର ଶକ୍ତିର ରୂପାନ୍ତର ହିଁ ଦିନେ ଏ ସୃଷ୍ଟିର ଯାଥାର୍ଥ୍ୟ ପ୍ରତିପାଦନ କରିବ ବୋଲି ଆଶା କରାଯାଇପାରେ । ଯଦି ଏକ ମହାଶକ୍ତି ଏ ସୃଷ୍ଟିର ସୂତ୍ରପାତ କରିଛି ତେବେ ଏହାର ପରିଣତି ନିମନ୍ତେ ତା'ର ଅବଶ୍ୟ ଏକ ପରିକଳ୍ପନା ଥିବ ।

ବର୍ତ୍ତମାନ ଆପଣଙ୍କ ପ୍ରଶ୍ନ ନିହିତ ସମସ୍ୟା ଉପରେ ଦୃଷ୍ଟିପାତ କରାଯାଉ । ଗୁରୁଜନ, ମାତାପିତା ପ୍ରଭୃତିଙ୍କ ପ୍ରତି ଅସମ୍ମାନ ଆଜିର ବ୍ୟାଧି ନୁହେଁ । ସ୍ୱାର୍ଥ-ସର୍ବସ୍ୱ ବିଳାସର ସୁଯୋଗ ଥିବ ଏବଂ ଉପଭୋଗ ନିମନ୍ତେ ବିତ୍ତର ପ୍ରାଚୁର୍ଯ୍ୟ ଥିବ, ସେ କ୍ଷେତ୍ରରେ ତରୁଣ-ଯୁବକ-ପ୍ରୌଢ଼ ନିର୍ବିଶେଷରେ ଅଧିକାଂଶ ବ୍ୟକ୍ତି ମୂଢ଼ ଆଚରଣ କରି ଆସିଛନ୍ତି ଯୁଗେ ଯୁଗେ । ପ୍ରାଚୁର୍ଯ୍ୟଭରା ଦ୍ୱାରକା ନଗରୀରେ ସ୍ୱୟଂ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ସମେତ ତାଙ୍କ ମିତ୍ରମାନେ ବିଶ୍ୱାମିତ୍ର, କଣ୍ୱ ଏବଂ ନାରଦଙ୍କ ଭଳି ମହାନ୍ ଋଷିଙ୍କୁ ଅପମାନିତ କରିବାର ଲୋଭ ସମ୍ବରଣ କରିପାରି ନ ଥିଲେ ଏବଂ ତା'ର ପରିଣାମ ଆମ୍ଭମାନଙ୍କୁ ଜଣା । ଆଜି ସମାଜରେ ବହୁସଂଖ୍ୟକ ତରୁଣ ବିତ୍ତର ସୁଲଭତାରେ

ମୋହାଚ୍ଛନ୍ନ । ବିତ୍ତ ଓ ବିତ୍ତଲବ୍ଧ ସୁଖ ହିଁ ଆରାଧ୍ୟ । ତେଣୁ ସମାଜରେ ମାତାପିତାଙ୍କ ପ୍ରତି ଅବହେଳାର ଦୃଷ୍ଟାନ୍ତ ବ୍ୟାପକ ହେବା ସ୍ୱାଭାବିକ । କିନ୍ତୁ ପ୍ରାଚୀନ କାଳରେ ଯେପରି ଶ୍ରବଣକୁମାର-ଚେତନାସମ୍ପନ୍ନ ସନ୍ତାନ ଥିଲେ, ଆଜି ମଧ୍ୟ ଅଛନ୍ତି । କୌଣସି ସରକାରୀ ପ୍ରତିଷ୍ଠାନରେ ସ୍ୱଚ୍ଛନ୍ଦ ପଦରେ ଥିବା ଏବଂ ନିଜ ସାଧୁତା ଯୋଗୁଁ ସମ୍ପୃକ୍ତ ଜନସାଧାରଣଙ୍କ ପାଖରୁ ବିପୁଳ ଶ୍ରଦ୍ଧା ପାଉଥିବା ଜଣେ ସୁକନ୍ୟା ତାଙ୍କ ଅଭିଜାତ ପରିବାର ସକାଶେ ସହାୟକ ଓ ସେବାକାରୀଙ୍କ ଅଭାବ ନ ଥିବା ସତ୍ତ୍ୱେ ନିଜ ପଦରୁ ଇସ୍ତଫା ଦେଇ ନିଜର ଶତାୟୁ-ଅଭିମୁଖୀ ମାତାପିତାଙ୍କ ସେବାରେ ସେମାନଙ୍କ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଆପଣାକୁ ସମ୍ପୂର୍ଣ୍ଣ ନିୟୋଗ କରିବାର ଦୃଷ୍ଟାନ୍ତ ବ୍ୟକ୍ତିଗତ ଭାବରେ ଏ ଲେଖକକୁ ଜଣା । ଏହା ସାମ୍ପ୍ରତିକ ଓଡ଼ିଶାର ହିଁ କଥା; ଲେଖକର ଜ୍ଞାତ ଓଡ଼ିଶା ତଥା ରାଜ୍ୟାନ୍ତରର ଅନ୍ୟ କେତୋଟି ଅନୁରୂପ ବିବେକୀ କର୍ମର ଦୃଷ୍ଟାନ୍ତରୁ ସ୍ପଷ୍ଟ ହୁଏ ଯେ ମୁଖ୍ୟତଃ ଏହା ସନ୍ତାନର ଚେତନାଗତ ଗୁଣ ଉପରେ ନିର୍ଭର କରେ । କେତେକଙ୍କ ସକାଶେ ଏଭଳି ମନୋଭାବ ଏତେ ସ୍ୱାଭାବିକ ଯେ ଏଥିରେ ବ୍ୟତିକ୍ରମ କରିବା ସେମାନଙ୍କୁ ନିଜକୁ ଅପମାନ କରିବା ଭଳି ମନେ ହେବ । ତେବେ ଅଧିକାଂଶଙ୍କ ଆଚରଣ ବିଭିନ୍ନ ପ୍ରଭାବ-ନିୟନ୍ତ୍ରିତ । ଆଜିର ମାତାପିତା ସେମାନଙ୍କ ଜନ୍ମଦାତା ଜନ୍ମଦାତ୍ରୀଙ୍କ ପ୍ରତି ଯଦି ମହତ୍ ଆଚରଣର ଦୃଷ୍ଟାନ୍ତ ରଖୁଥିବେ, ତେବେ ସେମାନେ ବାର୍ଦ୍ଧକ୍ୟରେ ଅନୁରୂପ ଅଭିଜ୍ଞତାରୁ ବଞ୍ଚିତ ହେବାର ସମ୍ଭାବନା କମ୍ । ଯୌଥ ପରିବାର ପ୍ରଥାର ଏବଂ ଗ୍ରାମଭିତ୍ତିକ ଜୀବନ ଶୈଳୀର ଅବସାନ, ରାଜ୍ୟ ରାଜ୍ୟ ଓ ଦେଶ ଦେଶ ମଧ୍ୟରେ ନୈକଟ୍ୟ, ବୃତ୍ତିର ବୈଚିତ୍ର୍ୟ ଓ ତା'ର ଦାବୀ, ଏଭଳି ବହୁ ଯୁକ୍ତି ଦ୍ୱାରା ଦୁଇ ପିଢ଼ି ଭିତରେ ସହାବସ୍ଥାନ ଅସମ୍ଭବ ଏବଂ ବୃଦ୍ଧଜନଙ୍କ ହତାଶା ଅନିବାର୍ଯ୍ୟ ବୋଲି ସାବ୍ୟସ୍ତ କରାଯାଇପାରେ, କିନ୍ତୁ ତା'ହେଲେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମେ ସ୍ଥୂଳ ପରିସ୍ଥିତିର କ୍ରୀତଦାସ ମାତ୍ର । ମନେହୁଏ ଆପାତତଃ ତାହା ହିଁ ସାମାଜିକ ଓ ସାମୂହିକ ବାସ୍ତବତା, ବ୍ୟକ୍ତିଗତ ସ୍ତରରେ ଉଜ୍ଜ୍ୱଳ ବ୍ୟତିକ୍ରମ ସତ୍ତ୍ୱେ ।

ଅଦୂର ଭବିଷ୍ୟତରେ ଏ ସମସ୍ୟାରୁ 'ମୁକ୍ତି'ର ପଥ ସାମାଜିକ ଦୃଷ୍ଟିକୋଣରୁ ଏ ଲେଖକ ଦେଖିବାକୁ ଅକ୍ଷମ । ମୋ ଅଧିକାର-ବହିର୍ଭୂତ କଥାଟିଏ କହିବି : ଭାଗ୍ୟବାନ୍ ସିଏ, ଯିଏ ମାନୁଷୀ ସହାନୁଭୂତିକୁ ଅପେକ୍ଷା ନ କରି ନିଜ ଅନ୍ତରାତ୍ମାରେ ମୁକ୍ତିର ସନ୍ଧାନରେ ପ୍ରବୃତ୍ତ ହୋଇପାରେ; ମାନ-ଅଭିମାନରୁ ଉତ୍ତୀର୍ଣ୍ଣ ହୋଇପାରେ । ଆଶା ହିଁ ଦୁଃଖର କାରଣ : ବୌଦ୍ଧବାଦର ଏହି ଶିକ୍ଷାଟି ସାର୍ବଜନୀନ ମନସ୍ତାତ୍ତ୍ୱିକ ସତ୍ୟ । ଅସହାୟ ଅବସ୍ଥାରେ କୌଣସି ମାନୁଷୀ ସୂତ୍ରରୁ ଯେତିକି ସାହାଯ୍ୟ ଓ ସହାନୁଭୂତି ମିଳେ, ତାହା ପରମଙ୍କ ଉତ୍ସରୁ ହିଁ ଆସୁଛି ବୋଲି ଉପଲବ୍ଧି କରିବା ଭଳି ବିନୟବୋଧ ଯଦି ଆମ ଭିତରେ ବିକଶିତ ହୋଇପାରେ ଏବଂ ଦୁଃଖ ଯନ୍ତ୍ରଣାର ଅଭିଜ୍ଞତାକୁ ଯଦି ଆମ ଜନ୍ମଜନ୍ମାନ୍ତର ବ୍ୟାପ୍ତ ବିକାଶଧାରା ସକାଶେ ଆବଶ୍ୟକ ବୋଲି ବିଶ୍ୱାସ କରିପାରୁ, ତେବେ ତାହା ହିଁ ଦେବ ମୁକ୍ତିର ସ୍ୱାଦ । ❖

ମାଆଙ୍କର ନିରବଚ୍ଛିନ୍ନ ଉପସ୍ଥିତିର ଅନୁଭୂତି ଅଭ୍ୟାସ ବଳରେ ଆସିଥାଏ; ସାଧନାରେ ସଫଳତା ନିମନ୍ତେ ଦିବ୍ୟ କୃପା ଏକାନ୍ତ ଆବଶ୍ୟକ, କିନ୍ତୁ ଅଭ୍ୟାସ ହିଁ ଦିବ୍ୟ କୃପାର ଅବତରଣ ଲାଗି ଅବସ୍ଥାକୁ ପ୍ରସ୍ତୁତ କରିଥାଏ ।

ତୁମକୁ କେବଳ ବାହ୍ୟବସ୍ତୁ ସକଳ ମଧ୍ୟରେ ଆବଦ୍ଧ ନ ହୋଇ ଅନ୍ତରକୁ ଯିବାକୁ ଶିକ୍ଷା କରିବାକୁ ହେବ, ମନକୁ ନିଶ୍ଚଳ କରିବାକୁ ହେବ ଏବଂ ତୁମ ମଧ୍ୟରେ ମା'ଙ୍କ କ୍ରିୟା ସମ୍ବନ୍ଧେ ସଚେତନ ହେବା ଲାଗି ଅଭୀପ୍ସା କରିବାକୁ ହେବ ।

— ଶ୍ରୀଅରବିନ୍ଦ

# ନୂତନ ସମାଜର ଦିଗ୍‌ଦର୍ଶନ

## ଶ୍ରୀ ପ୍ରପତ୍ତି

ବର୍ତ୍ତମାନ ଅସ୍ଥିରତା, ଅଶାନ୍ତି ଓ ଜଗତ୍ ବ୍ୟାପୀ ବିକ୍ଷୋଭ ମନୁଷ୍ୟ ସମ୍ମୁଖରେ ଘୋର ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ମନୁଷ୍ୟ ସୁଖଶାନ୍ତିମୟ ଜୀବନଯାପନ କରିବା ନିମିତ୍ତ ଯେଉଁ ପରିବେଶ ଓ ପରିସ୍ଥିତି ଆବଶ୍ୟକ; ତାହା କୌଣସି ନା କୌଣସି କାରଣରୁ ଧୀରେ ଧୀରେ ଭାଙ୍ଗିଚୂରି ଯାଉଛି ଏବଂ ଯେତେ ସେ ସମନ୍ୱୟ ଓ ସୁଷମାର ଇମାରତ ଗଢ଼ି ତୋଳୁଛି ତାହା ପରମୁହୂର୍ତ୍ତରେ ଧୂଳିସାତ୍ ହେଉଛି । ଯେତେ ବିକଳ୍ପ ପନ୍ଥା ସେ ଅବଲମ୍ବନ କଲେ ମଧ୍ୟ ସେଗୁଡ଼ିକ କିଛି କାଳ ପରେ ତାହାର ଚକ୍ଷୁ ସମ୍ମୁଖରେ ବିଲୀନ ହେଉଛି । ଅର୍ଥନୈତିକ, ରାଜନୈତିକ, ଶିକ୍ଷାଗତ, ସାଂସ୍କୃତିକ ବା ଅନ୍ୟାନ୍ୟ ଯେକୌଣସି ସମସ୍ୟା ବିଷୟରେ ମନୁଷ୍ୟ ଚେଷ୍ଟା କଲେ ମଧ୍ୟ ସମାଧାନ କରିପାରୁ ନାହିଁ । କ'ଣ ଯେପରି ଅସଜଡ଼ା ହୋଇ ରହୁଛି, ଯାହାକୁ ସଜାଡ଼ିବା ଅତ୍ୟନ୍ତ କଠିନ ବା ତା'ର ସନ୍ଧାନ ପାଇବା ମଧ୍ୟ କଷ୍ଟକର ହୋଇ ପଡ଼ିଛି । ସମସ୍ତ ଦିଗରୁ ଯେତେବେଳେ ମନୁଷ୍ୟ ହତାଶ ଓ ନିରାଶ ହୋଇ ପଡ଼ିଲା ସେତେବେଳେ ସେ ଆଶ୍ରୟ ନେବ କେଉଁଠି ? କିଏ ତାକୁ ଆଶ୍ୱାସନା, ଆଶ୍ୱସ୍ତି ଓ ଆଶାର ବାଣୀ ଶୁଣାଇବ ? ସର୍ବତ୍ର ଦେଖା ଦେଇଛି ଅନ୍ତର୍ଜ୍ୱାଳା, ଅନ୍ତର୍ଦ୍ୱନ୍ଦ୍ୱ, ଅନ୍ତଃଶୂନ୍ୟତା ଓ ବ୍ୟସ୍ତତା । ପରିପୂର୍ଣ୍ଣ ଓ ମଞ୍ଜୁଳ ପ୍ରକୃତି ମଧ୍ୟରେ ଥାଇ ମଧ୍ୟ, ସକଳ ପାର୍ଥିବ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ମଧ୍ୟ ମନୁଷ୍ୟ ହାହାକାର ଓ ଅବସୋସ ମଧ୍ୟରେ କାଳ କଟାଉଛି । ତେବେ ଏ ବେଦନା କ'ଣ ଅଳ୍ପକରେ ଉପଶମ ହେବ କି ? ଏ ବେଦନା ଓ ଯନ୍ତ୍ରଣା କ'ଣ ସାମୟିକ କି ? ଏ ବେଦନାର ନିରାମୟ ନିମିତ୍ତ ମନୁଷ୍ୟକୁ କ'ଣ ଅଳ୍ପ ଚେଷ୍ଟା କରିବାକୁ ହେବ କି ? ପୁନଶ୍ଚ ଏ ବେଦନାର ଜନ୍ମ କାହିଁକି ଏବଂ ଏହାର ସମାପ୍ତି କେଉଁଠି ? ବୌଦ୍ଧିକ ମନରେ ଅତି ଗୁରୁତର ଦୁଃଖଦାୟକ ପ୍ରଶ୍ନ ଉଠିବ, ଯାହାର ସମାଧାନ ବୁଦ୍ଧି ଓ ଚିନ୍ତାର ଅତୀତ ବୋଲି ବୋଧ ହେବ । ଚିନ୍ତା ଓ ବୁଦ୍ଧି ଦ୍ୱାରା ଏହିସବୁ ସମସ୍ୟାର ସମାଧାନ ହୋଇଥିଲେ ମନୁଷ୍ୟ କେବେଠାରୁ ସେସବୁର ସମାଧାନ କରି ସାରିଥା'ନ୍ତା, ମାତ୍ର ତାହା କରିପାରି ନାହିଁ । ଏପରିକି ବୁଦ୍ଧି ଦ୍ୱାରା ସେସବୁର ସମାଧାନ ହୋଇପାରି ନାହିଁ, ଏହା ମଧ୍ୟ ବୁଝିବାକୁ ବାକୀ ନାହିଁ ।

ନାନା ଚେଷ୍ଟା ଓ ପ୍ରଯତ୍ନ କରି ସୁଦ୍ଧା ମନୁଷ୍ୟ ଜୀବନର ବ୍ୟର୍ଥତା ଓ ଅସ୍ଥିରତା ବଢ଼ି ଚାଲିଛି । ଶେଷରେ ଏହା ଯେପରି ଗୋଟିଏ ବିରାଟ ପରାଜୟ ଓ ପରିସମାପ୍ତି ସ୍ତରରେ ପହଞ୍ଚିଛି । ଏହି ପରାଜୟ ମନୁଷ୍ୟଜାତି ପ୍ରତି ଏକ ମହାନ୍ ଆହ୍ୱାନ (challenge) ରୂପେ ଦେଖା ଦେଇଛି । ମନୁଷ୍ୟ କି ଭାବରେ ଏହାର ସମ୍ମୁଖୀନ ହେବ ?

ଅବଶ୍ୟ ଏସବୁର କିଛି ବାସ୍ତବ, ବାହ୍ୟ କାରଣ ଥାଇପାରେ ଓ ଅଛି ମଧ୍ୟ । କିନ୍ତୁ ଗଭୀର ବିଶ୍ଳେଷଣ ଓ ଅନୁଧ୍ୟାନ କଲେ ବୁଝାଯିବ ଯେ ମନୁଷ୍ୟ ମଧ୍ୟରେ, ଚେତନାରେ, ମନ, ପ୍ରାଣ ଓ ଶରୀରର ପଶ୍ଚାତରେ ଏକ ଗଭୀରରେ କିଛି ଦ୍ୱନ୍ଦ୍ୱ ଓ କଳହ ସୃଷ୍ଟି ହୋଇଛି । ମନୁଷ୍ୟ ଯେଉଁ କ୍ଷୁଦ୍ର, କ୍ଷଣିକ, ଖଣ୍ଡିତ, ସ୍ୱଳ୍ପ ଚେତନାରେ ବାସ କରୁଛି ତାହା ଏହି ବିଶାଳ ସମସ୍ୟାର ସମ୍ମୁଖୀନ ହୋଇ ପାରିବ ନାହିଁ । ବାହ୍ୟ ଜଗତରେ ଐଶ୍ୱର୍ଯ୍ୟ ଓ ଅଧିକାର ବଢ଼ିଛି, କିନ୍ତୁ ମନୁଷ୍ୟ ହଜାର ବର୍ଷ ପୂର୍ବେ ଯେଉଁ କ୍ଷୁଦ୍ର ଓ ସ୍ୱାର୍ଥଜଡ଼ିତ ଚେତନାରେ ବାସ କରୁଥିଲା, ଯେଉଁ ଆଦିମ ପ୍ରକୃତି ମଧ୍ୟରେ ବାସ କରୁଥିଲା ଆଜି ମଧ୍ୟ ସେହି ସ୍ଥାନରେ ବାସ କରୁଛି । ତାହାର ଅନ୍ତରରେ, ଚେତନାରେ, ପ୍ରକୃତିରେ, ସ୍ୱଭାବରେ, ପ୍ରବୃତ୍ତିରେ କୌଣସି ମୂଳଗତ ଓ ଗଭୀର ପରିବର୍ତ୍ତନ ଦେଖାଦେଇ ନାହିଁ । ସୁତରାଂ ଏହା ଦ୍ୱାରା ମନୁଷ୍ୟ ନିମିତ୍ତ ବାହ୍ୟ ଜଗତ୍ ଓ ଆନ୍ତର ଜଗତ୍ ମଧ୍ୟରେ ଭାରସାମ୍ୟ ନଷ୍ଟ ହୋଇଯାଇଛି ।

ପ୍ରାଚୀନ କାଳରେ ଏହି ଭାରସାମ୍ୟ ରକ୍ଷା କରିଥିଲା ଧର୍ମ ଓ ନୈତିକତା । ସେତେବେଳେ ପୃଥିବୀ ଏତେଦୂର ଅଗ୍ରସର ହୋଇ ନ ଥିଲା ଏବଂ ଧର୍ମର ପରିସର ଯେପରି କ୍ଷୁଦ୍ର ଓ ସୀମିତ ଥିଲା, ପୃଥିବୀରେ ମନୁଷ୍ୟର କର୍ମ ଓ ସ୍ୱଭାବର କ୍ରିୟାର ପରିସର ମଧ୍ୟ ସେପରି ସୀମିତ ଥିଲା । ବର୍ତ୍ତମାନ ବିଜ୍ଞାନର ପ୍ରସାର ଫଳରେ ଧର୍ମର ଅନେକ ବାହ୍ୟ ପ୍ରକ୍ରିୟା, ରକ୍ଷଣଶୀଳତା, କୁସଂସ୍କାରଜନିତ ଭୟସବୁ ଭାଙ୍ଗିଯାଇଛି । ନୈତିକତାର ମଧ୍ୟ ମୂଳୋତ୍ପାଟନ ଘଟିଛି । ଏ ଦେଶର ରାଜନୀତି ଅନ୍ୟ ଦେଶର ରାଜନୀତିଠାରୁ ଭିନ୍ନ । ଯାହାର ଯେପରି ନୀତିନିୟମ ମାନି ଚଳିବାକୁ ଇଚ୍ଛା ହେଲା ସେ ସେପରି

ନୀତିନିୟମରେ ଚାଲିଲା । ସକଳ ପ୍ରକାର ସାମାଜିକ ବନ୍ଧନ ଓ ମୂଲ୍ୟବୋଧ ଯୁକ୍ତିର ତୀକ୍ଷ୍ଣ ଅସ୍ତ୍ରରେ ଧୂଳିସାତ୍ ହେଲା । ଏହା ଫଳରେ ସମାଜ ଗୁରୁତର ବିଶୃଙ୍ଖଳାର ସମ୍ମୁଖୀନ ହୋଇଛି । ନୂତନ ମୂଲ୍ୟବୋଧ ଆସି ନାହିଁ, କିନ୍ତୁ ପୁରାତନ ମୂଲ୍ୟବୋଧ ନଷ୍ଟ ହୋଇଯାଇଛି । ଯାହାକୁ ନିତ୍‌ଶେ (Nietzsche) ନୂତନ ମୂଲ୍ୟାୟନ (Transvaluation of values) ବୋଲି କହିଥିଲେ ତାହା ଏପର୍ଯ୍ୟନ୍ତ ହୋଇପାରି ନାହିଁ । ଏପରିକି ନିତ୍‌ଶେ ଘୋଷଣା କଲେ, ସକଳ ଦେବଦେବୀଙ୍କର ମୃତ୍ୟୁ ଘଟିଛି (All the gods are dead) ଅର୍ଥାତ୍ ଦୟା, କ୍ଷମା, ଶାନ୍ତି, ସମତା, ନ୍ୟାୟ, ଶୃଙ୍ଖଳାଦିର ଦେବତା; ସତ୍ୟ, ମୈତ୍ରୀ, ପ୍ରେମର ଦେବତାଙ୍କର ମୃତ୍ୟୁ ଘଟିଛି । ଏଗୁଡ଼ିକ ଆଉ ସମାଜରେ କାର୍ଯ୍ୟ କରୁ ନାହାନ୍ତି । ନିତ୍‌ଶେ ଦୁଇପ୍ରକାର ନୈତିକତାର ବିଷୟ କହିଛନ୍ତି – ପ୍ରଭୁଙ୍କ ନୈତିକତା (Master morality) ଏବଂ ଭୃତ୍ୟଙ୍କ ନୈତିକତା (Slave morality) । ଦୁଃଖର କଥା ଉଦାରତା, ଦୟା, କ୍ଷମା, ଶାନ୍ତି ଓ ପ୍ରେମକୁ ହୀନ ଓ ନୀଚ ସ୍ତରର ଭୃତ୍ୟଙ୍କର ନୈତିକତା ବୋଲି ନିତ୍‌ଶେ କହିଛନ୍ତି । ପ୍ରଭୁ ବା ମୁନିବର ନୈତିକତା ହେଲା ଅନ୍ୟକୁ ଦଖଲ କରି ତାହା ଉପରେ ପ୍ରଭୁତ୍ୱ କରିବା; ଏହା ଯଥାର୍ଥରେ ହେଉଛି ଅତିମାନବର ନୈତିକତା । କିନ୍ତୁ ଏହି ନୈତିକତା ଏକ ଦାନବୀୟ ଓ ଆସୁରିକ ନୈତିକତା । ଜର୍ମାନ୍ ଦାର୍ଶନିକ ନିତ୍‌ଶେ ଅତିମାନବର ଆଗମନୀ କଥାର ଇଙ୍ଗିତ ପାଇଥିଲେ, ମାତ୍ର ତାଙ୍କ ଅତିମାନବ ଏକ ଦୁର୍ଦ୍ଧର୍ଷ, ଭୟଙ୍କର ଦାନବ ବା ଅସୁର – ସେ ସର୍ବକ୍ଷମତାଶାଳୀ, ସର୍ବଶକ୍ତିମାନ୍ ଓ ସବୁର ପ୍ରଭୁ । ଏହା ଅବଶ୍ୟ ସମସ୍ୟାର ସମାଧାନ କରି ନ ପାରି ଏହାକୁ ଆହୁରି ଉତ୍କଟ ଓ ଭୟଙ୍କର କରିଦେଲା । ମନୁଷ୍ୟର ପ୍ରାଣଶକ୍ତିର ଦାନବୀୟ ରୂପ ଏଥିରେ ଦେଖିବାକୁ ମିଳେ ।

ମନୁଷ୍ୟର ଯେଉଁ ନୂତନ ଅଭିବୃଦ୍ଧି ହେବ ତାହା ତା' ମଧ୍ୟସ୍ଥ ଏକ ବୃହତ୍ତର, ବିଶାଳତର, ଉଜ୍ଜ୍ୱଳତର ଚେତନାରେ ବିକଶିତ ହେବ । ମନୋମୟ ଚେତନାର ଊର୍ଦ୍ଧ୍ୱରେ ଏକ ଉଚ୍ଚତର ଭାଗବତ ଚେତନା ରହିଛି, ଯାହା ମଧ୍ୟରେ ମନୁଷ୍ୟ ଯଦି ଜନ୍ମଲାଭ କରେ ତେବେ କ୍ଷୁଦ୍ରରୁ ଉତ୍ଥିତ ହୋଇ ବିଶାଳ ମଧ୍ୟରେ ପ୍ରବେଶ କରିବ । ତାହା ମଧ୍ୟରେ ଯଦି ଏହି ନବଜନ୍ମ ଘଟେ, ତେବେ ସେ ବର୍ତ୍ତମାନ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିବ । ବାହ୍ୟର ସଙ୍କଟ ଅସଲରେ ଅନ୍ତରର ସଙ୍କଟ ଏବଂ ଯେତେ ଚେଷ୍ଟା କଲେ ମଧ୍ୟ ଏହି ଭିତିରି ବସ୍ତୁର ସମାଧାନ ନ ହେବା ପର୍ଯ୍ୟନ୍ତ ବାହ୍ୟ ସମସ୍ୟାର ସମାଧାନ ହୋଇପାରିବ ନାହିଁ ।

ଅତଏବ ଆମ୍ଭେମାନେ ଯେଉଁ ନୂତନ ମାନବଜାତିର ବିଷୟ କହୁଛୁ, ଯେଉଁ ନୂତନ ସମାଜର ଭିତ୍ତି ଆବିଷ୍କାର କଥା କଳ୍ପନା କରୁଛୁ, ତାହା ମୂଳତଃ ଆତ୍ମକୈନ୍ଦ୍ରିକ (subjective), ଏହା ବସ୍ତୁକୈନ୍ଦ୍ରିକ (objective) ନୁହେଁ । ଏହି ସତ୍ୟରେ ଅଗ୍ରସର ହେଲେ ଆମେ ଏକ ନୂତନ ଅଧ୍ୟାତ୍ମ ଭୂମି, ବିଶାଳ, ସମୁଚ୍ଚ, ଉଜ୍ଜ୍ୱଳ ଚେତନାରେ ପହଞ୍ଚିବା । ଏହି ଆତ୍ମିକ ଭିତ୍ତିରେ, ଐଶ୍ୱରୀୟ ଭିତ୍ତିରେ ନୂତନ ସମାଜର ମୂଳପତ୍ତନ ହେବ । ଯେପର୍ଯ୍ୟନ୍ତ ମନୁଷ୍ୟ ମଧ୍ୟରେ ଅନ୍ୟ ଏକ ନୂତନ ଚେତନା ଜନ୍ମଲାଭ ନ କରିଛି ସେପର୍ଯ୍ୟନ୍ତ ଏହି ନୂତନ ସମାଜର ଭିତ୍ତି ସ୍ଥାପନ ହୋଇପାରିବ ନାହିଁ । ଏହି ଚେତନା ଭାଗବତ ଓ ଚୈତ୍ୟ ଚେତନା । ଏହାର ଗୁଣଧର୍ମ ସମ୍ପୂର୍ଣ୍ଣ ଭିନ୍ନ । ବ୍ୟକ୍ତି ମଧ୍ୟରେ ଏହି ଚେତନାର ଉଦ୍ଭବ ବା ଆବିର୍ଭାବ ଏକ ନବଜନ୍ମ – ଏହା ହିଁ ଯୋଗର ମୂଳତତ୍ତ୍ୱ । All Yoga in its essence is a new birth. ଏହି ଚେତନାର ଉଦ୍ଭବ ଏତେ ଜ୍ୟୋତିର୍ମୟ, ସ୍ୱଚ୍ଛ, ନିଶ୍ଚିତ ଓ ଶାନ୍ତିପୂର୍ଣ୍ଣ ଯେ ଏହା ନିମିତ୍ତ କୌଣସି ପ୍ରମାଣ ଆବଶ୍ୟକ ନାହିଁ । ଏହି ଚେତନାର ସ୍ଥାୟୀ କ୍ରିୟା ପୂର୍ବରୁ ବା ପ୍ରତିଷ୍ଠା ପୂର୍ବରୁ ଏହା ଦେଖା ଦେଇପାରେ ଓ ଫେରି ଯାଇପାରେ । କିନ୍ତୁ ଚେତନାରେ ଏହି 'ନବଜନ୍ମ' ଓ ଉତ୍ଥାନ ବା ଆରୋହଣ ଯେ ନୂତନ ଜୀବନଧାରାର ଓ ନୂତନ ଦିଗନ୍ତର ପଥପ୍ରଦର୍ଶକ ଏଥିରେ କୌଣସି ସନ୍ଦେହ ନାହିଁ । ପ୍ରଥମେ କେତେକଙ୍କ ମଧ୍ୟରେ ଏହି ଚେତନା ଜନ୍ମଲାଭ କରିବ, କେତେକେ ଏହାର ସ୍ପର୍ଶ ପାଇବେ । ଯେହେତୁ ଏହା ଏକ ସାର୍ବଭୌମ ଚେତନା, ସାର୍ବଜନୀନ ଚେତନା, ଏହା ଧୀରେ ଧୀରେ ପ୍ରସାରିତ ହେବ ଏବଂ ନୂତନ ସାମାଜିକ ଜୀବନର ପଥ ଖୋଲିଦେବ । ଏହି ଚେତନାର ଆଲୋକରେ ସାମାଜିକ ଜୀବନଧାରାର ସକଳ କାର୍ଯ୍ୟକୁ ନୂତନ ଭାବେ ଗଢ଼ି ତୋଳିବାକୁ ହେବ ।

### ଅଗ୍ରଗତି ନିମିତ୍ତ ସଙ୍କଳ୍ପ ଓ ପ୍ରେରଣା

୧୯୭୨ ମସିହା ଅଗଷ୍ଟ ବୁଲେଟିନରେ ଶ୍ରୀମା'ଙ୍କର ଗୋଟିଏ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ବାଣୀ ପ୍ରତି ଦୃଷ୍ଟି ଦିଆଯାଉ । ମା ବରାବର ଚାହୁଁଥିଲେ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ । ପଥପ୍ରାନ୍ତରେ ବା ଉପଭୋଗରେ ସମୟ ଅତିବାହିତ ନ କରିବା ପାଇଁ ସେ ବରାବର ଆହ୍ୱାନ କରିଛନ୍ତି :

"I don't simply tell you we are here upon earth to rest and enjoy ourselves, now is not the time for that. We are here... to prepare the way for the new creation.

"... ...we are here to work – rest and enjoyment will come afterwards. Let us do our work here."

(CWM, Vol. 11, P. 307) – The Mother

ଅର୍ଥାତ୍, ''ବର୍ତ୍ତମାନ ସମୟରେ ଆମ୍ଭେମାନେ ପୃଥିବୀ ଉପରେ ବାସ କରୁଛୁ ବିଶ୍ରାମ ଓ ଉପଭୋଗ ନିମିତ୍ତ ନୁହେଁ, ବର୍ତ୍ତମାନ ସମୟ ଏଥିପାଇଁ ନୁହେଁ । ଆମ୍ଭେମାନେ ରହିଛୁ... ନୂତନ ସୃଷ୍ଟିର ପଥ ପ୍ରସ୍ତୁତ କରିବା ପାଇଁ ।

''... ଆମ୍ଭେମାନେ ଏଠାରେ କାମ କରିବାକୁ ରହିଛୁ – ବିଶ୍ରାମ ଓ ଉପଭୋଗ ପରେ ଆସିବ । ଚାଲ ଆମ୍ଭେମାନେ ଆମ୍ଭର କାମ କରିବା ।''

ଶ୍ରୀମା ଆହୁରି କହିଛନ୍ତି :

"It is the hour to be heroic.

"Heroism is not what it is said to be : it is to become wholly unified – and the Divine help will always be with those who have resolved to be heroic in full sincerity."

(CWM, Vol. 11, P. 307) – The Mother

ଅର୍ଥାତ୍ :

''ଏହା ଏକ ବୀରତ୍ୱର ମୁହୂର୍ତ୍ତ ।

''ବୀରତ୍ୱ କହିଲେ ଯାହା ବୁଝାଯାଏ, ମୁଁ ତାହା କହୁ ନାହିଁ । ବୀରତ୍ୱର ଅର୍ଥ ସମ୍ପୂର୍ଣ୍ଣ ରୂପେ ଅଖଣ୍ଡ ହୋଇଉଠିବା – ଆଉ ଭଗବତ୍ କରୁଣା ସର୍ବଦା ସେହିମାନଙ୍କ ଉପରେ ରହିବ ଯେଉଁମାନେ ପୂର୍ଣ୍ଣ ଐକାନ୍ତିକତା ସହ ବୀର ହୋଇଉଠିବା ନିମିତ୍ତ ସଙ୍କଳ୍ପ କରିବେ ।''

ଆଉ ଆମ୍ଭମାନଙ୍କର କାର୍ଯ୍ୟ କ'ଣ ଏବଂ ଯଥାର୍ଥରେ ଆମ୍ଭମାନଙ୍କୁ କ'ଣ ଲାଭ କରିବାକୁ ହେବ ସେ ବିଷୟ ମଧ୍ୟ ମା ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି :

"Well, you must rise to the height of the task. You must strive, you must conquer all weaknesses and limitations; above all you must tell your ego : 'Your hour is gone.' We want a race that has no ego, that has in place of the ego the Divine Consciousness. It is that which we want : the Divine Consciousness which will allow the race to develop itself and the supramental being to take birth."

(CWM, Vol. 11, P. 307) – The Mother

ଅର୍ଥାତ୍, ''ଦେଖ, ତୁମକୁ ଦାୟିତ୍ୱର ଚରମ ସୀମାକୁ ଉଠିବାକୁ ହେବ । ତୁମେ ଉଦ୍ୟମ କର, ତୁମ ଭିତରେ ଥିବା ସକଳ ଦୁର୍ବଳତା ଏବଂ ସକଳ ସୀମିତତାକୁ ଜୟ କରିବାକୁ ଚେଷ୍ଟା କର; ସର୍ବୋପରି ତୁମେ ତୁମ ଅହଂକାରକୁ କୁହ : 'ତୋ ବେଳକାଳ ଶେଷ ହୋଇ ଯାଇଛି ।' ଆମେ ଏପରି ଏକ ମାନବଜାତି ଚାହୁଁ ଯାହାର ଅହଂକାର ନ ଥିବ । ଏହି ଅହଂକାର ସ୍ଥାନରେ ଭାଗବତ ଚେତନା କାର୍ଯ୍ୟ କରିବ । ଏହା ହିଁ ଆମେ ଚାହୁଁ; ଏହି ଭାଗବତ ଚେତନା ଏହି ମାନବଜାତିକୁ ଗଢ଼ିତୋଳିବ ଏବଂ ଅତିମାନବକୁ ଜନ୍ମ ଦେବା ନିମିତ୍ତ ପଥ ପରିଷ୍କାର କରିବ ।''

ସୁତରାଂ ଏଥିରୁ ବୁଝାଯିବ ଯେ ବର୍ତ୍ତମାନ ସମୟ ଏକ ସନ୍ଧିକ୍ଷଣ – ଏକ ନୂତନ ଯୁଗର ଆବିର୍ଭାବ କାଳ ଏବଂ ପୁରାତନ ଯୁଗର ଅବସାନର ସମୟ । ଆମ୍ଭମାନଙ୍କୁ ଏହିପରି ସନ୍ଧିକ୍ଷଣରେ ଖୁବ୍ ସତର୍କତା ଓ ସାବଧାନତା ସହ ଗତି କରିବାକୁ ହେବ । ଯାହା ଭବିତବ୍ୟ, ବିଧି ନିର୍ଦ୍ଧାରିତ, ତାହା ନିଶ୍ଚୟ ଘଟିବ, ସୁତରାଂ ମନୁଷ୍ୟକୁ ଏହି ବୃହତ୍ତର ପରିଣାମ ନିମିତ୍ତ ପ୍ରସ୍ତୁତ ହେବାକୁ ହେବ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୪୮-୧୫୧)

ଜୀବନର ଯଥାର୍ଥ ଲକ୍ଷ୍ୟ ହେଉଛି ନିଜର ଆତ୍ମା ସହ ଯୁକ୍ତ ହୋଇ ପରମଙ୍କ ମଧ୍ୟରେ ନିମଗ୍ନ ହୋଇ ରହିବା ।
– ଶ୍ରୀମା

ସାଧନା-ପରମ୍ପରା :

# ଅଶ୍ୱଘୋଷଙ୍କ ବୁଦ୍ଧଚରିତ

## (୬)

[ସଂସ୍କୃତ ଭାଷାରେ ରଚିତ ଅଶ୍ୱଘୋଷଙ୍କ କାବ୍ୟ '**ବୁଦ୍ଧ ଚରିତ**' ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବହୁ ପ୍ରସିଦ୍ଧି ଲାଭ କରିଛି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅଶ୍ୱଘୋଷ ଜୀବିତ ଥିଲେ । ସେ ସାକେତର ଏକ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରି ବ୍ରାହ୍ମଣ୍ୟ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ଓ ପରେ ବୌଦ୍ଧ ହୋଇ ଯାଇଥିଲେ । ତାଙ୍କର ଏହି କାବ୍ୟ ୪୧୪-୪୨୧ ଖ୍ରୀଷ୍ଟାବ୍ଦରେ ଚୀନ୍ ଭାଷାରେ ଅନୂଦିତ ହୋଇଥିଲା । ପରେ ତିବ୍ବତ, ଜାପାନ ଓ ଇଉରୋପର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଇଉରୋପୀୟ ପଣ୍ଡିତସମାଜରେ ବହୁ ସମାଦର ଲାଭ କରିଥିଲା । ଏପରିକି ଅନେକେ ଏହି କାବ୍ୟକୁ କାଳିଦାସଙ୍କ କାବ୍ୟର ସମପର୍ଯ୍ୟାୟର ବୋଲି ମନେ କରନ୍ତି ।

'ନବଜ୍ୟୋତି'ର ଗତ ସଂଖ୍ୟାରେ ବୁଦ୍ଧଙ୍କର ତପୋବନ ପ୍ରବେଶ ବିଷୟକ ୬ଷ୍ଠ ଓ ୭ମ ସର୍ଗରୁ କେତେକ ସଂକ୍ଷିପ୍ତ ଅନୁବାଦ ଦିଆଯାଇଥିଲା । ଏଥରକ ଅଷ୍ଟମ ସର୍ଗ 'ଅନ୍ତଃପୁର ବିଳାପ' ଓ ନବମ ସର୍ଗ 'କୁମାର ଅନ୍ୱେଷଣ' ର ବିସ୍ତୃତ ବର୍ଣ୍ଣନାରୁ ଅତି ସଂକ୍ଷିପ୍ତ ଭାବରେ କେତେକ ଅନୁବାଦ ଦିଆଗଲା । — ସଂପାଦକ]

### ଅଷ୍ଟମ ସର୍ଗ

ରାଜପୁତ୍ର ମମତାହୀନ ହୋଇ ବନକୁ ଚାଲିଯିବା ପରେ ଦୁଃଖାଭିଭୂତ ଅଶ୍ୱରକ୍ଷକ ଛନ୍ଦକ ଶୋକ ସମ୍ୱରଣ ପାଇଁ ସମସ୍ତ ଚେଷ୍ଟା କରିବା ସତ୍ତ୍ୱେ ତାଙ୍କ ଚକ୍ଷୁରୁ ଅଶ୍ରୁଧାରା ବନ୍ଦ ହେଲା ନାହିଁ । କୁମାରଙ୍କ ବିଚ୍ଛେଦ ଚିନ୍ତାରେ ଗୋଟିଏ ଦିନର ପଥକୁ ଅତିକ୍ରମ କରିବା ପାଇଁ ଆଠଦିନ ଲାଗିଗଲା । ବଳବାନ୍ ଅଶ୍ୱ ଛନ୍ଦକ ମଧ୍ୟ ନିସ୍ତେଜ ଓ ଶ୍ରୀହୀନ ହୋଇ ତପୋବନ ଆଡ଼କୁ ବାରଂବାର ଚାହିଁ ହ୍ରେଷାରବ କଲା ଓ ଭୋକ ଶୋଷ ତ୍ୟାଗ କରି ଘାସ ଖାଇଲା ନାହିଁ କି ପାଣି ପିଇଲା ନାହିଁ । ଉଭୟେ କପିଳବାସ୍ତୁ ନଗରରେ ପହଞ୍ଚି ଦେଖିଲେ ଜଗତହିତ ପାଇଁ ଜନ୍ମଗ୍ରହଣ କରିଥିବା ମହାତ୍ମାଙ୍କ ଅଭାବରେ ନଗରଟି ସୂର୍ଯ୍ୟବିହୀନ ଆକାଶ ପରି ଶୂନ୍ୟ ବୋଧ ହେଉଛି । ଏହି ନଗରର ଉପବନ ପଦ୍ମପୂର୍ଣ୍ଣ ସରୋବର ଓ ପୁଷ୍ପିତ ବୃକ୍ଷମାନଙ୍କ ଦ୍ୱାରା ମଣ୍ଡିତ ହୋଇଥିଲେ ବି ଅରଣ୍ୟ ଭଳି ଲାଗୁଥିଲା । ନାଗରିକମାନେ ସର୍ବତ୍ର ବିଷଣ୍ଣ ମନରେ, ନିସ୍ତେଜ ଭାବରେ ବୁଲୁଥିଲେ ଓ ପୂର୍ବକାଳରେ ରାମଙ୍କୁ ନ ଆଣି ରଥ ଖାଲି ଆସିଛି ଶୁଣି ଅଯୋଧ୍ୟାର ଲୋକମାନେ ଅଶ୍ରୁମୋଚନ କଲାଭଳି ଅଶ୍ରୁମୋଚନ କରୁଥିଲେ । ନାରୀମାନଙ୍କ କେଶ ମୁକୁଳା ଥିଲା, ବସ୍ତ୍ର ମଳିନ ଥିଲା ଓ ଅଞ୍ଜନହୀନ ଚକ୍ଷୁରୁ ଅଶ୍ରୁ ଝରୁଥିଲା । ରାତ୍ରି ଶେଷ ହେଲେ ତାରାମାନେ ମଳିନ ଦିଶିଲା ପରି ସେମାନେ କୁମାରଙ୍କ ଅଭାବରେ ସ୍ନାନ, ମାର୍ଜନ ଆଦି ତ୍ୟାଗ କରି ମଳିନ ଓ ଶ୍ରୀହୀନ ଦିଶିଲେ ।

ପୁତ୍ରବତ୍ସଳା ଗୌତମୀ ମୃତବତ୍ସା ମହିଷୀ ପରି କାନ୍ଦି କାନ୍ଦି ଦୁଇ ବାହୁ ପ୍ରସାରିତ କରି ତଳେ ପଡ଼ିଗଲେ । ସତେ ଯେପରି ବାତ୍ୟାହତ ଏକ ସୁବର୍ଣ୍ଣ କଦଳୀବୃକ୍ଷ ତଳେ ଲୋଟିଗଲା । ଗୌତମୀ ଏକ ମୃତଶାବକା କପୋତୀ ଭଳି ବିଳାପ କରି କହିଲେ ''ତରଙ୍ଗମାଳା ପରି ତା'ର କୁଞ୍ଚିତ, କୋମଳ, ଘନକୃଷ୍ଣ, କଲ୍ୟାଣମୟ କେଶ ଥିଲା ରାଜମୁକୁଟ ପରିଧାନ କରିବା ପାଇଁ । ତାହା ପୁଣି କଟା ହୋଇ ମାଟିରେ ଫିଙ୍ଗା ହେଲା । ତା'ର ବାହୁ ଦୀର୍ଘ, ସିଂହ ପରି ସେ ବିକ୍ରମଶାଳୀ, ଚକ୍ଷୁ ମହାବୃଷଭର ଚକ୍ଷୁ ପରି, କାନ୍ତି ସୁବର୍ଣ୍ଣୋଜ୍ଜ୍ୱଳ, ବକ୍ଷ ବିଶାଳ, ସ୍ୱର ମେଘମନ୍ଦ୍ର, ଏଭଳି କୁମାର କ'ଣ ଆଶ୍ରମବାସୀ ହେବାର ପାତ୍ର ? ମୃଣାଳ ପରି କୋମଳ ତା'ର ପାଦ ଦୁଇଟି ବନର କଠିନ ଭୂମି ଉପରେ ଚାଲିବ କିପରି ? କୁଳ, ପରାକ୍ରମ, ବଳ, ତେଜ, ବିଦ୍ୟା, ସଂପଦ ଓ ବୟସ — ଏସବୁଥିରେ ଗୌରବାନ୍ୱିତ ସେ ଅନ୍ୟମାନଙ୍କୁ ଦାନ ଦିଅନ୍ତା ସିନା, ସେ ଅନ୍ୟମାନଙ୍କଠାରୁ କିପରି ଦାନ ଭିକ୍ଷା କରିବ ? ପବିତ୍ର, ସୁବର୍ଣ୍ଣ ପଲଙ୍କରେ ଶୟନ କରୁଥିବା ପୁତ୍ର ସନ୍ନ୍ୟାସୀ ହୋଇ ଭୂମି ଉପରେ ଲୁଗା ବିଛାଇ କିପରି ଶୋଇବ ? ଗୌତମୀଙ୍କର ଏପରି କରୁଣ କ୍ରନ୍ଦନ ଶୁଣି ନାରୀମାନେ ପରସ୍ପରକୁ ବାହୁରେ ଭିଡ଼ିଧରି କାନ୍ଦିବାକୁ ଲାଗିଲେ ।

ଚକ୍ରବାକଠାରୁ ବିଚ୍ଛିନ୍ନ ହୋଇଥିବା ଚକ୍ରବାକୀ ପରି ଯଶୋଧାରା ଭୂମିରେ ଲୋଟି, ବାଷ୍ପଗଦ୍‌ଗଦ କଣ୍ଠରେ ବିଳାପ କରିବାକୁ ଲାଗିଲେ, ''ମୁଁ ତାଙ୍କର ସହଧର୍ମିଣୀ । ସେ ମୋତେ ତ୍ୟାଗ କରି, ଅନାଥିନୀ କରି ଧର୍ମ ଆଚରଣ କରିବାକୁ ଚାହୁଁଛନ୍ତି, ତାଙ୍କ ଧର୍ମସିଦ୍ଧ ହେବ କିପରି ? ସେ ସହଧର୍ମିଣୀ ବିନା ତପସ୍ୟା କରିବାକୁ ଚାହୁଁଛନ୍ତି । ସେ ପୂର୍ବର ସେହି ରାଜାମାନଙ୍କ ସମ୍ବନ୍ଧରେ ଓ ମହାସୁଦର୍ଶ ଆଦି ନିଜର ପିତାମହମାନଙ୍କ ସଂପର୍କରେ ଶୁଣି ନାହାନ୍ତି ଯେଉଁମାନେ ନିଜ ପତ୍ନୀମାନଙ୍କୁ ସଂଗରେ ନେଇ ବନକୁ ଯାଇଥିଲେ । କିଂବା ଯଜ୍ଞରେ, ବେଦ ବିଧାନାନୁଯାୟୀ ଦୀକ୍ଷିତ ତଥା ପବିତ୍ର ହୋଇଥିବା ଏବଂ ପରଲୋକରେ ମଧ୍ୟ ସାଥୀ ହୋଇ ଯଜ୍ଞଫଳ ଭୋଗ କରିବାକୁ ଚାହୁଁଥିବା କୌଣସି ଦମ୍ପତିଙ୍କୁ ସେ ଦେଖି ନାହାନ୍ତି । ସ୍ୱର୍ଗସୁଖ ପାଇଁ ମୋର ଆଦୌ କୌଣସି ଇଚ୍ଛା ନାହିଁ । ଯାହାର ନିଜତ୍ୱ ଅଛି, ତା' ପକ୍ଷରେ ସ୍ୱର୍ଗସୁଖ ଦୁର୍ଲଭ ନୁହେଁ । ମୋର ମନରେ କିନ୍ତୁ ଗୋଟିଏ ମାତ୍ର ଅଭିଳାଷ – ମୋର ପ୍ରିୟ ସ୍ୱାମୀ ଏହି ସଂସାରରେ ବା ପରଲୋକରେ ମୋତେ ପରିତ୍ୟାଗ ନ କରନ୍ତୁ । ସ୍ୱାମୀଙ୍କର ବିଶାଳ ନୟନ ଓ ହସହସ ମୁଖକୁ ଦେଖିବା ପାଇଁ ମୋର ସିନା ସୌଭାଗ୍ୟ ନାହିଁ, ପିତାଙ୍କ କୋଳରେ ଲୋଟିବା ପାଇଁ ଏ ମନ୍ଦ ଭାଗ୍ୟ ରାହୁଳ ମଧ୍ୟ ଅଯୋଗ୍ୟ । ଓଃ ! ସେହି ମନିଷୀଙ୍କର ଶରୀର ସୁକୁମାର, କିନ୍ତୁ ମନ କି କଠୋର ! ଶତ୍ରୁଙ୍କୁ ମଧ୍ୟ ଆନନ୍ଦ ଦେଉଥିବା ଏହି ଶିଶୁପୁତ୍ରଟିକୁ ସେ କିପରି ଛାଡ଼ି ଯାଇପାରିଲେ । ମୋର ହୃଦୟ ମଧ୍ୟ ନିଶ୍ଚୟ କଠୋର ଓ ଏହା ପଥରରେ ବା ଲୁହାରେ ଗଢ଼ା । ଯେହେତୁ ସ୍ୱାମୀ ସୁଖ ଭୋଗ ବୟସରେ ଅନାଥ ଶ୍ରୀହୀନ ଭଳି ବନକୁ ଗଲେ ମଧ୍ୟ ମୋର ହୃଦୟ ବିଦୀର୍ଣ୍ଣ ନ ହେଉଛି ।'' ଯଶୋଧାରାଙ୍କୁ କାନ୍ଦି କାନ୍ଦି ବିକଳ ହେବାର ଏବଂ ଭୂମିରେ ଲୋଟି ଯିବାର ଦେଖି ନାରୀମାନେ ବର୍ଷାହତ ବଡ଼ ବଡ଼ ପଦ୍ମଫୁଲ ତୁଲ୍ୟ ମୁଖରୁ ଅଶ୍ରୁ ଝରାଇ କାନ୍ଦିବାକୁ ଲାଗିଲେ ।

ରାଜା ଶୁଦ୍ଧୋଦନ ଜପ ଓ ମାଙ୍ଗଳିକ ହୋମ ସମାପ୍ତ କରି ଦେବମନ୍ଦିରରୁ ଆସୁଥିଲେ । ହସ୍ତୀ ଯେପରି ପ୍ରଚଣ୍ଡ ବଜ୍ରନାଦ ଶୁଣି ବିଚଳିତ ହୋଇଉଠେ, ସେ ସେହିପରି ଲୋକମାନଙ୍କ ଆର୍ତ୍ତନାଦ ଶୁଣି ବିଚଳିତ ହୋଇଉଠିଲେ । ସେ ସାରଥି ଛନ୍ଦକ ଓ ଅଶ୍ୱ ଉଭୟଙ୍କୁ ଦେଖି ଏବଂ ପୁତ୍ରର ଦୃଢ଼ ସିଦ୍ଧାନ୍ତ ଶୁଣି ଶୋକରେ ଅଭିଭୂତ ହୋଇ ପଡ଼ିଲେ ଏବଂ ଇନ୍ଦ୍ରପୂଜା ଉତ୍ସବ ସମାପ୍ତ ହେବା ପରେ ଧ୍ୱଜକୁ ଯେପରି ଭୂପତିତ କରାଯାଏ, ସେହିପରି ଭୂପତିତ ହୋଇଗଲେ । ରାଜା ପୁତ୍ରଶୋକରେ କ୍ଷଣକାଳ ଲାଗି ମୂର୍ଚ୍ଛିତ ହୋଇ ରହିଲେ । ତା'ପରେ ବିଳାପ କରି କହିଲେ, ''ମୋ ପୁତ୍ର ଧର୍ମାନୁରାଗୀ ହୋଇ ଚାଲିଯିବା ପରେ ମୁଁ ପ୍ରାଣତ୍ୟାଗ କରିବାକୁ ଚାହୁଁଛି । ମୋ ନିଜ ଉପରେ ମୋର ଆଉ ଆସ୍ଥା ଥିଲା ଭଳି ଲାଗୁ ନାହିଁ । ରାଜା ଅଜଙ୍କର ଧୀମାନ୍ ପୁତ୍ର, ଇନ୍ଦ୍ରଙ୍କ ସଖା, ଦଶରଥଙ୍କ ପ୍ରତି ମୋ ମନରେ ଆଦର ଭାବ ଜାତ ହେଉଛି । କାରଣ, ପୁତ୍ର ରାମଚନ୍ଦ୍ର ବନକୁ ଯାଆନ୍ତେ ସେ ସ୍ୱର୍ଗକୁ ଗଲେ, ବୃଥାରେ କାନ୍ଦି କାନ୍ଦି ଦୀନ ଭାବରେ ବଞ୍ଚି ରହିଲେ ନାହିଁ । ମୋର ପ୍ରାଣ ପରଲୋକକୁ ଯିବା ପାଇଁ ଏବଂ ତା'ଠାରୁ ଜଳ ଅଞ୍ଜଳି ପାଇବା ପାଇଁ ବ୍ୟଗ୍ର ହେଉଛି ।'' ଏହିପରି ରାଜା ପୁତ୍ର-ବିଚ୍ଛେଦରେ ଦୁଃଖିତ ହୋଇ ପୃଥିବୀର ଧୈର୍ଯ୍ୟତୁଲ୍ୟ ନିଜର ସ୍ୱାଭାବିକ ଧୈର୍ଯ୍ୟଗୁଣକୁ ଛାଡ଼ି, ରାମ ଶୋକାତୁର ଦଶରଥଙ୍କ ଭଳି ପ୍ରାୟ ଚେତନାଶୂନ୍ୟ ହୋଇ ବିଳାପ କରିବାକୁ ଲାଗିଲେ ।

ରାଜାଙ୍କ ପରାମର୍ଶଦାତା, ବିଦ୍ୟା-ବିନୟ ଆଦି ଗୁଣଶାଳୀ ମନ୍ତ୍ରୀ ଏବଂ ବୟୋଜ୍ୟେଷ୍ଠ ପୁରୋହିତ ରାଜାଙ୍କୁ ଧରି ଯଥୋଚିତ ପରାମର୍ଶ ଦେଇ କହିଲେ, ''ରାଜନ୍, ଶୋକ ପରିତ୍ୟାଗ କରନ୍ତୁ; ଧୈର୍ଯ୍ୟ ଧରନ୍ତୁ । ଧୈର୍ଯ୍ୟହୀନ ଇତର ଲୋକ ପରି କାନ୍ଦିବା ଆପଣଙ୍କ ପକ୍ଷରେ ଉଚିତ ନୁହେଁ । ଏ ସଂସାରରେ ବହୁରାଜା ରାଜବିଭବକୁ ବାସିଫୁଲ ପରି ତ୍ୟାଗ କରି ବନକୁ ଯାଇଥିବାର ଦୃଷ୍ଟାନ୍ତ ରହିଛି । କୁମାରଙ୍କର ଏଭଳି ଅବସ୍ଥା ବିଧି-ନିର୍ଦ୍ଦିଷ୍ଟ । ଅତୀତରେ ଅସିତ ମୁନି ଯାହା କହିଥିଲେ, ତାହା ସ୍ମରଣ କରନ୍ତୁ । କୁମାରଙ୍କୁ ଚକ୍ରବର୍ତ୍ତୀ ପଦରେ ବା ସ୍ୱର୍ଗ ରାଜ୍ୟରେ କ୍ଷଣକ ପାଇଁ ମଧ୍ୟ ରଖାଯାଇ ପାରି ନ ଥା'ନ୍ତା । ହେ ରାଜନ୍ ! ଯଦି କୁମାରଙ୍କୁ ଫେରାଇ ଆଣିବା ପାଇଁ ଯତ୍ନ କରିବା ଆବଶ୍ୟକ ଆମେ ଦୁହେଁ ସେଠାକୁ ଯିବୁ । ଆପଣଙ୍କ ପୁତ୍ର ଏବଂ ଆମର ବହୁବିଧ ଉପାୟ ଏ ଦୁଇ ମଧ୍ୟରେ ସଂଗ୍ରାମ ଚଳାଯାଉ ।''

ରାଜା ଆଦେଶ ଦେଲେ, ''ଆପଣ ଦୁହେଁ ଶୀଘ୍ର ଯାତ୍ରା ଆରମ୍ଭ କରନ୍ତୁ । ପୁତ୍ର ବିନା ମୋର ହୃଦୟ ପୁତ୍ରଲାଳସୀ ବନପକ୍ଷୀ ତୁଲ୍ୟ ଆଦୌ ଶାନ୍ତିଲାଭ କରୁ ନାହିଁ ।'' ଏହାପରେ ମନ୍ତ୍ରୀ ଓ ପୁରୋହିତ ଦୁହେଁ ସେହି ବନକୁ ଯାତ୍ରା କଲେ ।

## ନବମ ସର୍ଗ

ମନ୍ତ୍ରୀ ଓ ପୁରୋହିତ ଦୁହେଁ ଉପଯୁକ୍ତ ଅନୁଚରମାନଙ୍କୁ ସଙ୍ଗରେ ନେଇ କ୍ଳାନ୍ତଶ୍ରାନ୍ତ ହୋଇ ଯଥାସମୟରେ ଭାର୍ଗବ

ବିପ୍ରଙ୍କ ଆଶ୍ରମରେ ପ୍ରବେଶ କଲେ ଏବଂ ରାଜକୀୟ ବେଶଭୂଷା ତ୍ୟାଗ କରି ବିନୀତ ଭାବରେ ଭାର୍ଗବ ବିପ୍ରଙ୍କ ଅର୍ଚ୍ଚନା କଲେ । ଭାର୍ଗବ ବିପ୍ର ମଧ୍ୟ ଯଥାବିଧାନରେ ସେ ଦୁହିଁଙ୍କର ଅଭ୍ୟର୍ଥନା କଲେ । ତା'ପରେ ଉଭୟ ନିଜ ନିଜର ପରିଚୟ ଦେଇ କହିଲେ, ''ମହାନ୍ ପରାକ୍ରମଶାଳୀ, କୀର୍ତ୍ତିମାନ୍, ଇନ୍ଦ୍ରତୁଲ୍ୟ ରାଜା ଶୁଦ୍ଧୋଦନଙ୍କ ଜୟନ୍ତତୁଲ୍ୟ ପୁତ୍ର ବାର୍ଦ୍ଧକ୍ୟ ଓ ମୃତ୍ୟୁ ଭୟ ଅତିକ୍ରମ କରିବା ଇଚ୍ଛାରେ ଏଠାକୁ ଆସିଛନ୍ତି । ତାଙ୍କର ସାକ୍ଷାତ୍ ପାଇଁ ଆମେ ଏଠାକୁ ଆସିଛୁ ।'' ଭାର୍ଗବ କହିଲେ, ''ସେହି ଦୀର୍ଘବାହୁ କୁମାର ଏଠାକୁ ଆସିଥିଲେ । ସେ ଅବୋଧ ନୁହନ୍ତି । ଏହି ଆଶ୍ରମରେ ଆଚରିତ ଧର୍ମ ପୁନର୍ଜନ୍ମମୂଳକ, ଏହା ବୁଝି ସେ ମୋକ୍ଷପ୍ରାପ୍ତି ଇଚ୍ଛାରେ ଅରାଢ଼ ମୁନିଙ୍କ ଆଶ୍ରମକୁ ଗଲେ ।

ପଥରେ ଯାଉ ଯାଉ ଦେଖିଲେ ଏକ ବୃକ୍ଷ ମୂଳରେ କୁମାର ବସିଛନ୍ତି । ସ୍ନାନ ନ କଲେ ମଧ୍ୟ ତାଙ୍କ ଶରୀର ମେଘ-ଆବୃତ ସୂର୍ଯ୍ୟଙ୍କ ପରି ଉଜ୍ଜ୍ୱଳ ଦିଶୁଛି । ରାମଚନ୍ଦ୍ରଙ୍କୁ ଦେଖିବା ପାଇଁ ବାମଦେବ ମୁନିଙ୍କ ସହ ବଶିଷ୍ଠ ମୁନିଙ୍କ ପରି ବା ସ୍ୱର୍ଗରେ ଶୁକ୍ର ଓ ଅଙ୍ଗିରା ଇନ୍ଦ୍ରଙ୍କୁ ଅର୍ଚ୍ଚନା କଲା ପରି, ଉଭୟେ ଶାକ୍ୟକୁଳତିଳକ କୁମାରଙ୍କ ନିକଟରେ ଉପବେଶନ କଲେ ଓ ରାଜା ଶୁଦ୍ଧୋଦନ ତାଙ୍କ ଉଦ୍ଦେଶ୍ୟରେ ଯେଉଁ ବାର୍ତ୍ତା ପ୍ରେରଣ କରିଥିଲେ ତାହା କହିଲେ । ରାଜାଙ୍କ ବାର୍ତ୍ତା ଥିଲା, ''ହେ କୁମାର ! ମୁଁ ଜାଣେ ଧର୍ମ ପାଇଁ ତୁମେ ଦୃଢ଼ସଂକଳ୍ପ । ଆଉ ମଧ୍ୟ ମୁଁ ଜାଣେ ଏହା ତୁମ ପାଇଁ ଅବଶ୍ୟମ୍ଭାବୀ । କିନ୍ତୁ ତୁମେ ଅସମୟରେ ବନର ଆଶ୍ରୟ ନେବା ହେତୁ ମୁଁ ଅଗ୍ନିରେ ପ୍ରଜ୍ୱଳିତ ହେଲା ପରି ଶୋକାଗ୍ନିରେ ପ୍ରଜ୍ୱଳିତ ହେଉଛି । ତୁମେ ମୋର ହିତ ନିମନ୍ତେ ତଥା ଧର୍ମ ନିମନ୍ତେ ଫେରି ଆସ ।... ତୁମେ ପୃଥିବୀ ପାଳନ କର । ଶାସ୍ତ୍ରାନୁମୋଦିତ ସମୟ ଆସିଲେ ବନକୁ ଯିବ । ଧର୍ମ କେବଳ ବନରେ ସିଦ୍ଧ ହୁଏ ନାହିଁ । ଯତ୍ନଶୀଳ ବ୍ୟକ୍ତିମାନଙ୍କୁ ଗୃହରେ ମଧ୍ୟ ଧର୍ମସିଦ୍ଧି ମିଳେ । ବନରେ ବାସ କରିବା ଓ ସନ୍ନ୍ୟାସୀର ବେଶ ପୋଷାକ ପରିଧାନ ଭୀରୁତାର ଚିହ୍ନ । ଗୃହସ୍ଥ ରାଜାମାନେ ମଧ୍ୟ ମସ୍ତକରେ ମୁକୁଟ ପିନ୍ଧି, ଗଳାରେ ହାର ଓ ବାହୁରେ ଭୂଷଣ ଧାରଣ କରି ଲକ୍ଷ୍ମୀଙ୍କ କୋଳରେ ବାସ କରି ମୋକ୍ଷ ଧର୍ମ ଲାଭ କରିଛନ୍ତି । ମୁଁ ଚାହେଁ, ତୁମେ ରାଜସିଂହାସନରେ ଅଭିଷିକ୍ତ ହେବ । ତୁମର ଶରୀର ଅଭିଷେକ ଜଳରେ ଆର୍ଦ୍ର ହେବ, ତୁମ ମସ୍ତକ ଉପରେ ରାଜଛତ୍ର ଧରା ହୋଇଥିବ, ତୁମକୁ ମୁଁ ଗାଢ଼ ଆଲିଙ୍ଗନ କରି, ହର୍ଷର ସହିତ ଚାହିଁ ଚାହିଁ ବନକୁ ଚାଲିଯିବି ।''

ଏହାପରେ ପୁରୋହିତ କୁମାରଙ୍କୁ ବୁଝାଇଲେ, ''ଶାକ୍ୟରାଜ ତୁମ ପାଇଁ ଅଗାଧ ଦୁଃଖ ସମୁଦ୍ରରେ ନିମଗ୍ନ । ସେ ବର୍ତ୍ତମାନ ନିରାଶ୍ରୟ, ନିଃସହାୟ । ସମୁଦ୍ରରେ ନିମଗ୍ନ ବ୍ୟକ୍ତିକୁ ନୌକା ଯେପରି ଉଦ୍ଧାର କରେ, ତାଙ୍କୁ ତୁମେ ଉଦ୍ଧାର କର । ଗଙ୍ଗାଙ୍କ ପୁତ୍ର ଭୀଷ୍ମ, ରାମଚନ୍ଦ୍ର ଓ ଭୃଗୁ ମୁନି ପୁତ୍ର ପରଶୁରାମଙ୍କ ପରି ପିତାଙ୍କ ପ୍ରିୟ କାର୍ଯ୍ୟ କର । ପୁତ୍ରବତ୍ସଳା ଗୌତମୀ ଅନବରତ ବିଳାପ କରୁଛନ୍ତି । ହଂସଠାରୁ ବିଚ୍ଛିନ୍ନ ହଂସୀ, ହସ୍ତୀଠାରୁ ବିଚ୍ଛିନ୍ନ ହସ୍ତିନୀ ପରି ବଧୂ ଯଶୋଧାରା ଶୋକାତୁରା । ଶିଶୁପୁତ୍ର ରାହୁଳ ଦୁଃଖ ସହିବା ପାଇଁ ସମର୍ଥ ନୁହନ୍ତି । ରାହୁ କବଳରୁ ପୂର୍ଣ୍ଣଚନ୍ଦ୍ର ମୁକ୍ତ ହେଲା ପରି ତୁମେ ତାଙ୍କୁ ପିତୃଶୋକରୁ ମୁକ୍ତ କର ।''

## ପୁରୋହିତଙ୍କୁ କୁମାର ସିଦ୍ଧାର୍ଥଙ୍କ ଉତ୍ତର

ପୁରୋହିତଙ୍କ କଥା ଶୁଣି କୁମାର ସିଦ୍ଧାର୍ଥ କ୍ଷଣକ ପାଇଁ ନୀରବ ରହି ଉତ୍ତର ଦେଲେ, ''ମୋ ପିତାଙ୍କର ମୋ ପ୍ରତି କିପରି ସ୍ନେହ ତାହା ମୁଁ ଜାଣେ । ଜାଣିଲେ ମଧ୍ୟ ମୁଁ ବ୍ୟାଧି, ବାର୍ଦ୍ଧକ୍ୟ ଓ ମୃତ୍ୟୁ ରୂପକ ବିପଦର ଭୟରେ ଅନ୍ୟଗତି ନ ଦେଖି ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ପରିତ୍ୟାଗ କରିଛି । ଯଦି ଶେଷରେ ଆତ୍ମୀୟ-ସ୍ୱଜନମାନଙ୍କଠାରୁ ବିଚ୍ଛେଦ ନ ହୁଅନ୍ତା ତା'ହେଲେ କିଏ ଆତ୍ମୀୟ-ସ୍ୱଜନମାନଙ୍କୁ ଦେଖିବାକୁ ଇଚ୍ଛା ନ କରନ୍ତା । ଯେହେତୁ ଯେତେ ଦୀର୍ଘ କାଳ ପରେ ହେଲେ ମଧ୍ୟ ବିଚ୍ଛେଦ ନିଶ୍ଚିତ, ତେଣୁ ମୁଁ ସ୍ନେହଶୀଳ ପିତାଙ୍କୁ ତ୍ୟାଗ କରିଛି । ସଂସାରରେ ପିତା-ପୁତ୍ର ପ୍ରଭୃତି ରୂପେ ମିଳନ ସ୍ୱପ୍ନସଦୃଶ ଏବଂ ବିଚ୍ଛେଦ ସୁନିଶ୍ଚିତ । ତଥାପି ପିତା କାହିଁକି ଶୋକ କରୁଛନ୍ତି ? ଜଗତର ବିଚିତ୍ର ଗତି ଦେଖି ଆପଣଙ୍କର ନିଶ୍ଚିତ ଧାରଣା ହେଉ ଯେ ଶୋକର କାରଣ ପୁତ୍ର ନୁହନ୍ତି କି ଆତ୍ମୀୟ ସ୍ୱଜନ ନୁହନ୍ତି । ଶୋକର କାରଣ ଅଜ୍ଞାନ ।

''ପଥିକମାନେ କିଛି ସମୟ ପରସ୍ପର ସହ ମିଳିତ ହୋଇ ପୁଣି ପରସ୍ପରଠାରୁ ପୃଥକ୍ ହୋଇଗଲା ପରି ଆତ୍ମୀୟ ସ୍ୱଜନ ତଥା ପ୍ରିୟ ପରିଚିତ ଲୋକମାନେ କିଛି କାଳ ପାଇଁ ମିଳିତ ହୋଇ ପୁଣି ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ଯାଆନ୍ତି । ମନୁଷ୍ୟ ପୂର୍ବଜନ୍ମର ଆତ୍ମୀୟ ସ୍ୱଜନଙ୍କୁ ଛାଡ଼ି ଏ ଜନ୍ମକୁ ଆସେ । ପୁଣି ଏଠାରୁ ସେମାନଙ୍କୁ ପ୍ରତାରିତ କରି ଚାଲିଯାଏ । ପୁଣି ସେଠାରୁ ଅନ୍ୟତ୍ର ଚାଲିଯାଏ । ଏହିପରି ନିରନ୍ତର ତ୍ୟାଗ କରି

ଚାଲି ଯାଉଥିବା ମନୁଷ୍ୟ ପ୍ରତି କି ମମତା ପୋଷଣ କରାଯାଇ ପାରିବ ? ଯେତେବେଳେ ଗର୍ଭରୁ ଆରମ୍ଭ କରି ସକଳ ଅବସ୍ଥାରେ ମୃତ୍ୟୁ ଆମକୁ ଧ୍ୱଂସ କରିବାକୁ ଉଦ୍ୟତ ସେତେବେଳେ ପୁତ୍ରପ୍ରିୟ ରାଜା କିପରି କହୁଛନ୍ତି ମୁଁ ଅସମୟରେ ବନକୁ ଆସିଲି ?

''ବିଷୟ ବାସନା କ୍ଷେତ୍ରରେ ଅସମୟର ବିଚାର ଉଠେ, ଅର୍ଥୋପାର୍ଜନ କ୍ଷେତ୍ରରେ ସମୟର ବିଚାର ଉଠେ, କିନ୍ତୁ ଧର୍ମ-ସାଧନା କ୍ଷେତ୍ରରେ ସମୟ ଅସମୟ ବିଚାରର ଅବକାଶ ନାହିଁ । କାରଣ କାଳ ଜଗତକୁ ନିରନ୍ତର ଆକର୍ଷିତ କରୁଛି । ରାଜର୍ଷି ଯେ ମୋଠାରେ ରାଜ୍ୟନ୍ୟସ୍ତ କରିବାକୁ ଚାହୁଁଛନ୍ତି, ଏହା ତାଙ୍କର ଉଦାରତା କିନ୍ତୁ ରୋଗୀ ପକ୍ଷରେ ଅପଥ୍ୟ ସେବନ ପରି ମୋ ପକ୍ଷେ ରାଜ୍ୟ ଗ୍ରହଣ ଅନୁଚିତ । 'ମୋହ'ର ଭଣ୍ଡାର ରାଜପଦକୁ କେଉଁ ବିଦ୍ୱାନ୍ ଗ୍ରହଣ କରିବ ? ରାଜପଦ ସଙ୍ଗରେ ରହିଥିବା ଉଦ୍‌ବେଗ, ଗର୍ବ ଓ ଶ୍ରମ ଓ ଅନ୍ୟର ହାନି ଦ୍ୱାରା ଧର୍ମ କ୍ଷୟ ଘଟେ । ପ୍ରଜ୍ୱଳିତ ସୁବର୍ଣ୍ଣ-ନିର୍ମିତ ଗୃହ, ବିଷମିଶ୍ରିତ ସୁସ୍ୱାଦୁ ଖାଦ୍ୟ ଓ କୁମ୍ଭୀରପୂର୍ଣ୍ଣ ପଦ୍ମଶୋଭିତ ଜଳ ଭଳି ରାଜପଦ ସୁନ୍ଦର କିନ୍ତୁ ଦୁଃଖର ଭଣ୍ଡାର । ଅରଣ୍ୟରେ ତୃଣ ଭକ୍ଷଣ କରି ସନ୍ତୋଷକୁ ରତ୍ନ ପରି ରକ୍ଷା କରି ରହିବା ଶ୍ରେୟସ୍କର କିନ୍ତୁ ସଂପଦ ମଧ୍ୟରେ ବାସ କରିବା ଶ୍ରେୟସ୍କର ନୁହେଁ । କାରଣ, ସଂପଦ ମଧ୍ୟରେ ବହୁ ପ୍ରମାଦ ଅଦୃଶ୍ୟ କୃଷ୍ଣସର୍ପ ଭଳି ରହିଥାଆନ୍ତି ।

''ଧର୍ମଲାଭ ନିମନ୍ତେ ରାଜ୍ୟତ୍ୟାଗ କରି ବନରେ ପ୍ରବେଶ କରିବା ପ୍ରଶଂସନୀୟ କିନ୍ତୁ ପ୍ରତିଜ୍ଞା ଭଙ୍ଗ କରି, ବନ ପରିତ୍ୟାଗ କରି ପୁଣି ଗୃହରେ ପ୍ରବେଶ ଅଶୋଭନୀୟ । ଶ୍ରେଷ୍ଠକୁଳଜାତ, ନିଜତ୍ୱ ସଂପନ୍ନ କେଉଁ ପୁରୁଷ ଧର୍ମ ଲାଭ ନିମନ୍ତେ ବନରେ ପ୍ରବେଶ କରି, ପୁଣି ଗୈରିକ ବସନ ତ୍ୟାଗ କରି ଲଜ୍ଜାହୀନ ଭାବରେ ସେହି ଗୃହ ଇନ୍ଦ୍ର ଭବନ ହେଲେ ମଧ୍ୟ ତହିଁରେ ପ୍ରବେଶ କରିବ ? ରାଜାମାନେ ଗୃହସ୍ଥ ଭାବରେ ରହି ମଧ୍ୟ ମୋକ୍ଷଲାଭ କରିଥିବା କଥା ଠିକ୍ ନୁହେଁ । ଯେଉଁମାନେ ରାଜ୍ୟ ଶାସନ ଚଳାଇବା ସଙ୍ଗେ ସଙ୍ଗେ ଇନ୍ଦ୍ରିୟ ସଂଯମ କରିଛନ୍ତି ସେମାନେ ନିଜକୁ ମୁକ୍ତ ମନେ କରୁଛନ୍ତି ମାତ୍ର, ପ୍ରକୃତରେ ସେମାନେ ମୋକ୍ଷ ପ୍ରାପ୍ତ ହୋଇ ନାହାନ୍ତି । ସେମାନେ ଯଦି ରାଜ୍ୟ ଶାସନରେ ଶାନ୍ତି ପାଇଛନ୍ତି, ପାଇ ଥାଆନ୍ତୁ । ମୁଁ କିନ୍ତୁ ବିନା ସିଦ୍ଧାନ୍ତରେ ବନକୁ ଆସି ନାହିଁ । ମୁଁ ଗୃହ ଓ ଆତ୍ମୀୟରୂପକ ବନ୍ଧନକୁ ଛିନ୍ନ କରି ମୁକ୍ତ ହୋଇଛି, ପୁଣି ସେହି ବନ୍ଧନ ଭିତରକୁ ଯିବା ପାଇଁ ଚାହୁଁ ନାହିଁ ।''

## ମନ୍ତ୍ରୀଙ୍କର ଅନୁରୋଧ

ରାଜକୁମାର ସିଦ୍ଧାର୍ଥଙ୍କର ଏହିପରି ନିଃସ୍ପୃହ ଅଥଚ ତେଜସ୍ୱୀ ଉତ୍ତର ଶୁଣି ମନ୍ତ୍ରୀ କହିଲେ, ''ଧର୍ମ ସମ୍ପର୍କରେ ତୁମର ଏହି ସିଦ୍ଧାନ୍ତ ଅଯୌକ୍ତିକ ନୁହେଁ । କିନ୍ତୁ ଏଥିପାଇଁ ତୁମର ସମୟ ଆସି ନାହିଁ । ଧର୍ମ, ଅର୍ଥ ଓ କାମ ବିଷୟରେ ତୁମର ବୁଦ୍ଧି ସୂକ୍ଷ୍ମ ବା ଅଭିଜ୍ଞ ହୋଇ ନାହିଁ । ତୁମେ ଅଦୃଷ୍ଟ ଫଳ ନିମନ୍ତେ ଦୃଷ୍ଟ ଫଳକୁ ଅବଜ୍ଞା କରୁଛ । କେତେକେ କହନ୍ତି ପୁନର୍ଜନ୍ମ ଅଛି, ଆଉ କେତେକେ ଦୃଢ଼ତାର ସହ କହନ୍ତି ପୁନର୍ଜନ୍ମ ନାହିଁ । ତେଣୁ ପୁନର୍ଜନ୍ମ ସଂଶୟାଚ୍ଛନ୍ନ । ତେଣୁ ସ୍ୱତଃ ଯେଉଁ ସୁଖ ସମ୍ପଦ ମିଳିଛି ତାହାକୁ ଭୋଗ କରିବା ଉଚିତ । କେତେକ ଲୋକ କହନ୍ତି ପରଲୋକ ଅଛି, କିନ୍ତୁ ସେମାନେ ମୋକ୍ଷ କଥା କିଛି କହନ୍ତି ନାହିଁ । ସେମାନଙ୍କ ମତରେ ଅଗ୍ନିର ଉଷ୍ଣତା ପରି, ଜଳର ତରଳତା ପରି ପୁନର୍ଜନ୍ମ ପ୍ରାଣୀର ସ୍ୱାଭାବିକ ଧର୍ମ । କେତେକେ କହନ୍ତି ଶୁଭ-ଅଶୁଭ, ଜନ୍ମ-ମୃତ୍ୟୁ ସବୁକିଛି ସ୍ୱଭାବତଃ ଘଟୁଛି । ମୋକ୍ଷଲାଭ ନିମନ୍ତେ ଯତ୍ନ ନିଷ୍ପ୍ରୟୋଜନ ।

''ଭୋଗ୍ୟବସ୍ତୁରେ ଇନ୍ଦ୍ରିୟମାନଙ୍କ ପ୍ରବୃତ୍ତି ସ୍ୱାଭାବିକ, ସେଥିରେ ସେମାନଙ୍କ ଅନୁରାଗ ବିରାଗ ସ୍ୱାଭାବିକ, ବାର୍ଦ୍ଧକ୍ୟ ଓ ବ୍ୟାଧି ପ୍ରାଣୀମାନଙ୍କ ପକ୍ଷେ ସ୍ୱାଭାବିକ । ଏସବୁ ବିଷୟରେ ଯତ୍ନ କରିବାର କିଛି ନାହିଁ । ମାତୃଗର୍ଭକୁ ଆସିବା ପରେ ପ୍ରାଣୀର ହସ୍ତ, ପଦ, ଉଦର, ପୃଷ୍ଠ, ମସ୍ତକ ପ୍ରଭୃତି ସୃଷ୍ଟ ହୁଏ, ତହିଁରେ ଆତ୍ମାର ସଂଯୋଗ ହୁଏ, ଏହା ସ୍ୱାଭାବିକ । କଣ୍ଟକକୁ ତୀକ୍ଷ୍ଣ କିଏ କରୁଛି ? ପଶୁ ପକ୍ଷୀମାନଙ୍କୁ କିଏ ଚିତ୍ର ବିଚିତ୍ର କରୁଛି ? ଏ ସମସ୍ତ ସ୍ୱତଃ ହିଁ ହେଉଛି । ତେଣୁ ପ୍ରଯତ୍ନର ଆବଶ୍ୟକତା କେଉଁଠି ? ଆଉ କେତେକଙ୍କ ମତରେ ଈଶ୍ୱରଙ୍କଠାରୁ ଜଗତର ସୃଷ୍ଟି । ଏଥିରେ ମନୁଷ୍ୟର ପ୍ରଯତ୍ନ ନିଷ୍ପ୍ରୟୋଜନ । ଜଗତକୁ ପ୍ରବୃତ୍ତ କରିବାରେ ଯିଏ କାରଣ, ନିବୃତ୍ତ କରିବାରେ ସେ ହିଁ କାରଣ । ଆଉ କେତେକଙ୍କ ମତରେ ଜନ୍ମ-ମରଣର କାରଣ ହେଉଛି ଆତ୍ମା । ଜନ୍ମ ପାଇଁ ଚେଷ୍ଟାର ଆବଶ୍ୟକତା ନାହିଁ, କିନ୍ତୁ ମୋକ୍ଷ ପାଇଁ ଚେଷ୍ଟା ଆବଶ୍ୟକ । ମନୁଷ୍ୟ ତିନୋଟି ଋଣ ନେଇ ଜନ୍ମ ନିଏ । ପିତୃଋଣ, ଋଷିଋଣ ଓ ଦେବଋଣ । ସନ୍ତାନ ଜନ୍ମ କରି ପିତୃଋଣରୁ, ବେଦାଧ୍ୟୟନ କରି ଋଷିଋଣରୁ ଓ ଯଜ୍ଞ ସମ୍ପାଦନ କରି ଦେବଋଣରୁ ସେ ମୁକ୍ତ ହୁଏ, ଏହାହିଁ ମୋକ୍ଷ ଲାଭର ବାଟ ।

''ତେଣୁ ହେ ସୌମ୍ୟ ! ତୁମର ଯଦି ମୋକ୍ଷ ପ୍ରତି

ଅନୁରାଗ ଅଛି, ତେବେ ସେଥିପାଇଁ ଯେଉଁ ବିଧି କୁହାଯାଇଛି ତାହା ହିଁ ଅବଲମ୍ବନ କର । ତପୋବନରୁ ଗୃହକୁ ଫେରିଲେ ତୁମକୁ ନିନ୍ଦା ମିଳିବା କଥା ମଧ୍ୟ ଭାବ ନାହିଁ । ଅତୀତରେ ଅନେକ ରାଜା ତପୋବନରୁ ଗୃହକୁ ଫେରିଥିଲେ । ଧର୍ମ ନିମନ୍ତେ ତପୋବନରୁ ଗୃହକୁ ଫେରିବାରେ କୌଣସି ଦୋଷ ନାହିଁ ।''

## କୁମାର ସିଦ୍ଧାର୍ଥଙ୍କ ଦୃଢ଼ ଘୋଷଣା

ରାଜାଙ୍କର ଚକ୍ଷୁରୂପୀ ମନ୍ତ୍ରୀଙ୍କଠାରୁ ପ୍ରିୟ ତଥା ହିତକର ବଚନ ଶୁଣି ଧୈର୍ଯ୍ୟଶାଳୀ ରାଜପୁତ୍ର ନିର୍ଲିପ୍ତ ତଥା ଅବିଚଳିତ ଭାବେ ଉତ୍ତର ଦେଲେ,

''ଏ ସଂସାରରେ ଯେଉଁ 'ଅଛି', 'ନାହିଁ'ର ସଂଶୟ, ସେ ବିଷୟରେ ଅନ୍ୟମାନଙ୍କ କଥାରେ ମୋର ନିଶ୍ଚୟାତ୍ମକ ଧାରଣା ଆସିବ ନାହିଁ । ମୁଁ ନିଜେ ତପସ୍ୟା ଓ ଶାନ୍ତି ଦ୍ୱାରା ଜାଣିବି ଏବଂ ଯାହା ଠିକ୍, ତାହା ଗ୍ରହଣ କରିବି । ସଂଶୟପୂର୍ଣ୍ଣ, ଅସ୍ପଷ୍ଟ ତଥା ପରସ୍ପର ବିରୋଧୀ ଦର୍ଶନ ଗ୍ରହଣ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । କେଉଁ ବିଦ୍ୱାନ୍ ଅନ୍ୟ ଉପରେ ବିଶ୍ୱାସ କରି, ଅନ୍ଧ ଗୁରୁର ଅନ୍ଧ ଶିଷ୍ୟ ଭଳି ଅନ୍ଧକାରରେ ଗତି କରିବ ? ଯଦିଓ ମୋତେ ତତ୍ତ୍ୱବୋଧ ମିଳି ନାହିଁ, ତଥାପି କ'ଣ ଶୁଭ, କ'ଣ ଅଶୁଭ ଏଭଳି ସଂଶୟ ସ୍ଥଳେ ମୁଁ ଶୁଭ ପ୍ରତି ସ୍ୱତଃ ଆକୃଷ୍ଟ ହେଉଛି । ଶୁଭାଚାରୀର ପରିଶ୍ରମ ବୃଥା ହେଲେ ମଧ୍ୟ ଶ୍ରେୟସ୍କର, କିନ୍ତୁ ଅଶୁଭାଚାରୀର ସୁଖ ଶ୍ରେୟସ୍କର ନୁହେଁ । ଗୃହକୁ ଫେରିବା ସମ୍ପର୍କରେ ଆପଣ ପରଶୁରାମ ଆଦି ଯେଉଁମାନଙ୍କ ଉଦାହରଣ ଦେଲେ, ସେମାନେ ଆଦର୍ଶ ନୁହନ୍ତି । କାରଣ, ଯେଉଁମାନଙ୍କର ବ୍ରତଭଙ୍ଗ ହୋଇଛି, ସେମାନଙ୍କୁ ଆଦର୍ଶ ରୂପେ ଗ୍ରହଣ କରାଯାଇ ନ ପାରେ ।

''ସୂର୍ଯ୍ୟ ପୃଥିବୀ ଉପରେ ପତିତ ହୋଇ ପାରନ୍ତି, ହିମାଳୟ ପର୍ବତ ସ୍ଥିରତା ତ୍ୟାଗ କରିପାରେ, କିନ୍ତୁ ମୁଁ ଯଥାର୍ଥ ତତ୍ତ୍ୱ ଉପଲବ୍ଧି ନ କରି ପୁଣି ଇନ୍ଦ୍ରିୟମାନଙ୍କୁ ବିଷୟ ବାସନା ଆଡ଼କୁ ପ୍ରଧାବିତ କରି ଅଜ୍ଞାନୀ ହୋଇ ଗୃହକୁ ଫେରିବି ନାହିଁ । ମୁଁ ବରଂ ପ୍ରଜ୍ୱଳିତ ଅଗ୍ନିରେ ପ୍ରବେଶ କରିବି, କିନ୍ତୁ ଅସଫଳ ହୋଇ ଗୃହକୁ ଫେରିବି ନାହିଁ ।''

ଏହିପରି ରାଜପୁତ୍ର ସ୍ୱାଭିମାନର ସହିତ ପ୍ରତିଜ୍ଞା କରି ଉଠି ପଡ଼ିଲେ ଏବଂ ମମତାହୀନ ଭାବେ ସ୍ୱେଚ୍ଛାରେ ଚାଲିବାକୁ ଆରମ୍ଭ କଲେ । ମନ୍ତ୍ରୀ ଓ ପୁରୋହିତ ଦୁହେଁ ତାଙ୍କର ଦୃଢ଼ ସିଦ୍ଧାନ୍ତ ଶୁଣି ବିଷଣ୍ଣ ମନରେ ତାଙ୍କ ପଛେ ପଛେ କିଛି ସମୟ ଚାଲି, ପରେ ହତାଶ ହୋଇ ଧୀରେ ଧୀରେ ନଗର ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ । ତା'ପରେ ସେ ଦୁହେଁ କୁମାରଙ୍କ ପ୍ରତି ସ୍ନେହବଶତଃ ଏବଂ ରାଜାଙ୍କ ପ୍ରତି ଭକ୍ତିବଶତଃ ପଥରେ ବାରଂବାର ଅପେକ୍ଷା କରି ଠିଆ ହେଲେ ଏବଂ ପୁଣି ଚାଲିବାକୁ ଲାଗିଲେ । ସ୍ୱ-ତେଜରେ ଦେଦୀପ୍ୟମାନ ସୂର୍ଯ୍ୟଙ୍କ ସଦୃଶ ଦିଶୁଥିବା କୁମାରଙ୍କ ଆଡ଼କୁ ଚାହିଁ ପାରିଲେ ନାହିଁ କି ଆଖି ଫେରାଇ ନେଇ ପାରିଲେ ନାହିଁ ।

(କ୍ରମଶଃ)

[ଏହି ସଂଖ୍ୟାରେ ପ୍ରଦତ୍ତ ଅନୁବାଦ ପାଇଁ ଡକ୍ଟର ଧନେଶ୍ୱର ମହାପାତ୍ରଙ୍କ ଅନୂଦିତ 'ଅଶ୍ୱଘୋଷ ରଚନାବଳୀ'ର ସହାୟତା ନିଆଯାଇଛି ।] ✣

ଜୀବନର ଯଥାର୍ଥ ଲକ୍ଷ୍ୟ ହେଉଛି ନିଜ ଅନ୍ତରର ଗଭୀରତାରେ ପରମେଶ୍ୱରଙ୍କ ଦିବ୍ୟ-ଉପସ୍ଥିତିକୁ ଆବିଷ୍କାର କରିବା ଏବଂ **ଏହା** ନିକଟରେ ନିଜକୁ ସମର୍ପିତ କରିବା ଯାହାଫଳରେ **ଏହା** ଜୀବନର, ସକଳ ଅନୁଭୂତିର ଏବଂ ଶରୀରର ସକଳ କର୍ମର ନେତୃତ୍ୱ ନେଇଥାଏ ।

ଏହା ଜୀବନକୁ ଏକ ଯଥାର୍ଥ ଓ ସମୁଜ୍ଜ୍ୱଳ ଲକ୍ଷ୍ୟ ପ୍ରଦାନ କରିଥାଏ ।

— ଶ୍ରୀମା

**ଅନ୍ତରାଳ ଜଗତ୍ :**

# ଏକ ସୂକ୍ଷ୍ମଦର୍ଶନ

## ଶ୍ରୀମା

ଶ୍ରୀମା : ତୁମେ ଦର୍ଶନ ଦିନ କିଛି ଅନୁଭବ କରି ନ ଥିଲ ?

ଶିଷ୍ୟ : ନା ।

ଶ୍ରୀମା : ଶ୍ରୀଅରବିନ୍ଦ ସକାଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଉପସ୍ଥିତ ଥିଲେ ।

ହଁ, ଗୋଟିଏ ଘଣ୍ଟାରୁ ଅଧିକ ସମୟ ଧରି ସେ ମୋତେ ବାସ କରିବାକୁ ଦେଇଥିଲେ ଏକ ସୂକ୍ଷ୍ମଦର୍ଶନ ଭିତରେ, ଏକ ସ୍ପଷ୍ଟ, ସୁନିର୍ଦ୍ଦିଷ୍ଟ ଓ ଜୀବନ୍ତ ସୂକ୍ଷ୍ମଦର୍ଶନ କ୍ଷେତ୍ରରେ ଯେପରି ହୁଏ, ଯେଉଁଥିରେ ମୁଁ ସ୍ପଷ୍ଟ ବୁଝି ପାରିଥିଲି ନୂତନ ବା ଅତିମାନସ ସୃଷ୍ଟିରେ ମାନବ ସମାଜର ଅବସ୍ଥା କିପରି ହେବ ଓ ସେହି ନୂତନ ସୃଷ୍ଟି ସହ ସମ୍ବନ୍ଧିତ ହୋଇ ମାନବ ସମାଜର ବିଭିନ୍ନ ବିଭାଗ ଓ ସ୍ତର-ବିନ୍ୟାସ କିପରି ଭାବେ ଅବସ୍ଥାନ କରିବେ । ଏବଂ ଏହା ବିସ୍ମୟକର ଭାବରେ ସ୍ପଷ୍ଟ, ସୁନିର୍ଦ୍ଦିଷ୍ଟ ଓ ଜୀବନ୍ତ ଥିଲା । ସେଥିରେ ମାନବ ସମାଜର ସେହିସବୁ ଅଂଶ ଥିଲା, ଯେଉଁମାନେ ଆଉ ପୂରା ପଶୁସ୍ୱଭାବର ହୋଇ ରହି ନାହାନ୍ତି, ଯେଉଁମାନେ ମାନସିକ ବିକାଶ ଦ୍ୱାରା ଉପକୃତ ହୋଇଛନ୍ତି ଓ ନିଜର ଜୀବନରେ ଏକ ପ୍ରକାର ସୌଷମ୍ୟ ଓ ସଂଗତି ସୃଷ୍ଟି କରିବାକୁ ସକ୍ଷମ ହୋଇଛନ୍ତି — ସେହି ସଂଗତିଟି ହେଉଛି ପ୍ରାଣିକ, କଳା ଓ ସାହିତ୍ୟ ଭାବାପନ୍ନ — ଯେଉଁଥିରେ କି ମାନବ ସମାଜର ଏକ ବ୍ୟାପକ ଅଂଶ ସନ୍ତୁଷ୍ଟ ହୋଇ ରହିଛନ୍ତି । ସେମାନେ ଗୋଟିଏ ପ୍ରକାର ସୁସଂଗତିକୁ ଧରି ନେଇ ପାରିଛନ୍ତି ଏବଂ ତା'ରି ଭିତରେ ସେମାନେ ସେମାନଙ୍କ ଜୀବନ ନିର୍ବାହ କରୁଛନ୍ତି, ଏକ ସଭ୍ୟ ପରିବେଶ ଭିତରେ ଯେପରି ହୋଇଥାଏ, ଅର୍ଥାତ୍ ମାର୍ଜିତ ରୁଚି ଓ ଉତ୍ତମ ଅଭ୍ୟାସସଂପନ୍ନ ଏକ ପ୍ରକାର ସଭ୍ୟ, ଶିକ୍ଷିତ ଓ ସଂସ୍କୃତିର ଜୀବନ । ଏବଂ ଏହି ସମସ୍ତ ଜୀବନର ଏକ ପ୍ରକାର ସୌନ୍ଦର୍ଯ୍ୟ ରହିଥାଏ ଯେଉଁଥିରେ ସେମାନେ ସ୍ୱାଚ୍ଛନ୍ଦ୍ୟ ଅନୁଭବ କରନ୍ତି ଏବଂ ସେମାନଙ୍କ ପାଇଁ କୌଣସି ବିପଦ, ବିପର୍ଯ୍ୟୟ ନ ଘଟିଲେ ସେମାନେ ସେମାନଙ୍କ ଜୀବନ ନେଇ ଖୁବ୍ ସନ୍ତୁଷ୍ଟ ହୋଇ ଏକ ଆରାମ, ଖୁସିବାସୀ ଓ ତୃପ୍ତିର ଜୀବନଯାପନ କରନ୍ତି । ଏହି ଲୋକମାନଙ୍କୁ ଆକୃଷ୍ଟ କରାଯାଇ ପାରିବ (କାରଣ ସେମାନଙ୍କର ଏକ ରୁଚି ରହିଛି ଓ ବୁଦ୍ଧିଗତ ବିକାଶ ହୋଇଛି); ନୂତନ ଶକ୍ତି, ନୂତନ ଜିନିଷ, ଭବିଷ୍ୟତ୍ ଜୀବନ ଦ୍ୱାରା ସେମାନେ ଆକୃଷ୍ଟ ହୋଇ ପାରନ୍ତି । ଉଦାହରଣ ସ୍ୱରୂପ ସେମାନେ ମାନସିକ ଭାବେ ଓ ବୁଦ୍ଧିଗତ ଭାବେ ଶ୍ରୀଅରବିନ୍ଦଙ୍କ ଶିଷ୍ୟତ୍ୱ ଗ୍ରହଣ କରିପାରନ୍ତି । କିନ୍ତୁ ସେମାନେ ସ୍ଥୂଳ, ବସ୍ତୁଗତ କୌଣସି ପରିବର୍ତ୍ତନର ଆବଶ୍ୟକତା ଆଦୌ ଅନୁଭବ କରନ୍ତି ନାହିଁ; ଯଦି ଏ ଦିଗରେ ସେମାନଙ୍କୁ କୌଣସି ବାଧ୍ୟବାଧକତା କରାଯାଏ, ତାହେଲେ ପ୍ରଥମତଃ ତାହା ହେବ ଅପରିପକ୍ୱ, ଅନ୍ୟାୟ ଏବଂ ବିନା କାରଣରେ ସେମାନଙ୍କ ପାଇଁ ବିରାଟ ବିଶୃଙ୍ଖଳା ସୃଷ୍ଟି କରି ସେମାନଙ୍କ ଜୀବନକୁ ପୂରା ଅସ୍ତବ୍ୟସ୍ତ କରିଦେବା ହିଁ ସାର ହେବ ।

ଏହା ଅତି ସ୍ପଷ୍ଟ ହୋଇଥିଲା ।

ଆଉ କେତେକ ଲୋକ ମଧ୍ୟ ଥିଲେ — କ୍ୱଚିତ୍ ସଂଖ୍ୟକ ସେହି ବ୍ୟକ୍ତିମାନେ — ଯେଉଁମାନେ କି ରୂପାନ୍ତର ପାଇଁ ଆବଶ୍ୟକ ଉଦ୍ୟମ କରିବାକୁ ଓ ନୂତନ ଶକ୍ତିକୁ ଆକର୍ଷଣ କରିବାକୁ ପ୍ରସ୍ତୁତ ଏବଂ ଜଡ଼ବସ୍ତୁକୁ ଗ୍ରହଣ କରି ତହିଁରେ ଦିବ୍ୟ ଅଭିବ୍ୟକ୍ତିର ଉପାୟ ଖୋଜିବା ଆଦି ପାଇଁ ପ୍ରସ୍ତୁତ । ଏହିମାନେ ହିଁ ଶ୍ରୀଅରବିନ୍ଦଙ୍କ ଯୋଗ ପାଇଁ ପ୍ରସ୍ତୁତ । ସେମାନଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ । ଏପରିକି ସେହି ବ୍ୟକ୍ତିମାନେ ଥିଲେ ଯେଉଁମାନଙ୍କର ଉତ୍ସର୍ଗୀକୃତ ତ୍ୟାଗର ବୋଧ ରହିଛି ଓ ଯେଉଁମାନେ ଏକ ଭବିଷ୍ୟତର ରୂପାନ୍ତର ପାଇଁ ଯଦି ଆବଶ୍ୟକ ଓ ସହାୟକ ହୁଏ, ତେବେ ଏକ କ୍ଳେଶ ଓ ଯନ୍ତ୍ରଣାଦାୟକ ଜୀବନ ନେବା ପାଇଁ କୌଣସି କୁଣ୍ଠା ନ ରଖି ସେମାନେ ପ୍ରସ୍ତୁତ । କିନ୍ତୁ ଏହି ଲୋକମାନେ କେବେହେଲେ, କୌଣସି ଭାବରେ ମଧ୍ୟ ଅନ୍ୟମାନଙ୍କୁ ଏପରି ପ୍ରଭାବିତ କରିବା ଉଚିତ ନୁହେଁ ଯାହା ଦ୍ୱାରା କି ସେମାନେ ଏମାନଙ୍କ ନିଜ ପ୍ରଚେଷ୍ଟାରେ ଅଂଶ ଗ୍ରହଣ କରିବେ, ଏହା ପୂରାପୂରି ଅନ୍ୟାୟ ହେବ; କେବଳ ସେତିକି ନୁହେଁ, ଏହା ମଧ୍ୟ ପୂରାପୂରି ଏକ ଅସଂଗତ ଏକ ନିତାନ୍ତ ଗର୍ହିତ କାମ ହେବ, କାରଣ ଏହା ବିଶ୍ୱ ଗତିବୃତ୍ତିର ଛନ୍ଦକୁ ବଦଳାଇ ଦେବ, ଅତି କମ୍‌ରେ ଜାଗତିକ ଗତିବୃତ୍ତି ଓ ଛନ୍ଦରେ ନାନା ଗୋଳମାଳ ସୃଷ୍ଟି କରିବ ଏବଂ ସହାୟକ ହେବା ପରିବର୍ତ୍ତେ ନାନା ସଂଘର୍ଷ ସୃଷ୍ଟି କରି ଶେଷରେ ଏକ ଅରାଜକତା ଆଣି ଦେବା ହିଁ ସାର ହେବ ।

କିନ୍ତୁ ଏହି ଅନୁଭୂତିଟି ଏପରି ଜୀବନ୍ତ, ଏପରି ବାସ୍ତବ ଥିଲା ଯେ ମୋର ସମଗ୍ର ମନୋଭାବ, (କିପରି କହିବି ? — ଏକ ନିଷ୍କ୍ରିୟ ମନୋଭାବ ଯାହାକି ଏକ ସକ୍ରିୟ ସଂକଳ୍ପର ପରିଣତି ନୁହେଁ) କର୍ମରେ ନେଇଥିବା ମୋର ସମଗ୍ର ସ୍ଥିତି ପୂରା ବଦଳି ଯାଇଛି । ଏବଂ ତାହା ଆଣି ଦେଇଛି ଏକ ଶାନ୍ତି, — ଶାନ୍ତି ଏବଂ ଏକ ନୀରବତା ଏବଂ ସଂପୂର୍ଣ୍ଣ ନିଷ୍ପତ୍ତିମୂଳକ ଏକ ପ୍ରତ୍ୟୟ । ଏକ ନିଷ୍ପତ୍ତିମୂଳକ ପରିବର୍ତ୍ତନ । ଏପରିକି ପୂର୍ବର ସ୍ଥିତିରେ ଯାହା ନିତାନ୍ତ ଅବାଧ, ଜିଦ୍‌ଖୋର, ବିକଳ, ନିଶ୍ଚେତନ ମନେ ହେଉଥିଲା, ସେ ସମସ୍ତ ନିନ୍ଦନୀୟ ଜିନିଷ, ଯେପରି ପୂରା ନିଶ୍ଚିହ୍ନ ହୋଇଯାଇଛି । ଏହା ଥିଲା ଏକ ମହାନ୍ ବିଶ୍ୱଛନ୍ଦର ସୂକ୍ଷ୍ମଦର୍ଶନ ଯେଉଁଥିରେ ପ୍ରତ୍ୟେକ ଜିନିଷ ସେମାନଙ୍କ ନିଜ ନିଜର ଯଥାର୍ଥ ସ୍ଥାନ ଗ୍ରହଣ କରିଛନ୍ତି... ଏବଂ ସବୁକିଛି ଠିକ୍ ରହିଛି । ଏବଂ ରୂପାନ୍ତର ପାଇଁ ପ୍ରଚେଷ୍ଟାରେ ଭାଗ ନେଉଥିବା ବ୍ୟକ୍ତିମାନେ କମ୍ ସଂଖ୍ୟକ ହୋଇଯିବା ଫଳରେ ସିଦ୍ଧି ବା ଉପଲବ୍ଧି ଦିଗରୁ ଏହି ପ୍ରଚେଷ୍ଟା ଅନେକ ଅଧିକ ମୂଲ୍ୟବାନ୍ ଓ ଶକ୍ତିଶାଳୀ ହୋଇ ଉଠିଛି । ନୂଆ ସୃଷ୍ଟି ପାଇଁ କେଉଁମାନେ ଅଗ୍ରଣୀ ଭୂମିକା ନେବେ ତାହା ଯେପରି ବଛା ହୋଇ ସାରିଛି । ଏବଂ ''ପ୍ରସାର କରିବା'', ''ପ୍ରସ୍ତୁତ କରିବା'', ''ଜଡ଼କୁ ମନ୍ଥନ କରିବା'' ଆଦିର ଧାରଣା ନିତାନ୍ତ ପିଲାଳିଆମୀ ମନେ ହେଉଛି, ଏହା ଏକ ମାନବସୁଲଭ ଅସ୍ଥିରତା ମାତ୍ର ।

ଏହି ସୂକ୍ଷ୍ମ ଦର୍ଶନର ସୌନ୍ଦର୍ଯ୍ୟ ଏପରି ମହିମମୟ, ଏପରି ପ୍ରଶାନ୍ତ ଓ ଏପରି ସ୍ମିତ ମଧୁର ଥିଲା; ଆଃ... ଏହା ଥିଲା ଯଥାର୍ଥରେ ପରିପୂର୍ଣ୍ଣ, ଦିବ୍ୟପ୍ରେମରେ ପରିପୂର୍ଣ୍ଣ । ଏବଂ ଏହା ସେହି ଦିବ୍ୟପ୍ରେମ ନୁହେଁ ଯାହା ତ୍ରୁଟିସବୁକୁ ''କ୍ଷମା କରେ''— ଏହା ଆଦୌ ତାହା ନୁହେଁ ! ଏହି ସୂକ୍ଷ୍ମ ଦର୍ଶନରେ ପ୍ରତ୍ୟେକ ଜିନିଷ ତ୍ରୁଟିହୀନ ଭାବରେ ନିଜ ନିଜର ସ୍ଥାନରେ ଅବସ୍ଥାନ କରୁଥିଲେ ଓ ନିଜର ଆନ୍ତର ଛନ୍ଦକୁ ଯେତେ ଅଧିକ ସମ୍ଭବ ପରିପୂର୍ଣ୍ଣ ଭାବରେ ଉପଲବ୍ଧି କରୁଥିଲେ ।

ଏହା ଥିଲା ଏକ ଅତ୍ୟନ୍ତ ସୁନ୍ଦର ଉପହାର ।

ଏ ସମସ୍ତ ଜିନିଷକୁ ଲୋକମାନେ କିଛି ଅଂଶରେ ବୁଦ୍ଧିଗତ ଭାବେ ଜାଣନ୍ତି; କିଛିଟା ଧାରଣା କରନ୍ତି, ଏସବୁ ବିଷୟରେ ସେମାନଙ୍କର ଜ୍ଞାନ ରହିଛି, କିନ୍ତୁ ତାହା ନିରର୍ଥକ । କିନ୍ତୁ ଦୈନନ୍ଦିନ ଜୀବନର ଅଭ୍ୟାସରେ ତୁମେ ଅନ୍ୟଭାବରେ ଏକ ସତ୍ୟତର ବୋଧ ଓ ଧାରଣା ନେଇ ବାସ କରିପାର । ଏବଂ ସେଠାରେ ତୁମେ ଯେପରିକି ଜିନିଷଗୁଡ଼ିକୁ ସ୍ପର୍ଶ କରୁଛ, ତୁମେ ସେଗୁଡ଼ିକୁ ଦେଖିଲ, ଏବଂ ସେଗୁଡ଼ିକୁ ସ୍ପର୍ଶ କଲ ସେମାନଙ୍କର ଉଚ୍ଚତର ସ୍ଥିତିରେ ।

ଏହା ଆସିଲା ଉଦ୍ଭିଦ ଜଗତ୍ ଓ ଉଦ୍ଭିଦମାନଙ୍କ ସ୍ୱତଃସ୍ଫୂର୍ତ୍ତ ସୌନ୍ଦର୍ଯ୍ୟର ଏକ ସୂକ୍ଷ୍ମଦର୍ଶନ ପରେ, (ଏହା ଅତି ବିସ୍ମୟକର କିଛି), ତା'ପରେ ଆସିଲା ପ୍ରାଣୀ ଜଗତର ସେହି ସୁନ୍ଦର, ସୁସମଞ୍ଜସ ଜୀବନ (ଯେପର୍ଯ୍ୟନ୍ତ ମନୁଷ୍ୟମାନେ ତହିଁରେ ହସ୍ତକ୍ଷେପ ନ କରିଛନ୍ତି) ସବୁକିଛି ରହିଥିଲା ନିଜ ନିଜର ଯଥାର୍ଥ ସ୍ଥାନରେ; ତା'ପରେ ଆସିଲା ନିଜର ଯଥାର୍ଥ ସ୍ୱରୂପରେ ମାନବ ସମାଜ, ମାନବ ଯେପରି ହେବା ଉଚିତ, ଅର୍ଥାତ୍ ଏକ ଯଥାର୍ଥ ମନୋମୟ ସ୍ଥିତି ସର୍ବୋତ୍ତମ ଯାହା ସୃଷ୍ଟି କରିପାରେ ସେହି ସୌନ୍ଦର୍ଯ୍ୟ, ସୌଷମ୍ୟ, ମୋହିତ ଆକର୍ଷଣ, ଜୀବନର ମାଧୁରୀ, ଜୀବନଧାରଣର ସ୍ୱାଦ— ସେହି ଜୀବନ-ଧାରଣର ସ୍ୱାଦ ସୌନ୍ଦର୍ଯ୍ୟକୁ ଆଶ୍ରୟ କରୁଥିବାରୁ ଯାହାକିଛି କୁତ୍ସିତ, ନିକୃଷ୍ଟ ଓ ଅଶ୍ଳୀଳ ସେଗୁଡ଼ିକର ଅବଦମନ ଥିଲା ସ୍ୱାଭାବିକ । ଏହା ଥିଲା ଏକ ଅତି ସୁନ୍ଦର ମାନବ ସମାଜ, ସର୍ବୋତ୍ତମ ରୂପରେ ମାନବ ସମାଜ, କିନ୍ତୁ ସୁନ୍ଦର ଓ କମନୀୟ । ଏବଂ ଏହା ମାନବ ସମାଜ ହୋଇ ରହିବାରେ ହିଁ ପରମ ସନ୍ତୋଷ ଲାଭ କରୁଥିଲା କାରଣ ଏହା ବାସ କରୁଥିଲା ଏକ ସୌଷମ୍ୟ ଓ ସଂଗତି ଭିତରେ । ଏବଂ ବୋଧହୁଏ ନୂତନ ସୃଷ୍ଟିର ପ୍ରଭାବାଧୀନ ହୋଇ ପ୍ରାୟ ସମଗ୍ର ମାନବ ସମାଜ ଯାହା ହୋଇ ଉଠିବ, ଏହା ଥିଲା ତାହାର ହିଁ ଏକ ପ୍ରତିଶ୍ରୁତି । ମୋର ମନେ ହେଉଥିଲା ଅତିମାନସ ଚେତନା ମାନବ ସମାଜକୁ ଯେଉଁ ଭଳି ଗଢ଼ି ତୋଳିବ ଏହା ଥିଲା ତାହାର ଏକ ସୂଚନା । ମାନବ ସମାଜ ପ୍ରାଣୀ ଜଗତକୁ ନେଇ ଯାହା କରିଛି ତାହା ସହ ମଧ୍ୟ ଏକ ତୁଳନାର କଥା ଆସିଥିଲା । ସ୍ୱାଭାବିକ ଭାବରେ ଏହା ଅତ୍ୟନ୍ତ ମିଶ୍ରିତ, କିନ୍ତୁ ସେ କ୍ଷେତ୍ରରେ ସବୁକିଛିକୁ ଅଧିକ ଉତ୍ତମ ଓ ଉନ୍ନତ କରାଯାଇଛି, ଅଧିକ ପୂର୍ଣ୍ଣଭାବରେ ସେଗୁଡ଼ିକର ଉପଯୋଗ ହୋଇଛି । ମନର ପ୍ରଭାବ ଅଧୀନକୁ ଆସି ପ୍ରାଣୀ ଜଗତ୍ ଅନ୍ୟ ଏକ ରୂପ ଗ୍ରହଣ କରିଛି, ଅବଶ୍ୟ ସ୍ୱାଭାବିକ ଭାବରେ ଏହା କିଛିଟା ମିଶ୍ରିତ, କାରଣ ମନ ହେଉଛି ଏକ ଅପୂର୍ଣ୍ଣ ଜିନିଷ । ସେହି ଭାବରେ ଯଥାର୍ଥ ଭାରସାମ୍ୟସଂପନ୍ନ ବ୍ୟକ୍ତିମାନଙ୍କୁ ନେଇ ଏକ ସୁସମଞ୍ଜସ ମାନବ ସମାଜର ଦୃଷ୍ଟାନ୍ତ ମଧ୍ୟ ଆସିଥିଲା, ଏବଂ ଅତିମାନସ ପ୍ରଭାବ ଅଧୀନରେ ମାନବ ସମାଜର ରୂପ ଯାହା ହେବ ଏହା ଥିଲା ତାହାର ଏକ ଚିତ୍ର ।

କେବଳ ଏହା ହେଉଛି ସୁଦୂରର ଏକ ବସ୍ତୁ । ତୁମେ

ଆଶା କରିବ ନାହିଁ ଯେ ଏହା ସଙ୍ଗେ ସଙ୍ଗେ ଘଟିଯିବ – ଏହା ଅତ୍ୟନ୍ତ ଦୂରସ୍ଥ ଏକ ବସ୍ତୁ ।

ଏହା ସ୍ପଷ୍ଟ ଯେ, ଏପରିକି ବର୍ତ୍ତମାନ ମଧ୍ୟ ପରିବର୍ତ୍ତନର ଏକ ମଧ୍ୟବର୍ତ୍ତୀକାଳୀନ ଯୁଗ ଚାଲିଛି, ଯାହା ବେଶ୍ ଦୀର୍ଘକାଳ ଧରି ରହିପାରେ ଏବଂ ତାହା କିଛିଟା ଯନ୍ତ୍ରଣାଦାୟକ ମଧ୍ୟ ହୋଇପାରେ । କେବଳ, ଏ ଦିଗରେ ପ୍ରଚେଷ୍ଟା କେତେକ ସମୟରେ ଯନ୍ତ୍ରଣାଦାୟକ (ଅଧିକାଂଶ ସମୟରେ ଯନ୍ତ୍ରଣାଦାୟକ) ହେଲେ ମଧ୍ୟ ତାହାର କ୍ଷତି ପୂରଣ ସ୍ୱରୂପ, ଯେଉଁ ଲକ୍ଷ୍ୟରେ ପହଞ୍ଚିବାକୁ ହେବ ତାହାର ଏକ ସ୍ପଷ୍ଟ ଚିତ୍ର, ଏକ ସୂକ୍ଷ୍ମ ଦର୍ଶନ ମିଳୁଛି; ସେହି ଲକ୍ଷ୍ୟ ଲାଭ ସୁନିଶ୍ଚିତ, ସେ ଦିଗରେ ଏକ ନିର୍ଭର ପ୍ରତିଶ୍ରୁତି ରହିଛି, ହଁ, ତାହା ସୁନିଶ୍ଚିତ । ଏହା ଏପରି ଏକ ଜିନିଷ ହେବ ଯାହାର କି ମନୋମୟ ଜୀବନର ସମସ୍ତ ପ୍ରକାର ଭୁଲ୍, ଭ୍ରାନ୍ତି, ସମସ୍ତ ପ୍ରକାର ବିକୃତି, ସମସ୍ତ ପ୍ରକାର ବିରୂପ ମଳିନତାକୁ ଲୋପ କରି ଦେବାର ଶକ୍ତି ରହିବ – ଏବଂ ସେତେବେଳେ ଏପରି ଏକ ମାନବ ସମାଜ ଦେଖା ଦେବ, ଯେ କି ମାନବ ହୋଇ ରହିଥିବା ଯୋଗୁଁ ଖୁବ୍ ସୁଖୀ, ଖୁବ୍ ତୃପ୍ତ ଓ ଖୁବ୍ ସନ୍ତୁଷ୍ଟ; ମାନବ ଛଡ଼ା ଅନ୍ୟ କିଛି ହେବା ପାଇଁ ସେ ଆଦୌ କୌଣସି ପ୍ରୟୋଜନ ଅନୁଭବ କରିବ ନାହିଁ, ଅବଶ୍ୟ ସେ ରହିବ ଏକ ମାନବୀୟ ସୌନ୍ଦର୍ଯ୍ୟ, ଏକ ମାନବୀୟ ସୌଷମ୍ୟ ଓ ସଂଗତି ନେଇ ।

ଏହା ଖୁବ୍ ମନୋମୁଗ୍ଧକର ଥିଲା, ମନେ ହେଉଥିଲା ମୁଁ ଯେପରି ତହିଁରେ ବାସ କରୁଛି । ସମସ୍ତ ଦ୍ୱନ୍ଦ୍ୱ ଓ ବିରୋଧ ଦୂର ହୋଇ ଯାଇଥିଲା । ଯେପରିକି ମୁଁ ସେହି ପୂର୍ଣ୍ଣତା ଭିତରେ ହିଁ ବାସ କରୁଥିଲି । ଅତିମାନସ ଚେତନା ମାନବ ସମାଜ ସଂପର୍କରେ ଯେଉଁ ଆଦର୍ଶ ପୋଷଣ କରେ, ଯେତେଦୂର ଅଧିକ ସମ୍ଭବ ପୂର୍ଣ୍ଣତାକୁ ଅଭିବ୍ୟକ୍ତ କରୁଥିବା ସେହି ମାନବ ସମାଜର ତାହା ଥିଲା ଏକ ସୂକ୍ଷ୍ମ ଦର୍ଶନ । ଏବଂ ଏହା ଅତ୍ୟନ୍ତ ଉତ୍ତମ ଥିଲା ।

ଏବଂ ଏହା ଆଣି ଦେଉଥିଲା ଏକ ବିପୁଳ ବିଶ୍ରାନ୍ତି, ସମସ୍ତ ଉତ୍ତେଜନା, ସମସ୍ତ ସଂଘର୍ଷ, ସବୁକିଛି ଲୋପ ପାଇ ଯାଇଥିଲା ଏବଂ ସମସ୍ତ ଧୈର୍ଯ୍ୟହୀନତା ମଧ୍ୟ ଦୂର ହୋଇ ଯାଇଥିଲା । ଏ ସମସ୍ତ କିଛି ପୂରାପୂରି ଅନ୍ତର୍ଦ୍ଧାନ ହୋଇ ଯାଇଥିଲା ।

ଶିଷ୍ୟ : ଅର୍ଥାତ୍, ଏପରି କୁହାଯାଇପାରେ ଯେ ସର୍ବତ୍ର, ଟିକେ ବିଚ୍ଛୁରିତ କରିଦେବା ପରିବର୍ତ୍ତେ ଆପଣ କାମଟିକୁ ଏକାଗ୍ରୀଭୂତ କରି ଦେଉଥିଲେ ?

ଶ୍ରୀମା : ନା, ସ୍ଥୂଳ ବାସ୍ତବ କ୍ଷେତ୍ରରେ ଏହା ହୁଏତ ବିଚ୍ଛୁରିତ ହୋଇପାରେ, କାରଣ ବ୍ୟକ୍ତିମାନେ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇ ରହି ନାହାନ୍ତି । କିନ୍ତୁ ସେମାନେ ଥିଲେ ଅଳ୍ପ ସଂଖ୍ୟକ ।

ଏହି ନୂତନ ସୃଷ୍ଟି ପାଇଁ ମାନବ ସମାଜକୁ ତୁରନ୍ତ ପ୍ରସ୍ତୁତ କରିବାକୁ ହେବ; ଏହି ଧାରଣା, ଏହି ଅଧୀରତା ସମ୍ପୂର୍ଣ୍ଣ ଦୂର ହୋଇ ଯାଇଥିଲା ।

ଶିଷ୍ୟ : ପ୍ରଥମେ ଏହା କେତେକଙ୍କ ଭିତରେ ହିଁ ଉପଲବ୍ଧ ହେବ ।

ଶ୍ରୀମା : ତାହା ହିଁ ହେବ ।

ମୁଁ ତାହା ଦେଖୁଥିଲି, ଅତି ସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ଭାବରେ ହିଁ ତାହା ଦେଖୁଥିଲି । ଯେଉଁମାନେ ରୂପାନ୍ତର ଓ ଅତିମାନସ ଉପଲବ୍ଧି ପାଇଁ ପ୍ରସ୍ତୁତ ହେବାକୁ ଯୋଗ୍ୟ ଏବଂ ଯେଉଁମାନଙ୍କ ସଂଖ୍ୟା ଅତ୍ୟନ୍ତ ସୀମିତ ହେବାକୁ ବାଧ୍ୟ, ସେମାନଙ୍କ ଛଡ଼ା ସାଧାରଣ ମାନବ ସମାଜର ବ୍ୟାପକ ଅଂଶ ଭିତରେ ଅଧିକରୁ ଅଧିକ ଏକ ଉତ୍କୃଷ୍ଟତର ମାନବ ସଂପ୍ରଦାୟ ବିକଶିତ ହୋଇ ଗଢ଼ି ଉଠିବା ଉଚିତ । ଏମାନଙ୍କର ଭବିଷ୍ୟତର ପ୍ରସ୍ତୁତି ପଥରେ ଥିବା ଅତିମାନସ ସତ୍ତା ପ୍ରତି ଠିକ୍ ସେହି ମନୋଭାବ ରହିବା ଉଚିତ – ପ୍ରାଣୀ ଜଗତର ମନୁଷ୍ୟ ପ୍ରତି ଯେଉଁ ମନୋଭାବ ରହିଛି । ଯେଉଁମାନେ ରୂପାନ୍ତର ପାଇଁ କାମ କରୁଛନ୍ତି ଓ ସେଥିପାଇଁ ପ୍ରସ୍ତୁତ, ସେମାନଙ୍କ ଛଡ଼ା ଏକ ଉନ୍ନତ, ଉତ୍କୃଷ୍ଟତର ମାନବ ସଂପ୍ରଦାୟ ରହିବ, ଯେଉଁମାନେ ହେବେ ମଧ୍ୟବର୍ତ୍ତୀକାଳୀନ, ଯେଉଁମାନେ ନିଜ ଭିତରେ ବା ଜୀବନ ଭିତରେ ଜୀବନ ସହିତ ଏହି ସୌଷମ୍ୟ ଓ ସୁସଂଗତିକୁ ଆବିଷ୍କାର କରିଛନ୍ତି – ଏହି ମାନବୀୟ ସୁସମଞ୍ଜସତାକୁ ଲାଭ କରିଛନ୍ତି । ଏବଂ ଏମାନେ ସେହି ନୂତନ ସତ୍ୟକୁ ଏତେ ଉଚ୍ଚତର କିଛି ବୋଲି ମନେ କରନ୍ତି ଯେ ଏହାକୁ ଉପଲବ୍ଧି କରିବା ପାଇଁ ଏପରିକି ଚେଷ୍ଟା ମଧ୍ୟ କରନ୍ତି ନାହିଁ, ତାହା ପ୍ରତି ସେମାନଙ୍କର ଥାଏ ଏକ ଆରାଧନା, ଭକ୍ତି ଓ ବିଶ୍ୱସ୍ତ ଆତ୍ମ ନିବେଦନର ଭାବ; ସେମାନେ ତାହାର ପୂଜା କରନ୍ତି, ତାହାର ପ୍ରଭାବ ଓ ସୁରକ୍ଷା ପାଇବାର ପ୍ରୟୋଜନ ଅନୁଭବ କରନ୍ତି, ତାହାର ପ୍ରଭାବ ଅଧୀନରେ ରହି ଜୀବନଯାପନ କରିବାକୁ ଚାହାନ୍ତି, ତାହାର ସୁରକ୍ଷା ଭିତରେ ରହି ଆନନ୍ଦ ଲାଭ କରିବାକୁ ଚାହାନ୍ତି । ଏହା ଖୁବ୍ ସ୍ପଷ୍ଟ ଥିଲା । କିନ୍ତୁ ସେମାନଙ୍କ ଭିତରେ ସେହି ଯାତନା, ସେହି ବେଦନା ନ ଥିଲା ଯାହା ଆସିଥାଏ

ତୀବ୍ରଭାବରେ ପାଇବାକୁ ଚାହୁଁଥିବା କୌଣସି ଜିନିଷ ଯେତେବେଳେ ତୁମ ପାଖକୁ ନ ଆସି ତୁମ ପ୍ରାପ୍ତିର ବାହାରେ ରହିଯାଏ – କାରଣ ତାହାକୁ ପାଇବାର ଭାଗ୍ୟ ତୁମର ଏପର୍ଯ୍ୟନ୍ତ ଆସି ନାହିଁ ଏବଂ ତାହା ପାଇବା ପାଇଁ ଯେତିକିଟା ରୂପାନ୍ତର ପ୍ରୟୋଜନ, ତୁମ ଜୀବନ ସେଥିପାଇଁ ସେତେଟା ପ୍ରସ୍ତୁତ ହୋଇ ନାହିଁ,– ଏହାହିଁ ସୃଷ୍ଟି କରେ ନାନା ବିଶୃଙ୍ଖଳା, ଯାତନା ଓ ଦୁର୍ଭୋଗ ।

ଉଦାହରଣ ସ୍ୱରୂପ, ଏ ସଂପର୍କରେ ଅନ୍ୟତମ ସେହି ଅତି ନିର୍ଦ୍ଦିଷ୍ଟ ଜିନିଷଟିର କଥା କୁହାଯାଇ ପାରେ ଯାହା ସମସ୍ୟାଟିକୁ ଖୁବ୍ ପ୍ରାଞ୍ଜଳ ଭାବରେ ଆଣି ରଖିନେବ : ମନୁଷ୍ୟ ସମାଜ ଭିତରେ କାମାବେଗ ବା ଯୌନ ପ୍ରବୃତ୍ତି ଯେପରି ଭାବରେ ରହିଛି ତାହା ପୂରାପୂରି ସ୍ୱାଭାବିକ, ସ୍ୱତଃସ୍ଫୂର୍ତ୍ତ ଏବଂ ମୁଁ କହିବି ଯଥାର୍ଥରେ ନ୍ୟାୟସଂଗତ । ପଶୁ ସ୍ୱଭାବଟି ଲୋପ ପାଇଯିବା ସଙ୍ଗେ ସଙ୍ଗେ ଏହି ପ୍ରବୃତ୍ତିଟି ମଧ୍ୟ ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ ଭାବରେ ଲୋପ ପାଇଯିବ । ଅନ୍ୟାନ୍ୟ ଅନେକ ଜିନିଷ ମଧ୍ୟ ଲୋପ ପାଇଯିବ, ଉଦାହରଣ ସ୍ୱରୂପ ଆହାରର ପ୍ରୟୋଜନୀୟତା; ସମ୍ଭବତଃ ଆମ୍ଭେମାନେ ବର୍ତ୍ତମାନ ଯେପରି ନିଦ୍ରା ଯାଉ, ସେହି ନିଦ୍ରାର ପ୍ରୟୋଜନୀୟତା ମଧ୍ୟ ଲୋପ ପାଇଯିବ । କିନ୍ତୁ ଏକ ଉତ୍କୃଷ୍ଟତର ମାନବ ସମାଜରେ ସବୁଠୁ ଯେଉଁ ସଚେତ ପ୍ରବୃତ୍ତିଟିକୁ ....ଉଲ୍ଲାସର ଉତ୍ସ କହିଲେ ଟିକେ ବେଶୀ ହୋଇଯିବ, ସୁଖ ଓ ଆନନ୍ଦର ଉତ୍ସ ରୂପେ ଗ୍ରହଣ କରାଯାଏ ତାହା ହେଉଛି ନିଶ୍ଚିତ ରୂପେ କାମ ବା ଯୌନ ସମ୍ଭୋଗର କ୍ରିୟା ଏବଂ ବିଶ୍ୱ ପ୍ରକୃତିର ପ୍ରକ୍ରିୟାରେ ଏହା ତିଷ୍ଠି ରହିବାର ଆଦୌ କୌଣସି କାରଣ ନାହିଁ, ଯେତେବେଳେ ଜୀବ ସୃଷ୍ଟିର ପ୍ରୟୋଜନ ପାଇଁ ଆଉ ବର୍ତ୍ତମାନର ପ୍ରଜନନ ପ୍ରକ୍ରିୟାର କୌଣସି ଆବଶ୍ୟକତା ରହିବ ନାହିଁ । ତେଣୁ ସେତେବେଳେ ଜୀବନର ଆନନ୍ଦ ସହ ସଂପର୍କ ଭିତରକୁ ପ୍ରବେଶ କରିବାକୁ  ହେଲେ ସେଦିଗରେ ସାମର୍ଥ୍ୟକୁ ଆଉ ଏକ ସୋପାନ ଉପରକୁ ଉଠିବାକୁ ହେବ କିଂବା ତାହା ଏକ ଭିନ୍ନ ମୋଡ଼ ନେବ । କିନ୍ତୁ ପ୍ରାଚୀନ କାଳର ଆଧ୍ୟାତ୍ମିକ ଅଭୀପ୍ସୁମାନେ ନୀତିଗତ ଭାବେ କାମାବେଗର ଯେଉଁ ସଂପୂର୍ଣ୍ଣ ନିରାକରଣ ଚାହିଁଥିଲେ ତାହା ନିତାନ୍ତ ଅର୍ଥହୀନ ଓ ଅସଂଗତ, କାରଣ ଏହା କେବଳ ସେହିମାନଙ୍କ ପାଇଁ ପ୍ରଯୁଜ୍ୟ ଯେଉଁମାନେ ଏହି ଅବସ୍ଥାକୁ ଅତିକ୍ରମ କରି ତା'ର ଉପରକୁ ଉଠି ଯାଇଛନ୍ତି ଏବଂ ସେମାନଙ୍କ ଭିତରେ ଆଉ କୌଣସି ପଶୁଭାବ ନାହିଁ । ଏବଂ ଏହା କୌଣସି ପ୍ରଚେଷ୍ଟା ବା ସଂଗ୍ରାମ ବିନା ସ୍ୱାଭାବିକ ଭାବରେ ଝଡ଼ି ପଡ଼ିବା ଉଚିତ । ଏହି କାମାବେଗଟିକୁ ଦ୍ୱନ୍ଦ୍ୱ ଓ ସଂଘର୍ଷର ଏକ କେନ୍ଦ୍ର କରିବା ନିତାନ୍ତ ହାସ୍ୟାସ୍ପଦ । ଯେତେବେଳେ କେବଳ ତୁମର ଚେତନା ଆଉ ମାନବୀୟ ହୋଇ ରହି ନାହିଁ ସେତେବେଳେ ଏହା ବେଶ୍ ସ୍ୱାଭାବିକ ଭାବରେ ଆପେ ଆପେ ଝଡ଼ି ପଡ଼ିବ । ଏ କ୍ଷେତ୍ରରେ ମଧ୍ୟ ଏକ ମଧ୍ୟବର୍ତ୍ତୀକାଳୀନ ଅବସ୍ଥା ରହିଛି, ଯାହାକି ବେଶ୍ କ୍ଲେଶଦାୟକ, କାରଣ ମଧ୍ୟବର୍ତ୍ତୀକାଳୀନ ଅବସ୍ଥାର ସତ୍ତାମାନଙ୍କ ଭାରସାମ୍ୟରେ ବରାବର ଏକ ପ୍ରକାର ଅସ୍ଥିରତା ଥାଏ; କିନ୍ତୁ ଆମ ନିଜ ଭିତରେ ଏକ ପ୍ରକାର ଅଗ୍ନିଶିଖା ରହିଛି, ଏକ ପ୍ରୟୋଜନ ରହିଛି ଯାହାକି ଏହାକୁ କ୍ଲେଶଦାୟକ କରେ ନାହିଁ, ଏହା ଆଉ କ୍ଲେଶକର, ଯନ୍ତ୍ରଣାଦାୟକ ଏକ ପ୍ରୟାସ ହୋଇ ରହେ ନାହିଁ । ଏହା ହୋଇ ଉଠେ ଏପରି ଏକ ଜିନିଷ ଯାହା ତୁମେ ହସି ହସି ସମ୍ପନ୍ନ କରିପାରିବ । କିନ୍ତୁ ଏହି ପ୍ରକାର ପରିବର୍ତ୍ତନ ପାଇଁ ଯେଉଁମାନେ ପ୍ରସ୍ତୁତ ନାହାନ୍ତି, ସେମାନଙ୍କ ଉପରେ ଏହାକୁ ଲଦି ଦେବାକୁ ଚାହିଁବା ନିତାନ୍ତ ଅସଂଗତ ।

ଏହା ଏକ ସାଧାରଣ ବୁଦ୍ଧିର କଥା । ସେମାନେ ମଣିଷ ହୋଇ ହିଁ ରହିଛନ୍ତି, ତେବେ ସେମାନେ ମଣିଷ ନୁହନ୍ତି ବୋଲି ଛଳନା କରିବା ଉଚିତ ନୁହେଁ ।

କେବଳ ଯେତେବେଳେ ଏହି କାମପ୍ରବୃତ୍ତି ତୁମ ପାଇଁ ସ୍ୱତଃସ୍ଫୂର୍ତ୍ତଭାବରେ ଅସମ୍ଭବ ହୋଇଉଠିବ, ଯେତେବେଳେ ତୁମେ ଏହାକୁ ଏକ ଯନ୍ତ୍ରଣାଦାୟକ କିଛି ବୋଲି ଏବଂ ତୁମର ଗଭୀର ପ୍ରୟୋଜନସବୁର ବିପରୀତ ବୋଲି ଅନୁଭବ କରିବ ସେତେବେଳେ ଏହାର ନିରାକରଣ ସହଜ ହୋଇଉଠେ, ସେତେବେଳେ ଏହା ସହିତ ବାହ୍ୟଭାବରେ ଜଡ଼ିତ ବନ୍ଧନସବୁକୁ କାଟି ପକାଅ ଏବଂ ଏହାର ସମାପ୍ତି ଘଟେ ।

ଏହି ଉଦାହରଣଟି ନେଲେ ଜିନିଷଟି ସଂପର୍କରେ ତୁମର ବେଶ୍ ହୃଦ୍‌ବୋଧ ହୋଇ ପାରିବ ।

ଖାଦ୍ୟ ସଂପର୍କରେ ମଧ୍ୟ ସେହି ଏକ ହିଁ କଥା । ସେହି ସମାନ ଜିନିଷ । ଯେତେବେଳେ ତୁମ ଭିତରୁ ପଶୁତ୍ୱଟି ପୂରା ଝଡ଼ି ପଡ଼ିବ, ସେତେବେଳେ ଖାଦ୍ୟ ଖାଇବାର ଅଲଂଘନୀୟ ପ୍ରୟୋଜନୀୟତା ମଧ୍ୟ ଝଡ଼ି ପଡ଼ିବ । ଏବଂ ବୋଧହୁଏ ଏକ ମଧ୍ୟବର୍ତ୍ତୀକାଳୀନ ଅବସ୍ଥା ଦେଖାଦେବ, ଯେତେବେଳେ କି ପୂରା ସ୍ଥୂଳ ଖାଦ୍ୟଗ୍ରହଣ କମ୍‌ରୁ ଆହୁରି କମ୍ ହୋଇ ଆସିବ । ଉଦାହରଣ ସ୍ୱରୂପ ପୁଷ୍ପଟିଏ ଆଘ୍ରାଣ କଲ, ତାହାର ସୁଗନ୍ଧ ହିଁ

ତୁମ ପାଇଁ ପୁଷ୍ଟିବର୍ଦ୍ଧନକାରୀ ହେବ । ମୁଁ ଏହା ଦେଖିଛି, ଅଧିକରୁ ଅଧିକ ସୂକ୍ଷ୍ମଭାବରେ ତୁମେ ନିଜର ପୁଷ୍ଟିବର୍ଦ୍ଧନ କରି ପାରିବ ।

କେବଳ ଶରୀର ପ୍ରସ୍ତୁତ ହୋଇ ନାହିଁ । ଶରୀର ପ୍ରସ୍ତୁତ ହୋଇ ନାହିଁ, ତେଣୁ ତାହାର କ୍ଷୟ ହୋଇ ଚାଲିଛି ଅର୍ଥାତ୍ ଏହା ନିଜକୁ ହିଁ ଖାଇ ଚାଲିଛି । ଏହା ହିଁ ପ୍ରମାଣ କରେ ଯେ ଏପର୍ଯ୍ୟନ୍ତ ସେଥିପାଇଁ ସମୟ ଆସି ନାହିଁ, ବର୍ତ୍ତମାନ କେବଳ ଏକ ଅନୁଭୂତି ରୂପେ ହିଁ ଏହା ଆସିଥାଏ । – ଏକ ଅନୁଭୂତି ଯାହାକି ତୁମକୁ କିଛି ଶିକ୍ଷା ଦେଇଯାଏ; ତାହା ତୁମକୁ ଏହି ଶିକ୍ଷା ଦିଏ ଯେ ଆନୁଷଙ୍ଗିକ ଅନୁରୂପ ବସ୍ତୁର ସଂପର୍କରେ ଆସିବାକୁ ପୂରାପୂରି କ୍ରୁର ଭାବରେ ପ୍ରତ୍ୟାଖ୍ୟାନ କରିଦେଇ ନିଜକୁ ବିଚ୍ଛିନ୍ନ କରି ଦେଲେ ଚଳିବ ନାହିଁ, ତାହା ଯଥାର୍ଥ ବାଟ ନୁହେଁ, (ଜଣେ ନିଜକୁ ପୂରାପୂରି ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ କରିଦେଇ ପାରିବ – ଏହା ଅସମ୍ଭବ) ଯଥାର୍ଥ ବାଟ ହେଉଛି ଏକ ଉଚ୍ଚତର ବା ଗଭୀରତର ସ୍ତରରେ ବସ୍ତୁଗୁଡ଼ିକ ସହ ଯଥାର୍ଥ ସଂଯୋଗ ରଖିବା ।

ଯେଉଁମାନେ ବୁଦ୍ଧି ଜଗତର ଏକ ଉଚ୍ଚତର ଇଲାକାରେ ପହଞ୍ଚିଛନ୍ତି ଅଥଚ ସେମାନଙ୍କ ମାନସିକ ଗତିବୃତ୍ତିଗୁଡ଼ିକ ଉପରେ କର୍ତ୍ତୃତ୍ୱ ବିସ୍ତାର କରିପାରି ନାହାନ୍ତି, ସେମାନଙ୍କ ଭିତରେ ଏକ ନିରୀହ ପ୍ରୟୋଜନୀୟତା ରହିଥାଏ ଯେ ପ୍ରତ୍ୟେକ ଲୋକ ତାଙ୍କରି ଭଳି ଚିନ୍ତା କରନ୍ତୁ ଓ ସେମାନେ ଜିନିଷଗୁଡ଼ିକୁ ଯେଉଭଳି ବୁଝି ଥାଆନ୍ତି, ସମସ୍ତେ ସେଇଭଳି ବୁଝନ୍ତୁ । ଏବଂ ଯେତେବେଳେ ସେମାନେ ଦେଖନ୍ତି ଯେ ଅନ୍ୟମାନେ ସେହିଭଳି ବୁଝୁ ନାହାନ୍ତି ଓ ବୁଝିପାରିବେ ନାହିଁ, ସେତେବେଳେ ସେମାନେ ଏକ ଭୟଙ୍କର ଧକ୍କା ପାଆନ୍ତି ଓ ଚିତ୍କାର କରି ଉଠନ୍ତି, ''ଲୋକଟା କେଡ଼େ ନିର୍ବୋଧ !'' କିନ୍ତୁ ବୁଝିବା ଉଚିତ ସେହି ଲୋକମାନେ ପ୍ରକୃତରେ 'ନିର୍ବୋଧ' ନୁହନ୍ତି, ସେମାନେ ହେଉଛନ୍ତି ଭିନ୍ନ ପ୍ରକାରର, ସେମାନେ ଆଉ ଏକ ସ୍ତରରେ ରହିଥା'ନ୍ତି । ତୁମେ କେବେ ହେଲେ ଯାଇ ଏକ ପଶୁକୁ କହିବ ନାହିଁ ଯେ, ''ତୁ ଗୋଟାଏ ନିର୍ବୋଧ'' ବୋଲି । ସେହିପରି, ମଣିଷ କ୍ଷେତ୍ରରେ ତୁମେ କହିବ ''ଏ ଜଣେ ମନୁଷ୍ୟ'' । ଏ ଜଣେ ମନୁଷ୍ୟ ମାତ୍ର, କିନ୍ତୁ ଏପରି ବ୍ୟକ୍ତିମାନେ ଅଛନ୍ତି, ଯେଉଁମାନେ ଆଉ ମନୁଷ୍ୟ ହୋଇ ରହି ନାହାନ୍ତି, ଅଥଚ ଏପର୍ଯ୍ୟନ୍ତ ଦେବତା ମଧ ହୋଇଉଠି ନାହାନ୍ତି, ଏବଂ ସେମାନେ ଏପରି ଏକ ଅବସ୍ଥାରେ ଅଛନ୍ତି ଯାହା... ବରଂ କିଛିଟା ଅଡୁଆ ଓ ଅସୁବିଧାଜନକ ।

କିନ୍ତୁ ମୋର ସେହି ସୂକ୍ଷ୍ମଦର୍ଶନଟି ଏତେ ସାନ୍ତ୍ୱନାପ୍ରଦ, ଏତେ ମଧୁର, ଏତେ ବିସ୍ମୟକର ଥିଲା, ପ୍ରତ୍ୟେକଟି ଜିନିଷ ସେମାନଙ୍କର ଧରଣକୁ ବେଶ୍ ସ୍ୱାଭାବିକ ଭାବରେ ପ୍ରକାଶ କରୁଥିଲେ ।

ଏବଂ ଏହା ମଧ ବେଶ୍ ସ୍ପଷ୍ଟ ଥିଲା ଯେ ଏହି ସୂକ୍ଷ୍ମଦର୍ଶନର ସାମଗ୍ରିକତା ଓ ବିସ୍ତାର ସହିତ ଏପରି ଏକ କରୁଣାର ଭାବ ଆସିଥାଏ, ଯାହାକି ସହାନୁଭୂତି ସହ ସବୁକିଛି ବୁଝିପାରେ,– ଏହା ଉତ୍କୃଷ୍ଟମାନଙ୍କର ନିକୃଷ୍ଟମାନଙ୍କ ପ୍ରତି ଏକ ଦୟା ଦେଖାଇବାର ଭାବ ନୁହେଁ, ଏହା ଥିଲା ଯଥାର୍ଥରେ ଏକ ଦିବ୍ୟ କରୁଣା, ଯାହାର ସେହି ସାମଗ୍ରିକ ଅବଧାରଣା ଥାଏ ଯେ ପ୍ରତ୍ୟେକଟି ଜିନିଷ ତା'ର ନିଜସ୍ୱ ସତ୍ୟରେ ହିଁ ଗଢ଼ି ଉଠିବା ଉଚିତ ।

(CWM. Vol. 11, pp. 24 - 29)

ଯେ ପୂର୍ଣ୍ଣତାର ପଥରେ ଅଗ୍ରସର ହେବାକୁ ଚାହେଁ, ସେ କେବେହେଲେ ପଥ ମଧ୍ୟରେ ଥିବା ବାଧାବିଘ୍ନ ସଂପର୍କରେ ଅଭିଯୋଗ କରିବା ଉଚିତ ନୁହେଁ, କାରଣ ପ୍ରତ୍ୟେକଟି ବାଧାବିଘ୍ନ ହେଉଛି ନୂତନ ଅଗ୍ରଗତି ପାଇଁ ଏକ ସୁଯୋଗ । ଅଭିଯୋଗ କରିବା ହେଉଛି ଦୁର୍ବଳତା ଓ ଅନାନ୍ତରିକତାର ଲକ୍ଷଣ ।

– ଶ୍ରୀମା

ଶେଷ ପୃଷ୍ଠା :

# ଆମ ଗଭୀର ଅନ୍ତରର ସତ୍ୟ

## ଶ୍ରୀ ବିଶ୍ୱମ୍ବର ସାମନ୍ତ

''ପ୍ରତ୍ୟେକ ବ୍ୟକ୍ତିସତ୍ତାର ପରମ ଦିବ୍ୟଉତ୍ସଙ୍କ ସଙ୍ଗେ ଏକ ପ୍ରତ୍ୟକ୍ଷ ଓ ଅନନ୍ୟ ସମ୍ପର୍କ ରହିଛି । ଏହି ଅନନ୍ୟ ସମ୍ପର୍କଟିକୁ ହିଁ ଆମ ଜୀବନରେ ଫୁଟାଇ ରୂପ ଦେବାକୁ ହେବ ଭଗବାନଙ୍କ ସହ ସମ୍ପର୍କରେ ସତ୍ତାର ଏକ ବିଶେଷ ଓ ଅନନ୍ୟ ଧାରାର ମାଧ୍ୟମରେ ।''

— ଶ୍ରୀମା

ଏହି ସୀମାହୀନ ସୃଷ୍ଟି ଓ ବିପୁଳ ବିଶ୍ୱ, ଅସଂଖ୍ୟ ଅଗଣିତ ବ୍ରହ୍ମାଣ୍ଡ — ତହିଁରେ ବହି ଚାଲିଛି ଅକଳନ ଅଜସ୍ର ଜୀବନର ଅନନ୍ତ ଧାରା । ଆମର କଳ୍ପନା ତା'ର ଆଦି ଅନ୍ତ କିଛି ଠଉରାଇ ପାରେ ନାହିଁ । ସେହି ବିଶ୍ୱଜୀବନର ଅନନ୍ତ ପ୍ରବାହରେ ଆମର ବ୍ୟକ୍ତିସତ୍ତା, ବ୍ୟକ୍ତି ଜୀବନର ମୂଲ୍ୟ ଓ ଅର୍ଥ ନିରୂପଣ କରିବୁ କିପରି ? କେଉଁ ମାନଦଣ୍ଡ ନେଇ ତା'ର ସାର୍ଥକତା ଓ ବ୍ୟର୍ଥତାକୁ ମାପିବୁ ? କେଉଁ ତରାଜୁରେ ତାହାର ବିଫଳତା ଓ ସଫଳତାକୁ ତଉଲ କରିବୁ ? ତା' ଆଗରେ ଲକ୍ଷ୍ୟ କ'ଣ ? କର୍ତ୍ତବ୍ୟ କର୍ମ କ'ଣ ? ଏଠି ମଧ୍ୟ ଆମ ବିଚାର ଛନ୍ଦି ହୋଇଯାଏ ସଂଶୟର ନାନା ଜାଲରେ ।

ଏହି ସଂଶୟରୁ ମୁକ୍ତ ହେବା ଦିଗରେ ମା'ଙ୍କ ଉପରୋକ୍ତ ଉଦ୍ଧୃତିରୁ ଆମେ ପାଉ ସମାଧାନର ଏକ ସୂଚନା । ସମାଧାନଟି ବେଶ୍ ସରଳ ଓ ସହଜ । ପ୍ରତ୍ୟେକ ବ୍ୟକ୍ତିସତ୍ତାର ଭଗବାନଙ୍କ ସହ ଏକ ନିର୍ଦ୍ଦିଷ୍ଟ ସମ୍ପର୍କ ରହିଛି । ସେହି ସତ୍ୟ ହିଁ ତା' ଅନ୍ତରର ଗଭୀରରେ ନିହିତ ହୋଇ ରହିଛି । ସେହି ସତ୍ୟ ସମ୍ପର୍କରେ କିଏ କେତେ ସଚେତ ହୋଇପାରିଛି, ନିଜର ଜୀବନରେ ତାହାକୁ କିଏ କିପରି ରୂପ ଦେଇପାରିଛି ତାହା ହିଁ ହେଉଛି ତା' ଜୀବନର ସଫଳତା ଓ ବିଫଳତାର ମାପକାଠି । ସାଧାରଣତଃ ଧନ-ସମ୍ପଦ, ଯଶଃ, କ୍ଷମତା ଓ ବିଦ୍ୟା-ଜ୍ଞାନର ଯେଉଁସବୁ ମାନ ନେଇ ଜୀବନର କୃତିତ୍ୱକୁ ବିଚାର କରାଯାଏ, ତାହା ଏକ ଉପରଠାଉରିଆ ବିଚାର, ତହିଁରେ ଯଥାର୍ଥ ସତ୍ୟ କିଛି ନାହିଁ । ତେଣୁ ମା ସ୍ପଷ୍ଟରୂପେ, ଜୋର୍ ଦେଇ କହିଛନ୍ତି, ''ସତ୍ୟର ଦୃଷ୍ଟିକୋଣରୁ ବିଚାର କଲେ ଜଣେ ଲୋକ ଯାହାର କୌଣସି ଜାଗତିକ ଧନ ସମ୍ପଦ ନାହିଁ, ସ୍ଥୂଳଭାବରେ କୌଣସି କ୍ଷମତା, କର୍ତ୍ତୃତ୍ୱ ବା ଉଲ୍ଲେଖଯୋଗ୍ୟ କୌଣସି ସମ୍ଭାବନା ନାହିଁ, କିନ୍ତୁ ସେ ଯଦି ତା' ନିଜର ଚୈତ୍ୟସତ୍ତା ସମ୍ପର୍କରେ ସଚେତ ହୋଇଥାଏ, ଏବଂ ନିଜ ଅନ୍ତରରେ ରହିଥିବା ଭଗବତ୍ ଉପସ୍ଥିତି ସହ ମିଳିତ ହୋଇଥାଏ, ତେବେ ସେହି ଲୋକ ନିଶ୍ଚିତରୂପେ ବାହ୍ୟ ସ୍ଥୂଳ ଶକ୍ତି ଉପରେ ବିପୁଳ କର୍ତ୍ତୃତ୍ୱ ଥିବା ଅଥଚ ନିଜର ଚୈତ୍ୟସତ୍ତା ସମ୍ପର୍କରେ ସଚେତ ନ ହୋଇଥିବା ପୃଥିବୀର ଯେକୌଣସି ରାଜା, ସମ୍ରାଟ ବା କୋଟିପତିଠାରୁ ଅନନ୍ତ ଗୁଣରେ ଅଧିକ ଶ୍ରେଷ୍ଠ ଓ ମହାନ୍ ।''

— ଶ୍ରୀମା

ତେଣୁ ଆମ ଜୀବନର ସମସ୍ତ ସାର୍ଥକତାର ଗୋପନ ରହସ୍ୟ ରହିଛି ଆମ ନିଜ ଭିତରେ । ଆମ ସତ୍ତାର ଗଭୀର ଗୋପନରେ ଅକ୍ଷୟ ଓ ଶାଶ୍ୱତ ଭାବରେ ସେହି ସତ୍ୟ ନିତ୍ୟ-ବିରାଜମାନ । କେବଳ ସେହି ସତ୍ୟର ଆଲୋକରେ ହିଁ ଆମେ ଅଭ୍ରାନ୍ତ ଭାବରେ ଜାଣିପାରିବୁ ଆମ ଜୀବନର ଲକ୍ଷ୍ୟ, ତା'ର ଗତିପଥ, ତା' ପାଇଁ ଉଦ୍ଦିଷ୍ଟ କର୍ମଧାରା । କାରଣ ଯେଉଁ ପରମ ଚେତନା ଏହି ସମଗ୍ର ସୃଷ୍ଟି ଓ ବିଶ୍ୱଜୀବନକୁ ଏକ ଦିବ୍ୟପୂର୍ଣ୍ଣତା ଦିଗରେ ପରିଚାଳିତ କରୁଛନ୍ତି, ସେଥିପାଇଁ ତାଙ୍କର ଯେଉଁ ଦିବ୍ୟଯୋଜନା ରହିଛି ସେହି ଯୋଜନା ଭିତରେ ଆମର ସ୍ଥାନଟି ଠିକ୍ କେଉଁଠି, ଆମର ଭୂମିକାଟି ଠିକ୍ କ'ଣ, ସେହି ସତ୍ୟଟି ନିର୍ଦ୍ଧାରିତ ହୋଇରହିଛି ଆମ ସତ୍ତାର ସେହି ଅଂଶରେ, ଯେଉଁ ଅଂଶଟି ସେହି ପରମ ଦିବ୍ୟଚେତନା ସହିତ ନିତ୍ୟଯୁକ୍ତ । ଭଗବାନଙ୍କ ସହ ନିତ୍ୟ ସମ୍ବନ୍ଧିତ ଓ ତାଙ୍କ ସମ୍ପର୍କରେ ନିରନ୍ତର ସଚେତ ସେହି ଅଂଶଟି ହିଁ ଆମ ସତ୍ତାର ସବୁଠୁ ଗଭୀରତମ, ସବୁଠୁ ଗୋପନତମ ଅଂଶ । ଏହାକୁ ହିଁ ଆଧ୍ୟାତ୍ମିକ ପରିଭାଷାରେ ଅନ୍ତରାତ୍ମା ବା ଚୈତ୍ୟପୁରୁଷ ବୋଲି କୁହାଯାଇଥାଏ ।

କିନ୍ତୁ ଆମ ନିଜ ଭିତରେ ଏହି ଦିବ୍ୟ ଚୈତ୍ୟସତ୍ତାକୁ ଆମେ ନିତ୍ୟ ନିରନ୍ତର ଧାରଣ କରି ଚାଲିଥିଲେ ମଧ୍ୟ ଆମ ଜୀବନରେ ନାନା ଭୁଲ୍, ତ୍ରୁଟି, ନାନା ଭ୍ରାନ୍ତି, ବିଚ୍ୟୁତି, ନାନା ପଦସ୍ଖଳନ ସମ୍ଭବ ହୁଏ କିପରି ? କାହିଁକି ଆମେ ଆମ ଜୀବନର ପଦକ୍ଷେପ ସମ୍ପର୍କରେ, ତା'ର ଲକ୍ଷ୍ୟ ଓ କର୍ମ ସମ୍ପର୍କରେ ସଂଶୟାକୁଳ ହେଉ, କୌଣସି ନିଶ୍ଚିତ ସିଦ୍ଧାନ୍ତରେ ପହଞ୍ଚିପାରୁ ନାହିଁ ? କାହିଁକି ବାଟହୁଡ଼ି ଅବାଟରେ ଚାଲୁ ? ଏହାର ଉତ୍ତର

ମାତ୍ର ଗୋଟିଏ । ତା' ହେଉଛି ଆମ ନିଜ ଭିତରର ଏହି ଚୈତ୍ୟସତ୍ତାଟି ସମ୍ପର୍କରେ ସଚେତ ନ ରହିବା । ଆମର ସମସ୍ତ କର୍ମ ଓ ଆଚରଣରେ ଏହାର ଇଙ୍ଗିତ ଓ ନିର୍ଦ୍ଦେଶ ମାନି ଚଳିବା ତ ଦୂରର କଥା, ଆମ ଭିତରେ ଯେ ଏପରି ଏକ ଦିବ୍ୟ-ଉପସ୍ଥିତି ରହିଛି, ସେ ସମ୍ପର୍କରେ ମଧ୍ୟ ଆମର କୌଣସି ଜ୍ଞାନ, କୌଣସି ଉପଲବ୍ଧି ନଥାଏ ।

ତେଣୁ ବର୍ତ୍ତମାନ ପ୍ରଶ୍ନ ହେଉଛି ନିଜ ଭିତରେ ଏହି ଦିବ୍ୟ-ଚେତନା ସମ୍ପର୍କରେ ସଚେତ ହେବା ଦିଗରେ ବାଧା କେଉଁଠି ? ବାଧାସବୁ ରହିଛନ୍ତି ଆମ ନିଜ ଭିତରେ । ପ୍ରଥମତଃ ଆମ ବ୍ୟକ୍ତିସତ୍ତାର ସମଗ୍ର ସ୍ୱରୂପଟିକୁ ଆମେ ଜାଣୁନା । ଆମେ ଯାହାକୁ ଆମର ବ୍ୟକ୍ତିସତ୍ତା ବୋଲି ଅନୁଭବ କରୁ ତାହା ପ୍ରକୃତରେ ଆମ ଜୀବନ ଓ ସତ୍ତାର ଅତ୍ୟନ୍ତ ବାହ୍ୟ ଓ ଉପରିଆ ଅଂଶ । ତାହା ଉପରେ ବାହାରର ନାନା ପ୍ରଭାବ, ପ୍ରତିକ୍ରିୟା, ନାନା ଆକର୍ଷଣ, ବିକର୍ଷଣ ନିରନ୍ତର କ୍ରିୟା କରି ଚାଲିଥାଏ । କେଉଁ ପ୍ରଭାବ କେତେବେଳେ କାହାକୁ କେଉଁଆଡ଼େ ଟାଣିଲା ତାହା ବୁଝି ନପାରି ଆମେ ସେସବୁର ହାତରେ ନିଜକୁ ଛାଡ଼ିଦେଉ ଏକ ଅସହାୟ ଖେଳ-କଣ୍ଢେଇ ପରି । ଯେଉଁସବୁ କର୍ମ ବା ଆଚରଣକୁ ଆମର ସ୍ୱେଚ୍ଛାକୃତ ନିର୍ବାଚନ ବା ପସନ୍ଦ ବୋଲି କହିଥାଉ ପ୍ରକୃତରେ ସେଗୁଡ଼ିକ ମଧ୍ୟ ସ୍ଥିର ହୋଇଥାଏ ଆମ ନିଜର ସ୍ୱାଧୀନ ଇଚ୍ଛା ଦ୍ୱାରା ନୁହେଁ ବରଂ ବାହାର ଓ ଭିତରର ନାନା ସ୍ଥୂଳ ଓ ସୂକ୍ଷ୍ମ ଶକ୍ତି, ପ୍ରଭାବ ଓ ସଂସ୍କାରସବୁ ଦ୍ୱାରା ।

ତା'ଛଡ଼ା ଯାହାକୁ ଆମେ ଜଣେ ବ୍ୟକ୍ତି ବୋଲି କହୁ ସେ ଗଢ଼ା ହୋଇଥାଏ ସହସ୍ର ଉପାଦାନରେ, ସେହି ଉପାଦାନଗୁଡ଼ିକ ଭିତରେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସଙ୍ଗତି ବା ସମନ୍ୱୟ ନଥାଏ, ଏପରିକି ପରସ୍ପର ବିରୋଧିତା ମଧ୍ୟ ରହିଥାଏ । ବ୍ୟକ୍ତିସତ୍ତାର ଗଠନ ଏପରି ଜଟିଳ ଯେ ବେଳେ ବେଳେ ମନେହୁଏ ଯେପରି ସେହି ଗୋଟିଏ ବ୍ୟକ୍ତି ଭିତରେ ଅସଂଖ୍ୟ ଭିନ୍ନ ଭିନ୍ନ ଏପରିକି ପରସ୍ପର ବିରୋଧୀ ବ୍ୟକ୍ତିତ୍ୱ ମଧ୍ୟ ରହିଛନ୍ତି । ଜଣେ ବ୍ୟକ୍ତି ଗୋଟିଏ କ୍ଷେତ୍ରରେ ଚରମ ବୀରତ୍ୱର ପରିଚୟ ଦେଲାବେଳେ ସେହି ସମାନ ବ୍ୟକ୍ତିଟି ଅନ୍ୟ ଏକ କ୍ଷେତ୍ରରେ ନିତାନ୍ତ ଭୀରୁ ପରି ଭୟରେ ଥରହର ହେଉଥାଏ । ଗୋଟିଏ କ୍ଷେତ୍ରରେ ପ୍ରଖର ବୁଦ୍ଧି ଓ ସ୍ୱଚ୍ଛ ବିଚାରର ପରିଚୟ ଦେଇ ପାରୁଥିବା ବେଳେ ଅନ୍ୟ କ୍ଷେତ୍ରରେ ନିତାନ୍ତ ମୂଢ଼ଙ୍କ ପରି ଆଚରଣ କରେ । ଅତ୍ୟନ୍ତ ସଙ୍କୋଚ ଲୋକକୁ କ୍ଷେତ୍ର ବିଶେଷରେ ଦେଖାଯାଏ କିପରି ସେ ତା'ର ସମସ୍ତ ନୀତିବୋଧକୁ ଜଳାଞ୍ଜଳି ଦେବାରେ ସାମାନ୍ୟତମ କୁଣ୍ଠା ବି ପ୍ରକାଶ କରୁ ନାହିଁ ।

ମା କହୁଛନ୍ତି ବ୍ୟକ୍ତିର ଚରିତ୍ର ଓ ଆଚରଣରେ ଏହି ପ୍ରକାର ଜଟିଳତା ଓ ସ୍ୱ-ବିରୋଧ, ଏହି ପ୍ରକାର ବିଭାଜନ କେବଳ ସତ୍ତାର ଉପରି ଭାଗରେ ସୀମିତ ନୁହେଁ, ସତ୍ତାର ବହୁ ଗଭୀରକୁ ମଧ୍ୟ ପ୍ରସାରିତ । ଏହାର ଏକ ବଡ଼ କାରଣ ହେଉଛି ମଣିଷ ଚେତନାର କେବଳ ଗୋଟିଏ ସ୍ତରରେ ବାସ କରେ ନାହିଁ । ସେ ସେହି ଏକ ସମୟରେ ବାସ କରିଥାଏ ଚେତନାର ବହୁ ବିଭିନ୍ନ ସ୍ତରରେ । ନିମ୍ନର ନିଶ୍ଚେତନା, ଅବଚେତନା, ଜଡ଼ଠାରୁ ଆରମ୍ଭ କରି ଦେହ, ପ୍ରାଣ ଓ ମନର ନାନା ଚେତନାର ସ୍ତର ଭିତର ଦେଇ ଉପରର ଊର୍ଦ୍ଧ୍ୱମନ, ଦୀପ୍ତମନ, ସଂବୋଧି, ଅଧିମାନସ ଓ ଅତିମାନସ ପର୍ଯ୍ୟନ୍ତ ଚେତନାର ଯେଉଁସବୁ ବହୁବିଧ ସ୍ତର ପ୍ରସାରିତ ହୋଇରହିଛି ବ୍ୟକ୍ତିର ଚେତନା ସେସବୁ ସହିତ ସମ୍ପର୍କିତ, ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସେସବୁର ପ୍ରଭାବ ଓ ପ୍ରତିକ୍ରିୟା ରହିଛି ବ୍ୟକ୍ତି ଚେତନା ଉପରେ । ଚେତନାର ସେହିସବୁ ସ୍ତର ପ୍ରତି ବ୍ୟକ୍ତି ଚେତନା କିପରି, କେଉଁ ଭାବରେ ଉନ୍ମୀଳିତ ହେଉଛି ତା' ଉପରେ ନିର୍ଭର କରେ ତା'ର ବ୍ୟକ୍ତିତ୍ୱର ଗଠନ । ମନେହୁଏ ଯେପରିକି ଗୋଟିଏ ବ୍ୟକ୍ତି ଭିତରେ ଏହିସବୁ ଚେତନାର ନାନାବିଧ ସ୍ତର ଓ ସେହି ସ୍ତରର ନାନାବିଧ ଅଂଶକୁ ପ୍ରତିନିଧିତ୍ୱ କରୁଥିବା ଅସଂଖ୍ୟ ଅଗଣିତ ବ୍ୟକ୍ତିତ୍ୱ ରହିଛନ୍ତି । ଗୋଟିଏ ମଣିଷର ଆଧାର ଭିତରେ ତେତ୍ରିଶକୋଟି ଦେବତା ରହିପାରନ୍ତି ବୋଲି ବେଦରେ ଯାହା କୁହାଯାଇଛି ତାହା ଏହି ସତ୍ୟକୁ ସୂଚାଉଛି ବୋଲି ମା କହିଛନ୍ତି ।

## (୨)

ତେଣୁ ବ୍ୟକ୍ତିସତ୍ତାର ଏହିସବୁ ଜଟିଳ ଗଠନ, ଏହିସବୁ ନାନା ବିରୋଧ, ବିଭାଜନ, ସଂଘର୍ଷ ଭିତରେ ଆମେ କିପରି ଭାବରେ ଆମର ଗୋଟିଏ ପୂର୍ଣ୍ଣ ସୁସଂହତ ଓ ସୁସମଞ୍ଜସ ବ୍ୟକ୍ତିତ୍ୱ ଗଢ଼ିବାକୁ ସମର୍ଥ ହେବୁ ? କିପରି ଆମ ଜୀବନର ଲକ୍ଷ୍ୟ ଓ ଗତିପଥ, ତା'ର ଅଭିବ୍ୟକ୍ତି ଓ କର୍ମର ଧାରାକୁ ନିର୍ଣ୍ଣୟ କରିବୁ ? ଯେଉଁ ସତ୍ୟର ଆଲୋକ ଆମକୁ ଏ ଦିଗରେ ଆଗେଇ ଯିବା ପାଇଁ ବାଟ କଢ଼ାଇ ପାରିବ, ତାହା ନିହିତ ରହିଛି ଆମ ଗଭୀର ଅନ୍ତରରେ, ଆମ ବାହ୍ୟ ଚେତନା ପାଇଁ ଗୋପନ ଓ ନିଭୃତ ହୋଇ । ତାହାକୁ ହିଁ କେନ୍ଦ୍ରକରି ଆମର ବ୍ୟକ୍ତିତ୍ୱକୁ ଗଢ଼ିବାକୁ ହେବ, ଆମର ଜୀବନ ଓ କର୍ମକୁ ରୂପ ଦେବାକୁ ହେବ ।

କିନ୍ତୁ ଏହି ସତ୍ୟକୁ ଆବିଷ୍କାର କରିବାକୁ ହେଲେ ମା'ଙ୍କ ଭାଷାରେ : ''ପ୍ରଥମେ ଯାହା କରିବାକୁ ହେବ ତା' ହେଉଛି ଏହା ଆବିଷ୍କାର କରିବା ଯେ କେଉଁ ବିଷୟଟିକୁ ଉପଲବ୍ଧି କରିବା ପାଇଁ ତୁମେ ଉଦ୍ଦିଷ୍ଟ, କେଉଁ ଭୂମିକା ତୁମକୁ ଗ୍ରହଣ କରିବାକୁ ହେବ, ତୁମର ନିର୍ଦ୍ଦିଷ୍ଟ କର୍ମଟି କ'ଣ ଏବଂ ଏହି କର୍ମସମ୍ପନ୍ନ କରିବା ପାଇଁ ତୁମ ଭିତରେ କେଉଁ କେଉଁ ଗୁଣ ଓ ଶକ୍ତି ରହିଛି । ଏହା ତୁମକୁ ଆବିଷ୍କାର କରିବାକୁ ହେବ ଏବଂ ଯେଉଁ ଯେଉଁ ଜିନିଷଗୁଡ଼ିକ ଏହାର ବିରୋଧ କରନ୍ତି ଏବଂ ତୁମର ସେହିସବୁ ଗୁଣ ଓ ଶକ୍ତିଗୁଡ଼ିକୁ ବିକଶିତ ଓ ପ୍ରସ୍ଫୁଟିତ ହେବାକୁ ଛାଡ଼ି ଦିଅନ୍ତି ନାହିଁ; ସେଗୁଡ଼ିକର ପୂର୍ଣ୍ଣ ପ୍ରକାଶରେ ବାଧା ଦିଅନ୍ତି, ସେସବୁକୁ ମଧ୍ୟ ଜାଣିବାକୁ ହେବ । ଅନ୍ୟ କଥାରେ ତୁମ ନିଜକୁ ଜାଣିବାକୁ ହେବ, ତୁମର ଆତ୍ମା ଓ ଚୈତ୍ୟପୁରୁଷକୁ ଚିହ୍ନିବାକୁ ହେବ ।''

— ଶ୍ରୀମା

ଶ୍ରୀମା ଏହା ମଧ୍ୟ ବୁଝାଇ ଦେଇଛନ୍ତି ଯେ ବିଶ୍ୱବିଧାନର ଉଦ୍ଦେଶ୍ୟ ପୂରଣ ଦିଗରେ କୌଣସି ବ୍ୟକ୍ତିସତ୍ତାର ଯେଉଁ ନିର୍ଦ୍ଦିଷ୍ଟ ଭୂମିକାଟି ରହିଛି, ତାହା ଅନନ୍ୟ ଭାବରେ କେବଳ ତାହାର ହିଁ । ଅନ୍ୟ କେହି ନୁହେଁ, କେବଳ ତାହାକୁ ହିଁ ସେହି ଭୂମିକାରେ ଅବତୀର୍ଣ୍ଣ ହେବାକୁ ହେବ । ସେଥିରେ ଅନ୍ୟ କେହି ଅଂଶୀଦାର ହୋଇ ପାରିବେ ନାହିଁ, ଗୋଟିଏ ବ୍ୟକ୍ତିଠାରୁ କାଢ଼ି ନିଆଯାଇ ସେହି ଭୂମିକାଟିକୁ ଅନ୍ୟ କାହାକୁ ଦିଆଯାଇ ପାରିବ ନାହିଁ । ସେହି ଭୂମିକାରେ ଭଗବାନଙ୍କ ସହ ସେହି ବ୍ୟକ୍ତିର ସମ୍ପର୍କ ପୂରାପୂରି ଅନନ୍ୟ ଓ ଏକକ । କେବଳ ଗୋଟିଏ ଜୀବନ ନୁହେଁ, ଜୀବନ ପରେ ଜୀବନର ଅସଂଖ୍ୟ ଅନୁଭୂତି ଭିତର ଦେଇ ଭଗବାନଙ୍କ ସହ ଆମ ବ୍ୟକ୍ତି-ସତ୍ତାର ସେହି ବିଶେଷ ସମ୍ପର୍କଟି ଗଢ଼ିଉଠିଛି । ଯେତେବେଳେ ଆମେ ଆମ ଗଭୀର ଅନ୍ତରରେ ରହିଥିବା ସେହି ବିଶେଷ ସମ୍ପର୍କର ସତ୍ୟଟି ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତ ହୋଇ ଉଠିବୁ, ସେତିକିବେଳେ ହିଁ ଆମ ଜୀବନର ସମସ୍ତ ସମସ୍ୟାର ସମାଧାନ ହୋଇଯିବ । ସମସ୍ତ ଦ୍ୱନ୍ଦ୍ୱ, ସଂଶୟ ଓ ଅନିଶ୍ଚିତତାରୁ ମୁକ୍ତ ହୋଇ ତେଣିକି ସେହି ସତ୍ୟକୁ ଜୀବନରେ ଫୁଟାଇ ଚାଲିବା ହିଁ ହେବ ଆମର ଏକମାତ୍ର କାମ ।

କିନ୍ତୁ ଯେପର୍ଯ୍ୟନ୍ତ ଆମେ ସେ ସମ୍ପର୍କରେ ସଚେତ ହୋଇ ନାହୁଁ, ସେପର୍ଯ୍ୟନ୍ତ ଆମକୁ ସେଥିପାଇଁ କ'ଣ କରିବାକୁ ହେବ ? ମା କହିଛନ୍ତି ସେହି ସତ୍ୟକୁ ଆବିଷ୍କାର କରିବା ପାଇଁ ଏକ ସ୍ଥିର ଓ ଦୃଢ଼ ସଂକଳ୍ପ ନେଇ ଆମ ଜୀବନର ପ୍ରତିଟି କ୍ରିୟା, ପ୍ରକ୍ରିୟା, ପ୍ରତିଟି ଗତିବୃତ୍ତିକୁ ନିରଳସ ଭାବରେ ଲକ୍ଷ୍ୟ କରିବାକୁ ହେବ । ସେହି ସତ୍ୟକୁ ଆବିଷ୍କାର ନ କରିବା ଯାଏ ଆମେ ଯେପରି ଆମ ଜୀବନର ଲକ୍ଷ୍ୟ ଓ ତା'ର ବିକାଶ ଏବଂ କର୍ମର ଧାରା ସମ୍ପର୍କରେ କୌଣସି ମନ ଗଢ଼ା ସିଦ୍ଧାନ୍ତ ଓ ନିଷ୍ପତ୍ତିରେ ନ ପହଞ୍ଚୁ । ଗଭୀର ଅନ୍ତରର ସେହି ସତ୍ୟକୁ ଆବିଷ୍କାର କରିବା ଦିଗରେ ଆମର ସମସ୍ତ ପ୍ରଯତ୍ନ ଓ ପ୍ରୟାସ ତା'ର ସଫଳ ସାର୍ଥକତାରେ ପହଞ୍ଚିବା ନିଃସନ୍ଦେହ, ଯଦି ଆମେ ଭଗବାନଙ୍କ କୃପା ଓ ସହାୟତା ଉପରେ ନିର୍ଭର ଏବଂ ଭରସା ରଖି ଠିକ୍ ବାଟରେ ଆଗେଇ ଯାଇପାରୁ ।

ଏ ସମ୍ପର୍କରେ ମା'ଙ୍କର ଏହି ଅମୃତମୟ ଅମୂଲ୍ୟ କଥାଗୁଡ଼ିକ ନିତ୍ୟ ସ୍ମରଣୀୟ :

''ଏଥିପାଇଁ ତୁମକୁ ସମ୍ପୂର୍ଣ୍ଣ ଆନ୍ତରିକ ଓ ନିରପେକ୍ଷ ହେବାକୁ ହେବ । ତୁମେ ନିଜକୁ ଏପରି ଭାବରେ ନିରୀକ୍ଷଣ କରିବ ଯେପରି ତୁମେ କୌଣସି ତୃତୀୟ ବ୍ୟକ୍ତିକୁ ପର୍ଯ୍ୟବେକ୍ଷଣ ଓ ସମାଲୋଚନା କରୁଛ । ତୁମେ ଏପରି କୌଣସି ଧାରଣା ନେଇ ଆଗେଇବ ନାହିଁ ଯେ ଅମୁକ କାମଟି ହିଁ ତୁମ ଜୀବନର ନିର୍ଦ୍ଧାରିତ କର୍ମ, ଏହା ହିଁ ତୁମର ନିର୍ଦ୍ଦିଷ୍ଟ କ୍ଷମତା, ଅମୁକ ବା ସମୁକ କାମଟିକୁ ତୁମକୁ କରିବାକୁ ହେବ, କେବଳ ଏଇ କାମଟି ପାଇଁ ହିଁ ତୁମର ଦକ୍ଷତା ବା ପ୍ରତିଭା ଅଛି । ଏହି ପ୍ରକାର ମନୋଭାବ ତୁମକୁ ଯଥାର୍ଥ ପଥଠାରୁ ବହୁ ଦୂରକୁ ନେଇଯାଏ । ତୁମ ବାହ୍ୟସତ୍ତାର ପସନ୍ଦ ବା ଅପସନ୍ଦ, ତୁମ ମନ, ପ୍ରାଣ ବା ଦେହର କୌଣସି ବିଚାର, ନିର୍ବାଚନ ତୁମ ବିକାଶ ଓ ଅଭିବୃଦ୍ଧିର ଯଥାର୍ଥ ଧାରାକୁ ନିରୂପିତ କରିପାରେ ନାହିଁ । ଅନ୍ୟ ପକ୍ଷରେ ତୁମେ ଏପରି ମନୋଭାବ ମଧ୍ୟ ରଖିବ ନାହିଁ ଯେ 'ଅମୁକ ବିଷୟରେ ମୁଁ ସମ୍ପୂର୍ଣ୍ଣ ଅକ୍ଷମ, ସମୁକ ବିଷୟରେ ମୁଁ ସମ୍ପୂର୍ଣ୍ଣ ଅପଦାର୍ଥ, ଏ କାମ ମୋ ପାଇଁ ନୁହେଁ । କୌଣସି ବୃଥା ଆସ୍ଫାଳନ ବା ଅହମିକା ନୁହେଁ କି ବିପରୀତଭାବେ କୌଣସି ଆତ୍ମନ୍ୟୂନତା ବା ମିଥ୍ୟା ବିନୟ ନୁହେଁ, କୌଣସିଟି ଦ୍ୱାରା ତୁମେ ଚାଳିତ ହେବା ଉଚିତ ନୁହେଁ । ଯେପରି ମୁଁ କହିଛି ତୁମକୁ ନିଜ ସମ୍ପର୍କରେ ସମ୍ପୂର୍ଣ୍ଣ ନିରପେକ୍ଷ ଓ ଅନାସକ୍ତ ରହିବାକୁ ହେବ । ତୁମକୁ ହେବାକୁ ହେବ ଏକ ଦର୍ପଣ ପରି ଯାହାକି କୌଣସି ବିଚାର ନ କରି କେବଳ ସତ୍ୟକୁ ହିଁ ପ୍ରତିବିମ୍ବିତ କରେ ।

''ତୁମେ ଯଦି ଏହିପରି ଏକ ମନୋଭାବ ରଖିବାକୁ ସମର୍ଥ ହୁଅ, ଯଦି ତୁମ ସତ୍ତାରେ ଏହି ଧରଣର ପ୍ରଶାନ୍ତି ଓ ନୀରବ ସ୍ଥିର ବିଶ୍ୱାସ ରହିଥାଏ ଏବଂ ତୁମ ଆଗରେ ଯାହାକିଛି ପ୍ରକାଶିତ ହେବାକୁ ଯାଉଛି ସେଥିପାଇଁ ଏକ ଅପେକ୍ଷା ରଖିଥାଅ,

ତେବେ ତୁମେ ଏହିଭଳି କିଛି ଘଟିବାର ଦେଖିବ : ମନେ ହେବ ଯେପରିକି ତୁମେ ରହିଛ ଏକ ତମସାବୃତ ନିଘଞ୍ଚ ନୀରବ ଅରଣ୍ୟରେ ଏବଂ ତୁମ ସମ୍ମୁଖରେ ଦେଖୁଛ ଛୋଟ ଏକ ଜଳାଶୟ — ନିସ୍ତରଙ୍ଗ, ସ୍ଥିର ଓ କ୍ୱଚିତ୍ ଦୃଶ୍ୟମାନ । ଅନ୍ଧକାରାଚ୍ଛନ୍ନ ହୋଇ ରହିଛି ସେହି ଜଳାଶୟଟି ଓ ତା'ପରେ ଧୀରେ ଧୀରେ ତାହା ଉପରେ ଚନ୍ଦ୍ରକିରଣ ପଡ଼ିଲା ଏବଂ ସେହି ଶୀତଳ କ୍ଷୀଣ ଚନ୍ଦ୍ରାଲୋକରେ କ୍ରମଶଃ ସ୍ପଷ୍ଟ ହୋଇ ପ୍ରକାଶିତ ହେଲା ପୁଷ୍କରିଣୀଟିର ନୀରବ ସ୍ୱଚ୍ଛ ଜଳରାଶି । ଠିକ୍ ଏହି ଭାବରେ ହିଁ ତୁମ ସତ୍ତାର ଗୋପନ ସତ୍ୟ ତୁମ ଆଗରେ ପ୍ରତିଭାତ ହେବ ଏବଂ ତା' ସହିତ ତୁମର ପ୍ରଥମ ସ୍ପର୍ଶରେ ତାହା ଏହି ଭାବରେ ତୁମ ଆଗରେ ନିଜକୁ ପ୍ରକାଶିତ କରିବ, ତା' ଭିତରେ ତୁମେ ଦେଖିବ କ୍ରମଶଃ ଧୀରେ ଧୀରେ ପ୍ରତିବିମ୍ବିତ ହେଉଛି ତୁମ ସତ୍ତାର ଯଥାର୍ଥ ଗୁଣରାଜି, ତୁମ ଦିବ୍ୟ ବ୍ୟକ୍ତିତ୍ୱର ଉପାଦାନସବୁ, ତୁମେ ଯଥାର୍ଥରେ ଯାହା ଏବଂ ଯାହା ହେବା ପାଇଁ ତୁମେ ଉଦ୍ଦିଷ୍ଟ ।''

(CWM, Vol. 15, pp. 336 - 337) — ଶ୍ରୀମା ✜

Offer sincerely to the Divine your obscurities and you will be able to receive the light.

– THE MOTHER

*With best compliments from* :

**SRI JAGANNATH RICE MILL**

**MAITAPUR, BALASORE (ODISHA)**

1954.

My Lord, here is Thy advice to all, for this year:
"Never boast about anything, let your acts speak for you."

Vol. LXIV, No. 1, NAVAJYOTI – 21 February, 2021, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।


**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**